# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ଅକ୍ଟୋବର ୨୯ /୨୦୧୮ (୧୬+୪ ପୃଷ୍ଠା) Rayagada, Monday, October 29 / 2018 ★

୮ମ ଭାଗ ୨୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ଆକାଶଙ୍କୁ ରାଜ୍ୟ ସ୍ନୁକର ଟାଇଟଲ

କଟକରେ ରବିବାର ଉଦ୍‌ଯାପିତ ଅଲ ଓଡ଼ିଶା ଓପନ ସ୍ନୁକର ଟୁର୍ଣ୍ଣାମେଣ୍ଟରେ ଆକାଶ ମହାପାତ୍ର ଚାମ୍ପିୟନ ହୋଇଛନ୍ତି।

୧୪

୧୦

## ସବୁବେଳେ ଅନୁସନ୍ଧାନ ପ୍ରୟାସୀ: ତାପସୀ

ଜୀବନରେ କିଛି ନୂଆ କରି ଦେଖାଇବାର ପ୍ରୟାସ ସବୁବେଳେ ରଖିଥାନ୍ତି ବୋଲି ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି।




DSPL-223

ODISHA INDIA'S BEST KEPT SECRET BEATS FOR HOCKEY ODISHA HOCKEY MEN'S WORLD CUP BHUBANESWAR 2018 OMC HOCKEY INDIA NSWIS

#HWC2018 #Odisha2018

29001/13/0051/1819

ଓଡିଶା - ନିୟୁ ସାଉଥ୍ ୱେଲ୍ସ୍ ହକି ସିରିଜ୍

ଓଡିଶା ଏକାଦଶ ବନାମ୍ ନିୟୁ ସାଉଥ୍ ୱେଲ୍ସ୍ ଏକାଦଶ

ନିଃଶୁଳ୍କ ପ୍ରବେଶ

ସୀମିତ ଉପଲବ୍ଧ

କଳିଙ୍ଗ ହକି ଷ୍ଟାଡିୟମ

୧ ନଭେମ୍ବର ୨୦୧୮, ସନ୍ଧ୍ୟା ଘ ୬ ଟିକା

ପାସ୍ ଉପଲବ୍ଧ ସ୍ଥାନ ଓ ସମୟ:

୨୭-୩୧ ଅକ୍ଟୋବର, ସକାଳ ୧୦ ଘଟିକା- ସନ୍ଧ୍ୟା ୫ ଘଟିକା । ଗେଟ୍ ନଂ ୪, କଳିଙ୍ଗ ଷ୍ଟାଡିୟମ

Sports_odisha sports.odisha www.hockey.sportsodisha.gov.in




■ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟଣା

# କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ

- ୫ ସେସୁ କର୍ମଚାରୀଙ୍କ ନାମରେ ମାମଲା
- ଦୁର୍ଘଟଣାସ୍ଥଳ ପରିଦର୍ଶନ କଲେ ପିସିସିଏଫ୍
- ମନ୍ତ୍ରୀ, ସଚିବଙ୍କ ନାମରେ ଭାଜପାର ଅଭିଯୋଗ

ଢେଙ୍କାନାଳ ଅଫିସ/ଭୁବନେଶ୍ୱର, ୨୮।୧୦

କମଳାଙ୍ଗ ହାତୀମୃତ୍ୟୁ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହାର କ୍ରାଇମ୍ ବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। ରବିବାର ଅପରାହ୍ନ ୫ଟାରେ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅନ୍ୟପଟେ ଏହି ଘଟଣାରେ ବନ ବିଭାଗ ସହକାରୀ ବନ ସଂରକ୍ଷକ (ଏସିଏଫ୍) ଜିତେନ୍ଦ୍ରନାଥ ଦାସଙ୍କ ଅଭିଯୋଗକ୍ରମେ ୫ ସେସୁ କର୍ମଚାରୀଙ୍କ ନାମରେ କଣ୍ଟାବଣିଆ ଥାନାରେ ମାମଲା ଦାଏର କରାଯାଇଛି। ସେମାନେ ହେଲେ ଚାଇଁପାଳ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ନରେଶ ପଟ୍ଟନାୟକ, ନିର୍ବାହୀ ଯନ୍ତ୍ରୀ ନୀହାର ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ଆର୍ତ୍ତତ୍ରାଣ ନାୟକ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମହାନ୍ତି ଏବଂ ଲାଇନମ୍ୟାନ ଫିରୋଦ ପଣ୍ଡା। ଅଭିଯୁକ୍ତଙ୍କ ବିରୋଧରେ ଇଲେକ୍ଟ୍ରିସିଟି ଆକ୍ଟ-୧୪୬, ☞ ପୃଷ୍ଠା-୪



କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ଅଯୋଧ୍ୟା ବିବାଦର ଶୁଣାଣି ଆଜିଠୁ

ନୂଆଦିଲ୍ଲୀ,୨୮।୧୦(ପି.ଟି.)

ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦର ଶୁଣାଣି ସୁପ୍ରିମକୋର୍ଟରେ ସୋମବାରଠାରୁ ହେବ। ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ହୋଇଥିବା ଏକାଧିକ ପିଟିଶନର ଶୁଣାଣି ୩ ଜଣିଆ ଖଣ୍ଡପୀଠ କରିବେ।

ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ମନେକରାଯାଉଥିବା ଅଯୋଧ୍ୟା ଜମି ବିବାଦ ମାମଲାର ବିଚାର ସୋମବାର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କରିବେ। ଏହି ପ୍ରସଙ୍ଗରେ ଶୁଣାଣି ପାଇଁ ସାମ୍ବିଧାନିକ ପୀଠ ଗଠନ କରିବାକୁ ସେପ୍ଟେମ୍ବର ୨୭ରେ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେଇଥିଲେ। ଏଥିସହ ମସଜିଦ୍ ଇସ୍‌ଲାମ୍ ଧର୍ମର ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ ଏବଂ ମୁସଲମାନ ଧର୍ମାବଲମ୍ବୀ ଯେକୌଣସି ସ୍ଥାନରେ ନମାଜ୍ ପାଠ କରିପାରିବେ ବୋଲି ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ଜଷ୍ଟିସ୍ ମିଶ୍ର ଅକ୍ଟୋବର ୨ରେ ଅବସର ନେବା ପରେ ଏହି ମାମଲାର ଶୁଣାଣି ପାଇଁ ନୂଆ ଖଣ୍ଡପୀଠ ଗଠନ କରାଯାଇଛି। ଏଥିରେ ସିଜେଆଇଗୋଗୋଇ ଅଧ୍ୟକ୍ଷତା କରୁଥିବାବେଳେ ଜଷ୍ଟିସ୍ ସଞ୍ଜୟ କିଷନ୍ ଏବଂ କେ.ଏମ୍. ଯୋସେଫ୍ ସଦସ୍ୟ ଅଛନ୍ତି। ପ୍ରକାଶ ଯେ, ୨.୭୭ ଏକର ପରିମିତ ବିବାଦୀୟ ଭୂମିକୁ ୩ ପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହି ଆଖଡ଼ା ଓ ରାମ ଲାଲାଙ୍କ ମଧ୍ୟରେ ସମାନ ୩ ଭାଗରେ ବିଭକ୍ତ କରି ବାଣ୍ଟିଦେବାକୁ ଆଲ୍ଲାହାବାଦ ହାଇକୋର୍ଟ ୨୦୧୦ ସେପ୍ଟେମ୍ବର ୩୦ରେ ରାୟ ଦେଇଥିଲେ। ଏହାକୁ ନେଇ ସହମତି ପ୍ରକାଶ ନ ପାଇବାରୁ ପକ୍ଷମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ୮ ବର୍ଷ ପରେ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ମୂଳ ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ହେବାକୁ ଯାଉଛି।


DSPL-224

ସତ୍ୟମେବ ଜୟତେ



## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୧୮

## ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷ ୨୦୧୮ ଅକ୍ଟୋବର ୨୯ ତାରିଖ ଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଥିବା ଆନନ୍ଦର କଥା । ଏହି ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ ଅଭିଯାନରେ ସଂକଳ୍ପବଦ୍ଧ ଓ ଉତ୍ସର୍ଗୀକୃତ ଭାବେ ସାମିଲ ହୋଇ ଏକ ଉତ୍ତମ ସମାଜ, ରାଜ୍ୟ ଓ ରାଷ୍ଟ୍ର ଗଠନରେ ସହାୟକ ହେବା ପାଇଁ ଆହ୍ୱାନ କରୁଅଛି । ସାଧାରଣ ଜୀବନରେ ସାଧୁତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଦୁର୍ନୀତି ବିରୋଧୀ ଆଭିମୁଖ୍ୟ ତଥା ସ୍ୱଚ୍ଛତା ଅତ୍ୟନ୍ତ ଜରୁରୀ । ଏହା ମଧ୍ୟ ବିକାଶ, ସୁଶାସନ, ସାମାଜିକ ସଂହତି, ବ୍ୟକ୍ତି ମର୍ଯ୍ୟାଦା, ମାନବାଧିକାର ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ନିହାତି ଜରୁରୀ ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମୁଁ ଆଶା କରୁଛି ଯେ ଦୁର୍ନୀତି ନିବାରଣ ବିଭାଗ ଓଡ଼ିଶାର ଜନସାଧାରଣଙ୍କ ସେବାରେ ନିଜକୁ ଅଧିକ ନିଷ୍ଠା ଓ ଉତ୍ସର୍ଗୀକୃତ ଭାବେ ନିୟୋଜିତ କରିବେ ।

ଦୁର୍ନୀତି ଦୂରୀକରଣ ସହିତ ଏକ ନୂଆ ଓଡ଼ିଶା ଓ ନୂଆ ଭାରତ ନିର୍ମାଣ ଦିଗରେ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା

09002/13/0003/1819



୩ ଦିନ ପ୍ରବଳ ବର୍ଷିବ ......୩......

ପୁରୀ ହିଂସା: ଆଉ ୫ ଗିରଫ ......୫......

ଆଇନଜୀବୀ ସଂଘରେ ବିବାଦ ତେଜିଲା ......୫......


# ଲୋକ ପରମ୍ପରାକୁ ଜୀବନ୍ୟାସ ଦେଉଛି 'ପରବ'

- କୋଟିଆର ବିକାଶ ପାଇଁ ଶୁଭାରମ୍ଭ, ଶିଳାନ୍ୟାସ
- ୯୫ କୋଟି ୨୫ ଲକ୍ଷ ବ୍ୟୟବରାଦରେ ରହିଛି ୧୮ ପ୍ରକଳ୍ପ



କୋରାପୁଟ/ପଟ୍ଟାଙ୍ଗି,୨୮।୧୦(ସ୍ୱ.ପ୍ର.)

କୋରାପୁଟ ଜିଲା କୋଟିଆ ପଞ୍ଚାୟତର ସ୍ୱର୍ଣ୍ଣ ପାହାଡ଼ରୁ ରବିବାର ୨୩ତମ ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପରବ-୨୦୧୮ର ଶୁଭାରମ୍ଭ ହୋଇଛି। ଏହି ଅବସରରେ କୋଟିଆ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ୯୫ କୋଟି ୨୫ ଲକ୍ଷ ୬୬ ହଜାର ଟଙ୍କା ବ୍ୟୟରେ ବିଭିନ୍ନ ୧୮ଟି ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ପଡ଼ିଛି।

ଅନୁସୂଚିତ ଜନଜାତି ବିଭାଗ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ କୋଟିଆର ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ସହ ଶୋଭାଯାତ୍ରାରେ ସଭାସ୍ଥଳକୁ ଯାଇ ମୁଖ୍ୟ ମଶାଲ ପ୍ରଜ୍ୱଳନ ଓ ପରବ ପତାକା ଉତ୍ତୋଳନ କରି ଉତ୍ସବର ଆନୁଷ୍ଠାନିକ ଶୁଭାରମ୍ଭ କରିଛନ୍ତି। ପରବ ଦ୍ୱାରା ଆଦିବାସୀ ସଂସ୍କୃତି ଓ ପରମ୍ପରା ଉଜ୍ଜୀବିତ ହେଉଛି। ଏହା ଆମ ସମସ୍ତଙ୍କୁ ଏକତ୍ରିତ କରିପାରିଛି। କୋଟିଆ ଭଳି ଅଞ୍ଚଳର ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ହାତୀ

**ଆଜିର ମନ୍ତବ୍ୟ**

"ଶାନ୍ତିର ତାତ୍ପର୍ଯ୍ୟ କେବଳ 'ଯୁଦ୍ଧ ନ ହେବା' ନୁହେଁ ।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୭-୧୮ରେ ବ୍ୟାଙ୍କଗୁଡିକ ୭୪,୫୬୨ କୋଟି ଟଙ୍କାର ଏନ୍‌ପିଏ ଅସୁଲି କରିଥିବା ବେଳେ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଏହା ୩୬,୫୫୧ କୋଟି ଟଙ୍କା ରହିଛି। **– ଅର୍ଥ ମନ୍ତ୍ରଣାଳୟ**


NECC NATIONAL EGG CO-ORDINATION COMMITTEE 28.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 76 | 127 | 137 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |

*Conditions Apply

Eggs Retail Price- 48/-Dozen

Issued in the Interest of Consumers


■ ଭାରତର ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ

# ସାଧାରଣତନ୍ତ୍ର ଦିବସରେ ଆସିବେନି ଟ୍ରମ୍ପ୍

ନୂଆଦିଲ୍ଲୀ/ୱାଶିଂଟନ,୨୮।୧୦

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆସନ୍ତା ବର୍ଷ ପାଳନ ହେବାକୁ ଥିବା ଭାରତର ୭୦ତମ ସାଧାରଣତନ୍ତ୍ର ଦିବସକୁ ମୁଖ୍ୟଅତିଥି ହୋଇ ଆସିବେ ନାହିଁ। ଏନେଇ ଭାରତର ନିମନ୍ତ୍ରଣକୁ ସେ ପ୍ରତ୍ୟାଖ୍ୟାନ କରିଦେଇଥିବା ରବିବାର ଜଣାପଡ଼ିଛି।

୨୦୧୯ ଜାନୁଆରୀ ୨୬ରେ ନୂଆଦିଲ୍ଲୀରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଟ୍ରମ୍ପ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁରୋଧ କରିଥିଲେ। ଏନେଇ ଭାରତ ପକ୍ଷରୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରାଯାଇଥିବା ବିଷୟ ଗତ ଅଗଷ୍ଟରେ ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରୀ ସାରା ସ୍ୟାଣ୍ଡର୍ସ ସ୍ପଷ୍ଟ କରିଥିଲେ। କିନ୍ତୁ ଟ୍ରମ୍ପ୍ ଏଥିରେ ଯୋଗଦେବେ ନାହିଁ ବୋଲି ଏବେ ଜଣାପଡ଼ିଛି। ତେବେ ଏନେଇ ଭାରତ କିମ୍ବା ଆମେରିକା ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଟ୍ରମ୍ପ୍‌ଙ୍କ ଗସ୍ତ ଯୋଜନା ସମ୍ପର୍କରେ କେବଳ ହ୍ୱାଇଟ୍ ହାଉସ୍ ମନ୍ତବ୍ୟ ଦେଇପାରିବ ବୋଲି ନୂଆଦିଲ୍ଲୀସ୍ଥିତ ଆମେରିକୀୟ ଦୂତାବାସ କହିଛି। ଅନ୍ୟପକ୍ଷରେ ଆମେରିକାରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଥିବାରୁ ଟ୍ରମ୍ପ୍ ଭାରତ ଆସିପାରିବେ ନାହିଁ ବୋଲି ସେଠାକାର ଅନ୍ୟ କେତେଜଣ ଅଧିକାରୀ କହିଛନ୍ତି। ରୁଷିଆଠାରୁ ଭାରତ ଏସ୍-୪୦୦ କ୍ଷେପଣାସ୍ତ୍ର କିଣିବା ପାଇଁ ଚୁକ୍ତିବଦ୍ଧ ହୋଇଛି। ସେହିପରି ଇରାନଠାରୁ ତୈଳ ଆମଦାନୀ ଉପରେ ଆମେରିକା କଟକଣା ଜାରି କରିଛି। ଏହାକୁ ବେଖାତିର କରି ଭାରତ ତେହେରାନଠାରୁ ତୈଳ କିଣିବାକୁ ନିଷ୍ପତ୍ତି ନେଇଛି। ତେଣୁ ଏହାର ପ୍ରତିବାଦରେ ଟ୍ରମ୍ପ୍ ତାଙ୍କର ନୂଆଦିଲ୍ଲୀ ଗସ୍ତକୁ ବାତିଲ ☞ ପୃଷ୍ଠା-୪



ଯମୁନା ଏକ୍ସପ୍ରେସ୍ ୱେରେ ରବିବାର ସକାଳୁ ଗୋଟିଏ ଗ୍ୟାସ ଟ୍ୟାଙ୍କର ସହ ଆଉ ଏକ ଗ୍ୟାସ ଟ୍ୟାଙ୍କର ଧକ୍କା ହେବା ଫଳରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ୩ ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣର ମାତ୍ରା ଏତେ ଅଧିକ ଥିଲା ଯେ ଏହା ନିକଟରେ ଥିବା ଆଉ ୫ଟି ଗାଡି ସମ୍ପୂର୍ଣ୍ଣ ଜଳି ଯାଇଛି। ଖବର ପାଇ ଘଟଣାସ୍ଥଳରେ ଦମକଳ ବାହୀନି ପହଞ୍ଚିବା ସହ ବହୁ କଷ୍ଟରେ ନିଆଁକୁ ଆୟତ୍ତ କରାଯାଇଛି।

# ପରବର୍ତ୍ତୀ ଉନ୍ନୟନ କମିଶନରଙ୍କୁ ନେଇ ଚର୍ଚ୍ଚା

■ ନଭେମ୍ବରରେ ଅବସର ନେବେ ଆର. ବାଲକ୍ରିଷ୍ଣନ

■ ଚର୍ଚ୍ଚାରେ ଅସିତ୍ ତ୍ରିପାଠୀ, ଗଗନ ଧଳଙ୍କ ନାମ

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ)**

ବର୍ତ୍ତମାନର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର. ବାଲକ୍ରିଷ୍ଣନ ଆସନ୍ତା ନଭେମ୍ବର ଶେଷରେ ସରକାରୀ ଚାକିରିରୁ ଅବସର ନେବେ। ତେଣୁ ପରବର୍ତ୍ତୀ ଉନ୍ନୟନ କମିଶନର କିଏ ହେବେ, ତାହାକୁ ନେଇ ପାୱାର କରିଡରରେ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଭାରତୀୟ ପ୍ରଶାସନିକ ସେବାର କ୍ୟାଡର ଅନୁଯାୟୀ ଓଡ଼ିଶାରେ ଜଣେ ପ୍ରମୁଖ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦେବାର ବିଧିବ୍ୟବସ୍ଥା ରହିଛି।

ଓଡ଼ିଶାରେ ଦୀର୍ଘବର୍ଷ ଧରି ରାଜ୍ୟରେ ଜଣେ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ ଉନ୍ନୟନ କମିଶନର ତଥା ଯୋଜନା ଓ ସଂଯୋଜନ ବିଭାଗର ସଚିବ ଭାବେ ନିଯୁକ୍ତି ଦିଆଯାଉଛି। ତେଣୁ ପ୍ରଚଳିତ ପ୍ରଥା ଅନୁଯାୟୀ, ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ପାହ୍ୟାରେ ଥିବା ଅଫିସର ମଧ୍ୟରୁ ଜଣଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦିଆଯିବ। ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ଥିବା ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ବାଦ୍ ଦେଇ ସଂଖ୍ୟାଧିକ ଅଫିସର ଏହି ପାହ୍ୟାରେ ଅଛନ୍ତି। ସେମାନେ ହେଉଛନ୍ତି-୧୯୮୩ ବ୍ୟାଚ୍‌ର ଆଇ. ଶ୍ରୀନିବାସ, ୧୯୮୪ ବ୍ୟାଚ୍‌ର ଡକ୍ଟର ଅରୁଣ କୁମାର ପଣ୍ଡା, ଡକ୍ଟର ସୁନୀଲ କୁମାର ଭାର୍ଗବ, ୧୯୮୫ ବ୍ୟାଚ୍‌ର ବିପିନ୍ କୁମାର ସକ୍‌ସେନା, ଉପେନ୍ଦ୍ର ପ୍ରସାଦ ସିଂ, ସୁରେନ୍ଦ୍ର ନାଥ ତ୍ରିପାଠୀ ଏବଂ ଡକ୍ଟର ଗଗନ କୁମାର ଧଳ। ସେହିପରି ୧୯୮୬ ବ୍ୟାଚ୍‌ର ଅସିତ୍ କୁମାର ତ୍ରିପାଠୀ, ଲକ୍ଷ୍ମୀ ନାରାୟଣ ଗୁପ୍ତା, ସୁରେଶ ଚନ୍ଦ୍ର ମହାପାତ୍ର, ସୁଦର୍ଶନ ପାଲ ଠାକୁର ଏବଂ ଜି.ଭି.ଭି. ଶର୍ମା। ୧୯୮୭ ବ୍ୟାଚ୍‌ର ତୁହିନକାନ୍ତ ପାଣ୍ଡେ, ନିକୁଞ୍ଜ କିଶୋର ସୁନ୍ଦରାୟ, ରାଜେଶ ବର୍ମା ଏବଂ ରାଜକୁମାର ଶର୍ମା।

ଏମାନଙ୍କ ମଧ୍ୟରୁ ଆଇ. ଶ୍ରୀନିବାସ, ଡକ୍ଟର ଅରୁଣ କୁମାର ପଣ୍ଡା, ଡକ୍ଟର ସୁନୀଲ କୁମାର ଭାର୍ଗବ, ବିପିନ୍ କୁମାର ସକ୍‌ସେନା, ଉପେନ୍ଦ୍ର ପ୍ରସାଦ ସିଂ ଏବଂ ସୁରେନ୍ଦ୍ର ନାଥ ତ୍ରିପାଠୀ ଦିଲ୍ଲୀରେ ଅବସ୍ଥାପିତ ଅଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ଏବଂ ଦିଲ୍ଲୀ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଏମାନଙ୍କ ମଧ୍ୟରୁ କେହି ନିକଟ ଭବିଷ୍ୟତରେ ରାଜ୍ୟକୁ ଫେରିବାର ସମ୍ଭାବନା ନାହିଁ। ତେଣୁ ସରକାର ରାଜ୍ୟରେ କାର୍ଯ୍ୟରତ ଜଣେ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ଦେବେ ବୋଲି ଆଲୋଚନା ହେଉଛି।

ବରିଷ୍ଠତା ଦୃଷ୍ଟିରୁ ୧୯୮୫ ବ୍ୟାଚ୍‌ର ଅଧିକାରୀ ଡକ୍ଟର ଗଗନ କୁମାର ଧଳଙ୍କ ନାମ ପ୍ରଥମେ ଆସୁଛି। ହେଲେ ସେ କୃଷି ଉନ୍ନୟନ କମିଶନର ଭାବେ ବର୍ତ୍ତମାନ ଅବସ୍ଥାପିତ। ଏହା ବାଦ୍ ତାଙ୍କୁ ଅନ୍ୟ ୫ଟି ବିଭାଗର ଦାୟିତ୍ୱ ଦିଆଯାଇଛି। ତେଣୁ ତାଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ସମ୍ଭାବନା ଅପେକ୍ଷାକୃତ କମ୍। ତାଙ୍କୁ ବାଦ୍ ଦେଲେ ୧୯୮୬ ବ୍ୟାଚ୍‌ର ଅଧିକାରୀଙ୍କ ମଧ୍ୟରୁ ଜଣେ ଉନ୍ନୟନ କମିଶନର ହେବା ସମ୍ଭାବନା ଅଧିକ। ସେହି ଦୃଷ୍ଟିରୁ ଦେଖିଲେ ବର୍ତ୍ତମାନର ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ନାମକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସାଧାରଣ ନିର୍ବାଚନ ନିକଟତର ହେଲାଣି। ନିର୍ବାଚନ ପାଖାପାଖିରେ ରାଜ୍ୟ ସରକାର ପ୍ରଶାସନିକ ଅଦଳବଦଳ କରିବାକୁ ମନ ବଳାଇବେ ନାହିଁ। ତେଣୁ ନଭେମ୍ବର ମାସରେ ରାଜ୍ୟରେ କାର୍ଯ୍ୟରତ ବରିଷ୍ଠ ପ୍ରଶାସନକୁ ଅଦଳବଦଳ ସମ୍ଭାବନା ଯଥେଷ୍ଟ ରହିଥିବା ଆଲୋଚନା ହେଉଛି।




# ବାଘ ମାରି ପୋତିଦେଲେ

■ ମହାବଳ ବାଘ ମୃତଦେହ ସନ୍ଦେହ

■ ବନ୍ୟପ୍ରାଣୀ ବିଭାଗ କହୁଛି ଚିତାବାଘ

■ ଦାନ୍ତ, ନଖ କାଢ଼ି ନେଇଛନ୍ତି ଦୁର୍ବୃତ୍ତ

■ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

**ବରଗଡ଼ ଅଫିସ୍/ଭଟଲି, ୨୮।୧୦(ଡି.ଏନ.ଏ.)**

ବରଗଡ ଜିଲା ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରୁ ଏକ ବାଘର ଗଳିତ ମୃତଦେହ ମାଟିତଳୁ ଉଦ୍ଧାର କରାଯାଇଛି। ବାଘକୁ ୮ଦିନ ପୂର୍ବରୁ ମାରି ପୋତି ଦିଆଯାଇଥିବା ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଅନୁମାନ କରୁଛନ୍ତି। ତେବେ ମୃତ ବାଘଟି ଏକ ମହାବଳ ବାଘ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଥିବାବେଳେ ବନ୍ୟପ୍ରାଣୀ ବିଭାଗ ଏହାକୁ ଖଣ୍ଡନ କରିଛି। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ଡିଏଫଓ ସୁଦୀପ୍ତ କୁମାର ନାୟକ କହିଛନ୍ତି ଯେ, ବାଘର ମୃତଦେହ ଉଦ୍ଧାର କରାଯାଇଛି। ତାହା ମହାବଳ ବାଘର ନୁହେଁ, ଏକ ଚିତାବାଘର ମୃତଦେହ ବୋଲି ଜଣାପଡ଼ିଛି। ମୃତ୍ୟୁର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ତାହା ଯଦି ଶିକାର ହୋଇଥାଏ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମୃତ୍ୟୁ ଯଦି ବିଷକ୍ରିୟାଜନିତ ହୋଇଥିବ ତେବେ ସେ ନେଇ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିଏଫଓ ନାୟକ ପ୍ରକାଶ କରିଥିଲେ।

ପ୍ରକାଶ ଯେ, ଡେବ୍ରିଗଡ଼ ଅଭୟାରଣ୍ୟରେ ଏକ ମହାବଳ ବାଘକୁ ମାରି ପୋତି ଦିଆଯିବା ସହିତ ଦାନ୍ତ, ନଖ କାଢ଼ି ନେଇଥିବା ଚର୍ଚ୍ଚା ହୋଇଥିଲା। ଖବର ପାଇ ସ୍ଥାନୀୟ ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବରଗଡ଼ ଡିଏଫଓ ଅଭୟ ଦଲେଇ, ରେଞ୍ଜର ମହେନ୍ଦ୍ର ପାତ୍ର, ଭଟଲି ରେଞ୍ଜର ରାଜେନ୍ଦ୍ର କୁମାର ଭୋଇ ପ୍ରମୁଖ ସେଠାରେ ପହଞ୍ଚି ଘଟଣାସ୍ଥଳରୁ ବାଘର ମୃତଦେହ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ମୃତବାଘଟି ମହାବଳ ନୁହେଁ, ତାହା ଏକ ଚିତାବାଘ ବୋଲି ସ୍ପଷ୍ଟ ହୋଇଥିବା ହୀରାକୁଦ ବନ୍ୟପ୍ରାଣୀ ବିଭାଗର ଡିଏଫଓ ନାୟକ କହିଛନ୍ତି। ଅନ୍ୟପକ୍ଷେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ମୃତବାଘର ଲାଞ୍ଜୁଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଯେଉଁ ଆକାର ରହିଛି ତାହା ଚିତାବାଘର ନୁହେଁ। ଏକ ମହାବାଳ ବାଘ ବୋଲି ଅନୁମାନ କରାଯାଉଛି। ମୃତବାଘ ସମ୍ପର୍କରେ ଖବର ପାଇ ଆମେ ବନ୍ୟପ୍ରାଣୀ ବିଭାଗକୁ ଖବର ଦେଇଥିଲୁ। ଖବର ପାଇ ବିଭାଗୀୟ ଅଧିକାରୀମାନେ ପହଞ୍ଚି ବାଘର ମୃତଦେହ ଉଦ୍ଧାର କରିଥିଲେ। ଏନ୍‌ଟିସିଏର(ନ୍ୟାଶନାଲ ଟାଇଗର କନଜରଭେସନ ଅଥରିଟି) ଗାଇଡ ଲାଇନ ଅନୁସାରେ, ମୃତବାଘର ନମୁନା ସଂଗ୍ରହ କରି ଡିଏନଏ ଟେଷ୍ଟ ପାଇଁ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆକୁ ପଠାଗଲେ ତାହା କେଉଁ ବାଘର ମୃତଦେହ ସ୍ପଷ୍ଟ ହୋଇଯିବ। ତେବେ ବାଘର ମୁହଁ ଅଂଶକୁ କାଟି ଦିଆଯାଇ ଥିବା ଯୋଗୁ ଦୁର୍ବୃତ୍ତମାନେ ଦାନ୍ତ କାଢ଼ି ନେଇଥିବା ଅନୁମାନ କରାଯାଉଛି। ଏହାପରେ ଘଟଣାକୁ ଚପାଇ ଦେବା ପାଇଁ ମୃତଦେହକୁ ପୋତି ଦେଇଥିବା ସନ୍ଦେହ କରାଯାଉଛି । ତେବେ ଦୁର୍ବୃତ୍ତମାନେ ବାଘ ଶରୀରର କେଉଁ ଅଂଶ କାଢ଼ି ନେଇଛନ୍ତି, ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ ଏବଂ ବ୍ୟବଚ୍ଛେଦ ପରେ ତାହା ଜଣାପଡ଼ିବ ବୋଲି ଡିଏଫଓ ନାୟକ ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ପାଇଁ ଘଟଣାସ୍ଥଳରେ ଭଟଲି ପ୍ରାଣୀ ଚିକିତ୍ସା ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ପହଞ୍ଚିଛନ୍ତି। ତେବେ ସନ୍ଧ୍ୟା ହୋଇ ଯାଇଥିବାରୁ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପାରିନାହିଁ। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପ୍ରକାଶଯୋଗ୍ୟ ଯେ, ଡେବ୍ରିଗଡ଼ରେ କିଛିମାସ ତଳେ ଏକ ମହାବଳ ବାଘ ଦେଖାଯାଇଥିଲା। ମିଳିଥିବା ମୃତଦେହ ସେହି ବାଘର ବୋଲି ସାଧାରଣରେ ଆଲୋଚନା ହେଉଛି।

# ମାଟି ତଳୁ ଉଦ୍ଧାର ଶିଶୁ କନ୍ୟା ଡାକ୍ତରଖାନାରୁ ନିଖୋଜ

■ ଜନ୍ମ ପରେ ରାସ୍ତାପାର୍ଶ୍ୱରେ ପୋତି ଦେଇଥିଲେ

■ କାନ୍ଦ ଶୁଣି ଉଦ୍ଧାର କରିଥିଲେ ଛେଳି ଚରାଳି

■ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ପତ୍ତା ମିଳୁନି



ଉଦ୍ଧାର ପରେ ଶିଶୁକନ୍ୟାଙ୍କୁ ମହିଳା ଜଣକ ନିଆଁ ଶେକ ଦେଉଛନ୍ତି।

**ବନ୍ତଲା, ୨୮।୧୦ (ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ଅଞ୍ଚଳରେ ରବିବାର ଏକ ନବଜାତ ଶିଶୁ କନ୍ୟାଙ୍କୁ ଜୀବନ୍ତ ଅବସ୍ଥାରେ ମାଟି ତଳୁ ଉଦ୍ଧାର କରିଥିଲେ ଜଣେ ଛେଳି ଚରାଳି। ନୂଆକ୍ଷେତା ସାରୁଆଳି ଗ୍ରାମକୁ ଯାଇଥିବା ରାସ୍ତା ପାର୍ଶ୍ୱରେ କେହି କନ୍ୟା ସନ୍ତାନକୁ ପୋତି ଦେଇଥିବାବେଳେ କାନ୍ଦ ଶୁଣି ଛେଳି ଚରାଳି ଜଣକ ମାଟି ଖୋଳିବାରୁ ଶିଶୁଟିକୁ ଦେଖିବାକୁ ପାଇଥିଲେ। ପରେ ଶିଶୁ କନ୍ୟାଙ୍କୁ ଚିକିତ୍ସା ପାଇଁ ଅନୁଗୋଳ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଥଲା। ତେବେ ସେଠାରୁ ନବଜାତକ ନିଖୋଜ ହୋଇଯିବା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ଘଟଣାରୁ ଜଣାପଡିଛି, ଉକ୍ତ ଅଞ୍ଚଳର ଜଣେ ଛେଳି ଚରାଳି ମଙ୍ଗୁଲୁ ଜାନି ସାରୁଆଳି ମଝିସାହି ତାଳବଣୀ ଠାରେ ଅପରାହ୍ଣରେ ଛେଳି ଚରାଉଥିଲେ। ହଠାତ୍ ଜଣେ ଶିଶୁଙ୍କ କାନ୍ଦ ଶୁଣି ଖୋଜାଖୋଜି କରିବା ପରେ ରାସ୍ତାପାର୍ଶ୍ୱରେ ମାଟି ତଳୁ ସେ ଜଣେ ଶିଶୁ କନ୍ୟାଙ୍କୁ ଉଦ୍ଧାର କରିଥିଲେ। ତାଙ୍କ ସ୍ତ୍ରୀ ପ୍ରତିମା ଭୋଇ ଶିଶୁକନ୍ୟାଙ୍କୁ ସଫା ସୁତୁରା କରିବା ସହ ସ୍ଥାନୀୟ ଆଶାକର୍ମୀଙ୍କୁ ଖବର ଦେଇଥିଲେ। ଆଶାକର୍ମୀ ସୁକାନ୍ତି ନାଏକ ୧୦୨ ଆମ୍ବୁଲାନ୍ସରେ ଶିଶୁ କନ୍ୟାକୁ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବନ୍ତଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଶିଶୁଟିକୁ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ନିଆଯାଇଥିଲା। ଆଶା କର୍ମୀ ଓ ସାରୁଆଳି ଗ୍ରାମର ୩ ଜଣ ମହିଳା ପୁରୁଷ ଜିଲା ସାସ୍ଥ୍ୟକେନ୍ଦ୍ରକୁ ଶିଶୁଟିକୁ ନେଇ ବାହାରିଥିଲେ। ଆମ୍ବୁଲାନ୍ସ ସେଠାରେ ପହଞ୍ଚିବା ପରେ ଶିଶୁ କନ୍ୟାଙ୍କୁ ଆଶାକର୍ମୀ ସାଙ୍ଗରେ ଯାଇଥିବା ଗ୍ରାମବାସୀଙ୍କୁ ଧରାଇ ଡାକ୍ତରଖାନାର ଶିଶୁ ବିଭାଗକୁ ଯାଇଥିଲେ। ହେଲେ କିଛି ସମୟ ପରେ ସମ୍ପୃକ୍ତ ଗ୍ରାମବାସୀ ସେଠାରୁ ଶିଶୁ କନ୍ୟାଙ୍କ ସହ କେଉଁଆଡେ ଚାଲିଯାଇଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଅନୁଗୋଳ ଓ ବନ୍ତଲା ଥାନାକୁ ଜଣାଇଥିଲେ। ପରେ ସମ୍ପୃକ୍ତା ଆଶାକର୍ମୀଙ୍କୁ ନେଇ ବନ୍ତଲା ଥାନା ଆଇଆଇସି ସବ୍ୟସାଚୀ ରାଉତ ରାତି ପ୍ରାୟ ୮ ଟାରେ ସାରୁଆଳି ଗ୍ରାମକୁ ଯାଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଶିଶୁଟିର କୌଣସି ପତ୍ତା ମିଳିପାରିନାହିଁ।

ଏ ସମ୍ପର୍କରେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଗୌରୀ ଶଙ୍କର ବେହେରା କୁହନ୍ତି, ଉଦ୍ଧାର ଶିଶୁ କନ୍ୟାଙ୍କୁ ଜରୁରୀକାଳୀନ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଅପେକ୍ଷା କରିଥିଲୁ। ଆଶାକର୍ମୀ ଆମ୍ବୁଲାନ୍ସରେ ଶିଶୁଙ୍କୁ ନେଇ ଆସିଥିଲେ। ହେଲେ ଆମ୍ବୁଲାନ୍ସ ନିକଟରୁ ନବଜାତ ଶିଶୁ ସହ ଆସିଥିବା ଗ୍ରାମବାସୀ ହଠାତ୍ ନିଖୋଜ ହୋଇଗଲେ। ଏ ନେଇ ଅନୁଗୋଳ ଓ ବନ୍ତଲା ଥାନା ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେଇଥିଲୁ।

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ଅକ୍ଟୋବର ୨୯ /୨୦୧୮



ମଧ୍ୟପ୍ରଦେଶର ସୁଦାମା ନଗରରେ ଘଟିଛି ଏକ ଅଭାବନୀୟ ଘଟଣା। ଜଣେ ସଫେଇ କର୍ମଚାରୀଙ୍କ ୪ ବର୍ଷର ଝିଅକୁ ତାଙ୍କ ସମ୍ପର୍କୀୟ ମାମୁ ବଳାତ୍କାର କରିବା ପରେ ପଥରରେ ଛେଚି ହତ୍ୟା କରିଛନ୍ତି। ଏହାପରେ ମୃତଦେହକୁ ଏକ ନଦୀକୂଳରେ ଫିଙ୍ଗିଦେଇ ଚାଲିଯାଇଥିଲେ। ସ୍ଥାନୀୟ ଲୋକେ ମୃତଦେହକୁ ଦେଖି ପୋଲିସକୁ ଖବର ଦେବା ପରେ ନାବାଳିକାକୁ ଚିହ୍ନଟ କରାଯାଇଛି। ପୂର୍ବରୁ ମଧ୍ୟ ଉକ୍ତ ବଳାତ୍କାରୀ ମାମୁ ଜଣେ ନାବାଳିକାଙ୍କୁ ବଳାତ୍କାର କରି ହତ୍ୟା କରିଥିଲେ। ଏଥିପାଇଁ ତାଙ୍କୁ ଜେଲଦଣ୍ଡ ମଧ୍ୟ ଭୋଗିବାକୁ ପଡିଥିଲା।






## ଶ୍ରଦ୍ଧାଞ୍ଜଳି



ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟର ପୂର୍ବତନ ପ୍ରକାଶକ ଦଣ୍ଡପାଣି ମିଶ୍ରଙ୍କର ଆଜି ଚତୁର୍ଥ ଶ୍ରାଦ୍ଧଦିବସ। ଏହି ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି।

## କୁମ୍ଭୀର ମୁହଁରୁ ବର୍ତ୍ତିଲେ ବୃଦ୍ଧା

ରାଜନଗର, ୨୮।୧୦ (ଡି.ଏନ୍.ଏ.)

ଉପସ୍ଥିତ ବୁଦ୍ଧି ଖଟାଇ କୁମ୍ଭୀର ମୁହଁରୁ ବର୍ତ୍ତି ଯାଇଛନ୍ତି ଜଣେ ମହିଳା। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ରାଜପୁର ପଞ୍ଚାୟତ ବଳଭଦ୍ରପ୍ରସାଦ ଗ୍ରାମର ଦିବାକର ଦାସଙ୍କ ସ୍ତ୍ରୀ ଛଇଳା(୬୦) ଶନିବାର ସନ୍ଧ୍ୟାରେ ଘର ନିକଟସ୍ଥ ନାଳକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ଏକ ବଉଳା କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା। ତେବେ ଛଇଳା ଚିତ୍କାର କରିବା ସହ ଉପସ୍ଥିତ ବୁଦ୍ଧି ଖଟାଇ କୁମ୍ଭୀର ପେଟକୁ ଜୋରରେ ଗୋଇଠା ମାରିଥିଲେ। ଫଳରେ କୁମ୍ଭୀର ତାଙ୍କୁ ଛାଡି ପଳାଇଥିଲା।

# ୩ ଦିନ ପ୍ରବଳ ବର୍ଷିବ

- ୭ ଜିଲାକୁ ସତର୍କ ନିର୍ଦ୍ଦେଶ ଦେଲେ ଏସ୍ଆର୍ସି
- ଆଜି ଲଘୁଚାପରେ ପରିଣତ ହେବ
- ଚାଷୀଙ୍କ ପାଇଁ ଓୟୁଏଟିର ସର୍କୁଲାର ଜାରି
- ସମୁଦ୍ର ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ସୋମବାର ଲଘୁଚାପରେ ପରିଣତ ହେବାକୁ ଯାଉଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ଫଳରେ ୩ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିବ। ଏହା ପ୍ରଭାବରେ ଉପକୂଳ ଓଡ଼ିଶାର ୭ଟି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଇ ଦିଆଯାଇଛି। ତେବେ ପ୍ରବଳ ବର୍ଷା ହେବାକୁ ଥିବା ଜିଲାଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍ସିଂହପୁର, କଟକ, ପୁରୀ ଏବଂ ଗଞ୍ଜାମ। ପାଣିପାଗ କେନ୍ଦ୍ରର ସତର୍କ ସୂଚନା ଅନୁସାରେ, ଏସବୁ ଜିଲାର ଜିଲାପାଳଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟକୁ ପ୍ରାକୃତିକ ଦୁର୍ଦ୍ଦଶା ଛାଡୁନି। ଗୋଟିଏ ମାସରେ ବାତ୍ୟା ଏବଂ ଲଘୁଚାପଜନିତ ୩ ଦିନିଆ ଲଗାଣ ବର୍ଷା ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ। ଚଳିତ ମାସର ଦ୍ୱିତୀୟ ସପ୍ତାହରେ ବାତ୍ୟା ତିତ୍ଲି ଗଜପତି, ରାୟଗଡା ଏବଂ ଗଞ୍ଜାମ ଜିଲାର ମେରୁଦଣ୍ଡ ଭାଙ୍ଗିଦେଇଛି। ଏହାର ଦୁଃଖ ଲୋକଙ୍କ ମନରୁ ନ ଲିଭୁଣୁ ଏବେ ପୁଣି ଆଉ ଏକ ଲଘୁଚାପ। ଏହି ଲଘୁଚାପଜନିତ ଲଗାଣ ବର୍ଷା ଚାଷୀଙ୍କ ଅମଳ ହେବାକୁ ଥିବା ଫସଲକୁ ଉଜାଡି ଦେବାକୁ ବସିଛି। ଯଦିଓ ପାଣିପାଗ କେନ୍ଦ୍ର କହୁଛି ପବନ ଏବଂ ଅଧିକ ବର୍ଷା ହେବାର ଆଶଙ୍କା କମ୍। ତଥାପି ବର୍ଷା ଛାଡିଯିବା ପରେ ଫସଲରେ ପୋକ ଲାଗିବାର ସମ୍ଭାବନା ଥିବା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ପକ୍ଷରୁ କୁହାଯାଇଛି। ଏହାକୁ ନେଇ ଚାଷୀକୁଳ ଚିନ୍ତିତ ଥିବାବେଳେ ଓୟୁଏଟି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି ଯେ, ପାଚି ଯାଇଥିବା ସଅଳ ଓ ମଧ୍ୟମ କିସମ ଧାନକୁ ତୁରନ୍ତ କାଟିନେଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଜମିରୁ ବଳକା ପାଣି ବାହାରିଯିବା ପାଇଁ ନାଳି କରନ୍ତୁ। ସଅଳ କିସମ ଧାନ ବିଲରେ ଥାଇ ଗଜା ନ ହେବା ପାଇଁ ବର୍ଷା ଛାଡ଼ିଗଲା ପରେ ଶତକଡ଼ା ୨ ଭାଗ ଲୁଣ ପାଣି ସିଞ୍ଚନ କରନ୍ତୁ। ବର୍ଷା ଛାଡ଼ିଗଲା ପରେ ପଡ଼ିଯାଇଥିବା ପନିପରିବା ଗଛର ମୂଳକୁ ମାଟିଦେଇ ଠିଆ କରାଇ ଦେବାକୁ କୁହାଯାଇଛି। ଧାନ, ପନିପରିବା ଓ ଡାଲିଜାତୀୟ ଫସଲରେ କେତେକ ରୋଗପୋକ ଲାଗିବାର ସମ୍ଭାବନା ରହିଛି। ଧାନରେ ମାଟିଆଗୁଣ୍ଡି ପୋକ, କେଣ୍ଡାକଟା ପୋକ, ଗନ୍ଧିପୋକ, କେଣ୍ଡା ଅଷ୍ଟପଦୀ, ବେକ ମହିଷା/କେଣ୍ଡା ମହିଷା ରୋଗ, ପତ୍ରାଚ୍ଛାଦ ଶଢ଼ାରୋଗ, ବୀଜାଣୁଜନିତ ପତ୍ରପୋଡ଼ା ଭଳି ରୋଗ ହେବାର ସମ୍ଭାବନା ଅଛି। ସେହିପରି ପନିପରିବା ଓ ଡାଲିଜାତୀୟ ଫସଲରେ ଜଉପୋକ, ପାଉଁଶିଆ ରୋଗ ଓ ଝାଉଁଳା ରୋଗ ହେବାର ସମ୍ଭାବନା ଅଛି। ତେଣୁ ଚାଷୀମାନେ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ସହ ଯୋଗାଯୋଗ କରିବାକୁ ଓୟୁଏଟି ଡିନ୍ ଡ. ପ୍ରଭାତ କୁମାର ରାଉଳ କହିଛନ୍ତି।

ରବିବାର ମଧ୍ୟରାତ୍ରରୁ ବର୍ଷା ଆରମ୍ଭ ହୋଇ ୨୯, ୩୦ ଏବଂ ୩୧ ତାରିଖ ତିନିଦିନ ଧରି ପ୍ରବଳ ବର୍ଷା ହେବ। ୩୦ ତାରିଖରେ ବିଶେଷକରି ଜଗତ୍ସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଏବଂ ବାଲେଶ୍ୱର ଜିଲାରେ ଅଧିକ ବର୍ଷାର ସମ୍ଭାବନା ରହିଛି। ଏଥିପାଇଁ ଯୁଗ୍ମ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଭାତ କୁମାର ମହାପାତ୍ର କୁହନ୍ତି, ଯେଉଁ ଜିଲାଗୁଡିକରେ ଅଧିକ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ କରିଛି, ସେହି ଜିଲାର ଜିଲାପାଳଙ୍କୁ ପରିସ୍ଥିତି ଅନୁଯାୟୀ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରବିବାର ସକାଳୁ ଆକାଶ ମେଘାଚ୍ଛନ୍ନ ରହିଥିବା ବେଳେ ପୂର୍ବାହ୍ନରୁ ଭୁବନେଶ୍ୱର ଏବଂ କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି। ଲଘୁଚାପକୁ ଲକ୍ଷ୍ୟ ରଖି ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ନ ଯିବା ପାଇଁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଇ ଦିଆଯାଇଛି।




Your classified advertisement published in Dharitri will be listed free in Dharitri online edition :
www.dharitri.com

## କୋଣାର୍କ ପୋଲିସ୍‌ର ୨ଦିନିଆ ରିମାଣ୍ଡ ଶେଷ, ଝାରପଡ଼ା ଜେଲଗଲେ ଅଭିଜିତ୍ ଆୟର

କୋଣାର୍କ, ୨୮।୧୦(ଡି.ଏନ୍.ଏ.)

ସୂର୍ଯ୍ୟମନ୍ଦିର ସମ୍ପର୍କରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୁକ୍ତ ଅଭିଜିତ୍ ଆୟର ମିତ୍ରଙ୍କୁ କୋଣାର୍କ ପୋଲିସ ଦୁଇ ଦିନିଆ ରିମାଣ୍ଡରେ ଆଣି ପଚରାଉଚୁରା କରିବା ପରେ ରବିବାର ଅପରାହ୍ନରେ କୋଣାର୍କ ଜେଏମ୍ଏଫ୍ସି କୋର୍ଟରେ ହାଜର କରିଥିଲା। ସେଠାରୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ତାଙ୍କୁ ନେଇ ପୁଣି ଝାରପଡା ଜେଲରେ ଛାଡ଼ିଛି। ଆସନ୍ତା ୫ତାରିଖରେ କୋଣାର୍କ କୋର୍ଟରେ ଅଭିଜିତ୍‌ଙ୍କ ଜାମିନ ଆବେଦନର ଶୁଣାଣି ହେବ। କୋଣାର୍କ ପୋଲିସର ଜେରା ସମୟରେ ଅଭିଜିତ୍ ନିଜର ଓଡ଼ିଶା ଭ୍ରମଣ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରକାଶ କରିଛନ୍ତି। ଅଭିଜିତଙ୍କ ବୟାନ ଅନୁଯାୟୀ ସେ ସେପ୍ଟେମ୍ବର ୧୫ତାରିଖରେ ବୈଜୟନ୍ତ ପଣ୍ଡାଙ୍କ ଆମନ୍ତ୍ରଣରେ ତାଙ୍କର ଜଣେ ବାନ୍ଧବୀଙ୍କ ସହିତ ଓଡ଼ିଶା ଆସି ଆକାଶମାର୍ଗରେ ପୁରୀ, ଚିଲିକା, କୋଣାର୍କ ଭ୍ରମଣ କରିବା ପରେ କେନ୍ଦ୍ରାପଡାରେ ଓହ୍ଲାଇଥିଲେ। ସେଠାରୁ ସଡକପଥରେ ଯାଇ ଲଳିତଗିରିଠାରେ ମଧ୍ୟାହ୍ନ ଭୋଜନ କରିବା ପରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ। ୧୬ତାରିଖରେ ସେ ଓ ତାଙ୍କ ବାନ୍ଧବୀ ସଡକପଥରେ କୋଣାର୍କ ପରିଦର୍ଶନରେ ଆସିଥିଲେ।






## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ବିଭୁ
ପରିବାରବର୍ଗ


ରିଙ୍କୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## classified

**automobile**

**SALE**

Bolero plus, Swift Dezire, Swift VDI, Hondacity, Tata ACE, Maximo Dala/ Passenger. 9853020992. D-68399

**real estate**

**SALE**

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

Duplex core house ranging Rs. 95,00,000/- land area 2000 sqft., construction 2800 sqft., 4BHK at Pokharipur, Bhubaneswar. Contact: 9861125539, 9040521173. D-63398

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

**construction**

Construct your building in finished house contact: 9937064680. D-27282

For construction of residential commercial building. Please. Contact: 7008268129, 9439143273. D-62132

**HEALTH CARE**

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

Now Matrimonial ads. only on Wednesday & Sunday Book 1 Get 1 FREE

### ତୃତୀୟ ଜନ୍ମଦିନ ଶୁଭେଚ୍ଛା


(ବିଭୁ)

**ସାଇ ପ୍ରକାଶ ମହାରଣା**
ଗୁଜିଦରଡ଼ା, ମିରପାଟଣା, ଭଦ୍ରକ

ଆଜି ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓଁ ମା'ଭଦ୍ରକାଳୀଙ୍କ ପାଖରେ ଏତିକି ପ୍ରାର୍ଥନା ସେ ତୁମର ଚଲାପଥ କୁସୁମିତ କରନ୍ତୁ, ତଥା ଦୀର୍ଘାୟୁ, ସୁସ୍ଥ ଓ ଯଶସ୍ୱୀ କରାନ୍ତୁ। ଶୁଭେଚ୍ଛା ସହ: ବାପା, ମାମା, ଜେଜେମାଆ, ଜେଜେବାପା, ଅଜା, ଆଈ, ବଡ଼ବାପା, ବଡ଼ମାଆ, ପିଉସା, ପିଉସୀ, କାକୁ, ଦିଦି, ଭାଇ, ବନ୍ଧୁ ଓ ପରିବାରବର୍ଗ। ଧ-୮୯୩୨

### ଜନ୍ମଦିନ ଶୁଭେଚ୍ଛା



**କରମ୍‌ଜିତ୍ ୟଶ୍‌ରାଜ୍ ବିହାରୀ**
ବରିମୁଣ୍ଡେଇ, ନିଆଳି

ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ। ତୋର ଜନ୍ମଦିନରେ **ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଦାଦା, ଖୁଡୀ, ପିଇସା, ପିଉସୀ, ବନ୍ଧୁ ଓ ପରିବାରବର୍ଗ।** ଧ-୯୦୫୬

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



**ଶୁଭମ୍**

ଶୁଭ ଜନ୍ମଦିନରେ ଅନେକ ଶୁଭେଚ୍ଛା। ଶ୍ରୀଜଗନ୍ନାଥ ତୁମ ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବଡବାପା, ବଡମାମା, ବାବା, ମାମା, ମାମୁଁ, ମାଈଁ, ମଉସା, ମାଉସୀ, ଅପା, ପିଇସୀ, ଜେଜେ, ଜେଜେମା, ଅଜା, ବନ୍ଧୁବାନ୍ଧବବର୍ଗ। ଧ-୬୪୬୨୭

### ଦଶମ ଜନ୍ମଦିନ ଶୁଭେଚ୍ଛା


(ରିଙ୍କୁ)

**ଧନଞ୍ଜୟ ବାରିକ**

ତୋର ଦଶମ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା। ଗୁରୁଜନଙ୍କ ଆଶୀର୍ବାଦ ଏବଂ ଛୋଟମାନଙ୍କ ଶୁଭେଚ୍ଛା ରହିଛି। ତୋର: **ବାପା, ବୋଉ, ବଡବାପା, ବଡବୋଉ, ଜେଜେମା, ଦାଦା, ଖୁଡୀ ଓ ଭାଇ ଭଉଣୀ।** ଧ-୫୩୨୧୯

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ତ୍ରୁଟି ସଂଶୋଧନ

ଧରିତ୍ରୀ ୨୭।୧୦।୨୦୧୮ ସଂସ୍କରଣର ପ୍ରଥମ ପୃଷ୍ଠାରେ 'ଦଳ ଭିତରେ ଯୁବ ରାଜନୀତି' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏଥିରେ ପୂର୍ବତନ ଯୁବ କଂଗ୍ରେସ ସଭାପତି ରଜତ ଚୌଧୁରୀ ଚିଟଫଣ୍ଡ ଦୁର୍ନୀତିରେ ଗିରଫ ହୋଇ ଜେଲ୍ ଯାଇଥିବା ପରିବର୍ତ୍ତେ ଭୁଲ୍ ବଶତଃ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଯାଇଥିଲେ ବୋଲି ଉଲ୍ଲେଖ ରହିଛି। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

## ମନେ ପଡ଼ନ୍ତି

### ଅଶ୍ରୁଳ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଦଶାହ ଉପଲକ୍ଷେ



**ସ୍ୱର୍ଗତ ଆର୍ତ୍ତବଲ୍ଲଭ ନନ୍ଦ**
(ଗଗନ ନନ୍ଦ)
ତାଳଚେର ଟାଉନ (ବିରାଦରପଡା)
ଆବିର୍ଭାବ: ୧୦।୦୫।୧୯୪୪
ତିରୋଧାନ: ୨୦।୧୦।୨୦୧୮
(ଭୁବନେଶ୍ୱର)
ଶୋକାକୁଳ ନନ୍ଦ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୯୦୬୫

### ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଅନଙ୍ଗପ୍ରଭା ନାୟକ**
ଗୋବିନ୍ଦପୁର, ପିପିଲି, ପୁରୀ
ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୁମର ଶୋକସନ୍ତପ୍ତ ସ୍ୱାମୀ ଲକ୍ଷ୍ମୀଧର, ପୁଅ-ସାନୁ, ଝିଅ-ଲିଜା, ଲିପା, ପୁତୁଲି, ଜ୍ୱାଇଁ-ପ୍ରଭାତ, ପାପୁନି ଏବଂ କଲ୍ୟାଣମୟୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ। ଧ-୬୪୬୬୬

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ




**ସ୍ୱର୍ଗତା ସୁଧାସିନୀ ପଟ୍ଟନାୟକ**
ଆବିର୍ଭାବ: ୦୭।୧୦।୧୯୪୬
ତିରୋଧାନ: ୨୯।୧୦।୨୦୧୩
ତୋର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ସ୍ୱାମୀ-ଜୟକୃଷ୍ଣ, ପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ସୁଧାସିନୀ ଭବନ, ମାରୁତି ନଗର, କାରିଗର ସାହି, ଢେଙ୍କାନାଳ। ଧ-୬୨୦୫୧

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଶଶିଭୂଷଣ ଦୋରା**
ଥାନୁଆଳ (ଖାରସୋଲ)
ଜାରକା, ଜି-ଯାଜପୁର
ଆବିର୍ଭାବ: ୦୧।୦୧।୧୯୩୩
ତିରୋଧାନ: ୧୯।୧୦।୨୦୧୮ (ପବିତ୍ର ଦଶହରା)
ଆପଣଙ୍କ ଅକୁଣ୍ଠ ସ୍ନେହ, କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଅସୀମ ତ୍ୟାଗ, ଆଜି ସ୍ମୃତି ପାଲଟି ଯାଇଛି। ସୃଷ୍ଟିର ଆବର୍ତ୍ତମାନରେ ଆପଣଙ୍କର ଅମରଆତ୍ମା ପରମ ସଦ୍‌ଗତି ଲାଭକରୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏକାନ୍ତ କାମ୍ୟ। ଆପଣଙ୍କର ଚିର ଆଶିଷ ଆଶାରେ ଶୋକସନ୍ତପ୍ତ ଏକମାତ୍ର ଝିଅ, ଜ୍ୱାଇଁ ଏବଂ ବନ୍ଧୁ ପରିବାରବର୍ଗ। ଧ-୬୪୦୧୭

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ସୁଦାମ ଚରଣ ସାମଲ**
କିରଣି, ଝଙ୍କଡ, ଜଗତ୍‌ସିଂହପୁର
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଗରାମ ମ.ଇ. ବିଦ୍ୟାଳୟ
ଆବିର୍ଭାବ: ୧୭।୩।୧୯୩୭
ତିରୋଧାନ: ତା ୧୯।୧୦।୨୦୧୮
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅମାନେ-ସୁକୁମାର, ସୁଧୀର, ସ୍ମୃତିରଞ୍ଜନ, ସରୋଜ, ବୋହୂମାନେ- ପୁଷ୍ପିତା, ଅପର୍ଣ୍ଣା, ରେଣୁବାଳା, ପ୍ରଜ୍ଞା, କନ୍ୟାମାନେ: ମମତା, ସାନ୍ତୁ, ଜ୍ୱାଇଁ -କୈଳାଶ, ମାନସ ଓ ନାତିନାତୁଣୀମାନେ। ଧ-୯୧୨୨

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

# ଚାକିରି ନାଁରେ ହେଉଛି ଯୁବତୀ ଚାଲାଣ
# ନିର୍ଦ୍ଦେଶନାମା ଜାରି କଲା କ୍ରାଇମ୍‌ବ୍ରାଞ୍ଚ

**କଟକ ଅଫିସ୍, ୨୮।୧୦**

ଚାକିରି ଦେବା ନାଁରେ ଯୁବତୀ ଚାଲାଣ ହେଉଥିବା ଘଟଣା ଦେଖିବାକୁ ମିଳୁଛି। ଦେଶର ବଡ଼ ବଡ଼ ସହର ସମେତ ଅନ୍ୟ ଦେଶକୁ ଯୁବତୀମାନଙ୍କୁ ଚାଲାଣ କରାଯାଉଛି। ଝାଡ଼ଖଣ୍ଡର କେତକ ଯୁବତୀଙ୍କୁ ଏଭଳି ଚାଲାଣ କରାଯାଇଥିବା ନେଇ ସେଠାକାର ଏମ୍‌ପି ଲକ୍ଷ୍ମଣ ଗିଲୱା ନିକଟରେ ପାର୍ଲାମେଣ୍ଟରେ ପ୍ରଶ୍ନ ଉଠାଇଥିଲେ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟର ପୋଲିସ ବିଭାଗକୁ ଚାକିରି ଦେଉଥିବା ପ୍ଲେସ୍‌ମେଣ୍ଟ ଏଜେନ୍ସି କାର୍ଯ୍ୟଶୈଳୀ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଥିଲା। ତେଣୁ କ୍ରାଇମବ୍ରାଞ୍ଚ ପକ୍ଷରୁ ରବିବାର ସମସ୍ତ ଏସ୍‌ପି ଏବଂ କମିଶନରେଟ ପୋଲିସର ଡିସିପିଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଓଡ଼ିଶାରୁ ଯୁବତୀ ଚାଲାଣ ଭଳି ଘଟଣା ଦେଖିବାକୁ ମିଳୁଥିବାରୁ ସମସ୍ତ ପ୍ଲେସ୍‌ମେଣ୍ଟ ଏଜେନ୍ସି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସମସ୍ତ ଥାନା ଅଧିକାରୀଙ୍କୁ ନିଜ ଅଞ୍ଚଳରେ ଥିବା ପ୍ଲେସ୍‌ମେଣ୍ଟ ଏଜେନ୍ସି ଏବଂ ବିବାହ ପାଇଁ ଥିବା ସଂସ୍ଥାଗୁଡିକର ଏକ ଡାଟାବେସ ତିଆରି କରିବାକୁ କୁହାଯାଇଛି। ଏନେଇ ମହିଳା ଓ ଶିଶୁ ଉନ୍ନୟନ ବିଭାଗ, ଶ୍ରମ ବିଭାଗ, ରେଲୱେ,

### ପ୍ଲେସ୍‌ମେଣ୍ଟ ଏଜେନ୍ସି ଉପରେ ନଜର ରଖିବାକୁ ନିର୍ଦ୍ଦେଶ

ପର୍ଯ୍ୟଟନ ବିଭାଗ ଏବଂ ବେସରକାରୀ ସଂସ୍ଥାଗୁଡିକ ସହ ଯୋଗାଯୋଗ ରଖିବାକୁ ପରାମର୍ଶ ଦିଆଯାଇଛି। ଚାକିରି ନାଁରେ କେତେକ ସଂସ୍ଥା ଯୁବତୀ ଚାଲାଣ କରୁଥିବା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ କୁହାଯାଇଛି। ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ବିମାନବନ୍ଦର, ହୋଟେଲ, ଗେଷ୍ଟହାଉସ ଆଦି ଜନଗହଳିପୂର୍ଣ୍ଣ ସ୍ଥାନଗୁଡିକରେ ନିୟମିତ ବ୍ୟବଧାନରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ବିନା ଲାଇସେନ୍ସରେ କୌଣସି ପ୍ଲେସ୍‌ମେଣ୍ଟ ଏଜେନ୍ସି ଖୋଲାଯାଇଥିବାର ଦେଖିବାକୁ ମିଳୁଛି ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯବତୀମାନଙ୍କୁ ବିଦେଶ ଚାଲାଣ କରାଯାଉଥିବାରୁ ପାସପୋର୍ଟ ଯାଞ୍ଚ ବେଳେ ଧ୍ୟାନଦେବାକୁ ନିର୍ଦ୍ଦେଶ ରହିଛି। ସମସ୍ତ ଥାନା ଅଧିକାରୀ ଯେପରି ଏହା ଠିକ୍ ଭାବେ ପାଳନ କରିବେ ତା'ର ତଦାରଖ ପାଇଁ ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ କୁହାଯାଇଛି।

## ପଦଯାତ୍ରା, ସମାବେଶ ପାଇଁ ମିଳିଲାନି ଅନୁମତି

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**

ଚାଷୀଙ୍କୁ ପ୍ରାଇସ, ପ୍ରେଷ୍ଟିଜ୍ ଏବଂ ପେନ୍‌ସନ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାରଠାରୁ ଖୋର୍ଦ୍ଧା ଜିଲାର ବାଲୁଗାଁ ଏବଂ ଯାଜପୁର ଜିଲାର କୁଆଖିଆରୁ ୫୦ହଜାର ଲେଖାଏ ଚାଷୀ ପଦଯାତ୍ରାରେ ଭୁବନେଶ୍ୱର ଅଭିମୁଖେ ଆସିବାର କାର୍ଯ୍ୟକ୍ରମ ଥିଲା। ନଭେମ୍ବର ୫ରେ ଭୁବନେଶ୍ୱରଠାରେ ୨ଲକ୍ଷ ଚାଷୀଙ୍କୁ ନେଇ ଏକ ବିଶାଳ ସମାବେଶ ହେବାର କାର୍ଯ୍ୟକ୍ରମ ଥିଲା। ମାତ୍ର ରାଜ୍ୟ ସରକାର ନବ ନିର୍ମାଣ ସଙ୍ଗଠନର ଏହି ପଦଯାତ୍ରା ଏବଂ ସମାବେଶ ପାଇଁ ଅନୁମତି ଦେଇ ନାହାନ୍ତି। ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ନେଇ ନବନିର୍ମାଣ କୃଷକ ସଙ୍ଗଠନ ସଂଯୋଜକ ଅକ୍ଷୟ କୁମାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅକ୍ଷୟ କୁମାର କହିଛନ୍ତି ଯେ, ସରକାର ଗତଥର ରାଜଧାନୀକୁ ଆସିବା ପାଇଁ ଚାଷୀଙ୍କୁ ମନାକଲେ। ଏଥର ଚାଷୀଙ୍କୁ ରାଜରାସ୍ତାରେ ଚାଲିବାକୁ ମନା କରିଛନ୍ତି। ସରକାର ଗଣତନ୍ତ୍ରର ତଣ୍ଟି ଚିପିବାକୁ ଯାଉଛନ୍ତି। ରାଜ୍ୟ ସରକାର ଏକ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛନ୍ତି। ସରକାର ପଦଯାତ୍ରା ଏବଂ ସମାବେଶ ପାଇଁ ଅନୁମତି ପ୍ରଦାନ କରି ନାହାନ୍ତି। ଚାଷୀଙ୍କୁ ଗାଁ ଗାଁରେ ସରକାର ଧମକାଉଛନ୍ତି। ପୂର୍ବ ସୂଚନା ମୁତାବକ ଚାଷୀମାନେ ପଦଯାତ୍ରାରେ ଆସିବେ।

## ଅନୁଗୋଳ ଜିଲା ଭାଜପା ସଭାପତି ଗିରଫ

### ଆନ୍ଦୋଳନକାରୀଙ୍କୁ ଉତ୍ତେଜିତ କରିବା ଅଭିଯୋଗ

**ଅନୁଗୋଳ ଅଫିସ,୨୮।୧୦**

ବାଘୁଣୀ 'ସୁନ୍ଦରୀ' ଆକ୍ରମଣରେ ଅନୁଗୋଳ ଜିଲା ଟାଇଁସି ଅଞ୍ଚଳର ତ୍ରିନାଥ ସାହୁଙ୍କ ମୃତ୍ୟୁ ଅଭିଯୋଗକୁ ନେଇ ପୋଲିସ-ଜନତା ମଧ୍ୟରେ ହୋଇଥିଲା ଖଣ୍ଡଯୁଦ୍ଧ। ଏହି ହିଂସାକାଣ୍ଡ ପାଇଁ ଆନ୍ଦୋଳନାରୀଙ୍କୁ ଉସ୍‌କାଇଥିବା ଅଭିଯୋଗରେ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନଙ୍କୁ ରବିବାର ଗିରଫ କରାଯାଇଛି। ଅନୁଗୋଳ ପୋଲିସ ଖୋର୍ଦ୍ଧା ଜିଲା ମେଣ୍ଢାଶାଳରୁ ପ୍ରଧାନ ଓ ତାଙ୍କ ଡ୍ରାଇଭର ବଇଣ୍ଡା ପାପସରା ଅଞ୍ଚଳର ବିପିନ ବିହାରୀ ସାହୁଙ୍କୁ ଗିରଫ କରିଛି। ପ୍ରଧାନଙ୍କ ବିରୋଧରେ ୧୯ଟି ଦଫାରେ ମାମଲା ହୋଇଥିବା ଅନୁଗୋଳ ଏସ୍‌ଡିପିଓ ହରିହର ପାଣି ସୂଚନା ଦେଇଛନ୍ତି। ପୋଲିସ କହିଛି, ବାଘୁଣୀ ଆକ୍ରମଣରେ ତ୍ରିନାଥଙ୍କ ମୃତ୍ୟୁ ହେବା ପରେ ମୃତଦେହ ରଖି ଲୋକେ ମୁଣ୍ଡାସାହି ଛକଠାରେ ଗତ ୨୧ ତାରିଖରେ ୫୫ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ସମୟରେ ପୋଲିସ ଉପରକୁ ଢେଲା ମାଡ, ଗାଡି ଭଙ୍ଗାରୁଜା, ପୋଡାଜଳା କରିବା, ପୋଲିସ ପ୍ରଶାସନ ବିରୋଧରେ ଆନ୍ଦୋଳନକାରୀ ଜନତାଙ୍କୁ ଉତ୍ତେଜିତ କରିବାରେ ଭାଜପାର ଜିଲା ସଭାପତିଙ୍କ ସମ୍ପୃକ୍ତି ରହିଥିଲା। ଏ ନେଇ ତାଙ୍କ ନାମରେ ପୂର୍ବରୁ ପୁରୁଣାକୋଟ ଥାନାରେ ନଂ. ୨୩, ୨୪, ୨୫, ୨୬ ଓ ୨୮/୧୮ ଏବଂ ଜରପଡା ଥାନାରେ ନଂ. ୧୯୫, ୧୯୬, ୧୧୮/୧୮ରେ ମାମଲା ରୁଜୁ ହୋଇଥିଲା। ଘଟଣା ପରେ ଭାଗୀରଥି ଗତ ୨୨ ତାରିଖରୁ ଫେରାର ହୋଇଯାଇଥିଲେ। ତାଙ୍କୁ ଧରିବା ପାଇଁ ପୋଲିସର ୩ଟି ଟିମ୍ ଉଦ୍ୟମ ଜାରି ରଖିଥିବାବେଳେ ରବିବାର ତାଙ୍କୁ ଗାଡ଼ିକୁ ପିଛା କରି ମେଣ୍ଢାଶାଳରୁ ଗିରଫ କରିଥିବା ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି। ଡାକ୍ତରୀ ମାଇନା ପରେ ପ୍ରଧାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଜିଲା ସଭାପତିଙ୍କୁ ଆକ୍ରୋଶମୂଳକ ଭାବେ ପୋଲିସ ଗିରଫ କରିଥିବା ଜିଲା ଭାଜପା ପକ୍ଷରୁ ଅଭିଯୋଗ କରାଯିବା ସହ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ଲୋକ ପରମ୍ପରାକୁ ଜୀବନ୍ୟାସ ...

ବିକାଶ କାର୍ଯ୍ୟକୁ ଏହା ଅଧିକ ତ୍ୱରାନ୍ୱିତ କରିପାରିଛି ବୋଲି ମୁଖ୍ୟ ଅତିଥି ମାଝି ନିଜ ବକ୍ତବ୍ୟରେ କହିଛନ୍ତି। ସମ୍ମାନିତ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, କୋରାପୁଟ ଏମ୍‌ପି ଝିନ୍ନ ହିକକା, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗୀ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଙ୍ଗି, କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ଲକ୍ଷ୍ମୀପୁର ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନି, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ରଘୁରାମ ପଡାଲ, ନିମାଇଁ ସରକାର, ଚନ୍ଦ୍ରମା ସାନ୍ତା, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ କମଲୁ ଜାନି ଯୋଗ ଦେଇଥିଲେ। ପ୍ରାରମ୍ଭରେ ପଟ୍ଟାଙ୍ଗି ବ୍ଲକ ଅଧ୍ୟକ୍ଷା ଜଗତଜ୍ୟୋତି ପାଙ୍ଗି ସ୍ୱାଗତ ଭାଷଣ ରଖିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'ପରବ-୨୦୧୮'ର ପୋଷ୍ଟର ଉନ୍ମୋଚନ କରାଯାଇଥିଲା।

## କ୍ରାଇମବ୍ରାଞ୍ଚ ତଦନ୍ତ...

ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ଆକ୍ଟ-୫୭ ଅନୁଯାୟୀ କେସ୍ ନଂ. ୧୧୬/୧୮, ଦଫା ୧୬୬, ୪୨୯ ଓ ୩୪ରେ ମାମଲା ରୁଜୁ କରାଯାଇଛି। ସେହିପରି କ୍ରାଇମବ୍ରାଞ୍ଚ ପକ୍ଷରୁ ନଂ. ୨୩/୧୮ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ଅପରାହ୍ନ ୫ଟାରେ କ୍ରାଇମବ୍ରାଞ୍ଚ ଏସ୍‌ପି ଏମ୍.ଏସ୍. ସମ୍ପଦଙ୍କ ନେତୃତ୍ୱରେ ଡିଏସ୍‌ପି ଦେବୀଦତ୍ତ ବିଶ୍ୱଜୀବନ ମିଶ୍ରଙ୍କ ସମେତ ୪ଜଣିଆ ଅଧିକାରୀ ଦଳ ଏବଂ ଢେଙ୍କାନାଳ ଏସ୍‌ପି ସନ୍ତୋଷ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ହାତୀମୃତ୍ୟୁସ୍ଥଳରେ ଖୋଳତାଡ଼ କରିଥିଲେ। ଅଧିକାରୀମାନେ ବନ ବିଭାଗ ଏବଂ ସେସୁ କର୍ମଚାରୀଙ୍କୁ ପଚରାଉଚୁରା କରିବା ସହ କମ୍ ଉଚ୍ଚତାରେ ଟଣାଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସମେତ ପାରିପାର୍ଶ୍ୱିକସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଏଥିସହ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରି ସାକ୍ଷ୍ୟପ୍ରମାଣ ଗ୍ରହଣ କରିଥିଲେ। ଥାନାରେ ହୋଇଥିବା ଅଭିଯୋଗକୁ ଭିତ୍ତିକରି ତଦନ୍ତ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଅଧିକାରୀମାନେ ସୂଚନା ଦେଇଛନ୍ତି। ଏଥିପୂର୍ବରୁ ମଧ୍ୟାହ୍ନରେ ପିସିସିଏଫ୍ ସନ୍ଦୀପ ତ୍ରିପାଠୀ, ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ଏସିଏଫ୍ ଜିତେନ୍ଦ୍ରନାଥ ଦାସ, ଏସ୍‌ଡିପିଓ ଶେଖ୍ ଅବଦୁଲ କରିମ୍ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏପରି ଅଭାବନୀୟ ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ପିସିସିଏଫ୍ ବନ ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି।

ଅନ୍ୟପଟେ ହାତୀମୃତ୍ୟୁ ଘଟଣା ପରେ ସରକାରଙ୍କୁ ଅକଳରେ ପକାଇବାକୁ ଭାଜପା ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ରାଜ୍ୟ ଶକ୍ତିମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ଦୁଇ ବିଭାଗୀୟ ସଚିବ ଏବଂ ପିସିସିଏଫ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଦଳ। ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା, ବିଷ୍ଣୁପ୍ରସାଦ ଲେଙ୍କା ପ୍ରମୁଖ ଏ ନେଇ କଣ୍ଟାବଣିଆ ଥାନାରେ ଅଭିଯୋଗ କରିଛନ୍ତି।

### ସରିଲା ମୃତଦେହ ବ୍ୟବଚ୍ଛେଦ

ଓଡ଼ାପଡ଼ା ବ୍ଲକ କମଳାଙ୍ଗ ନିକଟ ରେଙ୍ଗାଳି ଦକ୍ଷିଣ ଉପଶାଖା କେନାଲ ନିକଟରେ ଶନିବାର ଏକ ଅଭାବନୀୟ ଘଟଣାକ୍ରମେ କମ୍ ଉଚ୍ଚତାରେ ଝୁଲି ରହିଥିବା ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୫ମାଈ, ୨ ଅଣ୍ଡିରା ଏବଂ ଗୋଟିଏ ଶାବକ ପ୍ରାଣ ହରାଇଥିଲେ। ବିଦ୍ୟୁତ୍ ଝଟ୍‌କାରେ ୩ ହାତୀ କେନାଲ ଭିତରକୁ ଖସିପଡ଼ିଥିଲେ। ଶନିବାର ରାତି ସୁଦ୍ଧା ୪ ହାତୀଙ୍କ ବ୍ୟବଚ୍ଛେଦ ହୋଇଥିବାବେଳେ ରବିବାର ଅବଶିଷ୍ଟ ହାତୀଙ୍କ ବ୍ୟବଚ୍ଛେଦ ହୋଇଛି। ମୃତଦେହ ଘଟଣାସ୍ଥଳ ନିକଟରେ ପୋତି ଦିଆଯାଇଛି।

## ସାଧାରଣତନ୍ତ୍ର ଦିବସରେ...

କରିଦେଇଥିବା ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି। ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତି ଆଗକୁ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ପ୍ରକାଶ ଯେ, ୨୦୧୫ ସାଧାରଣତନ୍ତ୍ର ଦିବସରେ ଟ୍ରମ୍ପ୍‌ଙ୍କ ପୂର୍ବସୁରୀ ବାରାକ୍ ଓବାମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭାରତ ପକ୍ଷରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମରେ ଯୋଗଦେବାରେ ଓବାମା ହେଉଛନ୍ତି ପ୍ରଥମ ଆମେରିକୀୟ ରାଷ୍ଟ୍ରପତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମାଧିପ କେତୁ ନକ୍ଷତ୍ରରେ ଥିବାରୁ କାର୍ଯ୍ୟହାନୀ, କଳହ, ଧନକ୍ଷୟାଦି ଘଟିପାରେ। ଏହା ସଙ୍ଗକୁ ଦୀର୍ଘ ଦିନରୁ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା ଜାରିରଖିଲେ ଆଗାମୀ ଆଶା ପୂରଣ ହେବା ସମ୍ଭାବନା ରହିଛି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ବୃଷ** ଭାଗ୍ୟାଧିପ ଗୁରୁକ୍ଷେତ୍ରରେ ଥିବାରୁ ପ୍ରତ୍ୟେକ ସଂକଟକୁ କୌଣସି ପଦସ୍ଥବ୍ୟକ୍ତିଙ୍କ ସହାୟତାରେ ସାଧନ କରିପାରିବେ। ଅଭାବ ପୂରଣ ଦିଗରେ ସହକର୍ମୀ କିମ୍ବା ପାଖ ପଡୋଶୀଙ୍କ ସାହାଯ୍ୟ କାମକୁ ଆସିବ। ପିଲାମାନଙ୍କ ପଢା ସମସ୍ୟା, ପରିବହନରେ ଝଗଡା, ସଭାସମିତିରେ ବିତର୍କ ଜନିତ ସାମୟିକ ଅସ୍ଥିରତାର ସୂଚନା ମଧ୍ୟ ରହିଛି।

**ମିଥୁନ** ଗୁରୁନକ୍ଷତ୍ରସ୍ଥ ବୁଧ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ଓ ଉତ୍ତମ ପରାମର୍ଶରେ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିବେ। ଜମିଜମା କାରବାର,ବାଣିଜ୍ୟ ବ୍ୟବସାୟ, ପରିବହନ ଦିଗରୁ ସମସ୍ୟା ଓ ପ୍ରତିବନ୍ଧକ ହଟିଯିବାର ସୂଚନା ରହିଛି। ମାଲି ମକଦ୍ଦମା, ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ।

**କର୍କଟ** ଚତୁର୍ଥଭାବରେ ରବି ଓ ଶୁକ୍ରଙ୍କ ସ୍ଥିତି ଜନିତ ବନ୍ଧୁଙ୍କ ସାହାଯ୍ୟରୁ ନୂତନ କର୍ମାରମ୍ଭ, ଭ୍ରମଣ ସୁଯୋଗ ପାଇବେ। ବନ୍ଧୁଙ୍କ ନିମନ୍ତ୍ରଣ,ଦୂରଯାତ୍ରା ଓ ବନ୍ଧୁମିଳନ ଜନିତ ମନ ଏକପ୍ରକାର ଖୁସୀ ରହିବ। କିନ୍ତୁ ଅଶ୍ଳେଷା ନକ୍ଷତ୍ରର ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଉପୁଜିପାରେ।

**ସିଂହ** ଶନିଙ୍କ ପ୍ରଭାବରୁ ସନ୍ତାନଙ୍କ ସମ୍ପର୍କୀୟ ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଯାହା ଚିନ୍ତା କରିବେ ବାସ୍ତ୍ର କ୍ଷେତ୍ରରେ ତାହାର ଓଲଟା ପ୍ରତିଫଳନ ଘଟିବ। ସଦାବେଳେ ହାତଖାଲି ରହିବା କାରଣରୁ ମନରେ ସରସତା ରହି ନ ପାରେ। ଅବଶ୍ୟ ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ଅପୂରଣୀୟ ଆଶା, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ।

**କନ୍ୟା** ଗ୍ରହଚକ୍ରରେ ଶୁଭଗ୍ରହମାନଙ୍କ ସୁପ୍ରଭାବକୁ ସତ୍କର୍ମରେ ବିନିଯୋଗ କରିପାରିଲେ ସମସ୍ତ ସିଦ୍ଧିଲାଭ କରିପାରିବେ। ସମସ୍ୟା ହଟିଯିବ, ଅର୍ଥପାଇବେ, ସମ୍ମାନ ମିଳିବ ଓ ବନ୍ଧୁମାନଙ୍କ ଆଦର ସୋହାଗ ପାଖକୁ ଛୁଟିଆସିବ। ତଥାପି ଉତରାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ଯାତ୍ରା ସମ୍ପର୍କରେ ଦୁଃଚିନ୍ତା ବଢିବ।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବା ସହ ଅର୍ଥ, ସମ୍ମାନ ସହ ବନ୍ଧୁମିଳନ ଯୋଗ ରହିଛି। ନିକଟ ସମ୍ପର୍କୀୟ ମାନଙ୍କକଥାରେ ପ୍ରଭାବିତ ହୋଇ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିବେ। ସଭା ସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇବାକୁ ପଡିପାରେ।

**ବିଛା** ଅନୁକୂଳ ଗ୍ରହ ପ୍ରଭାବ ରହିଥିଲେ ମଧ୍ୟ ଉଦ୍ୟମ ବ୍ୟତିରେକ ଚେଇଁ ଶୋଇଲେ ହାତ ପାହାନ୍ତାରୁ ସୁଯୋଗ ଖସିଯାଇପାରେ। ଶନିଙ୍କ ପ୍ରଭାବରୁ ଠିକଣା ସମୟରେ ଉଚିତ ପଦକ୍ଷେପ ନନେଇ ଭାଗ୍ୟ ଓ କର୍ମକୁ ନିନ୍ଦା କରିବା ମୂଲ୍ୟହୀନ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ ଆଦିରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିପାରନ୍ତି।

**ଧନୁ** ରାହୁ ଓ କେତୁଙ୍କ କୁପ୍ରଭାବରୁ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନୀ ଘଟିବାର ଆଶଙ୍କା ରହିଛି। ଟିକିଏ ଟିକିଏ କଥାରେ ରାଗି,କଡାକଥା କହି ନିଆଁବାଣ ହେଲେ ନିଜର କ୍ଷତି ବ୍ୟତୀତ କିଛି ଲାଭ ହେବନି। ପାରିବାରିକ କ୍ଷେତ୍ରରେ ହଠାତ୍ ପ୍ରତିକ୍ରିୟାଶୀଳ ହେବା ନାହିଁ। ପ୍ରକାଶନ,ପ୍ରଶାସନ, ସାହିତ୍ୟ,ଏଜେନସିପ୍ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** ସ୍ଥଗିତ କାମକୁ ଯୁଦ୍ଧକାଳୀନ ଭିତିରେ ସମାପ୍ତକରି ଆତ୍ମତୃପ୍ତି ଲାଭ କରିବେ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ମନାନ୍ତର ଦେଖାଦେଇପାରେ।

**କୁମ୍ଭ** ସ୍ୱାସ୍ଥ୍ୟ ଭଲ ରହିବା ସହ ସ୍ଥଗିତ ରହିଯାଇଥିବା କାମର ପୁନଃଆରମ୍ଭ ପାଇଁ ଯୋଜନା କରିପାରନ୍ତି। ନୂତନ ଗୃହ, ଯାନବାହାନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ବିବାଦୀୟ ମାମଲା, ଜମିଜମା ସମସ୍ୟା ସମ୍ପର୍କୀୟ ଚିନ୍ତାରେ ମନ ଉଦ୍ୱିଗ୍ନ ରହିବ। କୌଣସି ସରକାରୀ ସାହାଯ୍ୟର ସୂଚନା ପାଇବେ।

**ମୀନ** ପାଖପଡୋଶୀଙ୍କ ସାହାଯ୍ୟ, ସହଯୋଗରେ କାର୍ଯ୍ୟସିଦ୍ଧି ସହ ପ୍ରିୟ ବନ୍ଧୁମାନଙ୍କ ବନ୍ଧୁଙ୍କ ଆଦର ସୋହାଗ ମନକୁ ପ୍ରଫୁଲ୍ଲିତ କରି ରଖିବ। କୌଣସି କ୍ଷେତ୍ରରୁ ଆଶାଜନକ ଅର୍ଥ, ସମ୍ମାନ, ଉପଢ଼ୌକନ, ବସ୍ତ୍ର ଭୂଷଣାଦି ପ୍ରାପ୍ତି ହୋଇପାରେ। ସଭାସମିତିରେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ସଙ୍ଗକୁ ଆନୁଷ୍ଠାନିକ କାମରେ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ।

ଆଜି କାର୍ତ୍ତିକ କୃଷ୍ଣ ୫ମୀ ସୋମବାର, ଅକ୍ଟୋବର ୨୯ ତାରିଖ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଦିବା ଘ୬।୧୨ମି. ମଧ୍ୟେ ଘ୧।୨୨ମି. ଗତେ, ଘ୨।୫୭ମି. ମଧ୍ୟେ ଘ୪।୨୬ମି. ଗତେ, ଘ୬।୦୦ମି. ମଧ୍ୟେ ଅମୃତବେଳା। ଦିବା ଘ୮।୦୫ମି. ଗତେ ଘ୧୦।୧୮ମି. ମଧ୍ୟେ, ଘ୧୧।୪୯ମି. ଗତେ ଘ୧।୧୦ମି. ମଧ୍ୟେ, ଘ୨।୩୫ମି. ଗତେ ଘ୪।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୧୫ମି. ଗତେ ଘ୮।୪୦ମି. ମଧ୍ୟେ ରାହୁକାଳ।

# ଆଇନଜୀବୀ ସଂଘରେ ବିବାଦ ତେଜିଲା

**ଭିନ୍ନମୋଡ ନେଲା ଆନ୍ଦୋଳନ**

- ମୁଖ୍ୟମନ୍ତ୍ରୀ, ଆଇନଜୀବୀଙ୍କ ଫଟୋ ପୋଡ଼ାଗଲା
- ସୋମବାର କାର୍ଯ୍ୟରେ ଯୋଗଦେବେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସଦସ୍ୟ

କଟକ ଅଫିସ,୨୮।୧୦

ଆଇନଜୀବୀଙ୍କୁ ପୋଲିସର ମାଡ଼ ପ୍ରତିବାଦରେ ପ୍ରାୟ ୨ ମାସ ଧରି ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ଜାରି ରହିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଭିନ୍ନ ମୋଡ଼ ନେଇଛି। ବିଜେଡି ଆଇନଜୀବୀ ସାମ୍ମୁଖ୍ୟରେ ସଦସ୍ୟ ଓ କର୍ମକର୍ତ୍ତା ଥିବା ହାଇକୋର୍ଟର ବହୁ ଆଇନଜୀବୀ ଶନିବାର ଆନ୍ଦୋଳନରୁ ଓହରିଯିବା ପରେ ବାର ଆସୋସିଏଶନରେ ଫାଟ ସୃଷ୍ଟି ହୋଇ ବିବାଦ ତେଜିଛି। ଆଡଭୋକେଟ ବଂଶୀଧର ଶତପଥୀ ହାଇକୋର୍ଟ ବାର ଆସୋସିଏଶନ ଉପସଭାପତି ପଦରୁ ଇସ୍ତଫା ଦେଇଥିବାବେଳେ ସାମ୍ମୁଖ୍ୟ ପକ୍ଷରୁ ଉପଦେଷ୍ଟା ଅସୀମ ଅମିତାଭ ଦାସ ସୋମବାରଠାରୁ ଆମେ କାର୍ଯ୍ୟରେ ଯୋଗଦେବୁ ବୋଲି କହିଛନ୍ତି। ସାମ୍ମୁଖ୍ୟ କର୍ମକର୍ତ୍ତାଙ୍କ ଏଭଳି ଆଭିମୁଖ୍ୟ ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି ବାର ଆସୋସିଏଶନର କେତେଜଣ କର୍ମକର୍ତ୍ତା ଓ ଆଇନୀଜୀବୀ। ସେମାନେ ରବିବାର ହାଇକୋର୍ଟ ପରିସରରେ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଟହଲି ଚରଣ ମହାନ୍ତି ଏବଂ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଉପଦେଷ୍ଟା ଦାସଙ୍କ ଫଟୋଚିତ୍ରରେ ଚପଲମାଳ ପିନ୍ଧାଇ ପୋଡ଼ିଥିଲେ। ଅନ୍ୟପକ୍ଷରେ ଆଇନଜୀବୀଙ୍କ ଦୀର୍ଘଦିନର ଆନ୍ଦୋଳନ ଯୋଗୁ ରାଜ୍ୟ ସାରା ସାଧାରଣ ଲୋକ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କୋର୍ଟ କାର୍ଯ୍ୟ ନ ହେବାରୁ ଅନେକେ ଜେଲରେ ଅଟକ ରହିଛନ୍ତି। ଫଳରେ ସେମାନଙ୍କ ପରିବାର ଦୁର୍ଦ୍ଦଶା ଭୋଗୁଛନ୍ତି। ଆନ୍ଦୋଳନରୁ ଓହରିଯିବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିବେଦନକୁ ମଧ୍ୟ ଆନ୍ଦୋଳନକାରୀମାନେ ମାନି ନ ଥିଲେ। ସରକାର ଏନେଇ କୌଣସି ପ୍ରତିକାର କରିପାରି ନ ଥିବାବେଳେ ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ଖୁବ୍‌ଶୀଘ୍ର କୋର୍ଟ ଅଚଳାବସ୍ଥାରେ ସୁଧାର ଆସିବ ବୋଲି ଆଶା କରାଯାଉଛି।

ସୂଚନାଥାଉ କି, ସରକାର ଦାବି ନ ମାନିଲେ ଆସନ୍ତା ୩୧ ତାରିଖରେ ସମଗ୍ର ରାଜ୍ୟର ବାର ଆସୋସିଏଶନ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବ ବୋଲି ଗତ ଶୁକ୍ରବାର ହାଇକୋର୍ଟ ବାର ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ହିଁ ସଂଘରେ ଫାଟ ସୃଷ୍ଟି ହେବାର ମୁଖ୍ୟ କାରଣ ବୋଲି କୁହାଯାଉଛି। ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଉପଦେଷ୍ଟା ଦାସ ଆନ୍ଦୋଳନକୁ ରାଜନୀତିକରଣ କରାଯାଉଥିବା ଶନିବାର ଅଭିଯୋଗ କରିଥିଲେ। ସେ ରବିବାର ବିଜେଡି ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ଘରେ ଖବରଦାତାଙ୍କୁ ସୂଚନା ଦେଇ କହିଥିଲେ ଯେ, ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ନଜରରେ ରଖି ସୋମବାର କାର୍ଯ୍ୟରେ ଯୋଗଦେବାକୁ ଆମେ ସବୁ ଆଇନଜୀବୀଙ୍କୁ ନିବେଦନ କରୁଛୁ।

ହାଇକୋର୍ଟ ବାର ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ ଏବଂ ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି, ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ନ୍ୟାୟ ଦେବା ପାଇଁ ଆମେ ଏହି ଆନ୍ଦୋଳନକୁ ଜାରି ରଖିଛୁ। ହେଲେ ଆନ୍ଦୋଳନକୁ ନେଇ ଏବେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର କେତେଜଣ ସଦସ୍ୟ ରାଜନୈତିକ ରଙ୍ଗ ଦେବାକୁ ଅପଚେଷ୍ଟା କରୁଛନ୍ତି। ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ମହାନ୍ତି କହିଛନ୍ତି, ଆଇନଜୀବୀ ଏକତାକୁ ଆମେ ସମ୍ମାନ ଜଣାଉଛୁ। ହେଲେ ଆଇନଜୀବୀ ଦେବୀପ୍ରସାଦଙ୍କ ଘଟଣାରେ କୋର୍ଟରେ ମାମଲା ଚାଲୁଥିବାରୁ ଏହାର ବୃତାନ୍ତ ଶୁଣାଣି ଆସିବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା କେତେଦୂର ଠିକ୍ ତାହା ଆମେ ସମସ୍ତେ ଜାଣିରଖିବା ଉଚିତ। ତେଣୁ କୋର୍ଟ କାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ସବୁ ଆଇନଜୀବୀ କାର୍ଯ୍ୟରେ ଯୋଗଦେବା ଉଚିତ। ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଚିନ୍ମୟ କୁମାର ମହାନ୍ତି କହିଛନ୍ତି, କାର୍ଯ୍ୟରେ ଯୋଗଦେବାକୁ କହି ଯେଉଁମାନେ ବିଜେଡିର ଏଜେଣ୍ଟ ସାଜୁଛନ୍ତି, ସେମାନଙ୍କୁ ନିବେଦନ ଯେ, ରାଜନୀତି କରି ଆଇନଜୀବୀ ସଂଘରେ ଫାଟ ସୃଷ୍ଟି ନ କରନ୍ତୁ।

ଅନ୍ୟପକ୍ଷରେ ଆନ୍ଦୋଳନ ଦୀର୍ଘ ଦିନ ଚାଲିବା ପଛରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରୋକ୍ଷ ଇଙ୍ଗିତ ଥିବା ଅଭିଯୋଗ ଆଣିଛି ରାଜ୍ୟ ଛାତ୍ର ସ୍ୱାଭିମାନ ମଞ୍ଚ। ରବିବାର ସନ୍ଧ୍ୟାରେ ମଞ୍ଚ ପକ୍ଷରୁ ଚାନ୍ଦିନୀଚୌକ ଛକ ନିକଟରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି।

ଆଇନଜୀବୀଙ୍କ ମଧ୍ୟରେ କାର୍ଯ୍ୟରେ ଯୋଗଦେବାକୁ ନେଇ ବିବାଦ ଚାଲିଥିବାବେଳେ ସୋମବାର ପରିସ୍ଥିତି ଜଟିଳ ହେବା ଆଶଙ୍କା କରାଯାଉଛି। ଏ ନେଇ କଟକ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ହାଇକୋର୍ଟ ପାଖ ଲାଲବାଗ ଥାନାରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ଅଛନ୍ତି। ପରିସ୍ଥିତି ଉପରେ ନଜର ରଖିଛୁ।

ସୂଚନାଥାଉ କି, ଆଡଭୋକେଟ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ଗତ ଅଗଷ୍ଟ ୨୮ ତାରିଖରେ ପିସିଆର ଭ୍ୟାନରେ ଥିବା ପୋଲିସ କର୍ମଚାରୀମାନେ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଉକ୍ତ କର୍ମଚାରୀମାନଙ୍କୁ ଗିରଫ କରିବା ଦାବିରେ ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ ଅଗଷ୍ଟ ୨୯ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଅନ୍ୟପକ୍ଷରେ ଦେବୀପ୍ରସାଦ ପିସିଆର ଭ୍ୟାନ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ତାଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ଦେବୀପ୍ରସାଦଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ଅକ୍ଟୋବର ୨୯ ତାରିଖ ଯାଏ ପ୍ରଦାନ କରିଥିଲେ। ସୋମବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ରହିଛି।

# ପୁରୀ ହିଂସା: ଆଉ ୫ ଗିରଫ

ପୁରୀ ଅଫିସ,୨୮।୧୦

ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ଘଟିଥିବା ହିଂସାରେ ଗିରଫଙ୍କ ସଂଖ୍ୟା ଶହେ ଅତିକ୍ରମ କରିଛି। ପୂର୍ବରୁ ପୋଲିସ ୧୦୦ ଜଣଙ୍କୁ ଗିରଫ କରିଥିବାବେଳେ ରବିବାର ଆଉ ୫ ଜଣଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ମଣିକର୍ଣ୍ଣିକା ସାହି ହଜୁରି ଲେନ୍‌ର ବାସୁଦେବ ଓରଫ୍ ପଦ୍ମନାଭ ଖୁଣ୍ଟିଆ, ମାର୍କଣ୍ଡପ ସାହିର ସଞ୍ଜୟ କୁମାର ଗୌଡ଼, ଜଗା ଓରଫ୍ ଅଜୟ ସାହୁ, ବାସେଳି ସାହିର କାହ୍ନା ଓରଫ୍ ସନ୍ତୋଷ ପାତ୍ର ଓ ପିତକୁଣ୍ଡି କଲୋନୀରେ ରହୁଥିବା ଚନ୍ଦନପୁର ଥାନା ବୀରନରସିଂହପୁରର କାଲୁ ଚରଣ ଦାଶ। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ସିଂହଦ୍ୱାର ଥାନାରେ ରୁଜୁ କେସ୍ ନଂ.୮୫/୧୮ରେ ବାସୁଦେବ ଏବଂ ଟାଉନ ଥାନା ପୋଲିସ କେସ୍ ନଂ. ୧୬୭/୧୮ରେ ସଞ୍ଜୟ, କାହ୍ନା, ଜଗା ଓ କାଳୁଚରଣଙ୍କୁ ଗିରଫ କରାଯାଇଥିଲା।ସୂଚନାଯୋଗ୍ୟ ଯେ, ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଗତ ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ୍ୟ ଏହା ହିଂସାର ରୂପ ନେଇଥିଲା।









କୌଣସି ମାନୁଷୀପ୍ରୟାସ ବା ତପସ୍ୟା ନୁହେଁ– କେବଳ ଦିବ୍ୟଜନନୀଙ୍କର ଶକ୍ତି ହିଁ ଆବରଣ ଛିନ୍ନ କରିଦେଇ ପାରେ – ଆଧାରକୁ ଗଠନ କରିପାରେ। ଏହି ତ ମିଶ୍ରା, ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତାରି ଆଣିପାରେ ସତ୍ୟ, ଜ୍ୟୋତି, ଦିବ୍ୟଜୀବନ ଓ ଅମର ଆନନ୍ଦ।

–ଶ୍ରୀଅରବିନ୍ଦ

# ଦାୟିତ୍ୱହୀନତାର ପରିଚୟ

ଭାରତ ସରକାର ୨୦୧୦ ଅକ୍ଟୋବରରେ ହାତୀକୁ ଜାତୀୟ ଐତିହ୍ୟ ପ୍ରାଣୀର ମାନ୍ୟତା ଦେଇଛନ୍ତି। ହାତୀବଂଶ ସୁରକ୍ଷିତ ରଖିବା ପାଇଁ ସରକାରୀ ଭାବେ ଏଭଳି ପଦକ୍ଷେପ ନିଆଯାଇଥିଲା। ୨୦୧୭ ହାତୀଗଣନା ଅନୁଯାୟୀ ଭାରତରେ ୨୭,୩୧୨ ହାତୀ ଅଛନ୍ତି। ଓଡ଼ିଶାରେ ଏମାନଙ୍କ ସଂଖ୍ୟା ୧,୯୭୬ ଗଣନା କରାଯାଇଥିଲେ ମଧ୍ୟ କ୍ରମାଗତ ବିପଦ ଏହି ପ୍ରାଣୀର ବଂଶ କମାଇବାରେ ଲାଗିଛି। ୨୦୧୮ ଅକ୍ଟୋବର ୨୭ରେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ଗ୍ରାମ ନିକଟରେ ବିଦ୍ୟୁତ୍ ଆଘାତରେ ଏକାଥରକେ ୭ ହାତୀଙ୍କ ମୃତ୍ୟୁ ଘଟିବା ଏବେ ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଭୂମିଠାରୁ ମାତ୍ର ୫ ଫୁଟ୍ ଉଚ୍ଚତାରେ ଓହଳିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏହି ହାତୀଙ୍କ ମୃତ୍ୟୁ ଘଟିଛି। ଇଣ୍ଡିଆ ଇଲେକ୍ଟ୍ରିସିଟି ରୁଲ୍ସ–୧୯୫୬ର ଧାରା ୭୭ ଏବଂ ୮୦ ଅନୁଯାୟୀ, ହାତୀ ଚଳପ୍ରଚଳ ଅଞ୍ଚଳରେ ବିଦ୍ୟୁତ୍ ତାରର ଉଚ୍ଚତା ୧୭ ଫୁଟ୍ ହେବା କଥା। ଏବେ ସମ୍ପୃକ୍ତ ଅଞ୍ଚଳ ଦାୟିତ୍ୱରେ ଥିବା ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରିଛି। ଏହାର କର୍ତ୍ତୃପକ୍ଷ କହୁଛନ୍ତି ଯେ, ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ତାର ଓହଳି ପଡ଼ିଥିଲା ସେ ବିଷୟରେ ବନ ବିଭାଗ ପୂର୍ବରୁ ଜଣାଇ ନ ଥିଲା। ଅନ୍ୟପକ୍ଷରେ ବନ ବିଭାଗ ଏ ବିଷୟ ସେସୁକୁ ପୂର୍ବରୁ ଜଣାଇଥିଲା ବୋଲି କହିଛି। ଏପରିକି ସମ୍ପୃକ୍ତ ଅଞ୍ଚଳରେ ହାତୀ ଚଲାବୁଲା କରୁଥିବାରୁ ସେମାନଙ୍କ ସୁରକ୍ଷା ଲାଗି ତାରଗୁଡ଼ିକୁ କେବୁଲ କରାଯିବା ସହ ଅନ୍ୟାନ୍ୟ ନିରାପତ୍ତା ବ୍ୟବସ୍ଥା କରିବାକୁ ୨୭ କୋଟି ଟଙ୍କା ଦିଆଯାଇଥିବା କଥା ବନ ବିଭାଗ କହିଛି। ଏଠାରେ ପ୍ରଶ୍ନ ଉଠେ, ଯଦି ଜଙ୍ଗଲ ବିଭାଗ ଏଭଳି ବିପଦର ସଂକେତ ପାଇଥିଲା, ତେବେ କେବଳ ଚିଠିଟିଏ ପଠାଇ ଚୁପ୍ ରହିଗଲା କାହିଁକି। ସରକାରଙ୍କ ଶକ୍ତି ଓ ଜଙ୍ଗଲ ବିଭାଗ ପରସ୍ପରର ଅପାରଗତା ଲୁଚାଇବାକୁ ଯାଇ ଯେଉଁଭଳି ଦୋଷ ଲଦାଲଦି ହେଉଛନ୍ତି, ତାହାକୁ ଦେଖି ବୁଝି ହେଉଛି ହାତୀଙ୍କ ସୁରକ୍ଷା ପାଇଁ କାହାରି ଦରଦ ନାହିଁ। ଅମଲାତନ୍ତ୍ରର ଘୋର ବିଫଳତା ଓ କାର୍ଯ୍ୟ ପ୍ରତି ଉଦାସୀନତାର ଏହା ଆହୁରି ଏକ ପ୍ରମାଣ।

ଭାରତୀୟ ରେଳପଥ ପକ୍ଷରୁ କମଳାଙ୍ଗ ଅଞ୍ଚଳରେ ଏକ ପୋଲ ନିର୍ମାଣ ଲାଗି ଘରୋଇ କମ୍ପାନୀକୁ ଦାୟିତ୍ୱ ଦିଆଯାଇଥିଲା। ସେଥିପାଇଁ ସେସୁ ସମ୍ପୃକ୍ତ କମ୍ପାନୀକୁ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ଦେଇଥିଲା। କାମ ଶେଷ ହେବା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ସେହି ଅଞ୍ଚଳ ପ୍ରତି ଦୃଷ୍ଟି ଦେଇ ନ ଥିଲେ। ଆରମ୍ଭରେ ତାର ସଂଯୋଗ କରାଯାଇଥିବା ବେଳେ ଏହାର ଉଚ୍ଚତା ପ୍ରତି ନଜର ଦିଆଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଏହି ହାଇଟେନ୍‌ଶନ ତାରକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଥିବା ବେଳେ ମଧ୍ୟ କେହି ତାହାର ତଦାରଖ କରି ନ ଥିଲେ। ଫଳରେ ତାର ଭୂମିଠାରୁ ମାତ୍ର ୫ ଫୁଟ୍ ଉଚ୍ଚତାରେ ଦୀର୍ଘଦିନ ଧରି ଓହଳି ରହିଥିଲା। ସେସୁ ସବୁ ପ୍ରକାର ନିୟମକୁ ଜଳାଞ୍ଜଳି ଦେଇଥିବା ଏହି ଦୁର୍ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ବହୁଦିନ ଧରି ବିଦ୍ୟୁତ୍ ତାର ବିପଜ୍ଜନକ ଅବସ୍ଥାରେ ଓହଳି ରହୁଥିବା ଦେଖାଯାଉଛି। ଏହା ଯେକୌଣସି ସମୟରେ ବଡ଼ ଦୁର୍ଘଟଣାକୁ ଡାକି ଆଣିପାରେ। ବନ ବିଭାଗର ସୂଚନା ମିଳିଥିଲେ ହାତୀ ମୃତ୍ୟୁ ଘଟିଥିବା ଅଞ୍ଚଳକୁ ଯାଇ ପରିସ୍ଥିତି ନିରେଖି ଥାଆନ୍ତେ ବୋଲି ସେସୁ ପକ୍ଷରୁ କୁହାଯାଉଛି। ଏପଟେ ରେଳପଥ ପାଇଁ ପୋଲ ନିର୍ମାଣ କରୁଥିବା ଘରୋଇ ସଂସ୍ଥା ତା'ର କାର୍ଯ୍ୟ ଶେଷ ପରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଲାଗି ସେସୁକୁ ଖବର ଦେଇ ନ ଥିଲା। ଏପରିକି ଭାରତୀୟ ରେଳପଥ ମଧ୍ୟ ପୋଲ ନିର୍ମାଣ ଘରୋଇ ସଂସ୍ଥାକୁ ଦେଇ ନିଜ ଦାୟିତ୍ୱରୁ ଖସିଯାଇଥିଲା। ଏଭଳି ବ୍ୟବହାର ଭାରତୀୟ ବ୍ୟବସ୍ଥାର ଗତାନୁଗତିକ ଚରିତ୍ର।

ଜଙ୍ଗଲ ଓ ପରିବେଶ ବିଭାଗ ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଉ ନ ଥିବାରୁ ଅନେକ ସମୟରେ ଶିକାରୀଙ୍କ ଉପଦ୍ରବ ବଢୁଛି। ଦେଖାଯାଉଛି ଜଙ୍ଗଲ ଜଗୁଥିବା କର୍ମଚାରୀଙ୍କୁ ଆବଶ୍ୟକ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଉ ନାହିଁ। ଅଧିକାଂଶ ସ୍ଥାନରେ ଅନଭିଜ୍ଞ ଓ ବୟସ୍କ ବ୍ୟକ୍ତି ବନରକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। କେବଳ ସେତିକି ନୁହେଁ, ବନ ବିଭାଗ କର୍ମଚାରୀ ଓ ଅସାଧୁ ବ୍ୟକ୍ତିଙ୍କ ମଧ୍ୟରେ ବୁଝାମଣା ସମସ୍ତଙ୍କୁ ଜଣା। ତେବେ ଯେଉଁଠି ଯେତେବେଳେ ଦୁର୍ଘଟଣା ବା ଅସ୍ୱାଭାବିକ ପରିସ୍ଥିତି ଉପୁଜୁଛି ସେତେବେଳେ ଏହି ବିଭାଗର ବରିଷ୍ଠ ଅଧିକାରୀମାନେ ମତାମତ ରଖି ନିଜ କାର୍ଯ୍ୟ ଶେଷ କରୁଛନ୍ତି। ବନ ବିଭାଗର ଅପାରଗତା ବାଘୁଣୀ 'ସୁନ୍ଦରୀ' ଘଟଣାରୁ ମଧ୍ୟ ସ୍ପଷ୍ଟ ବୁଝାପଡ଼ିଛି।

ଢେଙ୍କାନାଳରେ ୭ ହାତୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସେସୁର କନିଷ୍ଠ ଯନ୍ତ୍ରୀଙ୍କୁ ବହିଷ୍କାର କରାଯାଇଛି। ଏଥିସହିତ ସେସୁର ୩ ଜଣ ଅଧିକାରୀ ଓ କର୍ମଚାରୀ ଏବଂ ଜଙ୍ଗଲ ବିଭାଗର ୩ ଜଣଙ୍କୁ ନିଲମ୍ବିତ କରାଯାଇଛି। କୌତୂହଳର ବିଷୟ ହେଉଛି ସେସୁର ଜଣେ ଅଧୀକ୍ଷଣ ଯନ୍ତ୍ରୀ, ଯାହାଙ୍କ କାର୍ଯ୍ୟ ଅଫିସ ଭିତରେ ସୀମିତ ରହେ, ତାଙ୍କୁ ନିଲମ୍ବିତ କରାଯିବା ସହିତ ନିମ୍ନ ସ୍ତରରେ ଥିବା ସହକାରୀ ଯନ୍ତ୍ରୀ ଓ ଲାଇନ୍‌ମ୍ୟାନ୍‌ଙ୍କୁ ସସ୍‌ପେଣ୍ଡ କରାଯାଇଛି। ସେହିଭଳି ବନ ବିଭାଗର ରେଞ୍ଜର, ଫରେଷ୍ଟର ଓ ଗାର୍ଡଙ୍କ ଭଳି ତଳିଆ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ବାସ୍ତବରେ ଯେଉଁମାନେ ଦାୟୀ ଓ ଜିଲା ଦାୟିତ୍ୱରେ ଅଛନ୍ତି, ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। କୁହାଯାଉଛି ଯେ କେତେକ ଅଫିସରଙ୍କ ଉପରେ ହାତ ଥିବାରୁ ସେମାନଙ୍କୁ ଏହି ଦଣ୍ଡରୁ ବାଦ୍ ପକାଇ ଦିଆଯାଇଛି। ଏହାଫଳରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ସନ୍ଦେହ କରାଯାଇପାରେ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାତୀ ମୃତ୍ୟୁର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦେଖିବାକୁ ଗଲେ ଜନସାଧାରଣଙ୍କ ଅସନ୍ତୋଷକୁ ପ୍ରଶମିତ କରିବା ସକାଶେ ସରକାରୀ ନିୟମ ଅନୁଯାୟୀ କେତେ ଜଣ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କିନ୍ତୁ ପରିସ୍ଥିତିର ଗମ୍ଭୀରତା ଦେଖିଲେ ଏତେ ବଡ଼ ପ୍ରାଣୀଙ୍କ ଜୀବନ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ହୋଇଥିବାରୁ ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ କଡ଼ା ଦଣ୍ଡରେ ଦଣ୍ଡିତ କରାଯିବା ଦରକାର। ତାହା ହେଲେ ଅନ୍ୟ ସ୍ଥାନଗୁଡ଼ିକରେ ଉଚିତ ସୁରକ୍ଷା ପଦକ୍ଷେପ ନେବା ପାଇଁ ଏହିଭଳି ସରକାରୀ କର୍ମଚାରୀମାନେ ଦାୟିତ୍ୱବାନ୍ ହେବେ।

# ଅକ୍ଟୋବରରେ ବାତ୍ୟା ଭୟ



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ଅକ୍ଟୋବର ମାସ ଆସିଲେ ଉପକୂଳବାସୀଙ୍କ ମନରେ ଯେଉଁ କୋକୁଆଭୟ ସଞ୍ଚରିତ ହୁଏ, ସେ ଭୟର କାରଣ ହେଲା ସାମୁଦ୍ରିକ ଝଡ ବା ବାତ୍ୟା। ଧାନଚାଷର ଆର୍ଥିକ ମେରୁଦଣ୍ଡ ଉପରେ ଦଣ୍ଡାୟମାନ ଚାଷୀର ଅଣ୍ଟା ଭାଙ୍ଗିଦିଏ ଏ ବାତ୍ୟା। ଖରିଫ ଚାଷର ଲଘୁଧାନ ପାଚି ଆସେ ଅକ୍ଟୋବରରେ ଓ ସେ ସମୟରେ ଅନ୍ୟ ଧାନରେ କେଣ୍ଡା ବାହାରି, ଧାନ ହାଟ କରୁଥାଏ ବୋଲି ଚାଷୀ କୁହନ୍ତି। ସେ ସମୟରେ ବାତ୍ୟା ଧାନ କେଣ୍ଡାକୁ ଝାଡିଦେଲେ ଚାଷୀ ଉପାୟଶୂନ୍ୟ ହୋଇ ମୁଣ୍ଡରେ ହାତଦିଏ। ଉପକୂଳବାସୀଙ୍କ ବଡ ଭୟ ଥାଏ ଦୀପାବଳି ବା ପିମ୍ପେଇ ଅମାବାସ୍ୟାକୁ। ଯଦି କୌଣସି ଚାଷୀଙ୍କୁ ତାଙ୍କ ଫସଲ କିପରି ହୋଇଛି ବୋଲି ପଚରାଯାଏ, ସେ ସଙ୍ଗେ ସଙ୍ଗେ କହେ, ପିମ୍ପେଇ ଅମାବାସ୍ୟା ଘାଟି ପରା ପାର ହୋଇନି। ପୂର୍ବକାଳରେ ଧାନ ସେ ସନ(ବର୍ଷ) ଅମଳ କିପରି ହେବ ବୋଲି ଚାଷୀ ଜ୍ୟୋତିଷ ପଣ୍ଡିତ ଓ ପୁରୋହିତଙ୍କୁ ପଚାରନ୍ତି। ସେମାନେ ପାଞ୍ଜି ଦେଖି ଗଣନା କରି କହନ୍ତି ସେ ସନ 'କେଲୁଣି ହାତରେ ଅଡ଼ା' (ଭଲ ଉତ୍ପାଦନ) ନା 'ବ୍ରାହ୍ମଣୀ ହାତରେ ଅଡ଼ା' (କମ୍ ଉତ୍ପାଦନ) ହେବ। ଏବେ ଦେଶ ଓ ରାଜ୍ୟର ପାଣିପାଗ ବିଭାଗ ଓ କୃଷି ବିଭାଗ, ବର୍ଷା ଓ ବାତ୍ୟା ସମ୍ଭାବନାର ପୂର୍ବାନୁମାନ କରି ସୂଚାଇ ଦିଅନ୍ତି ସେ ବର୍ଷ ଭଲ ଫସଲ ଅମଳ ହେବ ନା ଅମଳ କମିଯିବ। ଆମ ରାଜ୍ୟ ଅଧିକ ବାତ୍ୟାପ୍ରବଣ। ଅତୀତରେ ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଅଧିକ ଥର ବାତ୍ୟା ହୋଇଛି। ୧୮୯୧ରୁ ୨୦୦୦–୧୦୯ ବର୍ଷରେ ରାଜ୍ୟରେ ୯୮ ଥର ବାତ୍ୟା ହୋଇଛି, ଅର୍ଥାତ୍ ବର୍ଷକୁ ହାରାହାରି ଗୋଟିଏ। ଏବେ ଆଲୋଚନା କରିବା ବାତ୍ୟା ଉତ୍ପନ୍ନ ହୁଏ କିପରି।


ସମୁଦ୍ର ଉପରିସ୍ଥ ଜଳର ଉତ୍ତାପ ବଢିଲେ ସମୁଦ୍ର ଅଶାନ୍ତ ହୁଏ। ସମୁଦ୍ର ବକ୍ଷ ଆନ୍ଦୋଳିତ ହୋଇ ବାତ୍ୟା ସୃଷ୍ଟି ହୁଏ। ଜଳରେ ଅମ୍ଳଜାନ ଦ୍ରବୀଭୂତ ହୋଇ ଥିବାରୁ ସେଥିରେ ମାଛ, କଙ୍କଡ଼ା, ଅନ୍ୟ ଜୀବ ଓ ଜଳଜ ଉଦ୍ଭିଦ ବଞ୍ଚି ରହନ୍ତି। ସାଧାରଣତଃ ଏକ ଲିଟର ଜଳରେ ପାଖାପାଖି ୮ ମିଲିଗ୍ରାମ୍ ଅମ୍ଳଜାନ ଦ୍ରବୀଭୂତ ହୋଇଥାଏ। ସମୁଦ୍ର ଉପରିସ୍ଥ ଜଳର ଉତ୍ତାପ ବଢିଲେ ଦ୍ରବୀଭୂତ ଅମ୍ଳଜାନର ଭାଗ କମିଯାଏ। ଏ ଭାଗ ୨ ପ୍ରତିଶତ କମିଲେ ବାତ୍ୟା ସୃଷ୍ଟି ହୁଏ। ସମୁଦ୍ର ଉପରିସ୍ଥ ବାୟୁ ସୂର୍ଯ୍ୟରଶ୍ମିରେ ଉତ୍ତପ୍ତ ହେଲେ ତାହା ଜଳକଣା ଧରି ଊର୍ଦ୍ଧ୍ୱକୁ ଉଠେ। ବାୟୁର ସେ ଜାଗା ପୂରଣ କରିବାକୁ ଆଖପାଖ ଶୀତଳ ବାୟୁ ସେଠାକୁ ପ୍ରବାହିତ ହୁଏ। ବାୟୁ ଯେତେ ଅଧିକ ଉତ୍ତପ୍ତ ହେବ, ଏ ପ୍ରକ୍ରିୟା ସେତେ ତ୍ୱରାନ୍ୱିତ ହେବ ଓ ଜଳୀୟ ବାଷ୍ପର ଘନତ୍ୱ ସେତେ ବୃଦ୍ଧି ପାଇବ। ପୃଥିବୀର ଘୂର୍ଣ୍ଣନ ପ୍ରକ୍ରିୟା ଯୋଗୁ ଏ ଊର୍ଦ୍ଧ୍ୱଗାମୀ ଜଳୀୟ ବାଷ୍ପ ଗତିଶୀଳ ହୋଇ ଝଡ଼ ସୃଷ୍ଟି କରେ। ଏ ଝଡ଼ର ବେଗ ନିର୍ଭର କରେ ସମୁଦ୍ର ଜଳର ଉତ୍ତାପ ଓ ସ୍ଥଳଭାଗ ଉତ୍ତାପର ତାରତମ୍ୟ ଉପରେ। ଗ୍ରୀଷ୍ମମଣ୍ଡଳୀୟ ସମୁଦ୍ର ଭାରତ ମହାସାଗର ଓ ପ୍ରଶାନ୍ତ ମହାସାଗରର ଜଳ ସୂର୍ଯ୍ୟଙ୍କ ରଶ୍ମିରେ ଅଧିକ ଉତ୍ତପ୍ତ ହୁଏ। ଆରବ ସାଗର ତୁଳନାରେ ବଙ୍ଗୋପସାଗର ଜଳ ଅଧିକ ଉତ୍ତପ୍ତ ହୁଏ। ଫଳରେ ଆମ ପୂର୍ବ ଉପକୂଳ ଅଧିକ ବାତ୍ୟାପ୍ରବଣ। ଯେତେବେଳେ ଜଳ ଉପରିସ୍ଥ ଉତ୍ତାପ ପାଖାପାଖି ୨୯ ଡିଗ୍ରୀ ଓ ୧୫୦ ଫୁଟ ତଳେ ଜଳର ଉତ୍ତାପ ୨୬ ଡିଗ୍ରୀ ସେଲ୍‌ସିୟସ ଛୁଏଁ ସେତେବେଳେ ସମୁଦ୍ରବକ୍ଷରେ ବଡ଼ ବାତ୍ୟା ଉତ୍ପନ୍ନ ହୁଏ ବୋଲି କୁହାଯାଉଛି।

ଏବେ ଆଲୋଚନା କରିବା ଅକ୍ଟୋବର ମାସରେ ବାତ୍ୟାକୁ ଏତେ ଭୟ କାହିଁକି। ପୂର୍ବରୁ କୁହାଯାଇଛି ଯେ କମ୍ ଉତ୍ତପ୍ତ ସ୍ଥଳଭାଗ ଓ ଅଧିକ ଉତ୍ତପ୍ତ ଜଳଭାଗ ବାତ୍ୟା ଉତ୍ପନ୍ନର କାରଣ। ଏପରି ପରିସ୍ଥିତି ସୃଷ୍ଟି ହୁଏ ମୌସୁମୀ ପ୍ରବାହ ପରେ ପରେ, ଅକ୍ଟୋବର ଓ ପର ମାସରେ ମଧ୍ୟ। ଏ ସମୟ ବାତ୍ୟା ପାଇଁ ଅନୁକୂଳ। ୧୯୯୯ରେ ଦୁଇଟି ବାତ୍ୟା ଅକ୍ଟୋବରରେ ଆସିଥିଲା। ୨୯ ତାରିଖରେ ଘଟିଥିବା ମହାବାତ୍ୟା ପୂର୍ବରୁ ୧୮ ତାରିଖରେ ଗଞ୍ଜାମ ଉପକୂଳରେ ବାତ୍ୟା ଦେଖା ଦେଇଥିଲା। ମହାବାତ୍ୟାରେ ୧୦ ହଜାର ପର୍ଯ୍ୟନ୍ତ ଲୋକ ଓ ଅଜସ୍ର ଗୃହପାଳିତ ପ୍ରାଣୀଙ୍କର ମୃତ୍ୟୁ ଘଟିଥିଲା। ସମୁଦ୍ରରୁ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ତରଙ୍ଗ ଉପକୂଳ ଅଞ୍ଚଳକୁ ମାଡି ଆସିଥିଲା। ଜାତିସଂଘ ଇତିହାସ କହେ, ଏ ମହାବାତ୍ୟା ସେ ସମୟରେ ବିଶ୍ୱରଏକ ବଡ ବିପର୍ଯ୍ୟୟ ଥିଲା। ୨୦୧୩ ଅକ୍ଟୋବର ୧୨ରେ ଗଞ୍ଜାମ, ଗଜପତି ଜିଲାରେ ଆତଙ୍କ ଖେଳାଇ ଦେଇଥିଲା ବାତ୍ୟା ଫାଇଲିନ। ଫାଇଲିନ ବାତ୍ୟାର ବର୍ଷ ପୂର୍ତ୍ତି ପାଳନ ପାଇଁ ପରବର୍ଷ (୨୦୧୪) ଅକ୍ଟୋବରର ସେହି ୧୨ ତାରିଖରେ ମାଡିଆସିଥିଲା ବାତ୍ୟା ହୁଦ୍‌ହୁଦ୍। ତା'ର ଆଗମନ ପ୍ରଚାର ହେବା ସଙ୍ଗେ ସଙ୍ଗେ ଲୋକମାନେ ଭୟରେ ଘରଦ୍ୱାର ଛାଡି ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିଲେ। ଏ ବଡ଼ ବାତ୍ୟା ସାଙ୍ଗକୁ ଅନେକ ଛୋଟ ବାତ୍ୟା ସେ ସମୟରେ ଉତ୍ପନ୍ନ ହୋଇଥିଲା ଅକ୍ଟୋବର ମାସରେ। ସେସବୁ ସ୍ଥଳଭାଗ ଛୁଇଁବା ଆଗରୁ ସମୁଦ୍ରରେ ଲୀନ ହୋଇଯାଇଥିଲା ଅଥବା ଅନ୍ୟ ଦେଶଆଡେ ମାଡିଯାଇଥିଲା। ଅକ୍ଟୋବର ପୂର୍ବରୁ ଓ ପରେ କେତେକ ବାତ୍ୟା ହୋଇଥିଲେ ମଧ୍ୟ ସେ ସବୁ ଧାନ ଉତ୍ପାଦନରେ ବିଶେଷ କ୍ଷତି ଘଟାଇ ନ ଥିଲେ। ଚଳିତବର୍ଷ ସେପ୍ଟେମ୍ବର ୨୧ରେ ସାମୁଦ୍ରିକ ଝଡ 'ଡାଏ' ଖୋର୍ଦ୍ଧା ଓ ଗଜପତି ଜିଲାରେ କିଛି ଘର ଓ ବୃକ୍ଷ ଭାଙ୍ଗିବା ବ୍ୟତୀତ ଧାନଚାଷର କ୍ଷତି କରି ନ ଥିଲା। ତା'ପରେ ଅକ୍ଟୋବର ୧୦ ଓ ୧୧ରେ ଆସିଲା ବାତ୍ୟା ତିତ୍‌ଲି। ଏଥିରେ ରାଜ୍ୟର ବହୁ ଲୋକଙ୍କର ମୃତ୍ୟୁ ହେବା ସହ ବ୍ୟାପକ କ୍ଷୟକ୍ଷତି ଘଟିଛି।

ଏଠି ମନରେ ପ୍ରଶ୍ନ ଆସେ ଏ ବାତ୍ୟା ଉପରେ ଲଗାମ ଦେଇ ହେବ ନା ନାହିଁ! କିନ୍ତୁ ପ୍ରାକୃତିକ ପ୍ରକ୍ରିୟା ସାଙ୍ଗକୁ ମନୁଷ୍ୟ ଦ୍ୱାରା କରାଯାଉଥିବା ପରିବେଶ ଅବକ୍ଷୟ ବାତ୍ୟା ସୃଷ୍ଟି କରୁଛି। ପ୍ରାକୃତିକ ପ୍ରକ୍ରିୟାଗୁଡିକ ହେଲା ପୃଥିବୀର ଘୂର୍ଣ୍ଣନ, ସାମୁଦ୍ରିକ ସ୍ରୋତ ଏଲ୍‌ନିନୋ ଓ ସୂର୍ଯ୍ୟରଶ୍ମି ଦ୍ୱାରା ପୃଥିବୀର ବିଭିନ୍ନ ଅଞ୍ଚଳରେ ତାପମାନରେ ତାରତମ୍ୟ। ବିଷୁବମଣ୍ଡଳୀୟ ଅଞ୍ଚଳରେ ତାପମାନ ୫୦ ଡିଗ୍ରୀ ସେଲ୍‌ସିୟସ ବେଳେ ମେରୁ ଅଞ୍ଚଳରେ ତାପମାନ ଶୂନ୍ୟ ବା ବିଯୁକ୍ତ ଡିଗ୍ରୀ। ଘନଘନ ଝଡବାତ୍ୟା ସୃଷ୍ଟିର ପ୍ରମୁଖ କାରଣ ହେଲା, ମନୁଷ୍ୟକୃତ ବାୟୁମଣ୍ଡଳୀୟ ଉତ୍ତାପ ବୃଦ୍ଧି। ଉତ୍ତାପ ବୃଦ୍ଧି କରୁଥିବା ଗ୍ୟାସ ହେଲା ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ ଅକ୍ସାଇଡ ଇତ୍ୟାଦି। ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗ ତଥ୍ୟରୁ ଜଣାଯାଇଛି ଯେ, ୧୯୭୦–୭୧ ମସିହା ବେଳକୁ ହିମାଚଳପ୍ରଦେଶର ସର୍ବୋଚ୍ଚ ତାପମାତ୍ରା ୨୮.୫ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ୨୦୧୪–୧୫ ମସିହାରେ ଏହା ୩୩.୭ ଡିଗ୍ରୀ ସେଲ୍‌ସିୟସକୁ ବୃଦ୍ଧି ପାଇଥିଲା। ୨୦୦୧ରେ ସିମଲାର ସର୍ବୋଚ୍ଚ ତାପମାତ୍ରା ୨୨.୮ ଡିଗ୍ରୀ ଥିଲାବେଳେ ୨୦୧୨ ଜୁନ୍‌ରେ ଏହା ୩୦ ଡିଗ୍ରୀ ସେଲ୍‌ସିୟସ ହୋଇଥିଲା। ତାପମାତ୍ରା ବୃଦ୍ଧିର ମୁଖ୍ୟ କାରଣ ହେଉଛି ବାୟୁରେ ଅଙ୍ଗାରକାମ୍ଳ ଭାଗ ବୃଦ୍ଧି। ଏକ ଅନ୍ତର୍ଦ୍ଦେଶୀୟ ସଂଗଠନ ରିପୋର୍ଟ ଅନୁସାରେ ପୃଥିବୀରୁ ବାର୍ଷିକ ମୁଣ୍ଡପିଛା ଅଙ୍ଗାରକାମ୍ଳ ନିର୍ଗମନକୁ ୨–୩ ଟନ୍‌ରେ ସୀମିତ ରଖିଲେ, ବାୟୁମଣ୍ଡଳୀୟ ଉତ୍ତାପ ବୃଦ୍ଧିରେ ଲଗାମ ଦେଇ ହୁଅନ୍ତା। କିନ୍ତୁ ନିର୍ଗମନ ହେଉଛି ମୁଣ୍ଡ ପିଛା ୪.୮ ଟନ୍ ବୋଲି ୨୦୧୫ରେ ଆକଳନ କରାଯାଇଥିଲା। ଭୁବନେଶ୍ୱରରୁ ମୁଣ୍ଡ ପିଛା ଦୈନିକ ୪ କିଲୋଗ୍ରାମ୍ ଅଙ୍ଗାରକାମ୍ଳ ନିର୍ଗମନ ହେଉଥିବାର ଖବର ୨୦୦୮ରେ ପ୍ରକାଶ ପାଇଥିଲା। ଶିଳ୍ପ ବିପ୍ଳବ ପୂର୍ବରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଭାଗ ୨୦ ନିୟୁତାଂଶ ଥିବାବେଳେ ଏହା ଏବେ ୪୦୦ ନିୟୁତାଂଶ ହେବାକୁ ଯାଉଛି। ଯାନବାହନ, ବିଜୁଳିଶକ୍ତି ଓ ଇଣ୍ଟରନେଟ୍ ବ୍ୟବହାର ବଢିବାକୁ ତାଳଦେଇ ଅଙ୍ଗାରକାମ୍ଳ ନିର୍ଗମନ ବଢି ବଢି ଚାଲିଛି। ଏସବୁର ବହୁଳ ଅପବ୍ୟବହାରରେ ଲଗାମ ଦେଲେ ଅଙ୍ଗାରକାମ୍ଳ ନିର୍ଗମନ କମାଇପାରିବା। ବାୟୁରେ ଅଙ୍ଗାରକାମ୍ଳ ଭାଗ କମାଇବାର ସହଜ ଉପାୟ ହେଲା ବ୍ୟାପକ ବୃକ୍ଷରୋପଣ। ଏସବୁ ପ୍ରତି ଆମର ନିଘା ରହିଲେ ଘନ ଘନ ବାତ୍ୟା ଉତ୍ପନ୍ନରେ କିଛିଟା ଲଗାମ ଦେଇପାରିବା।

କୋଟିତୀର୍ଥ, ଭୁବନେଶ୍ୱର–୨,
ମୋ–୭୦୦୮୮୪୬୨୭୨

# ମର୍ତ୍ତ୍ୟ ସୁଖ



ଅଞ୍ଜନ ଚାନ୍ଦ

ଆଚ୍ଛା, ଏଇ ଯେଉଁ କହୁଛ ମରିଯିବା ପରେ ସ୍ୱର୍ଗକୁ ଯିବ, କାହିଁକି ଯିବ ? ସ୍ୱର୍ଗକୁ ଗଲେ କ'ଣ ମଣିଷରୁ ଦେବତା ହୋଇଯିବ ? ଆଗରୁ କେବେ ଏମିତି ହୋଇଛି ? ଯଦି ହୋଇଛି ମଣିଷରୁ ଦେବତା ହୋଇଥିବା ସେମାନଙ୍କର ନାମ କ'ଣ ? ହଉ, ମନେକର ତୁମେ ସ୍ୱର୍ଗକୁ ଯାଇ ଜଣେ ଦେବତା ହେଲ, ସେଥିରୁ ଲାଭ କ'ଣ ମିଳିବ ? ପୁରାଣରୁ ଜଣାଯାଏ ସ୍ୱର୍ଗରେ ବିବିଧତା ବୋଲି କିଛି ନାହିଁ। ଆମର ଏଠି ନୀତିରୁ ରାଜନୀତି କେତେ କେତେ ଭେରାଇଟି।

ଆମେ ସକାଳେ ଉଠିଲୁ, ଖାଇଲୁ ବ୍ରେକ୍‌ଫାଷ୍ଟ। ଦି'ପହରେ ଲଞ୍ଚ। ରାତିରେ ଡିନର, ଛକରେ ଚା ପାନ। ଫୁଟ୍‌ପାଥରେ ଫାଷ୍ଟଫୁଡ୍। ବଡ ହୋଟେଲରେ ହରେକ ରକମର ଡିସ୍। ଗାଁର ଚିଙ୍ଗୁଡି ସେଠି ହୋଇଯିବ ପ୍ରନ୍। ଛତୁ ମସ୍‌ରୁମ୍।

ସ୍ୱର୍ଗରେ ଖାଇବ କ'ଣ ? ସକାଳେ ଅମୃତ। ଖରାବେଳେ ଅମୃତ। ରାତିରେ ସେଇ ଅମୃତ।

ଗୋଟେ ଖାଦ୍ୟକୁ କେତେଥର ଖାଇବ।

ଖାଇ ଖାଇ ଚିଟା ଲାଗିବ। ଶେଷରେ ଫାଣ୍ଡିଛକ ଗୁପ୍‌ଚୁପ୍ ଦୋକାନର ଖଟାପାଣିକୁ ଝୁରିହେବ।

ଆଲଣାରେ ଆମର କେତେ ରକମର ପୋଷାକ। ସ୍ତ୍ରୀମାନେ ତ ଆଲମିରାରେ ଦୋକାନ ସାଇତିଛନ୍ତି। ରାତିରେ ଶୋଇବୁ ସ୍ଲିପିଂ ଗାଉନ। ବାଥ୍‌ରୁମରେ ତଉଲିଆ, ଗାମୁଛା। ଅଫିସ, ବଜାରକୁ ପ୍ୟାଣ୍ଟ ଶାର୍ଟ। ଫଙ୍କ୍‌ଶନ ଗଲେ ସୁଟ୍ କୋଟ୍। ଲେଡିସ ଭେରାଇଟି କେତେ, ଆଲାଦିନର କୁହୁକ ଦୀପରୁ ବାହାରିଥିବା ଜିନ୍ ବି ଗଣିପାରିବ ନାହିଁ।

ଦେବତା ହେଲେ କ'ଣ ହେବ ?

ଗୋଟେ କଷ୍ଟ୍ୟୁମ୍‌ରେ ଜୀବନ ବିତିବ।

ଆଜିକାଲି ଘରେ ଘରେ ଗାଡ଼ି।

ଘରର ମୁରବି ତେଲ ଦାମ୍ ବୃଦ୍ଧି ବିରୋଧରେ ହରତାଳ କରୁଛନ୍ତି। ସ୍ତ୍ରୀ, ପୁଅ, ଝିଅମାନେ ଗୋଟେ ଲେଖାଏ ଗାଡି ଚଢ଼ି ଲଙ୍ଗ୍ ଡ୍ରାଇଭ କରୁଛନ୍ତି। ସ୍କୁଟି, ବାଇକ, କାର, ଭ୍ୟାନ୍ କେତେ କିସମର ଗାଡି।

ଦେବତାମାନଙ୍କର କ'ଣ ଅଛି ?

ଗରୁଡ, ଷଣ୍ଢ, ହାତୀ, ସିଂହ, ମୟୂର, ମୂଷା।

ତୁମେ ଗଲେ ତୁମକୁ ଗଧ କି କୁକୁରଟିଏ ମିଳିବ।

ସ୍ୱର୍ଗର ସବୁଠୁ ବଡ଼ ଦେବତା ବିଷ୍ଣୁ। ଚାରିପଟେ କେହି ନାହିଁ। ବିଶାଳ ଦରିଆ ମଝିରେ ସାପ ଶେଯରେ ଶୋଇଛନ୍ତି। ଉପରେ ଛାତ ସାପର ଫଣା। ଗୋଡ ପାଖରେ ବସିଛନ୍ତି ଲକ୍ଷ୍ମୀ। ମର୍ତ୍ତ୍ୟରେ ଥିଲେ ସ୍ୱାମୀଙ୍କୁ ଆଙ୍ଗୁଠି ଅଗରେ ନଚାଇଥାନ୍ତେ। ସେଠାରେ ଦିନରାତି ପାଦସେବା କରୁଛନ୍ତି।

ଚାରୋଟି ମୁଣ୍ଡରେ ଚାରୋଟି ପାଚିଲା ଦାଢି ଝୁଲାଇ ଗୋଟେ ପଦ୍ମଫୁଲ ଉପରେ ଦିନରାତି ବସିଛନ୍ତି ବ୍ରହ୍ମା। ଚାରି ମୁହଁରେ ଚାରିବେଦ ଅନର୍ଗଳ ଗାଉଛନ୍ତି। ପାଖରେ ସରସ୍ୱତୀ। ଚବିଶଘଣ୍ଟିଆ ଚାନେଲ ପରି ସବୁବେଳେ ବୀଣା ବଜାଉଛନ୍ତି। ଜାଣିପାରୁନାହାନ୍ତି ଯାହାଙ୍କ ପାଖରେ ବସିଛନ୍ତି ସେ ତାଙ୍କର ପିତା ନା ପତି।

ସବୁଠାରୁ ଦରିଦ୍ର ଅବସ୍ଥା ଶିବଙ୍କର। ଘରଦ୍ୱାର ନାହିଁ। ଶ୍ୱଶୁରଘରୁ କାଣିଚାଏ ନେଇ ମୁଣ୍ଡ ଗୁଞ୍ଜିଛନ୍ତି। ସ୍ତ୍ରୀ ଓ ପିଲାମାନେ କିଏ କେଉଁଠି ବୁଲୁଛନ୍ତି। ସେ ମଶାଣିକୁ ଯାଇ ଭୂତପ୍ରେତଙ୍କ ସାଙ୍ଗରେ ପାଉଁଶରେ ଗଡୁଛନ୍ତି। ପିନ୍ଧିଛନ୍ତି ବାଘଛାଲ। ବେକରେ ଗୁଡାଇଛନ୍ତି ନାଗସାପ। ମୁଣ୍ଡରେ ଜଟା। ଜହ୍ନ ଓ ଗଙ୍ଗା ସେଠି ଆଡ୍ଡା ମାରୁଛନ୍ତି। ବାହନ ବାସୁଆ ଷଣ୍ଢ। କେତେବେଳେ କେଉଁଠି ଘୂରୁଛି। ମର୍ତ୍ତ୍ୟକୁ ଆସି କାଞ୍ଜିଆହୁଦାରେ ପଶୁଛି। ତାକୁ ମୁକୁଳାଇବାକୁ ଶିବ ବିଚରା ହଟହଟା। ଗଣେଶଙ୍କ ବେକ ଉପରେ ହାତୀଛୁଆର ମୁଣ୍ଡ। ବାହନ ମୂଷା। କାର୍ତ୍ତିକ ସବୁଦିନ ସାନ ହୋଇ ରହିଛନ୍ତି। ତାଙ୍କ ପରେ ଆଉ କେହି ଦେବତା ଜନ୍ମ ହୋଇନାହାନ୍ତି।

ଦେବତାମାନେ ଅଜର ଓ ଅମର। ବୁଢ଼ା ହୁଅନ୍ତି ନାହିଁ କି ମରନ୍ତି ନାହିଁ। ଆମେ ଜନ୍ମ ହେଉ। ଶିଶୁ, କିଶୋର, ତରୁଣ, ଯୁବକ, ପ୍ରୌଢ଼, ବୃଦ୍ଧ ସବୁ ଅବସ୍ଥାକୁ ଭୋଗକରି ଶେଷରେ ମରିଯାଉ।

ମରଣ ଥିବାରୁ ତ ଜୀବନଟା ଏତେ ଆନନ୍ଦମୟ। ଅନ୍ଧାର ନ ଥିଲେ ଆଲୋକର ମହତ୍ତ୍ୱ କ'ଣ ? ଦୁଃଖ ନାହିଁ ତ ସୁଖର କିଛି ମାନେ ନାହିଁ। ନବରସ ଥିବାରୁ ଆମ ଜିହ୍ୱା ସ୍ୱାଦ ବାରୁଛି ଓ ଆମେ ଖୁସିରେ ଖାଉଛୁ। ରାତି ଅଛି। ରାତିରେ ନିଦ ଅଛି। ସେଥିପାଇଁ ସକାଳଟି ସତେଜ ଓ ସୁନ୍ଦର ଲାଗୁଛି। ମଧ୍ୟାହ୍ନର ଧୂ ଧୂ ଖରା ଅଛି ତ ଧୂମ୍ରାଭ ଗୋଧୂଳି କେତେ ଚମତ୍କାର ଲାଗୁଛି। ଗ୍ରୀଷ୍ମ ପରେ ବର୍ଷା, ଶୀତ ପରେ ବସନ୍ତ ଋତୁଚକ୍ରର ଘୂର୍ଣ୍ଣନ ପ୍ରକୃତିକୁ ରମଣୀୟ କରୁଛି।

ତେଣୁ ମୁଁ ମୋର କହିବି, ସ୍ୱର୍ଗଠାରୁ ମର୍ତ୍ତ୍ୟ ଢେର ଭଲ। ଯେତେଥର ମରିବି ଯଦି ପୁନର୍ଜନ୍ମ ଥାଏ ଏଇ ମର୍ତ୍ତ୍ୟରେ ହିଁ ଆଉଥରେ ଜନ୍ମ ନେବାକୁ ଚାହିଁବି।

କଳକୌଶଳ କରି ସରକାରୀ ଚାକିରି ଖଣ୍ଡେ ହାତେଇବି। ଦରମାଠାରୁ ବେଶି ଉପୁରି କମାଇବି। ଚାରି ଛଅଟା ଫ୍ଲାଟ୍ କିଣିବି। ଦୁଇ ଚାରିଟା କୋଠା ତୋଳିବି। ସ୍ତ୍ରୀକୁ ମାସକୁ ଥରେ ଶାଢି, ଗହଣା ଦୋକାନକୁ ବୁଲାଇନେବି। ପିଲାମାନଙ୍କୁ ଇଂରାଜୀ ସ୍କୁଲରେ ପଢ଼ାଇବି। ଟିଭି, ଫ୍ରିଜ, ଏସି, ଗାଡି, ଯେତେକ ବିଳାସ ସାମଗ୍ରୀ ଘରେ ଖଞ୍ଜିଦେବି।

ଯେଉଁମାନଙ୍କୁ ତୁମେ ସ୍ୱର୍ଗର ଦେବତା କହୁଛ ସେମାନଙ୍କୁ କେତେ ଟଙ୍କା ଦାନଦକ୍ଷିଣା ଦେଇ ମୋ ଘର ସଂସାରକୁ ଜଗିବା କାମରେ ଲଗାଇବି।

ଏବେ କୁହ, ଏତେ ସୁଖ ସୁବିଧା କେଉଁ ସ୍ୱର୍ଗରେ ଅବା ମିଳିବ ?

ଅଙ୍ଗାରଗାଡ଼ିଆ, ବାଲେଶ୍ୱର,
ମୋ–୯୪୩୭୨୯୮୬୪

## ଏଇ ଭାରତରେ

ଭାରତର ବିଭିନ୍ନ ନଗରୀର ପ୍ରାଚୀରକୁ ଚିତ୍ରକଳାରେ ସଜାଇବାରେ 'ଦିଲ୍ଲୀ ଷ୍ଟ୍ରୀଟ୍ ଆର୍ଟ' ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସିଛି। କୁମ୍ଭମେଳା ପୂର୍ବରୁ ଆଲ୍ଲାହାବାଦ୍ ନଗରୀକୁ ରଙ୍ଗିନ ଚିତ୍ରରେ ସଜେଇବା ଲାଗି ଉକ୍ତ କଳା ସଂଗଠନ ଦାୟିତ୍ୱ ବହନ କରିଛି। ଏଥିପାଇଁ ପୌରାଣିକ କଥାବସ୍ତୁ, ଆଲ୍ଲାହାବାଦ୍ ଇତିହାସ ଏବଂ କୁମ୍ଭମେଳାର ବିଭିନ୍ନ ଘଟଣାବଳୀକୁ ଚିତ୍ରରେ ପ୍ରଦର୍ଶନ କରିବା ପାଇଁ ଏହା ଉଦ୍ୟମ କରୁଛି। ଉକ୍ତ କଳାକାର ଗୋଷ୍ଠୀ ୧୯୯୦ରେ ଆଲ୍ଲାହାବାଦ୍ ନଗରୀରେ ଏକ ଆବାସିକ କମ୍ପ୍ଲେକ୍ସର ୪୦ଫୁଟ ଉଚ୍ଚତା ବିଶିଷ୍ଟ ପ୍ରାଚୀର ଉପରେ ବିଶିଷ୍ଟ ହିନ୍ଦୀ କବି ହରିବଂଶ ରାୟ ବଚ୍ଚନଙ୍କର ଛବି ଅଙ୍କନ କରିଥିଲେ। ଯାହାକୁ ତାଙ୍କ ପୁତ୍ର ଅମିତାଭ ବଚ୍ଚନ ଉଦ୍‌ଘାଟନ କରିଥିଲେ। ଏହି ନଗରୀରେ ମଦନ ମୋହନ ମାଲଭିଆ ଜନ୍ମଗ୍ରହଣ କରିଥିବାରୁ ତାଙ୍କର ଏକ ବିଶାଳ ଛବି ଅଙ୍କନ କରିବା ପାଇଁ ମଧ୍ୟ ଯୋଜନା ହୋଇଛି। ଦିଲ୍ଲୀ ଷ୍ଟ୍ରିଟ୍ ଆର୍ଟର ପ୍ରତିଷ୍ଠାତା ଯୋଗେଶ ସାଇନି କହନ୍ତି, ଦେଶ ଭିତରୁ, ବ୍ରିଟେନ୍ ଏବଂ ରୁଷିଆରୁ ୫୦ କଳାକାର ଏହି ପ୍ରକଳ୍ପ ପାଇଁ କାର୍ଯ୍ୟ କରୁଛନ୍ତି। ଚିତ୍ରକଳାର ଏହି ନିଆରା ଭାବଧାରା ଭାରତର ସବୁ ନଗରୀରେ ସ୍ଥାନ ପାଇଲେ ବିଦେଶୀ ପର୍ଯ୍ୟଟକଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରାଯାଇପାରନ୍ତା।

## ଚିରନ୍ତନୀ

ଚାଲିଛି ଏକା ବିପଥେ ପଥେ  
ଚାଲିଛି ଏକା ନ ମାନି ଖରା  
ନାହିଁରେ ସାହା ସାଥୀ,  
ବରଷା ଦିନ ରାତି।  
(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅକ୍ଟୋବର ୧୯୯୩

- ଆଲଜେରିଆରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ଲିପ୍ତଥିବା ଅଭିଯୋଗରେ ଚଳିତବର୍ଷ ୩୦୦ ବ୍ୟକ୍ତିଙ୍କୁ ଫାଶୀ ଦିଆଯାଇଛି।
- ଚାଇନା ଦକ୍ଷିଣ ଆଫ୍ରିକା ଉପରୁ ନିଜର ବାସନ୍ଦ ବ୍ୟବସ୍ଥା ପ୍ରତ୍ୟାହାର କରିନେଇଛି।

## ସାପ୍ତାହିକ ପଞ୍ଜିକା

୨୧– ତାଇୱାନର ଦକ୍ଷିଣ–ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳକୁ ଯାତ୍ରା କରୁଥିବାବେଳେ ଏକ ଏକ୍ସପ୍ରେସ୍ ଟ୍ରେନ୍ ଦୁର୍ଘଟଣା ଗ୍ରସ୍ତ ହୋଇ ୨୨ ଜଣଙ୍କ ମୃତ୍ୟୁ ଓ ୧୨୦ ଆହତ।

୨୨– ଭାରତ ଓ ଚାଇନା ମଧ୍ୟରେ ପ୍ରଥମ ସୁରକ୍ଷା ସମନ୍ୱୟ ଚୁକ୍ତି ସ୍ୱାକ୍ଷରିତ।

୨୩– ଚାଇନାର ସହର ଜୁହାଇକୁ ହଂକଂ ଓ ମାକାଉ ସହ ଯୋଡୁଥିବା ବିଶ୍ୱର ଦୀର୍ଘତମ ସମୁଦ୍ର ପୋଲ ଉଦ୍‌ଘାଟିତ। ୫୫ କିମି ଦୀର୍ଘ ଏହି ପୋଲ ନିର୍ମାଣ କରିବାକୁ ୯ ବର୍ଷ ଲାଗିଛି।

୨୪– ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ର ସିଓଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ।

୨୫– ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ ଦୁର୍ନୀତିରେ ଜଡ଼ିତ ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ହଂକଂରେ ଥିବା ୨୫୫ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ କରିଛି।

୨୬– ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ମହୀନ୍ଦ୍ରା ରାଜପାକ୍ସେ ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

* ଓଡ଼ିଆ ଭର୍ଚୁଆଲ ଏକାଡେମୀର ନୂତନ ୱେବ୍ ପୋର୍ଟାଲ ଲୋକାର୍ପିତ, ଯେଉଁଥିରେ ଡିଜିଟାଲ ରୂପରେ ଓଡ଼ିଆ ଭାଷା–ସାହିତ୍ୟର ବିଭବ ପ୍ରକାଶ ପାଇବ।

## ଆମ ସମସ୍ୟା

### ରାସ୍ତା ଖାଲଖମାରେ ପୂର୍ଣ୍ଣ

ମହାଶୟ,

ଭଦ୍ରକ ବ୍ଲକ୍ ଅଧୀନ ସାବରଙ୍ଗ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଖାଲଖମା ସୃଷ୍ଟି ହୋଇ ବର୍ଷା ପାଣି ଭରି ରହୁଛି। ଯାନବାହନ, ସାଧାରଣ ଲୋକଙ୍କ ଯିବା ଆସିବାରେ ଅସୁବିଧା ହେବା ସଙ୍ଗେସଙ୍ଗେ କାଦୁଅ ପାଣି ଲୋକଙ୍କ ଉପରେ ଛିଟିକି ପଡୁଛି। ଆଖପାଖ ତିନି ଚାରିଟି ପଞ୍ଚାୟତର ଲୋକେ ଓ ଛାତ୍ରୀଛାତ୍ର ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। ଏହା ଏକ କେନ୍ଦ୍ରସ୍ଥଳୀ ହୋଇଥିବାରୁ ହାଟ ବଜାର ନିମନ୍ତେ ଦିନକୁ ଶହ ଶହ ଲୋକ ଏଠାକୁ ଆସିଥାନ୍ତି। ଏହାର ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେବାକୁ ଅନୁରୋଧ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ଡାକ ବିଭାଗରେ ଅବ୍ୟବସ୍ଥା

ଯାଜପୁର ଜିଲା ମୁଖ୍ୟ କାର୍ଯ୍ୟାଳୟ ଅନ୍ତର୍ଗତ ଚଣ୍ଡିଖୋଲ ଡାକଘରେ ଦୀର୍ଘମାସ ହେବ ଲଫାପା, ପୋଷ୍ଟକାର୍ଡ, ଷ୍ଟାମ୍ପ ଆଦି କିଛି ମିଳୁନାହିଁ। ଛତିଆ ପୋଷ୍ଟ ଅଫିସରେ ଷ୍ଟାମ୍ପ ମିଳୁନାହିଁ। ଉଭୟ ସବ୍‌ପୋଷ୍ଟ ଅଫିସ ହୋଇଥିବା ବେଳେ ଉଭୟ ସ୍ଥାନ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର। ବ୍ୟବସ୍ଥାର ପରିବର୍ତ୍ତନ ଯୋଗୁ ଲଫାପା ଆଦି ଆଉ ଆସୁ ନ ଥିବାର ଚଣ୍ଡିଖୋଲ ପୋଷ୍ଟମାଷ୍ଟର କହୁଛନ୍ତି। ଡାକ ବ୍ୟବସ୍ଥାରେ ଯୋଗାଯୋଗ ପାଇଁ ଆବଶ୍ୟକ ସାମଗ୍ରୀ ଯଦି ଡାକଘରୁ ନ ମିଳିବ, ତେବେ ଡାକ ବିଭାଗ କି ପ୍ରକାର ସେବା ପ୍ରଦାନ କରୁଛି ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଗ୍ରାମାଞ୍ଚଳରେ ବିଭିନ୍ନ ପୋଷ୍ଟ ଅଫିସରେ ମଧ୍ୟ ସମାନ ସମସ୍ୟା। ଲୋକେ ଡାକଘରକୁ ଆସି ନିରାଶ ହୋଇ ଫେରୁଛନ୍ତି।

ସତୀଶ ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଯାଜପୁର

### ରାସ୍ତା ମରାମତି ନୋହିଲା

ପୁରୀ ଜିଲା ସତ୍ୟବାଦୀ ଅନ୍ତର୍ଗତ ଭାର୍ଗବୀ ନଦୀର ବାମପାର୍ଶ୍ୱରେ ଗବକୁଣ୍ଡ–ବଳଙ୍ଗା ଚନ୍ଦନପୁର ବ୍ରାଞ୍ଚ କେନାଲ ପିଚୁ ରାସ୍ତାରୁ ଚିଲପାଟଣାଠାରୁ ଗୁଆଳିଗୋରଡା ପର୍ଯ୍ୟନ୍ତ ପିଚୁ ଉଠି ଖାଲଖମାରେ ପରିପୂର୍ଣ୍ଣ ହେବା ଖବର ଅନେକଥର ପ୍ରକାଶିତ ହୋଇ ମଧ୍ୟ ରାସ୍ତା ମରାମତି ହେଲାନାହିଁ। ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା କ'ଣ ଜନପ୍ରତିନିଧି, ପ୍ରଶାସକଙ୍କୁ ମାଲୁମ ହେଉନାହିଁ ?

ଶ୍ରୀରାମଚନ୍ଦ୍ର ଦାଶ, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | C | 3 | | 0 | 6 | 8 | | | | | | | | |
| | 1 | | E | | 5 | 6 | | | | 9 | | | | |
| | | 6 | | | 8 | 7 | B | E | | | | A | 3 | |
| | 7 | 8 | | 2 | 3 | | | 4 | | | B | C | | |
| | | | | | | | | | | | 8 | | 4 | 2 |
| | D | | | | | 5 | | C | | | | | 9 | |
| 5 | | | | | | | | 0 | 4 | | | | | |
| | 3 | | | | | | | | | | C | | 0 | E |
| | 2 | 9 | | 4 | 1 | | | D | | | | | 7 | 3 |
| | B | | 0 | | | E | 7 | | 8 | | | | D | 1 |
| | | | | 6 | | 4 | 9 | 1 | | | | | | 7 |
| | | | | 1 | | 2 | 8 | | | | | D | A | |
| | 6 | 4 | 3 | | 7 | | C | | | | 2 | | | |
| | E | 2 | | 9 | | | 3 | | D | | | | | C |
| 9 | | | 8 | C | D | | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 2 | 5 | 8 | C | 6 | 4 | B | D | 1 | 3 | 0 | A | 9 | 7 |
| D | B | 9 | 3 | 2 | E | C | 8 | 7 | 6 | A | 5 | 1 | 0 | 4 |
| 8 | 0 | 1 | 4 | 7 | 9 | 3 | A | 6 | B | 2 | E | C | D | 5 |
| A | 3 | C | 0 | 1 | 5 | E | 9 | 2 | 4 | D | 7 | 8 | B | 6 |
| 6 | 7 | 4 | D | B | A | 5 | 0 | 1 | 8 | 9 | C | E | 2 | 3 |
| 1 | E | 8 | 5 | 6 | 4 | 9 | 7 | A | D | B | 2 | 3 | C | 0 |
| C | 9 | 6 | B | A | 3 | 0 | 2 | 4 | 7 | 5 | 8 | D | 1 | E |
| 7 | D | 0 | C | 9 | 2 | 8 | 3 | 5 | A | E | 1 | 6 | 4 | B |
| 3 | A | B | 7 | E | 0 | 1 | D | C | 9 | 6 | 4 | 2 | 5 | 8 |
| 5 | 4 | 2 | 1 | D | 8 | B | 6 | E | C | 0 | 3 | 7 | A | 9 |
| 2 | 6 | A | 9 | 4 | B | 7 | E | 3 | 0 | C | D | 5 | 8 | 1 |
| 0 | 1 | D | 2 | 3 | 7 | 6 | C | 8 | 5 | 4 | B | 9 | E | A |
| B | C | E | 6 | 0 | 1 | D | 5 | 9 | 3 | 8 | A | 4 | 7 | 2 |
| 9 | 5 | 7 | E | 8 | D | A | 4 | B | 2 | 1 | 6 | 0 | 3 | C |
| 4 | 8 | 3 | A | 5 | C | 2 | 1 | 0 | E | 7 | 9 | B | 6 | D |

ଗତକାଲିର ଉତ୍ତର




## ସଂକ୍ଷେପରେ

### ତିତ୍‌ଲି ବିପନ୍ନଙ୍କୁ ରିଲିଫ୍ ଯୋଗାଣ

ପାରଳାଖେମୁଣ୍ଡି, ୨୮।୧୦ (ସ୍ୱ.ପ୍ର.): ଗଜପତି ଜିଲା ସିପିଆଇ(ଏମ୍) ଏବଂ ସମାଜବାଦୀ ଦଳ ପକ୍ଷରୁ ମିଳିତ ଭାବେ ତିତ୍‌ଲି ବାତ୍ୟା କ୍ଷତିଗ୍ରସ୍ତ ପରିବାରକୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି । ଜିଲାର ମୋହନା ଓ ଆର୍.ଉଦୟଗିରି ଅଞ୍ଚଳକୁ ଏହି ଦୁଇଦଳର ବରିଷ୍ଠନେତା ଓ କର୍ମୀମାନେ ପହଞ୍ଚି କ୍ଷତିଗସ୍ତ ପରିବାରଙ୍କ ସହ ଭେଟି ଆଲୋଚନା କରିବା ସହ ସେମାନଙ୍କୁ ରିଲିଫ୍ ସାମଗ୍ରୀ ପ୍ରଦାନ କରିଛନ୍ତି । ପ୍ରତ୍ୟେକ ପରିବାରକୁ ଗୋଟିଏ କମଳ, ଶାଢ଼ୀ ଏବଂ ଲୁଙ୍ଗି ପ୍ରଦାନ କରାଯାଇଛି। ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ବରିଷ୍ଠ ନେତା ଜଗନ୍ନାଥ ମିଶ୍ର , ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ପାଣିଗ୍ରାହୀ, ସମାଜବାଦୀ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଭାରତ ଗଣତାନ୍ତ୍ରିକ ଯୁବ ଫେଡେରେସନ୍ ରାଜ୍ୟ ସମ୍ପାଦକ ଜତିନ୍ ମହାନ୍ତି, ସିପିଆଇ(ଏମ୍) ଜିଲା ସମ୍ପାଦକ ଦଣ୍ଡପାଣି ରଇତ, ମାନସ ଜେନା, ଡାନିଆଲ ମଣ୍ଡଳ ପ୍ରମୁଖ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

### ୭୮୦ କ୍ଷତିଗ୍ରସ୍ତ ପରିବାରଙ୍କୁ ରିଲିଫ୍ ବଣ୍ଟନ

ରାୟଗଡ଼(ଗଜପତି), ୨୮।୧୦(ଡି.ଏନ୍.ଏ.): ଗଜପତି ଜିଲା ରାୟଗଡ଼ ବ୍ଲକ୍ ତିତ୍‌ଲି ପ୍ରଭାବରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଗଙ୍ଗାବାଡ଼ ଓ କେଖଣ୍ଡୀ ପଞ୍ଚାୟତରେ ରିଲେସ ପକ୍ଷରୁ ରିଲିଫ୍ ବଣ୍ଟନ କରାଯାଇଛି। ସଂସ୍ଥା ନିର୍ଦ୍ଦେଶକ ନେନାଜୀ ଦାସଙ୍କ ଅଧକ୍ଷତାରେ ଗଙ୍ଗାବାଡ଼ ପଞ୍ଚାୟତରେ ୩୭୦ ପରିବାର ଓ କେଖଣ୍ଡୀ ପଞ୍ଚାୟତରେ ୪୧୦ ପରିବାରକୁ ଲୁଗା, ଗାମୁଛା, ଲୁଙ୍ଗି, ଟାୱାଲ, ଚାଉଳ, ଖାଇବା ତେଲ, ଆଳୁ , ପିଆଜ, ଦେହଲଗା ସାବୁନ ଯୋଗାଇ ଦିଆଯାଇଛି। ସଂସ୍ଥା ସଂଯୋଜକ ଲକ୍ଷ୍ମୀ, ମହେଶ୍ୱର ନାୟକ, ସିଏଚ୍ ଭେଙ୍କଟ ନରସିମାରେଡ୍ଡି, ଗୁରୁନାଥ ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ।

### ଜିଲାସ୍ତରୀୟ ଯୁବ ମହୋତ୍ସବ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି,୨୮।୧୦(ସ୍ୱ.ପ୍ର.): ପାରଳାଖେମୁଣ୍ଡିସ୍ଥିତ ଜିଲା କ୍ରୀଡ଼ା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଚଳିତବର୍ଷ ହେବାକୁଥିବା ଜିଲାସ୍ତରୀୟ ଯୁବ ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲା କ୍ରୀଡ଼ାଧିକାରୀ ପ୍ରଭାକର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ପ୍ରସ୍ତୁତି ବୈଠକରେ ଯୁବ ମହୋତ୍ସବ ରୂପରେଖ ସ୍ଥିର ହୋଇଛି। ଏହି ମହୋତ୍ସବ ଆସନ୍ତା ନଭେମ୍ବର ମାସ ୧୦ ତାରିଖରେ ଅନୁଷ୍ଠିତ ହେବ । ମହୋତ୍ସବରେ ଲୋକନୃତ୍ୟ, ଲୋକସଙ୍ଗୀତ, କଣ୍ଠ ସଙ୍ଗୀତ ଏକକ ଅଭିନୟ, ଓଡ଼ିଶୀ, ଭାରତ ନାଟ୍ୟମ୍,କୁଚୁପୁଡ଼ି ନୃତ୍ୟ ଏବଂ ବାଦ୍ୟ ଯନ୍ତ୍ରରେ ତବଲା, ବୀଣା, ହାରମୋନିୟମ, ମୃଦଙ୍ଗମ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ବୈଠକରେ ଜିଲା ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ, ଗୁରୁ ରଘୁନାଥ ପାତ୍ର, ସଂଯୁକ୍ତା ପାତ୍ର ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।




■ ଡିବିଟି ମାଧମରେ କ୍ଷତିପୂରଣ

# ତଥ୍ୟ ସଂଗ୍ରହରେ ଅନିୟମିତତା ଅଭିଯୋଗ

**ପାରଳାଖେମୁଣ୍ଡି, ୨୮।୧୦ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌରପରିଷଦ ଅନ୍ତର୍ଗତ ୱାର୍ଡ–୬ ରେ ଡିବିଟି ମାଧମରେ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦେବା ପାଇଁ ତଥ୍ୟ ହାସଲବେଳେ ଅନିୟମିତତା ଦେଖାଦେଇଛି । ତିତ୍‌ଲି ବାତ୍ୟା ପରେ ସରକାରଙ୍କ ପକ୍ଷରୁ ପରିବାରର ବରିଷ୍ଠ ସଦସ୍ୟମାନଙ୍କ ପାଇଁ ମୁଣ୍ଡପିଚ୍ଛା ୧୫ଦିନ ନିମନ୍ତେ ୬୦ଟଙ୍କା ଓ ୧୮ବର୍ଷରୁ କମ୍ ଶିଶୁ ସଦସ୍ୟମାନଙ୍କ ପାଇଁ ମୁଣ୍ଡପିଚ୍ଛା ୧୫ଦିନ ନିମନ୍ତେ ୪୫ଟଙ୍କା ଲେଖାଏଁ ଦେବାକୁ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଯେଉଁ ତଥ୍ୟ ଆବଶ୍ୟକ ସେଗୁଡ଼ିକ ଅଙ୍ଗନୱାଡ଼ି କର୍ମୀମାନେ ଘର ଘର ବୁଲି ସଂଗ୍ରହ କରିବା ନିୟମ ମଧ୍ୟ ରହିଛି । ମାତ୍ର ୱାର୍ଡ–୬ରେ ଅଙ୍ଗନୱାଡ଼ି କର୍ମୀ ସାହିର ଗୋଟିଏ ସ୍ଥାନରେ ବସି ତଥ୍ୟ ସଂଗ୍ରହ କରୁଥିବାର ଦେଖିବାକୁ ମିଳିଛି । ଏହା ଦ୍ୱାରା ଗୋଟିଏ ସ୍ଥାନରେ ଲୋକମାନଙ୍କ ଭିଡ଼ ଜମୁଛି। ଏଥିରେ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ପୌରପରିଷଦ ଅନ୍ତର୍ଗତ ଅନ୍ୟାନ୍ୟ କିଛି ସାହିରେ ମଧ୍ୟ ଏହିପରି ତଥ୍ୟ ସଂଗ୍ରହ ସମୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ଏପରି ଗୋଟିଏ ସ୍ଥାନରେ ବସି ତଥ୍ୟ ହାସଲ କରିବା ଦ୍ୱାରା, ବୃଦ୍ଧା ବୃଦ୍ଧ ଏବଂ ଅସୁସ୍ଥ ବ୍ୟକ୍ତିମାନେ ନିଜର ତଥ୍ୟ ଠିକ୍ ଭାବେ ପହଞ୍ଚାଇ ପାରୁନାହାନ୍ତି । ଏମାନେ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଛନ୍ତି । ନିୟମ ଅନୁସାରେ ତଥ୍ୟ ହାସଲ କରାଗଲେ ସମସ୍ୟା ସମାଧାନ ହୋଇପାରନ୍ତା ବୋଲି ଜି. ଦୁର୍ଗା ପ୍ରସାଦ, ଏନ୍. ଆଞ୍ଜି, ଡି.ଧନଞ୍ଜୟ, ୱାଇ. ସୁଧୀର ପ୍ରମୁଖ ପ୍ରକାଶ କରିଛନ୍ତି।


ତଥ୍ୟ ସଂଗ୍ରହ ସମୟରେ ଲୋକଙ୍କ ଭିଡ଼


ଅଭିଯୋଗ ଆଣିଥିବା ଗ୍ରାମବାସୀ ।

# ରିଲିଫ୍ ପଲିଥିନରେ ଘୋଡ଼େଇ ହେଉନି ଘର

■ ଅଧିକାରୀ, ରାଜନେତା ଭେଟି ନ ଥିବା ଅଭିଯୋଗ

**ରାୟଗଡ଼(ଗଜପତି), ୨୮।୧୦(ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ଼ ବ୍ଲକ୍‌ରେ ହୋଇଥିବା ତିତ୍‌ଲି ବାତ୍ୟାରେ ତାଲମୁଣ୍ଡା ପଞ୍ଚାୟତର ଅବସିଂ ଗ୍ରାମ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଗ୍ରାମବାସୀଙ୍କୁ କୌଣସି ସରକାରୀ ଅଧିକାରୀ କିମ୍ବା ଜନପ୍ରତିନିଧି ଭେଟି ନ ଥିବା ଅଭିଯୋଗ ହୋଇଛି। ଏହି ଗ୍ରାମରେ ପ୍ରାୟ ୨୫୦ ପରିବାର ବସବାସ କରନ୍ତି। ଗ୍ରାମବାସୀଙ୍କ ଘର , ରାସ୍ତା ଏବଂ ଅର୍ଥକାରୀ ଫସଲ ନଷ୍ଟ ହୋଇଛି। କିନ୍ତୁ ସେମାନଙ୍କୁ ସରକାରୀ ଅଧିକାରୀ କିମ୍ବା ରାଜନେତା କେହି ଭେଟି ନ ଥିବା ଅଭିଯୋଗ ହୋଇଛି। କେବଳ ସରକାରଙ୍କ ତରଫରୁ ପଲିଥିନ୍ ଯୋଗାଇ ଦିଆଯାଇଛି । କିନ୍ତୁ ଏହା ମଧ ସମୁଦ୍ରକୁ ଶଙ୍ଖେ। ପଲିଥିନ ଗୁଡ଼ିକ ଛୋଟ ଏବଂ ଖଣ୍ଡ ଖଣ୍ଡ କରି ଦିଆଯାଇଥିବାରୁ ସେମାନଙ୍କ ଛପର ଉଡ଼ା ଘର ଅଧା ଘୋଡ଼େଇ ହେଉଥିବା ବେଳେ ଅଧା ଖୋଲାରେ ରହିଛି। ସୁବାସ ନାୟକ, ଲକ୍ଷ୍ମଣ ନାୟକ, ଏସ୍ ଭୂୟାଁ, ଦିପ୍ତିରଞ୍ଜନ ଭୂୟାଁ, ପୀତାମ୍ବର ଶବର ପ୍ରମୁଖ ଗ୍ରାମବାସୀ ଏଭଳି ଅଭିଯୋଗ କରିଛନ୍ତି।

# କାଶୀନଗର ରଇତ ସଂଘ ଗଠିତ

**କାଶୀନଗର,୨୮।୧୦(ଡି.ଏନ୍.ଏ.)**

ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆୟୋଜିତ ଚାଷୀ ସମାବେଶ ଅବସରରେ କାଶୀନଗର ରଇତ ସଂଘ ଗଠିତ ହୋଇଛି। ସାହିତ୍ୟିକ ପ୍ରଶାନ୍ତ ମିଶ୍ର ଏହାର ଉପଦେଷ୍ଟା ରହିଥିବାବେଳେ ସଭାପତି ରୂପେ ସୁବାସ ଚନ୍ଦ୍ର ବିଶ୍ୱାସରାୟ, ଉପସଭାପତି ୱାଇ ଧନଞ୍ଜୟ ଓ କେ. ସୂରିୟା ରାୟ ନିର୍ବାଚିତ ହୋଇଛନ୍ତି। ସେହିପରି ଯୁବନେତା ରଘୁରାମ ସାହୁ, ସମ୍ପାଦକ ଓ ୱାଇ ଶ୍ରୀଧର ସହ ସମ୍ପାଦକ , କୋଷାଧ୍ୟକ୍ଷ ଭାବେ ବସନ୍ତ କୁମାର ଦାମୋଦର ନିର୍ବାଚିତ ହୋଇଛନ୍ତି। ଜି. ସୁବ୍ରମଣ୍ୟମ, ଏସ୍ ତାତେୟା, କେ. ଶଙ୍କର ରାଓ, ଦାମୋଦର ଗଙ୍ଗା, କେ. ରାମ୍ମୂର୍ତ୍ତି, କେ. ଶ୍ରୀନିବାସ, ବିଶ୍ୱନାଥ ଲେଙ୍କା, ଭେଙ୍କେଟ ରାଓ, ୱାଇ ରାମ ପ୍ରସାଦ, ନାରାୟଣ ନାୟକ ଓ ୱାଇ ରମେଶ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି। ସରକାରଙ୍କ ବିଭିନ୍ନ କୃଷି ଯୋଜନା ଯେପରି ଚାଷୀମାନଙ୍କ ନିକଟରେ ପହଞ୍ଚି ପାରିବ ସେଥିପ୍ରତି ସଂଘ କାର୍ଯ୍ୟ କରିବ । ଚାଷୀଙ୍କୁ ପେନ୍‌ସନ୍ ଏବଂ ଅଣ ପଞ୍ଜୀକୃତ ଚାଷୀଙ୍କୁ ପଞ୍ଜୀକୃତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ସଂଘ ପଞ୍ଜୀକରଣ ନେଇ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ବାଲମୁକୁନ୍ଦକେନ୍ଦ୍ରରେବିଭିନ୍ନକାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୨୮।୧୦ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ରାଜଗୁରୁ ସାହିସ୍ଥ ପରିଚ୍ଛା ମଠ ପରିସରରେ ଜଗତ୍‌ଗୁରୁ କୃପାଳୁଜୀ ମହାରାଜଙ୍କ ଶିଷ୍ୟ ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ନିର୍ଦ୍ଦେଶରେ ବାଲମୁକୁନ୍ଦ କେନ୍ଦ୍ର ଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଧର୍ମପରାୟଣ ମହିଳା ସ୍ୱର୍ଗତ ଭୁବନେଶ୍ୱର ପରିଚ୍ଛାଙ୍କ ଧର୍ମ ପତ୍ନୀ ନକ୍ଷେତ୍ରମାଳା ପରିଚ୍ଛାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ବାର୍ ସଂଘ ସଭାପତି ରାମନାଥ ମିଶ୍ର ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିବାସହ ଗଣତନ୍ତ୍ରରେ ଆଇନଜୀବୀଙ୍କ ଭୂମିକା ବିଷୟରେ ଶିଶୁମାନଙ୍କୁ ବୁଝାଇଥିଲେ । ଅନ୍ୟତମ ଅତିଥି ଭାବେ ପ୍ରଫୁଲ ପଣ୍ଡା ଏବଂ ଗୁରୁ ରଘୁନାଥ ପାତ୍ର ମଧ ସ୍ମୃତିଚାରଣ କରିବାସହ ତାଙ୍କର ପ୍ରତିଭା ବିଷୟରେ କହିଥିଲେ । ଭୂତକେଳି ନାଟକର ଗୀତ, ଜଗନ୍ନାଥ ଏବଂ ରାଧାକୃଷ୍ଣ ଭଜନ ଏବଂ ବାଲୁକା ପୂଜାର୍ଚ୍ଚନା ଦ୍ୱାରା ସେ ମହିଳାମାନଙ୍କ ମନୋବଳ ଦୃଢ଼ କରୁଥିଲେ ବୋଲି ଅତିଥିମାନେ କହିଛନ୍ତି। କେନ୍ଦ୍ର ତରଫରୁ ମନ୍ଦିର ପୂଜକ ହରେ ରାମ କୃଷ୍ଣ ଚୌଧୁରୀ ଆସନ୍ତା ଦୀପାବଳୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରକାଶ କରିଥିଲେ ।

# ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

**କାଶୀନଗର, ୨୮।୧୦(ଡି.ଏନ୍.ଏ.)**

ଗଜପତି ଜିଲା ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ କାଶୀନଗରସ୍ଥିତ ଶ୍ରୀରାମ କଲେଜ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ କଲେଜ ଅଧକ୍ଷ ଅରୁଣ କୁମାର ପରିଚ୍ଛା ସଭାପତିତ୍ୱ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟନାରାୟଣ ତ୍ରିପାଠୀ, ଶିବ ପ୍ରସାଦ ତ୍ରିପାଠୀ, ସଙ୍ଗଠନ ସମ୍ପାଦକ ମଦନ ମହଲ୍ଲା, କୋଷାଧ୍ୟକ୍ଷ ସୁରେନ୍ଦ୍ର ରଥ, ଯୁଗ୍ମ ସମ୍ପାଦକ ବିପିନ ମିଶ୍ର, ଜିଲା ସମ୍ପାଦକ ସୁରେନ୍ଦ୍ର କୁମାର ରଥ, ଗଞ୍ଜାମ ଜିଲା ସଭାପତି ମୂରଲି ପ୍ରଧାନ, ସମ୍ପାଦକ କୃଷ୍ଣ ମହାପାତ୍ର, ବିଧୁଭୂଷଣ ନାୟକ, ରାୟଗଡ଼ା ଜିଲା ସଭାପତି ଶଶିଭୂଷଣ ମହାନ୍ତି, ସମ୍ପାଦକ ଅରୁଣ ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅବସରକାଳୀନ ସୁବିଧା, ୭ମ ବେତନରେ ଥିବା ଅସଙ୍ଗତିଦୂର କରି ୨୧ ମାସର ବର୍ଦ୍ଧିତ ଦରମା ପ୍ରଦାନ ଏବଂ ଗ୍ରାଚୁଇଟ୍‌ସୀମା ୧୫ ଲକ୍ଷକୁ ବୃଦ୍ଧି କରିବା, ୨୭ ବର୍ଷ ପରିବର୍ତ୍ତେ ୧୮ବର୍ଷରେ ରିଡର ପଦୋନ୍ନତି ପ୍ରଭୃତି ଦାବି ସମ୍ପର୍କରେ ଆଲୋଚନା କରାଯିବା ସହ ରାଜ୍ୟ ସରକାର ଏସବୁ ଦାବି ପୂରଣ କରିବାକୁ ଅନୁରୋଧ କରାଯାଇଛି। ଡିସେମ୍ବର ୨୩ରେ ବ୍ରହ୍ମପୁରରେ ହେବାକୁ ଥିବା ରାଜ୍ୟ ସମ୍ମିଳନୀରେ ଯୋଗଦେବାକୁ ସଂଘ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।




ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।


■ ନିୟମକୁ ବେଖାତିର

# ଦିନ ଦ୍ୱିପ୍ରହରେ ସହରରେ ପଶୁଛି ଭାରିଯାନ

**ପାରଳାଖେମୁଣ୍ଡି, ୨୮।୧୦ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଦିନ ଦ୍ୱିପ୍ରହରେ ଭାରିଯାନ ପ୍ରବେଶ କରୁଛି। ସହର ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଭାରିଯାନ ପ୍ରବେଶ ପାଇଁ ନିୟମ ରହିଥିଲେ ମଧ ସହରର ପୁରୁଣାପାଟଣା ରୋଡ଼ଠାରେ ଏହାକୁ ଖୋଲାଖୋଲି ଉଲଘଂନ କରାଯାଉଥିବା ଦେଖିବାକୁ ମିଳୁଛି। ଏଠାରେ ଥିବା ସିମେଣ୍ଟ, ଲୁହାଛଡ଼ ପ୍ରଭୃତି ଦୋକାନ ଗୁଡ଼ିକ ସମ୍ମୁଖରେ ଦିନ ଦ୍ୱିପ୍ରହରେ ଭାରିଯାନ ଦୀର୍ଘ ସମୟ ଧରି ଅଟକି ରହି ଅନ୍‌ଲୋଡିଂ କରୁଥିବାର ଦୃଷ୍ଟିକୁ ଆସିଛି । ଏହା ଦ୍ୱାରା ଅନେକ ସମୟରେ ଏହି ସବୁ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏପରି ଅନ୍‌ଲୋଡିଂ କାର୍ଯ୍ୟକୁ ରୋକିବାପାଇଁ ପଦକ୍ଷେପ ନିଆଯାଉ ବୋଲି ସ୍ଥାନୀୟ ଅଞ୍ଚଳ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି।


ରାସ୍ତା କଡ଼ରେ ଟ୍ରକ୍ ଅଟକାଯାଇ ଅନ୍‌ଲୋଡିଂ କରାଯାଉଛି ।





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଡ଼ ହୋଇ ଯେବେ ଖାଏ ବେଉସା,**
**ବିରାଡ଼ି ହୋଇ ଯଦି ନ ମାରେ ମୂଷା,**
**ରଜା ହୋଇ ଯଦି ତଣ୍ଡଇ ଚଷା,**
**କୁହ, କିସ ହୁଏ ସେ ଦେଶର ଦଶା ।**

ବାଡ଼ ଫସଲକୁ ସୁରକ୍ଷା ଦେଇଥାଏ, ପରନ୍ତୁ ବାଡ଼ ଯଦି ଫସଲ ଖାଏ ତେବେ ଏହାଠୁ ବଳି ବିଡମ୍ବନା ଓ ଦୁର୍ଭାଗ୍ୟର ବିଷୟ ଆଉ କିଛି ହୋଇ ନ ପାରେ। ବିରାଡ଼ି ଯଦି ମୂଷା ନ ମାରେ ତାହେଲେ ମୂଷାଙ୍କ ବଂଶ ବଢ଼ିଯିବା ସହ ତାଙ୍କ ପ୍ରାଦୁର୍ଭାବ ବଢ଼ିଯାଏ। ପରୋକ୍ଷରେ ଦୁଷ୍ଟ ଲୋକଙ୍କୁ ଦମନ କରା ନ ଗଲେ ତାଙ୍କ ଦୌରାତ୍ମ୍ୟ ବଢ଼ିଯାଏ। ସେହିପରି ରାଜା ବା ପ୍ରଶାସକ ଅନ୍ୟାୟରେ ଚାଷୀଙ୍କଠାରୁ କର ଆଦାୟରେ ଲିପ୍ତ ରହିଲେ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଇଥାଏ। ଏପରି ଅବସ୍ଥା ଦେଶର ପ୍ରଗତି ପ୍ରତି ବାଧା ସୃଷ୍ଟି କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବଜର ବାଣ,**
**ଘଇତା ଉପରେ ମାଇପ ଟାଣ ।**

ସ୍ୱାମୀ ନିକମା ବା ଅପାରଗ ହେଲେ ସ୍ତ୍ରୀର ଆଧିପତ୍ୟ ବଢ଼ିଯାଇଥାଏ। ଏପରିସ୍ଥଳେ ସ୍ତ୍ରୀ ସ୍ୱାମୀ ଆଗରେ ଟାଣପଣ ଦେଖେଇ ହେବା ସହ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଅଜଣା ଜ୍ୱରରେ ଶିଶୁ ଗୁରୁତର

କାଲିମେଳା,୨୮।୧୦(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ବ୍ଲକରେ ପିଛା ଛାଡୁନି ଅଜଣା ଜ୍ୱର । ବ୍ଲକରେ ଥିବା ଗୋଟିଏ ପରେ ଗୋଟିଏ ଗାଁରେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି। ରବିବାର ଚିତ୍ରାଙ୍ଗପାଲି ପଞ୍ଚାୟତର ଉସକାନପାଲି ଗ୍ରାମର ଜଣେ ୪ ମାସର ଶିଶୁ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଗୁରୁତର ହୋଇଛନ୍ତି। ୧୦୮ ଆମ୍ବୁଲାନ୍ସ ଯୋଗେ ପରିବାର ଲୋକେ ପ୍ରଥମେ କାଲିମେଳା ପରେ ମାଲକାନଗିରି ଜିଲା ସଦର ମହକୁମା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଖବରରୁ ଜଣାପଡିଛି ଉସକାନପାଲି ଗ୍ରାମର କସା କବାସିଙ୍କ ଝିଅ ସୁମିତ୍ରାଙ୍କୁ ରବିବାର ଜ୍ୱର ହୋଇଥିଲା । ସନ୍ଧ୍ୟା ସମୟରେ ସେ ଗୁରୁତର ହୋଇପଡିଥିଲେ। ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହ ଅଚେତ ହୋଇପଡିଥିଲା। ପରିବାର ଲୋକେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ କାଲିମେଳା ମେଡିକାଲ ଆଣିଥିଲେ ମଧ୍ୟ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାକୁ ମାଲକାନଗିରି ପଠାଇ ଦେଇଥିଲେ। ସୂଚନାଯୋଗ୍ୟ ଯେ, ୨ ସପ୍ତାହ ତଳେ କଇମେଟଲା ପଞ୍ଚାୟତର ମାରନପାଲି ଗ୍ରାମରେ ଏହି ଅଜଣା ରୋଗ ଦେଖାଦେଇ ରାମା ପଡିଆମିଙ୍କ ୩ ବର୍ଷର ଝିଅ ଚନ୍ଦ୍ରିକାଙ୍କ ମୃତ୍ୟୁ ହୋଇଥିଲା । ଏଥିସହ ମାରନପାଲି, ନାମକୋଣ୍ଡା,କଇମେଟଲା ଗ୍ରାମରେ ମଧ କେତେକ ଶିଶୁ ଆକ୍ରାନ୍ତ ହୋଇ ମେଡିକାଲରେ ଚିକିତ୍ସିତ ହୋଇଥିଲେ । ଚିକିତ୍ସା କରୁଥିବା ଡାକ୍ତର ଶିଶୁମାନଙ୍କୁ ନିମୋନିଆ ହୋଇଥିବା କହୁଥିବା ବେଳେ ଏନେଇ କୌଣଷି ସ୍ପଷ୍ଟ ହୋଇନାହିଁ । ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉକ୍ତ ପ୍ରଭାବିତ ଗ୍ରାମ ପରିଦର୍ଶନ କରି ଫେରିଯାଇଛନ୍ତି। କୋରାପୁଟର ମେଡିକାଲର ରୋଗବାହକ ବିଭାଗର ଏକ ୬ଜଣିଆ ଟିମ ମଧ୍ୟ ମାରନପାଲ୍ଲୀ,କଇମେଟଲା ଗ୍ରାମ ପରିଦର୍ଶନ କରି ମଶା ଓ ଲାର୍ଭା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଛନ୍ତି। ସେଠାରୁ ଏଯାଏ କୌଣସି ରିପୋର୍ଟ ଆସିନାହିଁ।

# ଘରେ କେହି ନ ଥିବା ବେଳେ ଚୋରି

ବ୍ରହ୍ମପୁର ଅଫିସ୍,୨୮।୧୦: ବ୍ରହ୍ମପୁର ଟାଉନଥାନା ଅଧୀନ ଧର୍ମନଗର ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ନଂ. ୨୨୯/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ନୀହାର ରଞ୍ଜନ ପ୍ରଧାନ କହିଛନ୍ତି ।


ଫର୍ମ ଜି

**ଆଗ୍ରହର ପରିପ୍ରକାଶ ଆମନ୍ତ୍ରଣ**

(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି (ଇନ୍‌ସଲ୍‌ଭେନ୍ସି ରେଜୁଲ୍ୟୁଶନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେସନ୍ସ, ୨୦୧୬ର ରେଗୁଲେଶନ୍ ୩୬ଏ (୧) ଅଧୀନରେ)

| | ସମର୍ଜିତ ବିବରଣୀ | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୧୮ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – କଟକ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍୨୦୦୮ପିଏଲ୍‌ସି୦୧୦୫୦୧ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଡି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା – ୭୫୩୦୧୦ **କାରଖାନା ଅବସ୍ଥିତି:** ବଉଁଥା, ଟାଙ୍ଗୀ, କଟକ– ୭୫୪୦୨୨, ଓଡ଼ିଶା |
| ୬. | କର୍ପୋରେଟ୍ ଋଣୀଙ୍କ ଇନ୍‌ସଲ୍‌ଭେନ୍ସି ଆରମ୍ଭ ତାରିଖ | ଜୁନ୍ ୮, ୨୦୧୮ |
| ୭. | ଆଗ୍ରହର ପରିପ୍ରକାଶ ଆମନ୍ତ୍ରଣ ତାରିଖ | ଅକ୍ଟୋବର ୨୯, ୨୦୧୮ |
| ୮. | ସଂହିତାର ଧାରା ୨୫(୨)(ଏଚ୍) ଅଧୀନରେ ଆବେଦନକାରୀଙ୍କ ମୀମାଂସା ନିମନ୍ତେ ଯୋଗ୍ୟତା ଉପଲବ୍ଧ ହେବା ସ୍ଥାନ: | କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍‌ରେ ସବିସ୍ତୃତ ଆମନ୍ତ୍ରଣ ସହିତ: http://www.mtpcl.in/ ଠାରେ |
| ୯. | ଧାରା ୨୯ଏ ଅଧୀନରେ ପ୍ରଯୁଜ୍ୟ ଅଯୋଗ୍ୟତା ମାନଦଣ୍ଡ ଉପଲବ୍ଧ ହେବା ସ୍ଥାନ: | ଏହି ଆମନ୍ତ୍ରଣ ଏବଂ/କିମ୍ବା ଏହା ପଶ୍ଚାତ୍‌ବର୍ତ୍ତୀ ନିର୍ଦ୍ଦେଶ ଅଧୀନରେ/ ସଂକ୍ରାନ୍ତରେ ମୀମାଂସା ଯୋଜନା ଦାଖଲ କରିବା ଏବଂ ଅନ୍ୟ ସମସ୍ତ ମାମଲାରେ ମୀମାଂସା ଆବେଦନକାରୀଙ୍କୁ ଇନ୍‌ସଲ୍‌ଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି ସଂହିତାର ଅନୁପାଳନ କରିବାକୁ ହେବ ଯାହା ମଧ୍ୟରେ ଇନ୍‌ସଲ୍‌ଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ର ଧାରା ୨୯ଏ ଏବଂ ଏ ସଂକ୍ରାନ୍ତରେ ପ୍ରଯୁଜ୍ୟ ଏହାର ସମ୍ପର୍କିତ ନିୟମାବଳୀ ଅଧୀନରେ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ଅନ୍ତର୍ଭୁକ୍ତ କିନ୍ତୁ ସୀମିତ ନୁହେଁ । |
| ୧୦. | ଆଗ୍ରହର ପରିପ୍ରକାଶ ପ୍ରାପ୍ତିର ଶେଷ ତାରିଖ | ନଭେମ୍ବର ୨୦, ୨୦୦୮ |
| ୧୧. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଅସ୍ଥାୟୀ ତାଲିକା ଜାରି ତାରିଖ | ନଭେମ୍ବର ୩୦, ୨୦୧୮ |
| ୧୨. | ଅସ୍ଥାୟୀ ତାଲିକା ପ୍ରତି ଆପତ୍ତି ଦାଖଲର ଶେଷ ତାରିଖ | ଡିସେମ୍ବର ୫, ୨୦୧୮ |
| ୧୩. | ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କ ଚୂଡ଼ାନ୍ତ ତାଲିକା ଜାରି ତାରିଖ | ଡିସେମ୍ବର ୧୫, ୨୦୧୮ |
| ୧୪. | ସୂଚନା ସ୍ମାରକ, ମୂଲ୍ୟାୟନ ମାଟ୍ରିକ୍ସ ଏବଂ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଅନୁରୋଧ ଜାରି ତାରିଖ | ଡିସେମ୍ବର ୫, ୨୦୧୮ |
| ୧୫. | ମୀମାଂସା ଯୋଜନା, ମୂଲ୍ୟାୟନ ମାଟ୍ରିକ୍ସ, ସୂଚନା ସ୍ମାରକ ଏବଂ ତତ୍‌ପରବର୍ତ୍ତୀ ସୂଚନା ନିମନ୍ତେ ଅନୁରୋଧ ହାସଲର ପଦ୍ଧତି | ସମ୍ଭାବ୍ୟ ମୀମାଂସା ଆବେଦନକାରୀମାନଙ୍କୁ ସୂଚନା ସ୍ମାରକ (ଆଇଏମ୍) ନିମନ୍ତେ ଅନୁରୋଧ କରିବା ପାଇଁ inmtpclip@deloitte.com ରେ ଇମେଲ୍ ପଠାଇବା ଲାଗି ଅନୁରୋଧ କରାଯାଉଛି। ମୀମାଂସା ବୃତ୍ତିଧାରୀଙ୍କ ଦ୍ୱାରା ପ୍ରଦତ୍ତ ଫର୍ମାଟ୍‌ରେ ଗୋପନୀୟତା ଘୋଷଣାନାମାରେ ସ୍ୱାକ୍ଷର କରିବା ପରେ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଇମେଲ୍ ଯୋଗେ ଆଇଏମ୍ ଯୋଗାଇଦିଆଯିବ। ଗୋପନୀୟତା ଘୋଷଣାନାମାର ଫର୍ମାଟ୍ http://www.mtpcl.in/ରେ ମଧ୍ୟ ଉପଲବ୍ଧ। |
| ୧୬. | ମୀମାଂସା ଯୋଜନା ଦାଖଲର ଶେଷ ତାରିଖ | 'ମୀମାଂସା ଯୋଜନା ନିମନ୍ତେ ଅନୁରୋଧ'/ପ୍ରକ୍ରିୟା ଦସ୍ତାବିଜର ଅଂଶବିଶେଷ ଭାବେ ଯୋଗାଇଦିଆଯିବ ଯାହା ଯେକୌଣସି ଉପାୟରେ ହେଉ ନା କାହିଁକି 'ମୀମାଂସା ଯୋଜନା ନିମନ୍ତେ ଅନୁରୋଧ'/ପ୍ରକ୍ରିୟା ଦସ୍ତାବିଜ ଜାରି ତାରିଖରୁ ଅନ୍ୟୂନ ୩୦ ଦିନ ହେବା ଆବଶ୍ୟକ, ଅର୍ଥାତ୍ ଜାନୁୟାରୀ ୫, ୨୦୧୯ |
| ୧୭. | ମୀମାଂସା ବୃତ୍ତିଧାରୀଙ୍କୁ ମୀମାଂସା ଯୋଜନା ଦାଖଲର ପଦ୍ଧତି | ୧. ଲଫାପାରେ ପଙ୍କଜ ଧାନୁକା, ମାଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍, ଡେଲୋଇଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପିର ମୀମାଂସା ବୃତ୍ତିଧାରୀ, ୧୩ ମହଲା, ବିଲ୍ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ ସିଲ୍ ପୋଷ୍ଟ/ପଞ୍ଜୀକୃତ ଡାକ ଯୋଗେ କିମ୍ବା ହାତରେ। ୨. ଏକ ସଫ୍ଟ କପି ପାସ୍‌ୱାର୍ଡ ସୁରକ୍ଷିତ ସ୍ୱରୂପରେ inmtpclip@deloitte.comରେ ମେଲ୍ କରାଯିବା ଆବଶ୍ୟକ। |
| ୧୮. | ଅନୁମୋଦନ ପାଇଁ ନିର୍ଣ୍ଣାୟକ କର୍ତ୍ତୃପକ୍ଷଙ୍କ ନିକଟରେ ମୀମାଂସା ଯୋଜନା ଦାଖଲର ଆକଳିତ ତାରିଖ | ଜାନୁୟାରୀ ୨୪, ୨୦୧୯ ଏହା 'ମୀମାଂସା ଯୋଜନା ନିମନ୍ତେ ଅନୁରୋଧ'/ପ୍ରକ୍ରିୟା ଦସ୍ତାବିଜ ଅନୁଯାୟୀ ମୀମାଂସା ଯୋଜନା ପ୍ରକ୍ରିୟା ଏବଂ ଇନ୍‌ସଲ୍‌ଭେନ୍ସି ଏବଂ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ ଅନୁଯାୟୀ କର୍ପୋରେଟ୍ ଇନ୍‌ସଲ୍‌ଭେନ୍ସି ମୀମାଂସା ପ୍ରକ୍ରିୟା ନିମନ୍ତେ ବାଞ୍ଛିତ କୌଣସି ବିସ୍ତାରଣ ପ୍ରକ୍ରିୟା ସମାପ୍ତି ଉପରେ ନିର୍ଭର କରିବ। |
| ୧୯. | ମୀମାଂସା ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | ନାମ: ପଙ୍କଜ ଧନୁକା **ପଞ୍ଜୀକରଣ ନଂ.:** ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧ |
| ୨୦. | ବୋର୍ଡ ସହ ପଞ୍ଜୀକୃତ ହୋଇଥିବା ଅନୁଯାୟୀ ମୀମାଂସା ବୃତ୍ତିଧାରୀଙ୍କ ନାମ, ଠିକଣା ଏବଂ ଇମେଲ୍ | ନାମ: ପଙ୍କଜ ଧାନୁକା **ଆଇବିବିଆଇ ସହ ପଞ୍ଜୀକୃତ ଠିକଣା:** ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬ ଇମେଲ୍: pankajdhanuka@gmail.com |
| ୨୧. | ମୀମାଂସା ବୃତ୍ତିଧାରୀଙ୍କ ସହ ପତ୍ରାଳାପ ଲାଗି ବ୍ୟବହୃତ ହେବାକୁ ଥିବା ଠିକଣା ଓ ଇମେଲ୍ | **ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ **ଇମେଲ୍ ଆଇଡି:** inmtpclip@deloitte.com |
| ୨୨. | ଅଧିକ ବିବରଣୀ ଉପଲବ୍ଧ ହେବା ସ୍ଥାନ | http://www.mtpcl.in/ |
| ୨୩. | ଫର୍ମ ଜି ପ୍ରକାଶନର ତାରିଖ | ଅକ୍ଟୋବର ୨୯, ୨୦୧୮ |

ସ୍ୱା./-
**ପଙ୍କଜ ଧାନୁକା**
ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
**ଯୋଗାଯୋଗ ଠିକଣା:**
ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ – ଓମେଗା,
ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି,
ପଶ୍ଚିମବଙ୍ଗ ୭୦୦୦୯୧
**ଯୋଗାଯୋଗ ଇମେଲ୍:** inmtpclip@deloitte.com
ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ ପାଇଁ,
ଅକ୍ଟୋବର ୨୯, ୨୦୧୮
କୋଲକାତା


# କୁରମପାଲିଠାରେ କୃମିନାଶନ ଶିବିର

ମାଥିଲି,୨୮।୧୦ (ଡି.ଏନ.ଏ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ କମାରପାଲି ପଞ୍ଚାୟତର କୁରମପାଲିଠାରେ କୃମିନାଶନ ଶିବିର ଅନୁଷ୍ଠିତ ହୋଇଯାଇଛି । କୃଷି କଲ୍ୟାଣ ଅଭିଯାନ ସାଲିମି ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ହୋଇଥିବା ଏହି ଶିବିରରେ ଶତାଧିକ ଛେଳି, ଗାଈ, ମଇଁଷିଙ୍କୁ କୃମିନାଶନ ଔଷଧ, ଟିକା ଓ ଭିଟାମିନ ପ୍ରଦାନ କରାଯାଇଥିଲା। ଏଥିରେ ଜିଲା ଅତିରିକ୍ତ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ବିକାଶ ଚନ୍ଦ୍ର ସରଦାର ଯୋଗଦେଇ ଗ୍ରାମବାସୀଙ୍କୁ ସେମାନେ ପାଳୁଥିବା ପ୍ରାଣୀମାନଙ୍କ ପାଇଁ କୃମିନାଶନର ଉପକାରିତା ଏବଂ କୃତ୍ରିମ ପ୍ରଜନନ ସମ୍ପର୍କରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀଧନ ନିରୀକ୍ଷକ ବୃନ୍ଦାବନ ମାଝି, ନାରାୟଣ ପ୍ରଧାନ, ରୂପ ନାରାୟଣ ସୋରେନ, ପ୍ରହଲ୍ଲାଦ ପ୍ରଧାନୀ ପ୍ରମୁଖ ଗୃହପାଳିତ ପ୍ରାଣୀଙ୍କୁ ଟିକାକରଣ କରିଥିଲେ।



କୃମିନାଶନ ଶିବିରରେ ଛେଳିଙ୍କୁ ଟିକା ଦିଆଯାଉଛି।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ

କାଶୀପୁର, ୨୮।୧୦(ଡି.ଏନ୍.ଏ.)

କାଶୀପୁର ମେଡିକାଲ, ପୋଲିସ କର୍ମଚାରୀ ଓ ଟିକିରି ମେଡିକାଲ, ପୋଲିସ କର୍ମଚାରୀଙ୍କ ମଧ୍ୟରେ ରବିବାର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଖେଳାଯାଇଛି। ଏଥିରେ କାଶୀପୁର ଦଳ ବିଜୟୀ ହୋଇଛି। କାଶୀପୁରର ପୂର୍ବତନ ଥାନାଧିକାରୀ ଭୀମସେନ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। କାଶୀପୁର ମେଡିକାଲ ଏବଂ ପୋଲିସ କର୍ମଚାରୀ ପ୍ରଥମେ ବ୍ୟାଟିଙ୍ଗ କରି ୧୩୩ ରନ କରିଥିଲେ। ଜବାବରେ ଟିକିରି ମେଡିକାଲ ପୋଲିସ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୦୬ ରନ କରିଥିଲେ। କାଶୀପରୁ ମେଡିକାଲ ଇନଚାର୍ଜ ନେତ୍ରାନନ୍ଦ ନାଏକ ଓ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅନିଲ କୁମାର ବେହେରା ଯଥାକ୍ରମେ କାଶୀପୁର ଓ ଟିକିରି ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। କାଶୀପୁର ମେଡିକାଲ ଇନ୍‌ଚାର୍ଜ ଡାକ୍ତର ନେତ୍ରାନନ୍ଦ ନାଏକ ୫୦ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ପାଇଥିଲେ। କାର୍ଯ୍ୟକ୍ରମକୁ କାଶୀପୁର ଡାକ୍ତର ଆର.ଆର ରାଓ, ଡାକ୍ତର ଏନ. ରୋହିତା,ପତ୍ରୀ କାଳିଦାସ, ଡାକ୍ତର ଶ୍ରୀରାମ ପରିଡା ପରିଚାଳନା କରିଥିଲେ।

**ଖେଳିଲେ ମେଡିକାଲ, ପୋଲିସ କର୍ମଚାରୀ**



ବିଜୟୀ କାଶୀପୁର ଟିମ୍‌ର ଖେଳାଳିମାନେ ଖୁସି ମନାଉଛନ୍ତି।

# ୩୦ ବର୍ଷରେ କଣ୍ଡରା ସାହିର ଲକ୍ଷ୍ମୀପୂଜା

ପାରଳାଖେମୁଣ୍ଡି, ୨୮।୧୦ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ କଣ୍ଡରା ସାହିରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମହାସମାରୋହରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି । ଏହି ପୂଜା ଚଳିତ ବର୍ଷ ୩୦ବର୍ଷରେ ପଦାର୍ପଣ କରିଛି। ଏବର୍ଷ ପୂଜା କୁମାର ପୂର୍ଣ୍ଣିମାଠାରୁ ୯ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି । ପୂଜାରେ ହୋମ, ଯଜ୍ଞ, ଦୀପଦାନ, ଅନ୍ନସେବା ଆୟୋଜନ ହେଉଥିବା ଦେଖିବାକୁ ମିଳୁଛି। ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁଛି।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


**ସଂକ୍ଷେପରେ**

## ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପେନ୍‌ସନ୍ ଅଦାଲତ

ପାରଳାଖେମୁଣ୍ଡି, ୨୮।୧୦ (ସ୍ୱ.ପ୍ର.)-ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସ୍କୁଲ ଓ ଗଣ ଶିକ୍ଷାବିଭାଗର ନିର୍ଦ୍ଦେଶକ୍ରମେ ପେନ୍‌ସନ୍ ଅଦାଲତ ଆରମ୍ଭ ହୋଇଛି। ଏଥିରେ ୭ଗୋଟି ବ୍ଲକ୍‌ର ସମସ୍ତ ବ୍ଲକ୍ ଶିକ୍ଷାଧିକାରୀ ଉପସ୍ଥିତ ରହି କର୍ମଚାରୀଙ୍କ ଦ୍ୱାରା ଜିଲା ଶିକ୍ଷାଧିକାରୀଙ୍କୁ ଦିଆଯାଇଥିବା ଅଭିଯୋଗ ବିଷୟରେ ଅବଗତ କରାଇବେ । କର୍ମଚାରୀମାନେ ପୁରୁଣା ଅଭିଯୋଗ ଗୁଡ଼ିକ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇବେ ସେହି ଅନୁଯାୟୀ ଜିଲା ଶିକ୍ଷାଧିକାରୀ ଉକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ଅଭିଯୋଗ ବିଷୟରେ ପଚାରିବା ସହ ତା ଉପରେ କିପରି ପଦକ୍ଷେପ ଗ୍ରହଣ କରାଯାଇଛି ପୁଙ୍ଖାନୁପୁଙ୍ଖ ଭାବେ ପଚାରି ବୁଝିବେ। ସମସ୍ୟା କିପରି ଖୁବ୍ ଶୀଘ୍ର ସମାଧାନ ହୋଇପାରିବ ସେ ବିଷୟରେ ମଧ ପଚାରି ତୁରନ୍ତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେବେ । ଏହିପରି ପେନ୍‌ସନ୍ କୋର୍ଟ ଦ୍ୱାରା କର୍ମଚାରୀମାନଙ୍କର ବହୁ ପୁରୁଣା ସମସ୍ୟା ଗୁଡ଼ିକ ଅତି ସହଜରେ ସମାଧାନ କରାଯିବାକୁ ଉଦ୍ଦେଶ୍ୟ ରଖାଯାଇଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ରବିବାର କୋର୍ଟରେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ସହକାରୀ ଜିଲା ଶିକ୍ଷାଧିକାରୀ ମନୋରଞ୍ଜନ ଦଳେଇ ପ୍ରମୁଖଙ୍କ ସହ ୨୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବ୍ଲକର କର୍ମଚାରୀମାନେ ଉପସ୍ଥିତ ଥିଲେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**କୁବେର ଫାଇନାନ୍ସ**
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

Get Instant Cash against Gold, Sell Your Gold at 100% Market Value
**GOLD CASH LTD**
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

**Dhanlaxmi Financial Services,**
Govt Approved, Regd. No.- od6789dh45 ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ମହିଳା ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ପାଆନ୍ତୁ 72 ଘଣ୍ଟାରେ 1% ସୁଧ, 50% Govt. Subsidy (50,000 – 95 ଲକ୍ଷ ପର୍ଯ୍ୟନ୍ତ ଋଣ)
For more detail contact:
07302107165
Mail id: dhanlaxmifin1991@gmail.com
J-6, B-Block, Jiwan Park, New Delhi

**Jeevanjyoti Finance**
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାହିଁଲେ ନୁହେଁ ଦେଖାଇଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନବାଞ୍ଛିତ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାଯା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ. ମୂଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି କଠିନ ରୁ କଠିନ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

**M. GROUP FINANCE CO.**
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**LOAN**
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର କଳା ଶିକ୍ଷା
ଯେଉଁଠି ଆନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

**FINANCE**
ଭାରତ No. 1 ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

**ଦୀପାବଳି ଧମାକା**
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପ୍ରାପ୍ତ କରନ୍ତୁ 3 ଘଣ୍ଟାରେ ଦୀପାବଳିର ଶୁଭ ଅବସରରେ ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ
2% ସୁଧ 50% ରିହାତି + ସବ୍‌ସିଡି
ମାତା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି + ସବ୍‌ସିଡି
9625419406
8695337370
Add : - T-51, Gautampuri, Delhi-53

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଶ୍ରୀରାମ ଫାଇନାନ୍ସ ଲିମିଟେଡ୍
(Reg. No. LA76108CH0902)
1982ରୁ ପଞ୍ଜୀକୃତ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସବୁ ଋଣ 24 ଘଣ୍ଟାରେ ଘରେ ବସି, 2% ସୁଧ, 40% ରିହାତି।
7460970869
7518148465
ଠକମାନଙ୍କ ପ୍ରତି ସାବଧାନ।

**LOAN**
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି ।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

**Dhanlaxmi Financial Services**
(Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ।
2% ସୁଧ 40% ସରକାରୀ ସବ୍‌ସିଡି
ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab

**JAI LAXMI FINANCE**
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

**SMS JOB**
Send SMS, Earn MONEY
A-TEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

**ଫାଇନାନ୍ସ**
Ashoka Finance ଋଣ ଧମାକା
ସରକାରୀ ଯୋଜନା ଅଧୀନରେ ଋଣ ମାତ୍ର 1350/- ଟଙ୍କାରେ (1 ଲକ୍ଷ - 90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, 60% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହଋଣ, ବ୍ୟବସାୟ ସବୁ ଋଣ 48 ଘଣ୍ଟାରେ ସରକାରୀ ବ୍ୟାଙ୍କରୁ (ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି)
7900883466
8743042068
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

**FINANCE**
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

**BHARATI FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**



## ବାପୁଜୀ ଖଲାସି ସଂଘର ବୈଠକ

**ଧୋଡ୍ରା, ୨୮।୧୦(ଡି.ଏନ.ଏ):** ଝରିଗାଁ ବ୍ଲକ ଚାଟିଗୁଡା ପଞ୍ଚାୟତ ବିଜାପୁର ହାଟପଦାରେ ଝରିଗାଁ ବାପୁଜୀ ଖଲାସି ସଂଘ ତରଫରୁ ଏକ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଲାସି ସଂଘର ଗଠନ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସଙ୍ଗଠନକୁ କିଭଳି ସୁବ୍ୟବସ୍ଥିତ ଏବଂ ଶକ୍ତିଶାଳୀ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ସଂଘର ନୂତନ ଖଲାସିଙ୍କ ପଞ୍ଜିକରଣ ନିମନ୍ତେ ଆଲୋଚନା ହୋଇଥିଲା। ଏହି ବୈଠକରେ ଝରିଗାଁ ବ୍ଲକ ସଭାପତି ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ସମ୍ପାଦକ ରମେଶ ପଟ୍ଟନାୟକ, କୋଷାଧକ୍ଷ ଗଜାନନ୍ଦ ଭନସାଲ ଏବଂ ଉପସଭାପତି ଗୋବିନ୍ଦ ଗୌଡ ପ୍ରମୁଖ ଯୋଗ ଦେଇଥିଲେ। ଚାଟିଗୁଡା ପଞ୍ଚାୟତ ସଭାପତି ଦିବାକର ଦାସଙ୍କ ଆୟୋଜିତ ଏହି ବୈଠକରେ ପୁର୍ଲାର ହରିବନ୍ଧୁ ଗୌଡ, ଲୁଙ୍କାଗୁଡାର ଫୁଲସିଂ ଭତ୍ରା, ନିଗୁଣ୍ଡିର ଲମ୍ବୁ ଭତ୍ରା, ବିଜାପୁରର ହରିଶ୍ଚନ୍ଦ୍ର ମାଝି, ବୁଆଲିବେଡାର ତ୍ରିନାଥ ଭତ୍ରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅଞ୍ଚଳର ଖଲାସିମାନେ ଏ ପର୍ଯ୍ୟନ୍ତ ସଂଘରେ ସାମିଲ ହୋଇ ନ ଥିବାରୁ ସାମିଲ କରିବା ପାଇଁ ଉଦ୍ୟମ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ଲୋପ ପାଇନି ବାଉଁଶ ସାମଗ୍ରୀର ଚାହିଦା

**ରାଇଘର ୨୮।୧୦ (ଡି.ଏନ.ଏ)**

ବର୍ତ୍ତମାନ ଘରେ ଘରେ ପ୍ଲାଷ୍ଟିକ ଜିନିଷର ଆଦର। ସବୁ ସାମଗ୍ରୀ ପ୍ଲାଷ୍ଟିକରେ ଉପଲବଧ ହେଉଛି। ବଜାରକୁ ପ୍ଲାଷ୍ଟିକ ଏକ ପ୍ରକାର କବଜା କରି ରଖିଛି। କିନ୍ତୁ ଏହା ସତ୍ତ୍ୱେ ଲୋପ ପାଇନି ବାଉଁଶ ସାମଗ୍ରୀର ଚାହିଦା। ବାଉଁଶରେ ତିଆରି ବିଭିନ୍ନ ସାମଗ୍ରୀ ବଜାରରେ ଲୋକମାନେ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇବା ସହ ପ୍ଲାଷ୍ଟିକ ସାମଗ୍ରୀ ହଟାଇବାରେ ମଧ୍ୟ ସହାୟକ ହୋଇଛି। ବାଉଁଶରେ ତିଆରି କୁଲା,ଗୁଲି, ଚାଙ୍ଗୁଡିର ଚାହିଦା ଆଜି ବି ରହିଛି। ନବରଙ୍ଗପୁର ଜିଲା ରାଇଘର ବ୍ଲକର ହାଟରେ ଏହି ସାମଗ୍ରୀଙ୍କୁ ଲୋକମାନେ ଆଣି ବିକ୍ରି କରିଥାନ୍ତି। ଗ୍ରାମାଞ୍ଚଳର ଲୋକମାନେ ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରି ହାଟକୁ ଆଣି ବିକ୍ରି କରି ରୋଜଗାରକ୍ଷମ ହୋଇପାରିଛନ୍ତି। ମହିଳା ପୁରୁଷମାନେ ବାଉଁଶ କାଟିକି ଆଣି ବିଭିନ୍ନ ସାମଗ୍ରୀ ତିଆରି କରିଥାନ୍ତି। ଝାଡୁ ୧୦ଟଙ୍କା, ଗୁଲି ୨୦ ଟଙ୍କା ଓ କୁଲା ୫୦ ଟଙ୍କାରେ ବିକ୍ରୀ କରିଥାନ୍ତି। ବାଉଁଶରେ ନିର୍ମିତ କୁଲା ଧାନ ମଳିବା ପରେ ଫ୍ୟାନ ଲଗାଇ ଧାନ ଉଡେଇବା କାମରେ ଲାଗିଥାଏ। ସେଥିପାଇଁ ଚାଷୀମାନେ ବିଶେଷ କରି କୁଲା ବ୍ୟବସାୟୀଙ୍କ ଠାରୁ କିଣିଥାନ୍ତି।




ରାଇଘର ହାଟରେ ବାଉଁଶରେ ନିର୍ମିତ ସାମଗ୍ରୀ ବିକ୍ରି କରାଯାଉଛି।

■କଂଗ୍ରେସ ପକ୍ଷରୁ ଜନସମ୍ପର୍କ ଅଭିଯାନ

# ଲୋକଙ୍କ ପାଖରେ କଂଗ୍ରେସର ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ

**ତେନ୍ତୁଲିଖୁଣ୍ଟି,୨୮।୧୦(ଡି.ଏନ.ଏ)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କନ୍ହେଇମୁଣ୍ଡା ଠାରେ କଂଗ୍ରେସ ପକ୍ଷରୁ ଜନସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଏମପି ପ୍ରଦୀପ ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଜିଲା ସଭାପତି ମୁନା ତ୍ରିପାଠୀ, ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ସଦନ ନାୟକ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ଜିଲା କଂଗ୍ରେସ ଆଦିବାସୀ ସେଲ ସଭାପତି ଅଖିଳ ଭତ୍ରା, ଯୁବ କଂଗ୍ରେସ ସମ୍ପାଦକ ଦୀଲିପ ପ୍ରଧାନୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗରତ୍ନମ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ଅବଦୁଲ ଫିରୋଜ, ଜିଲା ସଂଖ୍ୟା ଲଘୁ ସେଲ ସଭାପତି ରମେଶ ପାତ୍ର ବାଘ, ଯୁବ କଂଗ୍ରେସ ଲୋକସଭା ନିର୍ବାଚନ ମଣ୍ଡଳୀ ସଭାପତି ଇମ୍ରାନ ସରିଫ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ କଂଗ୍ରେସ ସଭାପତି ମଦନ ମୋହନ ଅଧ୍ୟକ୍ଷତା କରି ବୁଥ ସ୍ତରରୁ ଦଳକୁ ମଜବୁତ କରିବା ସହ ଘରେ ଘରେ କଂଗ୍ରେସର ବାର୍ତ୍ତା ପହଞ୍ଚାଇ ଜନସମ୍ପର୍କ ବୃଦ୍ଧି କରିବାକୁ ଆହ୍ୱାନ କରିଥିଲେ। ଆଗାମୀ ୧୦୦ ଦିନକୁ ଏକ ମିଶନ ଭାବେ ଗ୍ରହଣ କରି ପ୍ରତ୍ୟେକ ଦିନ ୩ ରୁ ୪ ଘଣ୍ଟା ଦଳ ପାଇଁ ସମୟ ଦେଇ ଘରେ ଘରେ ଦଳୀୟ ବାର୍ତ୍ତା ପହଞ୍ଚାଇ ପାରିଲେ ଆଗାମୀ ଦିନରେ ସଫଳତା ମିଳିପାରିବ ବୋଲି ପ୍ରଦୀପ କହିଥିଲେ। ଘରେ ଘରେ କଂଗ୍ରେସ ବାର୍ତ୍ତା ପହଞ୍ଚାଇବା ପାଇଁ ଜିଲା ସଭାପତି ସମସ୍ତଙ୍କୁ ଶପଥ ପାଠ କରିଥିଲେ। ଦୁର୍ଲଭ କନ୍ଧ ଗୌଡ, ବିଜୟ ଝୋଡିଆ, ଚିଦାନନ୍ଦ ସାହୁ, ରାଜେନ୍ଦ୍ର ମହାପାତ୍ର, ବିପିନ ଟାକ୍ରି, ଲକ୍ଷ୍ମଣ ହରିନ, ପ୍ରଦୀପ ନାୟକ, ଭାଗିରଥି ମୁଦୁଲି, ମୃତ୍ୟୁଞ୍ଜୟ ନାୟକ, ବିଦ୍ୟାଧର କନ୍ଧ ଗୌଡ ପ୍ରମୁଖ ଯୋଗ ଦେଇଥିଲେ।



ସମାବେଶରେ ଉପସ୍ଥିତ କଂଗ୍ରେସ ନେତାମାନେ।

# ବିଜେଡି ଜନସମ୍ପର୍କ ପଦଯାତ୍ରା

**ଡାବୁଗାଁ, ୨୮।୧୦ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବିଜେଡି ପକ୍ଷରୁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ଡାବୁଗାଁ ଭୈରବ ମନ୍ଦିର ଠାରୁ ଏହି ପଦଯାତ୍ରା ବାହାରି ଡୁମୁଣିଗୁଡା, ଗିଲିଗୁଡା, ବାଇଗାଁ, କେଲିଆ, ଚଚରାଗୁଡା, ପୋଖନାଗୁଡା, କାକଡଗୁଡା, ପୂଜାରୀଗୁଡା, ଅଞ୍ଚଳା ଗ୍ରାମ ଦେଇ ମେଦନା ଗ୍ରାମରେ ପହଞ୍ଚି ଥିଲେ। ମେଦନାରେ ସଭାର ଆୟୋଜନ ହୋଇଥିଲା । ଏଥିରେ ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମୋତିରାମ ନାୟକ, ଡାବୁଗାଁ ବ୍ଲକ ଉପାଧକ୍ଷା ସୁଷମା ବିଶୋଇ , ଏମପି ପ୍ରତିନିଧି ଏମ.ଆପ୍ପାରାଓ ,ଜିଲା ବିଜେଡି ସମ୍ପାଦକ ଏମ .ବୁଲୁ ରାଓ , ପୂର୍ବତନ ଜିଲାପରିଷଦ ସଭ୍ୟ ବିଜୟ କୁମାର ବେହେରା , ଡାବୁଗାଁ ସରପଞ୍ଚ ଯଶୋଦା ସୌରା , ବ୍ଲକ ଯୁବ ବିଜେଡି ସଭାପତି ଟି. ଜୁଗୁନୁ , ରାମାରାଓ ଚୌଧୁରୀ, ଜି. ସାମଲ ରାଓ, ଗେଦୁ ପଟ୍ଟନାୟକ , ଏମ. ବାସିରାଓ , ପାପନା ରେଲି, ଜି. ମୁରଲୀ ରାଓ, ବିକ୍ରମ ଗୌଡ, ପେଦାବାବୁ ଏବଂ ବିଜେଡି କର୍ମୀ ପଦଯାତ୍ରାରେ ସାମିଲ ଥିଲେ ।



ବିଜେଡି ନେତା ଓ କର୍ମୀମାନେ ପଦଯାତ୍ରାରେ ଯାଉଛନ୍ତି।

## ଭୋଟର ତାଲିକା ସଂଶୋଧନ ଅଭିଯାନ

**ଡାବୁଗାଁ, ୨୮।୧୦ (ଡି.ଏନ.ଏ.)**

ଡାବୁଗାଁ ବ୍ଲକରେ ଭୋଟର ତାଲିକା ସଂଶୋଧନର ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ମୋଟ ୫୪ ଭୋଟ ଗ୍ରହଣ କେନ୍ଦ୍ର ଠାରେ ବୁଥ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟ କରିଥିଲେ। ବୁଥ ସ୍ତରୀୟ ଅଧିକାରୀ ମାନଙ୍କ ପାଖକୁ ଭୋଟରମାନେ ଆସି ୬ନଂ, ୭ ନଂ, ୮ନଂ ଓ ୮(କ) ଫର୍ମ ପୂରଣ କରାଯାଇଥିଲା। ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ତହସିଲଦାର ନରସିଂହ ଗାଦବା ଓ ବିଡିଓ ଗୌରହରି ପାତ୍ର, ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ ହୋତା, ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମହେଶ ଚନ୍ଦ୍ର ଶାହା ପ୍ରମୁଖ ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ । ଏହା ସହ ସୁପରଭାଇଜର କୃଷ୍ଣଚନ୍ଦ୍ର ପଣ୍ଡା, ଧନସିଂ ତନ୍ତି, ରାଇସିଂ ପୂଜାରୀ, ରତିକାନ୍ତ ନାୟକ ଓ ବିକାଶ ରଞ୍ଜନ ନିଶଙ୍କ ପ୍ରମୁଖ ମଧ୍ୟ ବୁଥ ଗୁଡିକ ବୁଲି ତଦାରଖ କରିଥିଲେ ।

DSPL-227

OSDMA
ଓଡ଼ିଶା ସରକାର

ଓଡ଼ିଶାର ବିପର୍ଯ୍ୟୟ ପ୍ରାକ୍ ସୂଚନା ବ୍ୟବସ୍ଥା କ୍ଷେତ୍ରରେ ଏକ ଅଭିନବ ପ୍ରୟାସ




ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ବିପର୍ଯ୍ୟୟ ପ୍ରାକ୍ ସୂଚନା ପ୍ରଦାନ ବ୍ୟବସ୍ଥାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ

ତାରିଖ:୨୯ ଅକ୍ଟୋବର, ୨୦୧୮ | ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର

ସଚେତନତା ଓ ସତର୍କତା ହିଁ ସୁରକ୍ଷା

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ



"ଶ୍ରୀଲଙ୍କାର ରାଜନୈତିକ ଘଟଣାକ୍ରମ ଉପରେ ନୂଆଦିଲ୍ଲୀର ନଜର ରହିଛି। ପଡ଼ୋଶୀ ଦେଶ ତା'ର ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମ୍ବିଧାନିକ ପ୍ରକ୍ରିୟାକୁ ସମ୍ମାନ ଦେବ ବୋଲି ଭାରତ ଏକ ଘନିଷ୍ଠ ବନ୍ଧୁରାଷ୍ଟ୍ର ଭାବେ ଆଶାପୋଷଣ କରେ।
-ରବୀଶ କୁମାର, ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର



## ସଂକ୍ଷେପରେ

### ଭାଜପାରେ ଯୋଗଦେଲେ ଇସ୍ରୋର ପୂର୍ବତନ ଅଧକ୍ଷ ମାଧବନ ନାୟାର



**ନୂଆଦିଲ୍ଲୀ,୨୮।୧୦:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ର ପୂର୍ବତନ ଅଧକ୍ଷ ଜି. ମାଧବନ୍ ନାୟାର ଶନିବାର ରାତିରେ ଭାଜପାରେ ଯୋଗ ଦେଇଛନ୍ତି। ଅନ୍ୟ ୫ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ ନାୟାର ମଧ ଭାଜପାର କେରଳ ୟୁନିଟ୍‌ରେ ଯୋଗ ଦେଇଛନ୍ତି। ଦଳର ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ କେରଳ ଗସ୍ତରେ ଆସିଥିବା ବେଳେ ସେ ଯୋଗଦେଇଛନ୍ତି। ୨୦୦୫ରେ ଇସ୍ରୋର କମର୍ସିଆଲ ଆର୍ମ ଆଣ୍ଟରିକ୍ସ କର୍ପୋରେଶନ୍ ଏବଂ ଡେଭାସ୍ ମଲ୍ଟିମିଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧରେ ହୋଇଥିବା ସନ୍ଦେହଜନକ ଚୁକ୍ତି ପାଇଁ ୨୦୧୨ରେ ନାୟାରଙ୍କୁ ୟୁପିଏ ସରକାର କଳା ତାଲିକାଭୁକ୍ତ କରିଥିଲା। ନାୟାର ଇସ୍ରୋର ଅଧକ୍ଷ ଥିବା ବେଳେ ଭାଜପାରେ ଯୋଗ ଦେବା ନେଇ କହିଥିଲେ। କାରଣ ସେ ଡେଭାସ୍ ଚୁକ୍ତିରେ କୌଣସି ଭୁଲ କରିନଥିଲେ ବୋଲି ସେତେବେଳେ କହିଥିଲେ।

### ଭାରତୀୟ ବଂଶୋଦ୍ଭବ ସିନେଟରଙ୍କୁ ପଠାଗଲା ସନ୍ଦିଗ୍ଧ ପାର୍ସଲ



**ୱାଶିଂଟନ୍, ୨୮।୧୦:** ଭାରତୀୟ ବଂଶୋଦ୍ଭବ ତଥା ଆମେରିକାର ଡେମୋକ୍ରାଟିମ୍ ସିନେଟର କମଳା ହ୍ୟାରିସ୍ ଏବଂ ଆରବପତି ରାଜନେତା ଟମ୍ ଷ୍ଟିୟରଙ୍କୁ ଶୁକ୍ରବାର ଦୁଇଟି ସନ୍ଦେହଜନକ ପାର୍ସଲ ପଠାଯାଇଥିଲା। ଏହି ଘଟଣାରେ ଫ୍ଲୋରିଡ଼ାର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଆମେରିକାରେ ଏପର୍ଯ୍ୟନ୍ତ ଉଦ୍ଧାର କରାଯାଇଥିବା ଏଭଳି ପାର୍ସଲ ସଂଖ୍ୟା ୧୪ରେ ପହଞ୍ଚିଛି । ଏହାଦ୍ୱାରା ଯଦିଓ କେଉଁଠି ମଧ ବିସ୍ଫୋରଣ ହୋଇନାହିଁ, କିନ୍ତୁ ଅଧିକାରୀମାନେ ସତର୍କ ରହିଛନ୍ତି। ହ୍ୟାରିସ୍ ୨୦୨୦ରେ ରାଷ୍ଟ୍ରପତି ପଦ ଦୌଡରେ ଅଛନ୍ତି। ନିକଟରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଏବଂ ପୂର୍ବତନ ପରରାଷ୍ଟ୍ର ସଚିବ ହିଲାରୀ କ୍ଲିଣ୍ଟନଙ୍କ ନିକଟକୁ ପାର୍ସଲ ଯୋଗେ ବିସ୍ଫୋରକ ସାମଗ୍ରୀ ପଠାଯାଇଥିଲା। ତେବେ ଏହାକୁ ଯାଞ୍ଚ ସମୟରେ ବିସ୍ଫୋରକ ଠାବ ହେବାପରେ ବଡ ଧରଣର ଦୁର୍ଘଟଣା ଟଳି ଯାଇଥିଲା। ଏହି ଘଟଣାରେ ଏପର୍ଯ୍ୟନ୍ତ ୧୨ ଜଣ ସନ୍ଦିଗ୍ଧ ଗିରଫ ହୋଇସାରିଛନ୍ତି।

■ କଶ୍ମୀରରେ ବୁଲୁଛନ୍ତି ୪ ଉଚ୍ଚ ପ୍ରଶିକ୍ଷିତ ଜେଇଏମ୍ ଆତଙ୍କବାଦୀ

# ସ୍ନାଇପର ଆକ୍ରମଣ ବିପଦ

ଶ୍ରୀନଗର,୨୮।୧୦(ପି.ଟି.)



ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ (ଜେଇଏମ୍) ଟାର୍ଗେଟରେ ଜମ୍ମୁ-କଶ୍ମୀର। ଜେଇଏମ୍‌ର ୪ ଉଚ୍ଚ ପ୍ରଶିକ୍ଷିତ ଆତଙ୍କବାଦୀ ଉପତ୍ୟକାରେ ବୁଲୁଛନ୍ତି। ସେମାନେ କୌଣସି ସମୟରେ ସୁରକ୍ଷା ବଳକୁ ଆକ୍ରମଣ କରିପାରନ୍ତି। ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ରବିବାର ଏଭଳି ଆଶଙ୍କା ବ୍ୟକ୍ତ କରାଯିବା ପରେ ସେନା ଅଧିକ ତତ୍ପର ହୋଇଉଠିଛି।

ମିଳିଥିବା ସୂଚନାନୁସାରେ, ଜମ୍ମୁ-କଶ୍ମୀରରେ ସେପ୍ଟେମ୍ବର ମଧଭାଗରୁ ସୁରକ୍ଷା ବଳ ଉପରେ ଲଗାତର ସ୍ନାଇପର (ଗୁପ୍ତ ଉପାୟରେ କରାଯାଉଥିବା ଆତଙ୍କବାଦୀ) ଆକ୍ରମଣ ହେଉଛି। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜେଇଏମ୍‌ର ଏଭଳି ଆକ୍ରମଣରେ ୩ ଯବାନ ଶହୀଦ ହୋଇସାରିଲେଣି। ଏହାକୁ ନେଇ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ରଣନୀତି ବଦଳାଇବାକୁ ବାଧହୋଇଛନ୍ତି। ପ୍ରଥମ ଆକ୍ରମଣ ସେପ୍ଟେମ୍ବର ୧୮ରେ ହୋଇଥିଲା। ଏଥିରେ ପୁଲୱାମା ଜିଲାର ନେୱାରେ ଜଣେ ସିଆର୍‌ପିଏଫ୍ ଯବାନ ଆହତ ହୋଇଥିଲେ। ସେହିପରି ନିକଟରେ ସ୍ନାଇପର ଆକ୍ରମଣରେ ତ୍ରାଲ୍‌ଠାରେ ସଶସ୍ତ୍ର ସୀମା ବଳର ଜଣେ ଓ ସେନାର ଜଣେ ଯବାନ ଶହୀଦ ହୋଇଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ନାଓଗାମ୍‌ରେ ମଧ ଜଣେ ଯବାନଙ୍କ ଜୀବନ ଯାଇଛି। ଆତଙ୍କବାଦୀମାନେ ଆଗକୁ ମଧ ଏଭଳି କାଣ୍ଡ ଭିଆଇପାରନ୍ତି ବୋଲି ସୁରକ୍ଷା ସଂସ୍ଥାଗୁଡ଼ିକୁ ଗୋଇନ୍ଦା ସୂଚନା ମିଳିଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଜେଇଏମ୍‌ର ଦୁଇଟି ଗୋଷ୍ଠୀ କଶ୍ମୀର ଉପତ୍ୟକାରେ ଅନୁପ୍ରବେଶ କରିଛନ୍ତି। ଦୁଇଗୋଷ୍ଠୀରେ ଦୁଇଜଣ ଲେଖାଏ ସ୍ନାଇପର ଅଛନ୍ତି। ଏବେ ସେମାନେ ପୁଲୱାମାରେ ଥିବା ଜଣାପଡ଼ିଛି। ଅଣ୍ଡରଗ୍ରାଉଣ୍ଡ ସମର୍ଥକମାନେ ସେମାନଙ୍କୁ ପୋଲିସ ଓ ସୁରକ୍ଷା ବଳ ସମ୍ପର୍କରେ ନିୟମିତ ଭାବେ ତଥ୍ୟ ଦେଉଛନ୍ତି। ଏହି ୪ ଆତଙ୍କବାଦୀଙ୍କୁ ପାକିସ୍ତାନର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ତାଲିମ ଦେଇ କଶ୍ମୀରକୁ ପଠାଇଛି। ସେମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ମଧରେ ରହିଛି ଏମ୍-୪ କାର୍ବାଇନ୍ସ, ଯାହାକି ଆମେରିକା ନେତୃତ୍ୱାଧୀନ ସେନା ଆଫଗାନିସ୍ତାନରେ ପ୍ରୟୋଗ କରିଥାଏ। ଆଫଗାନିସ୍ତାନରେ ତାଲିବାନ ଓ ଜେଇଏମ୍ ଆତଙ୍କବାଦୀମାନେ ମିଳିତ ଭାବେ ସେନା ବିରୋଧରେ ଲଢ଼େଇ ବେଳେ ଏହି ଘାତକ ଅସ୍ତ୍ର ଛଡ଼ାଇ ଆଣିଥିବା କୁହାଯାଉଛି। ୫୦୦ରୁ ୬୦୦ ମିଟର ଦୂରରୁ ଶତ୍ରୁପକ୍ଷକୁ ଟାର୍ଗେଟ କରିପାରୁଥିବା ଏମ୍-କାର୍ବାଇନ୍ସକୁ ସ୍ନାଇପର ଆତଙ୍କବାଦୀମାନେ ବ୍ୟବହାର କରି ଜମ୍ମୁ-କଶ୍ମୀରରେ ସୁରକ୍ଷା ବଳକୁ ଆକ୍ରମଣ କରିବେ ବୋଲି ଜଣାପଡ଼ିଛି। ଏହାକୁ ନେଇ ସିଆର୍‌ପିଏଫ୍, ସେନା ଓ ପୋଲିସ ଯବାନମାନଙ୍କୁ ଆଲର୍ଟ କରାଯାଇଛି।

## ସବ୍‌ଇନ୍ସପେକ୍ଟରଙ୍କୁ ହତ୍ୟା



**ଶ୍ରୀନଗର,୨୮।୧୦:** ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଆତଙ୍କବାଦୀମାନେ ଜଣେ ପୋଲିସ ସବ୍ ଇନ୍ସପେକ୍ଟରଙ୍କୁ ହତ୍ୟା କରିଛନ୍ତି। ଚେୱା କଲାନରେ ରବିବାର ତାଙ୍କର ମୃତଦେହ ଠାବ କରାଯାଇଛି। ସେହିପରି ଆତଙ୍କବାଦୀମାନେ ଜଣେ ପିଡିପି କର୍ମୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ସେ ହେଲେ ଗଙ୍ଗବଗ୍ ନିବାସୀ ୪୦ ବର୍ଷୀୟ ମହମ୍ମଦ ଅମିନ ଦାର୍। ଆତଙ୍କବାଦୀଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ୩୦ ବର୍ଷୀୟ ସବ୍ ଇନ୍ସପେକ୍ଟର ଇମ୍‌ତିଆଜ୍ ଅହମ୍ମଦ ମୀର ଜମ୍ମୁ-କଶ୍ମୀର ପୋଲିସରେ କାର୍ଯ୍ୟରତ ଥିଲେ। ଗତ ମାର୍ଚ୍ଚରେ ତାଙ୍କୁ ସିଆଇଡି ବିଭାଗକୁ ବଦଳି କରାଯାଇଥିଲା। ସେ ନିଜ ପରିବାର ଲୋକଙ୍କୁ ଭେଟିବା ପାଇଁ ରବିବାର ଘରକୁ ଯାଉଥିବାବେଳେ ୱାହିବଗ୍‌ଠାରେ ଆତଙ୍କବାଦୀମାନେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଗୁଳିମାଡ଼ରେ ସେ ଟଳିପଡ଼ିଛନ୍ତି। ଆତଙ୍କବାଦୀମାନେ ପୋଲିସ କର୍ମଚାରୀଙ୍କୁ ଟାର୍ଗେଟ କରିଆସୁଥିବାରୁ ଇମ୍‌ତିଆଜ୍ ଘରକୁ ଗଲେ ତାଙ୍କୁ ମଧ ଆକ୍ରମଣ କରାଯାଇପାରେ ବୋଲି ପୂର୍ବରୁ ସତର୍କ କରାଯାଇଥିଲା। ଏଥିପାଇଁ ସେ ସତର୍କ ହୋଇ ନିଶଦାଢ଼ି କାଟି ଦେଇ ସୋନ୍ତାବଗ୍‌ସ୍ଥିତ ନିଜ ଘରକୁ ଯିବାକୁ ବାହାରିଥିଲେ। ଯିବା ପୂର୍ବରୁ ସହକର୍ମୀମାନଙ୍କୁ ଇମ୍‌ତିଆଜ୍ କହିଥିଲେ, ଏବେ ଆତଙ୍କବାଦୀମାନେ ମୋତେ ଚିହ୍ନି ପାରିବେ ନାହିଁ।

■ ମୋଦିଙ୍କୁ 'ଭରସାଯୋଗ୍ୟ ବନ୍ଧୁ' କହିଲେ ଆବେ

## ବୁଲେଟ୍ ଟ୍ରେନ୍‌ରେ ଟୋକିଓ ଯାତ୍ରା

ୟାମାନାଶି,୨୮।୧୦(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଜାପାନ ପ୍ରତିପକ୍ଷ ଶିଞ୍ଜୋ ଆବେ ରବିବାର ୟାମାନାଶିରେ ଏକାଠି ୮ ଘଣ୍ଟା ବିତାଇବା ପରେ ଟୋକିଓକୁ ବୁଲେଟ୍ ଟ୍ରେନ୍‌ରେ ଯାତ୍ରା କରିଛନ୍ତି। ଏହି ଅବସରରେ ଦୁଇନେତା କେତେକ ପ୍ରସଙ୍ଗରେ ଅଣାନୁଷ୍ଠାନିକ ଆଲୋଚନା କରିଛନ୍ତି।

ଦୁଇଦିନିଆ ଜାପାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦି ଶନିବାର ରାତିରେ ପର୍ଯ୍ୟଟନ ୟାମାନାଶିରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ତ୍ରୟୋଦଶ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗଦେବା ପାଇଁ ଯାଇଥିବା ମୋଦି ଜାପାନ ପ୍ରଧାନମନ୍ତ୍ରୀ ଆବେଙ୍କ ସହ ୟାମାନାଶିର ଏକ ଶିଳ୍ପ ପ୍ରତିଷ୍ଠାନକୁ ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୋଦିଙ୍କୁ ଆବେ ତାଙ୍କର ଜଣେ ନିର୍ଭରଯୋଗ୍ୟ ବନ୍ଧୁ ଭାବେ ଅଭିହିତ କରିଛନ୍ତି। ଆବେ କହିଛନ୍ତି, ଭାରତ ଏକ ବିଶ୍ୱଶକ୍ତି ଭାବେ ଉଭା ହୋଇ ଦକ୍ଷିଣ ଏସିଆର ନେତୃତ୍ୱ ନେଉଛି। ମୋଦି ଏହି ଦେଶର ଜଣେ ମହାନ୍ ନେତା। ତେଣୁ ଭାରତ ସହିତ ଜାପାନ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାକୁ ଆଗ୍ରହୀ। ଦୁଇଦେଶ ହାତ ମିଳାଇଲେ ନିରାପତ୍ତା, ପୁଞ୍ଜିନିବେଶ, ସୂଚନା ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ, ପରିବେଶ ଓ ପର୍ଯ୍ୟଟନ କ୍ଷେତ୍ରରେ ପ୍ରଭୂତ ବିକାଶ ସମ୍ଭବ। ଯେଉଁଦିନ ଅହମ୍ମଦାବାଦ ଓ ମୁମ୍ବାଇ ମଧରେ ବୁଲେଟ୍ ଟ୍ରେନ୍ ଦୌଡ଼ିବା ଆରମ୍ଭ କରିବ, ସେହିଦିନ ଦୁଇଦେଶର ବନ୍ଧୁତା ଭବିଷ୍ୟତ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଆବେ ଆଶାବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଅହମ୍ମଦାବାଦ ଓ ମୁମ୍ବାଇ ମଧରେ ଜାପାନ ସହାୟତାରେ ବୁଟେଲ ଟ୍ରେନ୍ ଯାତ୍ରା କରିବ। ଏହି ୫୦୮ କି.ମି. ଦୂରତା ମଧରେ ସମୁଦ୍ର ମଧରେ ୨୧ କି.ମି.ର ଏକ ସୁଡ଼ଙ୍ଗ ରହିବ। ଏହି ପ୍ରକଳ୍ପ ପାଇଁ ୧.୧୦ ଟ୍ରିଲିୟନ୍ ଟଙ୍କା ଖର୍ଚ୍ଚ କରାଯିବ। ଏଥିଲାଗି ଜାପାନ ମାତ୍ର ୦.୧% ସୁଧହାରରେ ୮୮,୦୦୦ କୋଟି ଟଙ୍କା ସହାୟତା ପ୍ରଦାନ କରୁଛି।



■ 'ମନ୍ କୀ ବାତ୍'ରେ ଓଡ଼ିଶାକୁ ମନେପକାଇଲେ ମୋଦି

## ହକିରେ ଗୌରବ ଆଣିବେ ଖେଳାଳି

ନୂଆଦିଲ୍ଲୀ,୨୮।୧୦ (ପି.ଟି.)

ଓଡ଼ିଶାର ଭୁବନେଶ୍ୱରରେ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍‌ରେ ଭାରତୀୟ ଖେଳାଳିମାନେ ଦେଶ ପାଇଁ ପୁଣିଥରେ ଗର୍ବ ଓ ଗୌରବ ଆଣିଦେବେ। ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏଭଳି ଆଶା ପ୍ରକଟ କରିଛନ୍ତି। ଏହା ସହ ନିକଟରେ ଶେଷ ହୋଇଥିବା ଏସିଆନ୍ ଗେମ୍ସ ଏବଂ ଏସିଆନ୍ ପାରା ଗେମ୍ସରେ ଭାରତୀୟ ଖେଳାଳିଙ୍କ ଉତ୍କୃଷ୍ଟ ପ୍ରଦର୍ଶନକୁ ସେ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଜାକର୍ତ୍ତାରେ ଅନୁଷ୍ଠିତ ହୋଇଥିବା ଏସିଆନ୍ ପାରା ଗେମ୍ସରେ ପ୍ରତିଭାବାନ ପାରା ଆଥଲେଟ୍‌ଙ୍କୁ ଭେଟିବାକୁ ତାଙ୍କୁ ସୁଯୋଗ ମିଳିଥିଲା। ଭାରତ ୭୨ଟି ପଦକ ଜିତି ନୂତନ ରେକର୍ଡ ସୃଷ୍ଟି କରିଛି ବୋଲି ମୋଦି କହିଛନ୍ତି। ସେହିପରି ୩୧ ଅକ୍ଟୋବରରେ ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳନ ହେବ। ଏହି ଅବସରରେ 'ରନ୍ ଫର୍ ୟୁନିଟି'ରେ ଯୋଗଦେବାକୁ ମୋଦି ଯୁବପିଢିଙ୍କୁ ଆହ୍ୱାନ କରିଛନ୍ତି। ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ 'ଷ୍ଟାଚୁ ଅଫ୍ ୟୁନିଟି'କୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯିବ। ଗୁଜରାଟର ନର୍ମଦା ନଦୀ କୂଳରେ ଥିବା ପଟେଲଙ୍କ ଏହି ପ୍ରତିମୂର୍ତ୍ତି ଆମେରିକାର 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି'ର ଉଚ୍ଚତାଠାରୁ ଦୁଇଗୁଣ ଅଧିକ। ଏହା ବିଶ୍ୱର ସବୁଠାରୁ ଉଚ୍ଚତମ ପ୍ରତିମୂର୍ତ୍ତି ଭାବରେ ପରିଗଣିତ ହେବ ବୋଲି ସେ କହିଛନ୍ତି।

## ଫୁରସତ

### ବ୍ରୋଞ୍ଜ୍ ଯୁଗର ସନ୍ଧାନ




**ବେଜିଂ:** ଚାଇନାର ଜିଲିନ୍ ପ୍ରଦେଶରେ ବ୍ରୋଞ୍ଜ୍ ଯୁଗର ସନ୍ଧାନ ମିଳିଛି। ଏକ ପ୍ରତ୍ନତାତ୍ତ୍ୱିକ ଦଳ ସେଠାରୁ ପ୍ରାଚୀନ ଗୃହର ଧ୍ୱଂସାବଶେଷ, ପ୍ରାଣୀଙ୍କ ଅସ୍ଥି, ବ୍ରୋଞ୍ଜ୍ ଏବଂ ପଥର ସାମଗ୍ରୀ ପାଇଥିବା ଘୋଷଣା କରିବା ପରେ ଏ କଥା ସ୍ପଷ୍ଟ ହୋଇଯାଇଛି।

ଜିଲିନ୍ ୟୁନିଭର୍ସିଟିର ଆର୍କିଓ ଲୋଜିକାଲ୍ ସ୍କୁଲ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହିସବୁ ସାମଗ୍ରୀ ଶୁଆନ୍‌ଗ୍ଲିଆଓ ସହର ନିକଟବର୍ତ୍ତୀ ଏକ ବାଲିକୁଦ ଉତ୍‌ଖନନ ଫଳରେ ଆବିଷ୍କାର କରାଯାଇଛି। ଏହି ସ୍ଥାନରୁ ପ୍ରଚୁର ପରିମାଣର ବାସନକୁସନ, ପ୍ରାଣୀଙ୍କ ଅସ୍ଥି, ମାଛକଣ୍ଟା ଏବଂ ଜଳଚର ପ୍ରାଣୀଙ୍କ ଖୋଳ ମିଳିଛି।

### ଇଣ୍ଡୋନେସିଆରେ 'ଲିଟିଲ୍ ଇଣ୍ଡିଆ ଗେଟ୍'

**ସିଙ୍ଗାପୁର:** ଇଣ୍ଡୋନେସିଆର ମେଦାନ୍ ନଗରୀରେ ରବିବାର 'ଲିଟିଲ୍ ଇଣ୍ଡିଆ ଗେଟ୍' ଉଦ୍‌ଘାଟିତ ହୋଇଛି। ମେଦାନ୍ ନଗରୀକୁ ଭାରତୀୟ ଲୋକଙ୍କ ଅବଦାନର ସ୍ୱୀକୃତି ସ୍ୱରୂପ ପ୍ରଥମ କରି ଏଭଳି ଏକ ଢାଞ୍ଚା ନିର୍ମାଣ କରାଯାଇଛି। ଇଣ୍ଡୋନେସିଆର ଚତୁର୍ଥ ବୃହତ୍ତମ ନଗରୀ ମେଦାନ୍‌ଠାରେ ଉକ୍ତ ତୋରଣ ଭାରତର ରାଷ୍ଟ୍ରଦୂତ ପ୍ରଦୀପ କୁମାର ରାୱତ ଏବଂ ମେଦାନ୍ ନଗରୀ ମେୟର ଏଚ.ଟି. ଜୁଲ୍‌ମି ଏଲଡିନ୍‌ଙ୍କ ଦ୍ୱାରା ମିଳିତ ଭାବରେ ଉଦ୍‌ଘାଟିତ ହୋଇଥିଲା। ଏହି ଐତିହାସିକ ମୁହୂର୍ତ୍ତରେ ପାଖାପାଖି ୭,୦୦୦ ଲୋକ ଉପସ୍ଥିତ ରହିଥିଲେ। 'ବସୁଧୈବ କୁଟୁମ୍ବକମ୍' ବା 'ସମଗ୍ର ପୃଥିବୀ ଏକ ପରିବାର'ରେ ବିଶ୍ୱାସ କରୁଥିବା ଭାରତର ଏହା ବାସ୍ତବ ଉପସ୍ଥାପନ ବୋଲି ରାଷ୍ଟ୍ରଦୂତ ରାୱତ୍ ପ୍ରକାଶ କରିଛନ୍ତି। ଲିଟିଲ୍ ଇଣ୍ଡିଆ ଦୁଇ ଦେଶ ମଧରେ ବାଣିଜ୍ୟ ଓ



ବ୍ୟବସାୟିକ ସମ୍ପର୍କରେ ଏକ ସେତୁ ଭଳି କାର୍ଯ୍ୟ କରିବ ବୋଲି ସେ କହିଥିଲେ।


ମେଦାନ ନଗରୀରେ ଏହି ନୂତନ ଢାଞ୍ଚାକୁ ଏକ ଉଲ୍ଲେଖନୀୟ ପର୍ଯ୍ୟଟନସ୍ଥଳରେ ପରିଣତ କରାଯିବ। ଇଣ୍ଡୋନେସିଆରେ ପ୍ରଥମକରି ସ୍ଥାପିତ ଏଭଳି ତୋରଣ ଭାରତୀୟ ସମାଜର ଅବଦାନର ସ୍ୱୀକୃତି ବହନ କରୁଛି ବୋଲି ମେୟର ଜୁଲ୍‌ମି ପ୍ରକାଶ କରିଥିଲେ।

### ଇତିହାସର ଆଇନାରେ

### ଅକ୍ଟୋବର ୨୯ର ପ୍ରମୁଖ ଘଟଣା

୧୮୬୩ ଅକ୍ଟୋବର ୨୯ରେ ସ୍ୱିଜରଲାଣ୍ଡର ଜେନେଭାରେ ୧୮ଟି ଦେଶ ଏକାଠି ହୋଇ ଅନ୍ତର୍ଜାତୀୟ ରେଡ୍‌କ୍ରସ୍ ଗଠନ କରିବା ନେଇ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ରେଡ୍‌କ୍ରସ ଅନ୍ତର୍ଜାତୀୟ କମିଟି(ଆଇସିଆରସି) ହେଉଛି ଏକ ମାନବବାଦୀ ସଙ୍ଗଠନ। ଏହାର ଲକ୍ଷ୍ୟ ହେଉଛି ଲୋକଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା।

୨୦୦୫ ଅକ୍ଟୋବର ୨୯ରେ ଭାରତର ରାଜଧାନୀ ଦିଲ୍ଲୀରେ ବିସ୍ଫୋରଣ ହୋଇଥିଲା। ଏଥିରେ ୬୦ଜଣ ନିହତ ହୋଇଥିବା ବେଳେ ୨୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଦୀପାବଳିର ଦୁଇଦିନ ପୂର୍ବରୁ ଦିଲ୍ଲୀର ଭିନ୍ନ ଭିନ୍ନ ସ୍ଥାନରେ ୩ଟି ସ୍ଥାନରେ ବିସ୍ଫୋରଣ ହୋଇଥିଲା। ଘଟଣା ପଛରେ କଶ୍ମୀର ବିଚ୍ଛିନ୍ନତାବାଦୀ/ଇସଲାମିକ ଆତଙ୍କବାଦୀ ସଙ୍ଗଠନ ଲସ୍କର-ଇ-ତୋଇବାର ହାତଥିବା ନେଇ ତଦନ୍ତକାରୀ ଏଜେନ୍ସି ସୂଚନା ଦେଇଥିଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ହୋଇପାରେ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୬ | ୧୯.୦ |
| ଚାନ୍ଦବାଲି | ୨୯.୫ | ୨୧.୪ |
| କଟକ | ୨୪.୮ | ୧୯.୦ |
| ପାରାଦ୍ୱୀପ | ୨୯.୫ | ୨୨.୪ |
| ଭୁବନେଶ୍ୱର | ୨୪.୮ | ୧୯.୦ |
| ଗୋପାଳପୁର | ୨୬.୯ | ୨୦.୪ |
| ପୁରୀ | ୨୭.୬ | ୨୨.୪ |
| ଅନୁଗୋଳ | ୩୦.୧ | ୧୫.୦ |
| ବାରିପଦା | --- | ୧୮.୮ |
| ଝାରସୁଗୁଡ଼ା | ୩୨.୦ | ୧୭.୦ |
| କେନ୍ଦୁଝର | ୨୮.୦ | ୧୪.୯ |
| ସମ୍ବଲପୁର | ୩୨.୨ | ୧୭.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୨.୬ | ୧୮.୬ |
| ତାଳଚେର | ୩୩.୪ | ୧୮.୩ |
| ଭବାନୀପାଟଣା | --- | ୧୫.୦ |
| ବଲାଙ୍ଗୀର | ୩୩.୦ | ୧୭.୫ |
| କୋରାପୁଟ | ୨୯.୦ | ୧୧.୬ |
| ଫୁଲବାଣୀ | ୨୬.୪ | ୧୦.୨ |
| ଟିଟିଲାଗଡ଼ | ୩୧.୦ | ୧୫.୫ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୧.୮ | ୧୬.୦ |
| ଦାରିଙ୍ଗିବାଡ଼ି | ୨୮.୨ | ୧୩.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ସବୁବେଳେ ଅନୁସନ୍ଧାନ ପ୍ରୟାସୀ




**ମୁମ୍ବାଇ:** ପିଲାଦିନେ ପାଠ ପଢ଼ିବା ସମୟରେ ଅଭିନୟ କରିବାକୁ ଇଚ୍ଛା ଥିଲା। ତେବେ ଜୀବନରେ କିଛି ନୂଆ କରି ଦେଖାଇବାର ପ୍ରୟାସ ସବୁବେଳେ ରଖିଥାନ୍ତି ବୋଲି ଅଭିନେତ୍ରୀ ତାପସୀ ପନ୍ନୁ ପ୍ରକାଶ କରିଛନ୍ତି। ସେ 'ବେବି', 'ପିଙ୍କ୍' ଏବଂ 'ମୁଲକ୍' ଭଳି ଫିଲ୍ମରେ ଅଭିନୟ କରିଛନ୍ତି। ଏଣ୍ଟରଟେନମେଣ୍ଟ-ଭିତ୍ତିକ ଅଡିଓ ଶୋ 'ଟେକ୍ ଟୁ ୱିଥ୍ ଅନୁପମା ଆଣ୍ଡ ରାଜୀବ'ରେ ସେ ତାଙ୍କ ଜୀବନ ଏବଂ କ୍ୟାରିୟର ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ତାଙ୍କ ଅଭିନୀତ ତେଲୁଗୁ ଫିଲ୍ମ ହିଟ୍ ହୋଇଥିବା ବେଳେ ତାମିଲ ଫିଲ୍ମ 'ଆଡୁକଲମ୍' ମଧ ଜାତୀୟ ପୁରସ୍କାର ଲାଭ କରିଛି। ତେବେ ତାଙ୍କୁ ଭାଗ୍ୟ ସାଥ୍ ଦେଇଥିବା ଜାଣିବା ପରେ ସେ ଆଉ ଅଭିନୟରୁ ମୁହଁ ଫେରାଇ ନାହାନ୍ତି। ଦିଲ୍ଲୀରେ ପଢ଼ିଥିଲେ ଓ ବଢ଼ିଥିଲେ ବି ତାମିଲ ଓ ତେଲୁଗୁ ଭାଷା ପ୍ରତି କିପରି ଆକୃଷ୍ଟ ହେଲେ ପ୍ରଶ୍ନରେ ସେ କହନ୍ତି, ମୁଁ ଜୀବନରେ କିଛି ଦୁଃସାହସିକ କାର୍ଯ୍ୟ କରିବାକୁ ପ୍ରୟାସ କରେ। ତେଣୁ ଆଶା କରାଯାଉ ନ ଥିବା କିଛି କାର୍ଯ୍ୟ କଲେ ଖୁସି ଲାଗେ। ଯେଉଁ ସ୍ଥାନକୁ କେହି ଯାଇନାହାନ୍ତି ସେ ସ୍ଥାନକୁ ଯିବାକୁ ମଧ ଇଚ୍ଛାକରେ। ବିଶିଷ୍ଟ ନିର୍ଦ୍ଦେଶକ ମଣିରତ୍ନମ୍‌ଙ୍କ ଫିଲ୍ମରେ ଅଭିନୟ କରିବାକୁ ସେ ଆଶାୟୀ।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ସଂକ୍ଷେପରେ



### ମା'ଙ୍କୁ ମେଲାଣି

**ଟିକିରି, ୨୮।୧୦(ଡି.ଏନ୍.ଏ.):** ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରିରେ ରବିବାର ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡିଜେ ଓ ପାରମ୍ପରିକ ବାଦ୍ୟର ତାଳେତାଳେ ଟିକିରି ଓ କାରାକାପୁଲି ସାହି ବାସି ଢେମସା ନୃତ୍ୟ କରି ମାଆଙ୍କୁ ମେଲାଣି ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଜନ ସମାଗମ ହୋଇଥିଲା। ଶାନ୍ତିପୂର୍ଣ୍ଣ ଭସାଣି ପାଇଁ ପୋଲିସ ସହଯୋଗ କରିଥିଲା।

### ତୃତୀୟ ଦିନରେ ସୁରକ୍ଷା ମଞ୍ଚର ଅନଶନ

**ରାୟଗଡା ଅଫିସ୍, ୨୮।୧୦:** ବିଭିନ୍ନ ଦାବିରେ କାଶୀପୁର ବ୍ଲକ ପାଇକ କୁପାଖାଲ ଗ୍ରାମର ସୁରକ୍ଷାମଞ୍ଚ ପକ୍ଷରୁ ଶୁକ୍ରବାରଠାରୁ ଚାଲିଥିବା ଅନଶନ ରବିବାର ତୃତୀୟ ଦିନରେ ପହଞ୍ଚିଛି। ଅନଶନରେ ମଞ୍ଚର ସିଙ୍ଗ ଚଲାନ, ରତନ ମାଝୀ, କୈଳାସ ଝୋଡିଆ, କମନ୍ଧ ମାଝି ଏବଂ ଅନ୍ୟାନ୍ୟ ସଦସ୍ୟ ଏବଂ ଗ୍ରାମବାସୀ ସାମିଲ ହୋଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ରାସ୍ତାପାର୍ଶ୍ୱରେ ଏହି ଅନଶନ କରାଯାଇଛି। ଦେଶ ସ୍ୱାଧୀନ ହେବାର ୬୯ବର୍ଷ ବିତିଯାଇଥିଲେ ସୁଦ୍ଧା ପାଇକ କୁପାଖାଲ ଗ୍ରାମକୁ କୌଣସି ପକ୍କାରାସ୍ତା, ଶିକ୍ଷା, ପାନୀୟ ଜଳର ସୁବିଧା କରାଯାଉନାହିଁ। ଉତ୍କଳ ଆଲୁମିନା କମ୍ପାନୀ ୨୭ବର୍ଷତଳେ ଗ୍ରାମବାସୀଙ୍କ ଠାରୁ ଜମି ନେଇ ଗ୍ରାମର ଉନ୍ନତି କରିବା ବଦଳରେ ଗ୍ରାମବାସୀଙ୍କ ଉପରେ ଦାଉ ସାଧୁଛନ୍ତି। ଯେଉଁଥି ପାଇଁ କମ୍ପାନୀର ପାରିପାର୍ଶ୍ୱିକ ଗାଁଗୁଡ଼ିକର ଲୋକେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏହି ଅଞ୍ଚଳର ଲୋକଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇଦେବା ସହିତ ଅଞ୍ଚଳବାସୀଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଦିଆଯାଉ ବୋଲି ଦାବି ହୋଇଛି।

■ କଲ୍ୟାଣସିଂହପୁରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ପୁଣି ବୁହାହେଲେ ରୋଗୀ

■ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ
■ପାଞ୍ଚ ଦିନରେ ଦ୍ୱିତୀୟ ଘଟଣା

ରାୟଗଡା ଅଫିସ୍, ୨୮।୧୦


ଭେଳାରେ ନଦୀପାର୍ ହୋଇ ଡାକ୍ତରଖାନା ଯିବା ପାଇଁ ପରିବାର ଲୋକେ ରୋଗୀଙ୍କୁ ବୋହି ନେଉଛନ୍ତି।

ଲୋକମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଏହା ରାୟଗଡା ଜିଲାରେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଠିକ୍ ସମୟରେ ମିଳିପାରୁନି। ଜିଲାର କଲ୍ୟାଣସିଂହପୁର ବ୍ଲକରେ ରୋଗୀ ଯନ୍ତ୍ରଣା ଥମିବାରେ ନାଁ ଧରୁନି। ଉକ୍ତ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ସେଠାରେ ଦୀର୍ଘବର୍ଷଧରି ରୋଗୀଙ୍କୁ ଆମ୍ବୁଲାନ୍ସ ସେବା ମିଳିପାରୁନି। ରୋଗୀଙ୍କୁ ଭାରକରି ବିପଦସଙ୍କୁଳ ଅବସ୍ଥାରେ ନଦୀ ପାର କରାଇ ପରିବାର ଲୋକେ ଡାକ୍ତରଖାନାକୁ ଆଣିବା ଏକ ସାଧାରଣ ଘଟଣା ପାଲଟି ଗଲାଣି। ବର୍ଷ ସାରା ପ୍ରାୟତଃ ପ୍ରତି ୩ରୁ ୪ଦିନ ବ୍ୟବଧାନରେ ଏହି ଅଞ୍ଚଳର କେହି ନା କେହି ରୋଗୀ ବୁହା ହୋଇ ଚିକିତ୍ସା ନିମନ୍ତେ ଡାକ୍ତରଖାନା ଆସୁଛନ୍ତି। ରବିବାର ମଧ୍ୟ ଏହି ଘଟଣାର ପୁନରାବୃତ୍ତି ଘଟିଛି। ଜଣେ ରୋଗୀଙ୍କୁ ପରିବାର ଓ ସମ୍ପର୍କୀୟମାନେ ଭେଳାରେ କଲ୍ୟାଣୀ ନଦୀ ପାର କରାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ନିୟମଗିରି ପାହାଡରେ ଥିବା ଫାକେରି ଗାଁର ସିକକା ସୀତାରି(୫୦) ଗତ କିଛିଦିନ ହେବ କେଶବନାଇଗୁଡାସ୍ଥିତ ନିଜ ଚାଷଜମି ନିକଟରେ ରହି ଆସୁଥିଲେ। ଶନିବାରଠାରୁ ତାଙ୍କୁ ଜ୍ୱର ହୋଇଥିଲା। ତେବେ ରବିବାର ସେ ଗୁରୁତର ହୋଇ ପଡିଥିଲେ। ପରିବାର ଓ ଗ୍ରାମବାସୀଙ୍କ ସହାୟତାରେ ପ୍ରଥମେ ତାଙ୍କୁ ଏକ ଅଟୋ ଯୋଗେ ପ୍ରାୟ ୨କି.ମି କଲ୍ୟାଣୀ ନଦୀ ନିକଟକୁ ଅଣାଯାଇଥିଲା। ସେଠାରୁ ସ୍ୱାମୀ ସିକ୍କା ଘାସି ଓ ଜଣେ ସମ୍ପର୍କୀୟ ଦିଅର ତାଙ୍କୁ ଭାରକରି ନଦୀ କୂଳ ଭେଳାକୁ ଆଣିଥିଲେ। ଭେଳାରେ ନଦୀପାର କରିବା ପରେ ପୁଣି ବୋହି ବୋହି ସୀତାରିଙ୍କୁ ଚିକିତ୍ସା ନିମନ୍ତେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ତାଙ୍କ ଚିକିତ୍ସା ଚାଲିଛି। କଲ୍ୟାଣସିଂହପୁର ବ୍ଲକରେ ସ୍ୱାସ୍ଥ୍ୟସେବାକୁ ନେଇ ବାରମ୍ବାର ଏହିଭଳି ଘଟଣା ଘଟି ଚାଲିଛି । ହେଲେ ଜିଲା ସ୍ୱାସ୍ଥ୍ୟ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ ଏହାର ସମାଧାନ ପାଇଁ କୌଣସି ପ୍ରତିକାର କରାଯାଉନାହିଁ ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। କଲ୍ୟାଣୀ ନଦୀର ଅପରପାର୍ଶ୍ୱରେ ଥିବା ୫ଟି ପଞ୍ଚାୟତର ଅନେକ ଗ୍ରାମବାସୀ ନିୟମିତ ଏହିଭଳି ଦୁର୍ଦ୍ଦଶା ଭୋଗୁଛନ୍ତି। ଗତ ୨୩ତାରିଖରେ ଜଣେ ରୋଗୀଙ୍କୁ ତାଙ୍କର ଦୁଇପୁଅ ଭାରକରି କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏହା ପୂର୍ବରୁ ମଧ୍ୟ କଲ୍ୟାଣସିଂହପୁର ବ୍ଲକ୍‌ରେ ଏଭଳି ଅନେକ ଘଟଣା ଘଟିଛି। ଲୋକଙ୍କୁ ଉଚିତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲେ ମହିଳା

## ଜୀବନ ଥିବା ଭାବି ଅନ୍ୟ ଚିକିତ୍ସାଳୟକୁ ନେଲେ ପରିବାର

ରାୟଗଡା ଅଫିସ୍, ୨୮।୧୦

ଜ୍ୱରରେ ଆକ୍ରାନ୍ତ ଜଣେ ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ମୃତ୍ୟୁ ହୋଇ ଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କଲା ପରେ ମଧ୍ୟ ପରିବାର ଲୋକେ ଏହାକୁ ବିଶ୍ୱାସ ନ କରି ଅନ୍ୟ ଏକ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ମଧ୍ୟ ଡାକ୍ତର ସମାନ କଥା କହିବା ପରେ ପରିବାର ଲୋକେ ମୃତଦେହ ଆଣି ସତ୍କାର କରାଇଛନ୍ତି। ପ୍ରକାଶ ଯେ, ରାୟଗଡା ବ୍ଲକ୍ ପେଣ୍ଟା ପଞ୍ଚାୟତ ଅମଳାଭଟ୍ଟା ଗ୍ରାମର ନାରାୟଣ ହିମିରିକାଙ୍କ ସ୍ତ୍ରୀ କମଳା (୪୦) ୩ ଦିନ ହେବ ଜରରେ ପୀଡିତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ରବିବାର ଭୋରରୁ ଡାକ୍ତର ଜଗଦୀଶ ଶତପଥୀ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମହାପ୍ରୟାଣ ଗାଡି ଯୋଗେ ମୃତଦେହକୁ ତାଙ୍କ ଗାଁ କୁ ପଠାଯାଇଥିଲା। କିନ୍ତୁ ମୃତ୍ୟୁ ପରେ ମଧ୍ୟ ତାଙ୍କ ଦେହ ଗରମ ଥିବାରୁ ପରିବାର ଲୋକେ ସେ ବଞ୍ଚିଥିବା ସନ୍ଦେହ କରି ଏକ ଅଟୋ ଯୋଗେ ଜେକେପୁରସ୍ଥିତ ଇଏସ୍ଆଇ ଚିକିତ୍ସାଳୟକୁ କମଳାଙ୍କୁ ଆଣିଥିଲେ। ସେଠାରେ ଡାକ୍ତର କେ.ନବୀନ ତାଙ୍କୁ ପରୀକ୍ଷା କରି ପୁଣିଥରେ ମୃତ ଘୋଷଣା କରିଥିଲେ । ପରେ ପରିବାର ଓ ଗ୍ରାମବାସୀଙ୍କ ଉପସ୍ଥିତିରେ କମଳାଙ୍କ ମୃତଦେହର ସତ୍କାର କରାଯାଇଛି। ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ ମୃତ ମହିଳା ଜୀବିତ ହେଲେ ବୋଲି ଚର୍ଚ୍ଚା ମଧ୍ୟ ହୋଇଥିଲା।

DADLS-154

## ରାଷ୍ଟ୍ରୀୟ ସଂକଳ୍ପ ଦିବସ ରାଜ୍ୟସ୍ତରୀୟ ସମାରୋହ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା

ତା୩୧।୧୦।୨୦୧୮ ସ୍ଥାନ: ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା** ସମୟ: ମଧ୍ୟାହ୍ନ ୧୨ ଘଟିକା
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା** ସମୟ: ଅପରାହ୍ନ ୨ ଘଟିକା
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ୧ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ/ ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତିପତ୍ର ଆଣିବା ଆବଶ୍ୟକ।
- ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା୩୧।୧୦।୨୦୧୮ରିଖ ସନ୍ଧ୍ୟା ୫ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ
15001/13/0345/1819

# ଡାଙ୍ଗସୋରଡାରେ ଚାଷୀ ତାଲିମ ଶିବିର

ଚନ୍ଦ୍ରପୁର, ୨୮।୧୦(ଡି.ଏନ୍.ଏ.)


ତାଲିମ ଶିବିରରେ ଉପସ୍ଥିତ ଅତିଥିମାନେ।

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ସଦରମହକୁମାସ୍ଥିତ କୃଷି ପରାମର୍ଶ କେନ୍ଦ୍ର ପରିସରରେ ରବିବାର ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ଫସଲରେ ରୋଗ ପୋକ ନିୟନ୍ତ୍ରଣ , ଔଷଧ, ସାର ପ୍ରୟୋଗ ସମ୍ପର୍କରେ ବୁଝାଯାଇଥିଲା। ଏହାଛଡା ଚାଷର ପ୍ରଣାଳୀ, ଉନ୍ନତ ମାନର ଚାଷ, ରୋଗ ପୋକକୁ କିପରି ନିୟନ୍ତ୍ରଣ କରିହେବ ସେ ସମ୍ପର୍କରେ ତାଲିମ ଦିଆଯାଇଛି। କୃଷି ବିଭାଗ ଡିଡିଏ ରବୀନ୍ଦ୍ର ନାଥ ଖୁଣ୍ଟିଆ ମୁଖ୍ୟ ଅତିଥି, ଜିଲା କୃଷି ଅଧିକାରୀ ରିଲିଜିଏସ୍ ବେକ, ଚନ୍ଦ୍ରପୁର ସରକାରୀ କୃଷି ଅଧିକାରୀ ରାମଲାଲ ସାମାଡ଼, କୃଷି ଅଧିଦର୍ଶକ ରଜନୀକାନ୍ତ ମିଶ୍ର, ଶ୍ୟାମ ସୁନ୍ଦର ପାଢୀ, ସୁରେନ୍ଦ୍ର ନାୟକ, ବିଏଲ୍‌ଟିଓ ପ୍ରଭାତ ସାହୁ, ବିଶ୍ୱଲାଲ ଭୁଜବଳ, କୃଷକ ସାଥୀ ରଥ ଉଲାକା, ଉପେନ୍ଦ୍ର ଚିଟିଦୋରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଗ୍ରଣୀ ଚାଷୀ ସୁବାସ ମାଝି, କରୁଣାକର ପାତ୍ର, ଲୋକନାଥ ଦଣ୍ଡସେନାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

# ଅଖିଳ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା


ଛାତ୍ରୀଛାତ୍ରମାନେ ସଂସ୍କୃତିଜ୍ଞାନ ପରୀକ୍ଷା ଦେଉଛନ୍ତି।

ଗୁଣପୁର, ୨୮।୧୦(ଡି.ଏନ୍.ଏ.)

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଅଖିଳ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ରବିବାର ଆୟୋଜିତ ହୋଇଛି। ଏଥିରେ ୧୨ଟି ସ୍କୁଲର ୪ର୍ଥରୁ ୧୦ମ ଶ୍ରେଣୀ ମଧ୍ୟରେ ୩୩୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଆଶ୍ରମ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଭାରତୀୟ ଧର୍ମ ଓ ସଂସ୍କୃତି ବିଶ୍ୱରେ ମହାନ ଓ ଅଦ୍ୱିତୀୟ। ଏହି ମହାନ ସଂସ୍କୃତି ଓ ପରମ୍ପରା ବିଷୟରେ ସମ୍ୟକ ଧାରଣା ହାସଲ କରିବା ଓ ଏହାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ଉକ୍ତ ପରୀକ୍ଷା ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କିଶୋର ଚନ୍ଦ୍ରସାହୁ , ଦୁର୍ଗା ପ୍ରସାଦ ସୁଆର, ମନୋଜ ମହାରଣା, ଫକୀର ମୋହନ ଗୌଡ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ଗୀତାଞ୍ଜଳି ପାଣିଗ୍ରାହୀ ଏହାର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ ପରୀକ୍ଷା ତଦାରଖ କରିଥିଲେ।

**OFFICE OF THE HEADMASTER**
**KASTURABA GANDHI BALIKA VIDYALAYA, TARAGAM**
**BLOCK- NABARANGPUR, DIST.- NABARANGPUR, PIN- 764059**
Cell: 8249886197 (HM) Email: kgbvtaragam@rediffmail.com
Letter No. 77/2018 ଶିକ୍ଷା ଅଧିକାର Date: 26.10.2018

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of Reading Writing Materials & Dress Materials to KGBV, TARAGAM, Block/Dist.- Nabarangpur. Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress, KGBV TARAGAM, Nabarangpur during office hours by 5.00PM of Dt.26.11.18. The bid document shall be opened at 10.00AM on Dt.27.11.18 in the office of the Headmistress, KGBV, TARAGAM, Nabarangpur in the presence of the bidders or their authorised representatives. Any SMC member / official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website http://www.opepa.in and nabarangpur.nic.in.

*Sd./- Headmistress, KGBV TARAGAM, Nabarangpur*

See Career Appointment on every Wednesday & Saturday

**OFFICE OF THE COLLECTOR, RAYAGADA**
**(SOCIAL WELFARE SECTION)**
No. 2486 Dated: 26.10.18

**TENDER NOTICE**

Sealed tenders in the prescribed format are invited from the intending registered transport contractor / agents / individuals / company for undertaking transportation of rice & wheat, under Supplementary Nutrition feeding programme during the year 2018-19 in Rayagada district, which is to be transported from the FSD depot of the FCI/OSWC of Rayagada & Gunupur to all the AWC & Chhatua production points of the district.

For details please visit our official website http://rayagada.nic.in. The tender completed in all respect shall reach to the Office of the DSWO, Rayagada by registered / speed post Collectorate, Rayagada on or before 15.11.2018 by 5PM and the tender will be opened on 16.11.2018 at 11AM by the tender committee constituted for this purpose.

The tender received beyond the date and time mentioned above shall not be taken into consideration. The authority also reserves the right to reject any or all tenders without assigning any reason thereof.

*Sd./- COLLECTOR, RAYAGADA*

**ପଞ୍ଚାୟତ ସମିତି, ସୁକିନ୍ଦା, ଜିଲ୍ଲା-ଯାଜପୁର**
Email: ori-sukinda@nic.in, PIN- 755018, Cell: 8280405157
No. 2572 Date: 27.10.2018

**TENDER CANCELLATION NOTICE**

This is to inform all concerned that Tender Notice No. 2230, dtd. 10.09.2018 of Sukinda Block for 11 nos. of OMC CSR projects, is hereby cancelled.

*Sd./- Block Development Officer, Sukinda*

idco Your power to grow ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022
No. HO/Civil/T&E/E/4443/01/2018/21446 Date:26.10.2018

**EXPRESSION OF INTEREST NOTICE**

Expression of Interest is invited from renowned Artisans / Agencies for "Design, Supply and Installation of Display items with Supportive backdrops for Dance Costume Gallery of Odisha Craft Museum at Gandamunda, Bhubaneswar". The detail EOI can be seen in our website **www.idco.in** (in tenders EOI /REP/Others). The last date of submission of the EOI is **16.11.2018** by 5.00pm.

For the detailed EOI, please visit our web site **www.idco.in**

Sd/-
Chief General Manager (Civil)I/C
IDCO, Bhubaneswar

**OFFICE OF THE HEADMISTRESS**
**KASTURABA GANDHI BALIKA VIDYALAYA, CHARAMULA**
**BLOCK- TENTULIKHUNTI, DIST.- NABARANGPUR, PIN- 764070**
Cell: 9777723789 (HM) Email: kgbvcharamula@rediffmail.com
Letter No. 85/2018 ଶିକ୍ଷା ଅଧିକାର Date: 26.10.2018

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of Reading Writing Materials & Dress Materials to KGBV, CHARAMULA, Block- Tentulikhunti, Dist.- Nabarangapur. Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress, KGBV CHARAMULA, Block- Tentulikhunti, Nabarangpur during office hours by 5.00PM of Dt.28.11.18. The bid document shall be opened at 10.00AM on Dt.29.11.18 in the office of the Headmistress, KGBV, CHARAMULA, Block- Tentulikhunti, Nabarangpur in the presence of the bidders or their authorised representatives. Any SMC member / official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website http://www.opepa.in and nabarangpur.nic.in.

*Sd./- Headmistress, KGBV CHARAMULA*

**OFFICE OF THE REGULATED MARKET COMMITTEE, BALANGIR**
**At/PO.-Balangir, Dist- Balangir- 767001**
**E-mail- rmcbgr@rediffmail.com, MOB.9437116739/9437063300**

**E-PROCUREMENT (INVITATION FOR BIDS)**
**TENDER CALL NOTICE NO.495RMC, Dated:- 27.10.2018**
**BID IDENTIFICATION NO.RMC – 02/ 2017-18**


1. The Sub-Collector,Balangir-cum-Chairman, R.M.C.,Balangir invites Percentage Rate bids in Single cover system in online mode for the construction of works as detailed in the table, from the class of eligible contractors as mentioned in column – 7 (Seven ) registered with the State Governments and contractors of equivalent Grade / Class Registered with Central Government / MES/ Railway/CPWD for execution of civil works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under State Government has to register under the appropriate registering authority of the State Government of Odisha in appropriate class of eligibility before award of the work.
2. The bidders may submit bids for the following works.

| Sl. No. | Name of the Work | Value of the Work (Rs.) | Concerned T.I.A. | EMD @1% Rs. (Approx) Online | Cost of Bid Documents + 18% GST Rs. (Online) | Class of Bidder | Period of Completion in Calendar months |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of 16nos shop rooms at Bijakhaman Market Yard under RMC Balangir. | 41,51,727.00 | Sub-Collector, Balangir-cum-Chairman, R.M.C. , Balangir | 41517.00 | 6000.00 | 'A' & 'B' | 6 Calendar Months |
| 2 | Construction of barbed wire fencing at Bijakhaman Market Yard under RMC Balangir. | 53,318.00 | Sub-Collector, Balangir-cum-Chairman, R.M.C. , Balangir | 533.00 | 400.00 | 'C' & 'D' | 1 Calendar Months |
| 3 | Construction of Farmers facilation centre with auction hall at Bijakhaman Market Yard under RMC Balangir. | 28,82,596.00 | Sub-Collector, Balangir-cum-Chairman, R.M.C. , Balangir | 28,826.00 | 6000.00 | 'C' & 'B' | 6 Calendar Months |
| 4 | Construction of e-NAM office with laboratory at Bijakhaman Market Yard under RMC Balangir | 10,87,886.00 | Sub-Collector, Balangir-cum-Chairman, R.M.C. , Balangir | 10,879.00 | 6000.00 | 'C' & 'D' | 4 Calendar Months |

3. Bid documents consisting of Plans, specifications, the schedule of quantities and the set of terms and conditions of contract and All other details can be seen from DTCN available at E-procurement portal Govt. website :www.tendersorissa.gov.in.
4. The Tender Paper cost and Earnest Money Deposit / Bid security of the amount specified for the work in Col. 05 and 06 above, the bidder shall make electronic payment using his / her Internet Banking enabled account with designated Bank or their aggregator Bank such as SBI / ICICI / HDFC or the bidder having account in other bank can make payment using NEFT / RTGS facilities of designated banks . Bidders desirous to hire machineries or equipments from outside the State or owned but deployed outside the state are required to furnish 2 % of the amount put to tender as Bid security.
5. The Bid documents will be available in the website :www.tendersorissa.gov.in from 10.00AM of 30.10.2018 to 08.11.2018 5.00 PM for online bidding.
6. The bidder must possess compatible Digital Signature Certificate (DSC) of Class-II or Class-III
7. Bids shall be received only "on line" on or before 08/11/2018 up to 5.00 PM.
8. Bids received on line shall be opened at 10.00 AM on 09/11/2018 in the office of the R.M.C. Balangir in the presence of the bidders who wish to attend. Bidders who participated in the bid can witness the opening of bids after logging on to the site through their DSC. If the office happens to be closed on the last date of opening of the bids as specified, the bids will be opened on the next working day at the same time and venue.
9. After finalisation of tender the successful bidder shall submit the original affidavit regarding authentication of the documents and all other documents in the original shall be furnished in the office for verification.
10. The cost of bid documents as mentioned in Column 6, the bidder shall make electronic payment using his / her Internet Banking enabled account with designated Bank or their aggregator Banks such as SBI / ICICI / HDFC or the bidder having account in other Bank can make payment using NEFT / RTGS facilities of designated Banks .
11. The Engineer contractor willing to avail the Exemption of EMD will submit scan copy of the affidavit to avail the exemption along with bid document and original affidavit will be submitted before opening of technical Bid. Affidavit should contain how many times such facilities have been availed by him prior to this during the current financial year. Otherwise they will not be entitled to avail such facilities.
12. The SC/ST contractors willing to avail the facilities as fixed by Govt. will submit an affidavit for the same along with tender document; otherwise they will not be entitled to avail such facilities. Claim at the time of opening of tender or later will not be entertained.
13. Special Clause: If the rate quoted by the bidder is less than the estimate cost put to tender, then the successful bidder shall have to furnish the exact amount of differential cost i.e estimated cost put to tender minus the quoted amount as Additional Performance Security within five days of opening tender in shape of Demand Draft/Fixed deposit receipt/N.S.C/K.V.P drawn in any nationalized bank in favour of the Chairman, RMC Balangir.
14. Other details can be seen in the bidding documents.
15. The authority will not be held responsible for any technical snag or network failure during on-line bidding.
16. The authority reserves the right to cancel any or all bids without assigning any reason.

**Sd/-SubCollector, Balangir, -cum-Chairman, R.M.C. Balangir**

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୨୯ ଅକ୍ଟୋବର, ୨୦୧୮



ଜ୍ଞାନଠାରୁ କଳ୍ପନା ଶକ୍ତିର ଗୁରୁତ୍ୱ ଅଧିକ ବୋଲି ସବୁବେଳେ ମନେରଖିବା ଉଚିତ।
-ଆଇନଷ୍ଟାଇନ୍



## ସଂକ୍ଷେପରେ



### ଖ୍ରୀଷ୍ଟୀୟ ପଞ୍ଚାୟତ ନିର୍ବାଚନ

ଜୟପୁର,୨୮।୧୦(ଡି.ଏନ୍.ଏ.): ସ୍ଥାନୀୟ ଜେ.ଇ.ଏଲ.ସି ଚର୍ଚ୍ଚରେ ରବିବାର ଜୟପୁର ଖ୍ରୀଷ୍ଟିୟ ଗ୍ରାମପଞ୍ଚାୟତର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ପଦବୀ ପାଇଁ ସଚ୍ଚିଦା ମହାନ୍ତି ୮୧ ଖଣ୍ଡ ଭୋଟରେ ଦୀପକ ପାତ୍ରଙ୍କୁ ହରାଇ ବିଜୟୀ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ପ୍ରଭାତି ବେନ୍ୟା ପ୍ରତିଦ୍ୱନ୍ଦ୍ୱୀ ଅମନ ଉଜ୍ଜ୍ୱିନ ନାୟକଙ୍କଠାରୁ ୨୨୯ ଅଧିକ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ସଂପାଦକ ଭାବେ ବାବି ଜନ୍ ସ୍ମିଥ ୯୯ ଖଣ୍ଡ ଭୋଟରେ ପ୍ରତିଦ୍ୱନ୍ଦ୍ୱୀ ମହିମା ମଳୟ ଛିଞ୍ଚାଣିଙ୍କୁ ପରାସ୍ତ କରିଛନ୍ତି। କୋଷାଧ୍ୟକ୍ଷ ପଦବୀ ପାଇଁ ସଞ୍ଜୟ ମହାନ୍ତି ୪୪୪ ଖଣ୍ଡ ଭୋଟରେ ବିନୟ ତୁରୁକଙ୍କୁ ପରାସ୍ତ କରିଛନ୍ତି । ଜୟପୁର ପ୍ରଧାନ ମଣ୍ଡଳୀର ପରିଚାଳକ ମନୋଜ ନାୟକ, ନଗର ପାଷ୍ଟର ସରୋଜ ମୁନି ଏବଂ ମହିଳା ପାଷ୍ଟର ହେଲିନା ଚାନ୍ଦ ନିର୍ବାଚନ ପରିଚାଳନା କରିଥିଲେ ।

### ଦାମନଯୋଡ଼ି ନାଗରିକ ମଞ୍ଚର ପ୍ରସ୍ତୁତି ବୈଠକ

ଦାମନଯୋଡ଼ି,୨୮।୧୦(ଡି.ଏନ୍.ଏ.): ଦାମନଯୋଡ଼ି ଶିଳ୍ପାଞ୍ଚଳର ମାଥାଲପୁଟ, ଲିଟିଗୁଡ଼ା, ଭେଜାପୁଟ ଏବଂ ନାଲ୍‌କୋ ଟାଉନ୍‌ରେ ସ୍ୱାସ୍ଥ୍ୟ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ଦାମନଯୋଡ଼ି ଥାନା କର୍ମଚାରୀଙ୍କ ନିଷ୍କ୍ରିୟତା ଯୋଗୁ ଅଭିଯୋଗ ପାଇଁ ସେମିଲିଗୁଡ଼ା ଥାନାକୁ ଲୋକଙ୍କୁ ୨୫ କିମି ଯିବାକୁ ପଡୁଛି। ଅନେକ ସମୟରେ ଲୋକେ ଏଠାରେ ଅଧିକାରୀଙ୍କ ସାକ୍ଷାତ ନ ପାଇ ନିରାଶରେ ଫେରୁଛନ୍ତି। ଏପରି କି ବିଭିନ୍ନ ଅପରାଧୀକ ଘଟଣାରେ ଥାନାରେ ଅଭିଯୋଗ କରିବାକୁ ଲୋକେ ମନ ବଳାଉ ନାହାନ୍ତି। ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଥାନା ଏବଂ ଡାକ୍ତରଖାନା ସ୍ଥାପନ କରିବାକୁ ଦାମନଯୋଡ଼ି ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି। କୋରାପୁଟ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ରାଜସ୍ୱ କମିଶନରଙ୍କୁ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏଥିନିମନ୍ତେ ମଞ୍ଚ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସଭାପତି ସରୋଜ ସ୍ୱାଇଁ,ଉପସଭାପତି ହରିବଂଶ ବିଶ୍ୱାଳ, ସାଧାରଣ ସମ୍ପାଦକ ପୀତାମ୍ବର ସାହୁ, ସହ ସମ୍ପାଦକ ପ୍ରଭୁ ଚରଣ ସାହୁ, କୋଷାଧ୍ୟକ୍ଷ ସୋମନାଥ ସାମନ୍ତରାୟ, ଆବାହକ ଜିତେନ୍ଦ୍ର ତ୍ରିପାଠୀ, ସଙ୍ଗଠନ ସମ୍ପାଦକ ସୌଭାଗ୍ୟ ବସ୍ତିଆ, ଚୈତନ୍ୟ ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଡଷ୍ଟବିନ ବଣ୍ଟନରେ ଅନିୟମିତତା ଅଭିଯୋଗ



ଜୟପୁର, ୨୮।୧୦ (ଡି.ଏନ.ଏ./ନି.ପ୍ର.): ଜୟପୁର ପୌରସଂସ୍ଥାର ଡଷ୍ଟବିନ୍ ବଣ୍ଟନରେ ବ୍ୟାପକ ଅନିୟମତା ହୋଇଛି । ଏନେଇ ପିସିସି ସଦସ୍ୟ ରବିନ୍ଦ୍ର ମହାପାତ୍ର ରବିବାର ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ପୌରାଞ୍ଚଳରେ ରହିଥିବା ସମସ୍ତ ଘରକୁ ଦୁଇଟି ଲେଖାଏଁ ଡଷ୍ଟବିନ ବଣ୍ଟନ କରାଯାଇଛି । ପୌରସଂସ୍ଥାର ପ୍ରସ୍ତାବ ସଂଖ୍ୟା ୬୬୨ରେ ଏହା ଉଲ୍ଲେଖ ରହିଛି । କିନ୍ତୁ ବିଭାଗୀୟ କର୍ମଚାରୀ ଓ କାଉନସିଲରମାନେ କେବଳ ରାସନ କାର୍ଡଧାରୀଙ୍କୁ ପ୍ରତ୍ୟେକ ୨ଟି ଲେଖାଏଁ ଡଷ୍ଟବିନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ଏକ ଲିଷ୍ଟ ପ୍ରସ୍ତୁତ ଦେଖାଉଛନ୍ତି । ଉକ୍ତ ଲିଷ୍ଟ ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା କରାଯାଇ ଡଷ୍ଟବିନ୍ ଦିଆଯାଇଥିବା ଅଭିଯୋଗ ଉଠିଛି । ଏଥିରେ କେବଳ ସହରର ୧୦ ପ୍ରତିଶତ ଘରକୁ ଡଷ୍ଟବିନ୍ ପ୍ରଦାନ କରାଯାଇ ଅନ୍ୟ ୯୦ ପ୍ରତିଶତଙ୍କୁ ଡଷ୍ଟବିନ୍ ଦିଆଯାଇନାହିଁ । ଉକ୍ତ ୯୦ ପ୍ରତିଶତ ଲୋକଙ୍କ ଡଷ୍ଟବିନ୍ କିଣା ଟଙ୍କା ଆତ୍ମସାତ କରିଥିବା ଆଶଙ୍କା ପ୍ରକାଶ ପାଇଛି । ତେଣୁ ୭ ଦିନ ମଧ୍ୟରେ ସହରର ସମସ୍ତ ଘରକୁ ୨ ଲେଖାଏଁ ଡଷ୍ଟବିନ୍ ପ୍ରଦାନ କରାଯାଉ । ଅନ୍ୟଥା ଆମେ ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ ବୋଲି ଚେତାବନୀ ଦିଆଯାଇଛି ।

# ପଦାରେ ପଡୁଛି ବନ ବିଭାଗର ଚରମ ଅବହେଳା

କୁନ୍ଦୁରା,୨୮।୧୦(ଡି.ଏନ୍.ଏ.)

**ଅଦିନରେ ଚାରାରୋପଣ**
- ସରକାରୀ ବାସଭବନରେ ରହୁନାହାନ୍ତି ରେଞ୍ଜର
- ଗାଁରେ ଭାଲୁଙ୍କ ବିଚରଣ, ଆତଙ୍କିତ ବାସିନ୍ଦା
- ସନ୍ଦେହ ଘେରରେ କୋଲାବ ନଦୀରେ ଭାଲୁ ମୃତଦେହ ଭାସିବା ଘଟଣା

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବନ ବିଭାଗର ଚରମ ଅବହେଳା ପଦାରେ ପଡୁଛି। ରେଞ୍ଜର ସଦର ମହକୁମା ସରକାରୀ ବାସଭବନରେ ନ ରହି କୋରାପୁଟ ଏବଂ ଜୟପୁରରେ ରହୁଛନ୍ତି। ଏଥିପାଇଁ ସରକାରୀ କାର୍ଯ୍ୟରେ ଅବହେଳା ଦେଖାଦେଉଛି। ଯଦ୍ୱାରା କୁନ୍ଦୁରା ବ୍ଲକର ସଂରକ୍ଷିତ ଜଙ୍ଗଲରୁ ମା' ଭାଲୁ, ମାଇଭାଲୁ ହିଂସ୍ର ହୋଇ ଗାଁ ଏବଂ ଘରେ ଘରେ ପଶୁଥିବାରୁ ଜନଜୀବନ ପ୍ରତି ବିପଦ ରହିଛି। କୁନ୍ଦୁରା ବ୍ଲକ ଅନ୍ତର୍ଗତ ଡଙ୍ଗରପାଉଁଶି ଗ୍ରାମପଞ୍ଚାୟତର ବେଢ଼ାପାଉଁଶୀ, ଭେଜାହାଣ୍ଡି, ଦୋରାଗୁଡ଼ା, ମୁଣ୍ଡିଗୁଡ଼ା, ଫୁପୁଗାଁ ପଞ୍ଚାୟତର ଯୁବା ପାତ୍ରପୁଟ, କରଣଗୁଡ଼ା, ଫୁପୁଗାଁ, ଚନ୍ଦ୍ର ଶୁଣ୍ଡିଗୁଡ଼ା ଅଞ୍ଚଳରେ ଭାଲୁ ମାଲମାଲ ହୋଇ ସନ୍ଧ୍ୟା ୫ଟାରୁ ଗାଁ ଭିତରେ ପଶୁଛନ୍ତି। ସନ୍ଧ୍ୟା ସମୟରେ ଗ୍ରାମବାସୀ ଭୟଭୀତ ହୋଇ ପିଲାମାନଙ୍କୁ ଟ୍ୟୁସନ୍ ଛାଡୁ ନାହାନ୍ତି। ଖାଲି ସେତିକି ନୁହେଁ, କୋଲାବ ନଦୀର ଆଖପାଖ ଡଙ୍ଗରପାଉଁଶୀ ଅଞ୍ଚଳର ଚାଷୀ ଅଖିଳ ଭଞ୍ଜ, ଅଜିତ ଶତପଥୀ, ବିଜୟ ପଣ୍ଡା, ପରମାନନ୍ଦ ନାୟକଙ୍କ ଆଖୁବାଡ଼ିରେ ରାତି ତମାମ ଭାଲୁପଲ ପଶି ଯେତିକି ଖାଉଛନ୍ତି, ତାର ୫ ଗୁଣ ନଷ୍ଟ କରୁଛନ୍ତି। ଯଦ୍ୱାରା ଲକ୍ଷଲକ୍ଷ ଟଙ୍କାର ଆଖୁଚାଷ ନଷ୍ଟ ହେବା ସହ ସେଠାରେ ଜଗିଥିବା ଲୋକଙ୍କ ପ୍ରତି ଭାଲୁ ଭୟ ରହିଛି। ଏପଟେ ଗ୍ରାମାଞ୍ଚଳଗୁଡ଼ିକରେ ଭାଲୁ ମାଲମାଲ ହୋଇ ବୁଲୁଥିବା ଦେଖି ଜନସାଧାରଣଙ୍କ ମନରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି। ବନ ବିଭାଗ ଅଧୀନରେ କାର୍ଯ୍ୟରତ ଭାରପ୍ରାପ୍ତ ବନାଞ୍ଚଳ କ୍ଷେତ୍ରପାଳ (ରେଞ୍ଜର) କୋରାପୁଟରେ ବସବାସ କରୁଛନ୍ତି। ଏଭଳି ଅବହେଳା କାର୍ଯ୍ୟ ଏବଂ ସ୍କ୍ୱାଡ୍ ମାଧ୍ୟମରେ ପାଟ୍ରୋଲିଂ କରାଯାଉ ନ ଥିବା ଯୋଗୁଁ ବିଭିନ୍ନ ସମୟରେ ନିରୀହ ଲୋକେ ହିଂସ୍ର ଜନ୍ତୁଙ୍କ ଆକ୍ରମଣର ଶିକାର ହେଉଛନ୍ତି। ବନ ବିଭାଗର ଚୂଡ଼ାନ୍ତ ଏବଂ ସର୍ଭେ ରିପୋର୍ଟରେ ବାଘ ନ ଥିବା ରେଞ୍ଜର କହୁଥିବାବେଳେ ଏକାଧିକ ବ୍ୟକ୍ତି ବାଘ ଆକ୍ରମଣରେ ଖଣ୍ଡିଆ ଖାବରା ହୋଇ କୁନ୍ଦୁରାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ଏଭଳି କିଛି ଅଘଟଣ ଘଟୁଥିବା ବେଳେ ହିଂସ୍ରଜନ୍ତୁ ଯଦି କାହାର କିଛି କ୍ଷତି କରନ୍ତି, ତେବେ ଏଥିପାଇଁ ବନ ବିଭାଗ ଦାୟୀ ରହିବ ବୋଲି ଗ୍ରାମର ଅମରନାଥ ଭଞ୍ଜ, ଅଭୟାନନ୍ଦ ଭଞ୍ଜ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ଉମାକାନ୍ତ ସାବତ, ଅଶୋକ ତ୍ରିପାଠୀ ପ୍ରମୁଖ ଅଭିଯୋଗ କରିଛନ୍ତି।

କୁନ୍ଦୁରା ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର ପଛପଟେ ବନ ବିଭାଗ କାର୍ଯ୍ୟାଳୟ ରହିଛି। ଏବେ ଏହା ଜରାଜୀର୍ଣ୍ଣ ହୋଇପଡ଼ିଥିବାବେଳେ ସରକାରୀ ମଞ୍ଜୁରୀ କ୍ରମେ ବନ ବିଭାଗ କାର୍ଯ୍ୟାଳୟ ପାଇଁ କାଳିଆକାଦ ଗ୍ରାମଠାରେ ନୂତନ କାର୍ଯ୍ୟାଳୟ ଏବଂ ବନ ବିଭାଗ ଅଧିକାରୀଙ୍କ ପାଇଁ ଲକ୍ଷାଧିକ ଟଙ୍କାର କୋଠା ନିର୍ମାଣ ସରିଛି। କିନ୍ତୁ ବନ ବିଭାଗର ଉପଖଣ୍ଡ ସ୍ତରୀୟ ଏବଂ ଜିଲାସ୍ତରୀୟ ଅଧିକାରୀଙ୍କ ସହିତ କୁନ୍ଦୁରା ବନ ବିଭାଗ ରେଞ୍ଜର ଏବଂ ଫରେଷ୍ଟରମାନଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସଦର ମହକୁମା ବନ ବିଭାଗ କାର୍ଯ୍ୟାଳୟରେ ରହୁ ନ ଥିବା ଅଭିଯୋଗ ହୋଇଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଯଦ୍ୱାରା ଲକ୍ଷାଧିକ ଟଙ୍କାର ବାସଭବନ ଲୋକଶୂନ୍ୟ ହୋଇ ପଡ଼ିରହିଛି। ସେହିଭଳି ନବନିର୍ମିତ କାର୍ଯ୍ୟାଳୟ ମଧ୍ୟ ସମାନ ଅବସ୍ଥାରେ ରହିଛି। ଭାରପ୍ରାପ୍ତ ରେଞ୍ଜରଙ୍କ ଏଭଳି ଅବହେଳା ଏବଂ ମନୋମୁଖୀ କାର୍ଯ୍ୟ ଯୋଗୁଁ ଅନୁଷ୍ଠାନରେ ବିଭିନ୍ନ ସମସ୍ୟା ଉପୁଜୁଛି। ବନ ବିଭାଗରେ ଗତ ଜୁଲାଇ ୨୦୧୮ଠାରୁ ଜଣେ ଫରେଷ୍ଟର ଅବସର ନେଇଥିଲେ ମଧ୍ୟ ରେଞ୍ଜରଙ୍କ ସହ ଉକ୍ତ ଅବସର ନେଇଥିବା ଫରେଷ୍ଟରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏଯାଏଁ କ୍ୱାର୍ଟର ଛାଡ଼ି ନ ଥିବା ସହ ତାଙ୍କୁ ବନ ବିଭାଗ ପ୍ରୋଟେକ୍ସନ ସ୍କ୍ୱାଡ୍‌ରେ ରଖାଯାଇଥିବା ଦେଖିବାକୁ ମିଳୁଛି। ଭାଲୁଜନିତ ସମସ୍ୟା ନେଇ ଡ଼ାକବାଜି ଯନ୍ତ୍ର ଦଳରେ ଉକ୍ତ ଅବସର ଫରେଷ୍ଟର ବୁଲୁଥିବା ଦେଖିବାକୁ ମିଳିଥିଲା । ଖାଲି ସେତିକି ନୁହେଁ, ଭାରପ୍ରାପ୍ତ ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ତରବରିଆ ଭାବେ ଫୁପୁଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଯୁବା ପାତ୍ରପୁଟ ଠାକୁରାଣୀ ମନ୍ଦିର ପାର୍ଶ୍ୱରେ ୨୪ ଅକ୍ଟୋବର ୨୦୧୮ରେ ଚାରାରୋପଣ କରାଯାଇଛି। ଏଭଳି ଅଦିନରେ ଚାରା ରୋପଣ କରିବା ପଛରେ କି ରହସ୍ୟ ରହିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ବର୍ଷାଦିନେ ଚାରାରୋପଣ କରା ନ ଯାଇ ବର୍ତ୍ତମାନ କାର୍ତ୍ତିକ ମାସରେ ରୋପଣ କରାଯିବାକୁ ଯୁବାପାତ୍ରପୁଟ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ଏହାର ତଦନ୍ତ ଦାବି ହୋଇଛି। କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶୀ ଗ୍ରାମପଞ୍ଚାୟତ ନିକଟସ୍ଥ କୋଲାବ ନଦୀରେ ଭାଲୁର ମୃତଦେହକୁ ବନ ବିଭାଗ କୁନ୍ଦୁରା ପ୍ରାଣୀଧନ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଗଲା। ପ୍ରାଣୀଧନ ବିଶେଷଜ୍ଞ ମୋନାଲିସା ନାୟକ (ଦିଗାପୁର) କହିଛନ୍ତି ଯେ, ଭାଲୁ ପାଣିରେ ପଡ଼ିଯାଇ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଛି। କିନ୍ତୁ ଭାଲୁର ଦାନ୍ତ ଏବଂ ଦୁଇହାତର ନଖ କେମିତି ନାହିଁ ବୋଲି ପଚାରିବାରୁ , ଏ ବିଷୟ ନେଇ ମୁଁ କିଛି କହିପାରିବି ନାହିଁ ବୋଲି ସେ କହିଛନ୍ତି। ମୃତ ଭାଲୁ ଛାତିରେ ବିଦ୍ୟୁତ ଆଘାତ ଲାଗିବା ଭଳି ପୋଡ଼ିଯାଇଥିବା କ୍ଷତ ଦେଖିବାକୁ ମିଳିଥିଲା। କିନ୍ତୁ ବ୍ୟବଚ୍ଛେଦ ପାଇଁ ଭାଲୁର ଗଳିତ ମୃତଦେହ ନିଆଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଜୟପୁର ଡିଏଫ୍‌ଓ ଅଶ୍ୱିନୀ କର ମଧ୍ୟ ସମାନ ସ୍ୱରରେ କହିଛନ୍ତି ଯେ, ଭାଲୁ ପାଣିରେ ଶ୍ୱାସରୁଦ୍ଧ ହୋଇ ମରିଛି , କିନ୍ତୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିନାହିଁ। ଭାସିବା ଘଟଣା



ବନ ବିଭାଗ ପକ୍ଷରୁ ଚାରା ରୋପଣ କରାଯାଇଛି ।

# ବାଳିକା ଆତ୍ମରକ୍ଷା ସଚେତନତା କାର୍ଯ୍ୟକ୍ରମ

ଜୟପୁର,୨୮।୧୦(ଡି.ଏନ୍.ଏ.)

ଜୟପୁର ଇନଡୋର ଷ୍ଟାଡିୟମରେ ଉତ୍କଳ କରାଟେ ସ୍କୁଲ ପକ୍ଷରୁ ବାଳିକାଙ୍କ ଆତ୍ମସୁରକ୍ଷା ସଚେତନତା ଏବଂ ବେଲ୍ଟ ଟେଷ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ବିଭିନ୍ନ ବର୍ଗର ବେଲ୍ଟ ଟେଷ୍ଟ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ମୁଖ୍ୟ ପରୀକ୍ଷକ ଭାବେ ଜାତୀୟ କରାଟେ ବୈଷୟିକ ନିର୍ଦ୍ଦେଶକ ଡ. ହରିପ୍ରସାଦ ପଟ୍ଟନାୟକ ଯୋଗଦେଇ ଜୟପୁର, ନବରଙ୍ଗପୁର କୋରାପୁଟ ଏବଂ ଉମରକୋଟର ୧୨୦ ଜଣ ବାଳକ ଓ ବାଳିକାଙ୍କ ପରୀକ୍ଷା ନେଇ ସାର୍ଟିଫିକେଟ ଏବଂ ବେଲ୍ଟ ପ୍ରଦାନ କରିଥିଲେ । ସେହିପରି ଅପରାହ୍ନରେ ବାଳିକାଙ୍କ ଆତ୍ମସୁରକ୍ଷା ନେଇ ଏକ ସଚେତନତା ଓ ପ୍ରଶିକ୍ଷଣ ଶିବିର ହୋଇଥିଲା । ଏଥିରେ ସହରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ୨୦୦ରୁ ଉର୍ଦ୍ଧ୍ୱ ବାଳିକା ଯୋଗ ଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ଉତ୍କଳ କରାଟେ ସ୍କୁଲର ଅଧ୍ୟକ୍ଷ ତଥା ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ କାର୍ଯ୍ୟକର୍ତ୍ତା ଏବଂ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜୟପୁର ଶାଖାର ସଂପାଦକ ମୁନା ସିଂ ଲାଲ ପରିଚାଳନା କରିଥିଲେ । ସେହିପରି ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ଅଧ୍ୟକ୍ଷ ରବି ନାୟକ, ସଭାପତି କୃଷ୍ଣଚନ୍ଦ୍ର ଦାଶ, ଉପସଭାପତି ମହମ୍ମଦ ସରିଫ, ପ୍ରତାପ ପଟ୍ଟନାୟକ, ଗୋପାଳ ହାତୀ, ନିରଞ୍ଜନ ପାଣିଗ୍ରାହୀ, କାର୍ଯ୍ୟକାରୀ ସଂପାଦକ ଶଙ୍କର ପ୍ରହରାଜ, ସୁବ୍ରତ ପଣ୍ଡା ଉପସ୍ଥିତ ରହି ସହାୟତା କରିଥିଲେ । ଆସନ୍ତା ଡିସେମ୍ବର ୨୧, ୨୨, ୨୩ ଉତ୍କଳ କରାଟ ସ୍କୁଲର ରାଜ୍ୟସ୍ତରୀୟ ପ୍ରତିଯୋଗିତା ଜୟପୁରରେ ଅନୁଷ୍ଠିତ ହେବ।




ଅତିଥିଙ୍କ ଗହଣରେ କରାଟି ସ୍କୁଲର ଛାତ୍ରୀଛାତ୍ରମାନେ ।

# ହୀରକ ଜୟନ୍ତୀ ପାଳିଲା ଆଇଏଫ୍‌ଡବ୍ଲ୍ୟୁଜେ

ସେମିଳିଗୁଡ଼ା,୨୮।୧୦(ସ୍ୱ.ପ୍ର.)

ସାଧାରଣ ସମ୍ପାଦକ ବାସୁଦେବ ବରାଡ଼ଙ୍କ ନେତୃତ୍ୱରେ ଦକ୍ଷିଣ ଓଡ଼ିଶାରୁ ୧୨ ଜଣ ସାମ୍ବାଦିକ ଇଣ୍ଡିଆନ୍ ଫେଡେରେଶନ୍ ଅଫ୍ ୱାର୍କିଂ ଜର୍ନାଲିଷ୍ଟର ୭୫ତମ ମହାସମାବେଶ ଓ ନ୍ୟାଶନାଲ କାଉନ୍‌ସିଲର ହୀରକ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ତାମିଲନାଡୁ କୋର୍ଟଲମ୍‌ରେ ଅନୁଷ୍ଠିତ ଏହି ଉତ୍ସବରେ ସଭାପତି କେ. ବିକ୍ରମ ରାଓ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ତାମିଲନାଡୁ ମନ୍ତ୍ରୀ କେ.ସି. ରାଜୁ ଯୋଗ ଦେଇଥିଲେ । ସେ କହିଥିଲେ ସମାଜରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବାଦ ପରିବେଶଣରେ ନିରପେକ୍ଷତା ଅବଲମ୍ବନ କରିବା ଜରୁରୀ। ମାଫିଆଙ୍କ ଦ୍ୱାରା ସାମ୍ବାଦିକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଉପରେ ଏହି ଅବସରରେ ଆଲୋଚନା ହୋଇଥିଲା । ଏହାର ପ୍ରତିବାଦ ପାଇଁ ସଂସଦ ଭବନ ଆଗରେ ଆଇଏଫ୍‌ଡବ୍ଲ୍ୟୁଜେର ସମସ୍ତ କର୍ମକର୍ତ୍ତା ଯୋଗଦେବେ। ଏହି ସମାବେଶରେ ଭାରତର ବିଭିନ୍ନ ରାଜ୍ୟରୁ ୫୦୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ବେଣୁଧର ପଣ୍ଡାଙ୍କ ନେତୃତ୍ୱରେ ବିଭିନ୍ନ ଜିଲାରୁ ୪୭ ଜଣ ପେସାଦାର ସାମ୍ବାଦିକ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ତଥା କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ସ୍ୱାଇଁ, ଲଲାଟେନ୍ଦୁ ସେନାପତି, ମନ୍ଥନ ମହାରଣା, ନିରାକାର ଦଳେଇ ପ୍ରମୁଖ ସାମିଲ ଥିଲେ। ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସି. ରାଜୁଙ୍କୁ ଜଗନ୍ନାଥ ଫଟୋଚିତ୍ର ପ୍ରଦାନ କରାଯାଇଥିଲା।



ତାମିଲନାଡୁ ମନ୍ତ୍ରୀଙ୍କୁ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରୁଛି ସାମ୍ବାଦିକ ସଂଘ ।

# ଭତରା ବିକାଶ ପରିଷଦର ନୂଆଖାଇ ଭେଟ୍‌ଘାଟ୍

କୋଟପାଡ଼,୨୮।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଡେଙ୍ଗପଦର ପଞ୍ଚାୟତରେ ଅଖିଳ ଭାରତୀୟ ଆଦିବାସୀ ଭତରା ବିକାଶ ପରିଷଦ ପକ୍ଷରୁ ରବିବାର ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ସାମାଜିକ କର୍ମୀ ଚନ୍ଦ୍ରଧ୍ୱଜ ମାଝି, ସଂଘ ସଭାପତି ଅର୍ଜୁନ ଭତ୍ରା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମଞ୍ଜୁଳା ମାଝି, ମୁଖ୍ୟବକ୍ତା ଭାବେ କୋରାପୁଟ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମାଳତୀ ମାଝି ଯୋଗ ଦେଇଥିଲେ। ଏଥିରେ ନବରଙ୍ଗପୁର, ଜୟପୁର, କୁନ୍ଦୁରା, କୋଟପାଡ଼ ବ୍ଲକର ବହୁ ବୁଦ୍ଧିଜୀବୀ ସାମିଲ ଥିଲେ। ୭ଟି ଜୋନ୍‌ରେ କୁନିକୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ କମିଟି ସଦସ୍ୟ ଧନୁର୍ଜୟ ମାଝି, ବୋରିଗୁମ୍ମା ବ୍ଲକ ସଭାପତି ରତନ ରନ୍ଧାରୀ, ରାମଚନ୍ଦ୍ର ପୂଜାରୀ, କୁନ୍ଦୁରା ସଭାପତି ତୁଳାରାମ ମାଝି, ବିଶ୍ୱନାଥ ସମରଥ, କୃପାସିନ୍ଧୁ ନାୟକ, ଜୟପୁରରୁ ଚନ୍ଦ୍ରଧ୍ୱଜ ଭତରା, କମଳୁ ଜାନି, ହରିବନ୍ଧୁ ନାୟକ, କୋଟପାଡ଼ ବ୍ଲକରୁ ନୀଳକଣ୍ଠ ପୂଜାରୀ, ଜିଲା ସଭାପତି ମଙ୍ଗରାଜ ରନ୍ଧାରୀ, କାର୍ଯ୍ୟକାରୀ ସଦସ୍ୟ ଭୁପୁ ଭତରା, ବ୍ଲକ ସଭାପତି ନୀଳକଣ୍ଠ ଚଲାଣ, ସନାରୁ ପୂଜାରୀ, ଅର୍ଜୁନ ନାୟକ, ବାଳକୃଷ୍ଣ ମାଝି, ବଳରାମ ଭତରା, ଭୀମ ମାଝି, ଶିବ ମାଝି ପ୍ରମୁଖ ଯୋଗ ଦେଇଥିଲେ।



ଭେଟଘାଟରେ ଜନସମାବେଶ ।

■ ରାଇସ୍ ମିଲ୍ ସଂଘ ବୈଠକ

# ନୂତନ କର୍ମକର୍ତ୍ତା ମନୋନୀତ




ମନୋନୀତ ହୋଇଥିବା ନୂତନ କର୍ମକର୍ତ୍ତା ।

କୋଟପାଡ଼/ଜୟପୁର, ୨୮।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ରାଇସ୍ ମିଲ ଆସୋସିଏସନ ପକ୍ଷରୁ ସଂଘର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ରବିବାର କୋଟପାଡ଼ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବୈଠକରେ କୋରାପୁଟ ଜିଲାର ୮୦ ଜଣ ମିଲ୍ ମାଲିକ ଯୋଗ ଦେଇଥିଲେ । ନରେନ୍ଦ୍ର ସ୍ୱାଇଁ ନିର୍ବାଚନ କିମ୍ବା ମନୋନୟନ ପାଇଁ ଉପସ୍ଥିତ ସଭ୍ୟମାନଙ୍କ ମତ ନେଇଥିଲେ । ମନୋନୟନ ଦ୍ୱାରା କର୍ମକର୍ତ୍ତା ନିଯୁକ୍ତି ପାଇଁ ସର୍ବସମ୍ମତି ପ୍ରକାଶ ପାଇଥିଲା । ଏହି ପ୍ରକ୍ରିୟାରେ ସଭାପତି ଭାବେ ରାମନାଥ ପାଣିଗ୍ରାହୀ, ସଂପାଦକ ନରେନ୍ଦ୍ର ସ୍ୱାଇଁ, ସହ ସମ୍ପାଦକ ଭାବେ ପେଣ୍ଡା ରାମନାଥ, ପବନ ପାଣି, ଉପସଭାପତି ଭାବେ ଫିରୋଜ କୁମାର ଶତପଥୀ, ମନୋରଞ୍ଜନ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭାବେ ତାରିଣୀ ପାତ୍ର, ପି. ଦିଲ୍ଲୀପ କୁମାରଙ୍କୁ ନିଯୁକ୍ତ କରାଯାଇଛି। କମିଟିର ତଦାରଖ ପାଇଁ ଅଧ୍ୟକ୍ଷ ଭାବେ ଗୋପାଳ ପଣ୍ଡା, ଉପଦେଷ୍ଟା ଭାବେ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଗିରିଜା ଶଙ୍କର ଦାସ, ପି. ରାବଣା ରାଓଙ୍କୁ ମନୋନୀତ କରାଯାଇଛି। ମୁଖ୍ୟ ସଦସ୍ୟ ଭାବେ ମନୋଶିଷ ପଣ୍ଡା, ରବିଚନ୍ଦ୍ର ମିଶ୍ର, ବି. ଗୋବିନ୍ଦ ରାଓ, ଗୋକୁଳ ପଣ୍ଡା, ସୁଧୀର ପଣ୍ଡା ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତାଙ୍କ ସୂଚୀପତ୍ର ଜିଲାପାଳ ଏବଂ ଜିଲା ଯୋଗାଣ ଅଧିକାରୀଙ୍କୁ ଦିଆଯିବ ବୋଲି ନୂତନ ସଭାପତି ପାଣିଗ୍ରାହୀ କହିଛନ୍ତି।

■ ସର୍ବଭାରତୀୟ କରାଟେ ପ୍ରତିଯୋଗିତା

# କୋରାପୁଟକୁ ୪ ସ୍ୱର୍ଣ୍ଣ, ୨ ରୌପ୍ୟ, ୬ ବ୍ରୋଞ୍ଜ

କୋରାପୁଟ,୨୮।୧୦(ସ୍ୱ.ପ୍ର.)

କଟକସ୍ଥିତ ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଚଳିତ ମାସ ୨୭ ଓ ୨୮ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଷଷ୍ଠ ସର୍ବଭାରତୀୟ (ଟି ଏସ କେ ଏଫ ଆଇ ) କରାଟେ ପ୍ରତିଯୋଗିତାରେ କୋରାପୁଟ ଜିଲାକୁ ୧୨ଟି ପଦକ ମିଳିଛି। ଏଥିରେ ୪ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୬ଟି ବ୍ରୋଞ୍ଜ ପଦକ ରହିଥିବା କୋରାପୁଟ ହନୁମାନ ସ୍ପୋର୍ଟିଂ କ୍ଲବର ସଂପାଦକ ପ୍ରହ୍ଲାଦ ସାହୁ ସୂଚନା ଦେଇଛନ୍ତି।

କୋରାପୁଟ ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାଳୟର ରୋହନ ସାହୁ (୮-୯ ବର୍ଷ) ବର୍ଗ କୁମିତରେ ସ୍ୱର୍ଣ୍ଣପଦକ ପାଇଥିବାବେଳେ କାଟାରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ତନିସା ସାହୁ (୬-୭ ବର୍ଷ) ଉଭୟ କୁମିତ ଓ କାଟାରେ ଦୁଇଟି ବ୍ରୋଞ୍ଜ ମିଳିଛି। ସେହିପରି କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଗୌରୀଶଙ୍କର ନାଗ (୧୪-୧୫ ବର୍ଷ) କୁମିତରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ କାଟାରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ଜୟପୁରସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଯତୀନ କୁମାର ହିଆଲ (୬୦ କେଜି) କୁମିତରେ ରୌପ୍ୟ, କାଟାରେ ବ୍ରୋଞ୍ଜ ଏବଂ କୋରାପୁଟ ହନୁମାନ ସ୍ପୋର୍ଟିଂ କ୍ଲବର କୁନ୍ଦ ମାଝି (୪୫ କେଜି) ବର୍ଗ କୁମିତରେ ସ୍ୱର୍ଣ୍ଣ ଓ କାଟାରେ ବ୍ରୋଞ୍ଜ ଏବଂ ଯୋଗେଶ୍ୱର ବେହେରା (୮୪ କେଜି) ବର୍ଗ କୁମିତରେ ସ୍ୱର୍ଣ୍ଣ, କାଟାରେ ରୌପ୍ୟ ପାଇଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ସର୍ବମୋଟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ କୋରାପୁଟ ଜିଲାରୁ ମାତ୍ର ୬ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ସେମାନଙ୍କୁ ୧୨ଟି ପଦକ ମିଳିଥିବାରୁ ଜିଲାର କ୍ରୀଡ଼ାପ୍ରେମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି।




ପଦକ ସହ କୃତୀ ଖେଳାଳିମାନେ ।



“ ଭାରତୀୟ ବଜାରରେ ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ପିରାମିଡ୍ ଷ୍ଟ୍ରାଟେଜି ଆଧାରରେ ନୂଆ ସି-କ୍ଲାସ କାବ୍ରିଓଲେଟ୍ ମଡେଲକୁ ଆଣିଛୁ।
– ମାଇକେଲ୍ ଜୋପ୍, ସେଲସ୍ ମାର୍କେଟିଂ ଉପସଭାପତି, ମର୍ସିଡିଜ୍ ବେଞ୍ଜ ଇଣ୍ଡିଆ



“ ଇ-ମୋବିଲିଟି ପଦକ୍ଷେପ ମୁତାବକ ଚଳିତ ବର୍ଷ ଦ୍ୱିତୀୟ ଭାଗରେ କୋନା ଇଲେକଟ୍ରିକ୍ ଏସ୍‌ୟୁଭି ଆଣିବାକୁ ଯୋଜନା ରହିଛି।
– ୱାଇ.କେ. କୋ, ସିଇଓ, ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ

## ସଂକ୍ଷେପରେ

### ଡିବିଟି ଲାଗି ଆଧାର ଇକେୱାଇସି ବ୍ୟବହାର କରିପାରିବେ ବ୍ୟାଙ୍କ

**ନୂଆଦିଲ୍ଲୀ,୨୮-୧୦:** ସବ୍‌ସିଡି ତଥା ଅନ୍ୟ ସରକାରୀ ଯୋଜନା(ଡିବିଟି)ର ହିତାଧିକାରୀଙ୍କ ସମ୍ପର୍କରେ ଯାଞ୍ଚ କରିବା ବେଳେ ବ୍ୟାଙ୍କଗୁଡିକ ଆଧାର ଇକେୱାଇସି ବ୍ୟବହାର କରିପାରିବେ। ତେବେ ଅନ୍ୟ ଗ୍ରାହକଙ୍କ କ୍ଷେତ୍ରରେ ସେମାନେ ଆଧାର କାର୍ଡକୁ ଦେଖି ଯାଞ୍ଚ କରିପାରିବେ। ଭାରତୀୟ ବିଶିଷ୍ଟ ପରିଚୟପତ୍ର କର୍ତ୍ତୃପକ୍ଷ(ୟୁଆଇଡିଏଆଇ) ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ତେବେ ସରକାରୀ ଯୋଜନାର ଲାଭାର୍ଥୀ ନିଜ ଇଚ୍ଛାମୁତାବକ ଆଧାର କାର୍ଡ ଦେଖାଇପାରିବେ ବୋଲି କୁହାଯାଇଛି। ୟୁଆଇଡିଏଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଗତ ସପ୍ତାହରେ ବ୍ୟାଙ୍କଗୁଡିକୁ ପତ୍ର ଲେଖାଯାଇ ଏ ସମ୍ପର୍କରେ ସ୍ଥିତି ସ୍ପଷ୍ଟ କରାଯାଇଛି। ଏହାର ଏକ କିତା ନକଲ ମଧ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ପଠାଯାଇଛି। ଆଧାର ବ୍ୟବହାରକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ଆଇନ ପରାମର୍ଶ ନେବା ପରେ ହିଁ ବ୍ୟାଙ୍କଗୁଡିକୁ ପତ୍ର ଲେଖାଯାଇଛି ବୋଲି ସେ କହିଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଘରୋଇ କମ୍ପାନୀଗୁଡିକ ଆଧାର ବ୍ୟବହାର କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଥିବା ବେଳେ ଡିବିଟି ପାଇଁ ସବୁଜ ସଙ୍କେତ ଦେଇଥିଲେ।

### ଭାରତ-ଆମେରିକା ରପ୍ତାନି ସବ୍‌ସିଡି ବିବାଦ
### ସମାଧାନ ପାଇଁ ଡବ୍ଲ୍ୟୁଟିଓ ଗଠନ କଲା କମିଟି

**ନୂଆଦିଲ୍ଲୀ,୨୮-୧୦:** ରପ୍ତାନି ବୃଦ୍ଧି ଲାଗି ଭାରତ ଏକାଧିକ ସାମଗ୍ରୀ ଉପରେ ସବ୍‌ସିଡି ପ୍ରଦାନ କରୁଛି ବୋଲି ଆମେରିକା ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ)ରେ ଅଭିଯୋଗ କରିଛି। କିନ୍ତୁ ଭାରତ ଏହାକୁ ଅସ୍ୱୀକାର କରୁଛି। ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦର ସମାଧାନ ହେଉ ନ ଥିବାରୁ ଏଥିପାଇଁ ଡବ୍ଲ୍ୟୁଟିଓ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଉଲ୍ଲେଖଥାଉ କି, ଭାରତ କେତେକ ସାମଗ୍ରୀରେ ସବ୍‌ସିଡି ଦେଉଛି ବୋଲି ଉଲ୍ଲେଖ କରି ଆମେରିକା ଡବ୍ଲ୍ୟୁଟିଓର ବିବାଦ ସମାଧାନ ମଞ୍ଚରେ ଅଭିଯୋଗ କରିଥିଲା। ଭାରତର ପଦକ୍ଷେପ ଯୋଗୁ ଆମେରିକାର ସ୍ୱାର୍ଥ ବ୍ୟାହତ ହେଉଛି ବୋଲି ଆମେରିକା କହିଥିଲା। ଜଣେ ଅଧିକାରୀ କହିଛନ୍ତି ଯେ, କମିଟିର କାର୍ଯ୍ୟ, ଶୁଣାଣି ଆଦି ସମ୍ପର୍କରେ ଦୁଇ ଦେଶକୁ ଜଣାଇ ଦିଆଯାଇଛି।

### ବର୍ଷକରେ ମହିଳା ବିଲିୟନେୟାରଙ୍କ ସଂଖ୍ୟା ୯% ବଢ଼ିଛି

**ଲଣ୍ଡନ,୨୮-୧୦:** ସାରା ବିଶ୍ୱରେ ବର୍ଷକ ଭିତରେ ମହିଳା ବିଲିୟନେୟାରଙ୍କ ସଂଖ୍ୟା ୯% ବଢ଼ିଛି। ୨୦୧୬ରେ ସେମାନଙ୍କ ସଂଖ୍ୟା ୧୯୭୯(୧୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ) ଥିବା ବେଳେ ୨୦୧୭ରେ ଏହା ବୃଦ୍ଧି ପାଇ ୨୧୫୮ ହୋଇଛି। ପ୍ରାଇସ ୱାଟର ହାଉସ କୁପର୍ସ ଏବଂ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ କମ୍ପାନୀ ୟୁବିଏସ୍ ପକ୍ଷରୁ ମିଳିତ ଭାବେ ଏକ ରିପୋର୍ଟ ପ୍ରକାଶ କରି ଏହା କୁହାଯାଇଛି। ୪ ବର୍ଷ ହେଲା ଏହି ରିପୋର୍ଟ ପ୍ରକାଶ କରାଯାଉଛି। ଏଥିରେ କୁହାଯାଇଛି ଯେ, ପୂର୍ବରୁ ମହିଳା ବିଲିୟନେୟାରଙ୍କ ସଂଖ୍ୟା ୭% ବଢ଼ିଥିଲା। ବର୍ଷକ ଭିତରେ ଏହି ସଂଖ୍ୟାରେ ସର୍ବାଧିକ ବୃଦ୍ଧି ହୋଇଛି। ତେବେ ଏହି ବୃଦ୍ଧି ତୁଳନାରେ ସାରା ବିଶ୍ୱରେ ମହିଳା ବିଲିୟନେୟାରଙ୍କ ପ୍ରତିନିଧିତ୍ୱ ମାତ୍ର ୧୧% ରହିଛି। ୟୁବିଏସ୍‌ର ଗ୍ଲୋବାଲ ମୁଖ୍ୟ ଯୋଶେଫ ଷ୍ଟାଣ୍ଡଲର୍ କହିଛନ୍ତି ଯେ, ଧନୀଙ୍କ ମାମଲାରେ ମହିଳାଙ୍କ ପ୍ରତିନିଧିତ୍ୱ ଏବେ ବି କମ୍ ରହିଛି। ତେବେ ଯେଉଁଭଳି ଭାବେ ସେମାନଙ୍କ ସଂଖ୍ୟା ବୃଦ୍ଧିପାଉଛି, ତାହା ବେଶ୍ ଉତ୍ସାହଜନକ। ଅର୍ଥ ରୋଜଗାର କରିବାରେ ମହିଳାଙ୍କ ତୁଳନାରେ ପୁରୁଷମାନେ ଆଗରେ ରହିଛନ୍ତି। କିନ୍ତୁ ମହିଳାଙ୍କ ନିବେଶ ବଢ଼ିଚାଲିଛି। ରିପୋର୍ଟରେ କୁହାଯାଇଛି ଯେ, ପୁରୁଷ ମାନେ ନିବେଶ ପୂର୍ବରୁ କମିଟିରେ ଥିବା ମହିଳାଙ୍କଠାରୁ ଅବଶ୍ୟ ପରାମର୍ଶ ନିଅନ୍ତି।

## ଜିଏସ୍‌ଟି ଆଦାୟ ବୃଦ୍ଧି ଲକ୍ଷ୍ୟ
# ବ୍ରିଟେନ, ଅଷ୍ଟ୍ରେଲିଆ ଢାଞ୍ଚା ଆପଣେଇବା ଯୋଜନା

**ନୂଆଦିଲ୍ଲୀ,୨୮-୧୦**

- ଟିକସଦାତାଙ୍କ ବ୍ୟବହାର ଅନୁଧ୍ୟାନ କରାଯିବ
- ସିବିଆଇସି ପକ୍ଷରୁ ଟିମ୍ ଗଠନ
- ୪ଶ୍ରେଣୀରେ ବିଭକ୍ତ ହେବେ ଟିକସଦାତା





ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ ଟିକସ ଆଦାୟ ବଢୁ ନ ଥିବାରୁ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି। ଯେତେ ଯାହା କଲେ ମଧ ଟିକସ ଫାଙ୍କି ପୂର୍ବ ପରି ଜାରି ରହିଛି। ରାଜସ୍ୱ ଆଦାୟ ବୃଦ୍ଧି ପାଇଁ ଏବେ ସରକାର ଅନ୍ୟ ବାଟ ଧରିଛନ୍ତି। ବ୍ରିଟେନ ଓ ଅଷ୍ଟ୍ରେଲିଆ ଢାଞ୍ଚାରେ ଟିକସ ଆଦାୟ ବଢ଼ାଇବାକୁ ଏବେ ନୂଆ ଯୋଜନା ପ୍ରସ୍ତୁତ ହେଉଛି। ଟିକସଦାତାଙ୍କ ମଧ୍ୟରେ ଆଇନର ଭୟ ସୃଷ୍ଟି କରିବା ସହିତ ସେମାନଙ୍କ ବ୍ୟବହାର ଅନୁଯାୟୀ ଟିକସ ଆଦାୟ ବାଟ ବାହାର କରାଯିବ। ଟିକସଦାତାଙ୍କ ବ୍ୟବହାର ଅନୁଧ୍ୟାନ କରି ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ପାଇଁ ଅନୁପ୍ରାଣିତ କରାଯିବ। ଆୟକର ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, କେନ୍ଦ୍ରୀୟ ଅପ୍ରତ୍ୟକ୍ଷ କର ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ଏ ସଂକ୍ରାନ୍ତରେ ଏକ ଟିମ୍ ଗଠନ କରିଛନ୍ତି। ଟିକସଦାତାଙ୍କ ଟିକସ ପ୍ରଦାନର ବ୍ୟବହାର ସମ୍ପର୍କରେ ଏହି ଟିମ୍ ଅଧ୍ୟୟନ କରିବ ଏବଂ ତଦନୁଯାୟୀ ଆୟକର ବିଭାଗକୁ ପଦକ୍ଷେପ ଲାଗି ସୁପାରିସ କରିବ। ଭିନ୍ନ ଭିନ୍ନ ପ୍ରକାରର ଟିକସଦାତାଙ୍କ ସହିତ ସ୍ୱତନ୍ତ୍ର ପନ୍ଥା ଆପଣାଯିବ। ଉଲ୍ଲେଖଥାଉ କି, ବ୍ରିଟେନ, ଅଷ୍ଟ୍ରେଲିଆ, ମେକ୍ସିକୋ ଭଳି ଦେଶ ନୀତି ନିର୍ଦ୍ଧାରଣ ଏବଂ ଟିକସ ଆଦାୟ ବୃଦ୍ଧି ଲାଗି 'ବ୍ୟବହାର ଆଧାରିତ ଯୋଜନା' ଗ୍ରହଣ କରିଛନ୍ତି। ଅଧିକାରୀଙ୍କ କହିବାନୁଯାୟୀ ବ୍ୟବହାର ପଦ୍ଧତିକୁ ଆଧାର କରି ଆୟକର ବିଭାଗ ପକ୍ଷରୁ ଟିକସଦାତାଙ୍କୁ ୪ଟି ଶ୍ରେଣୀରେ ବଣ୍ଟାଯିବ। ସେଗୁଡିକ ହେଲା- ଟିକସ ଦେବାରୁ ଦୂରେଇ ରହିବା(ଡିସ୍‌ଏନଗେଜ୍‌ଡ), ଆଶଙ୍କାଗ୍ରସ୍ତ ଟିକସଦାତା ଯିଏକି ଚିନ୍ତା ଦୂର ହେବା ପରେ ଟିକସ ଦେଇଥାନ୍ତି(ରେସଷ୍ଟର୍ସ), ଟିକସ ପ୍ରଦାନରେ ଅସୁବିଧାର ସମ୍ମୁଖୀନ ହେଉଥିବା (ଟ୍ରାୟର୍ସ) ଏବଂ ସମର୍ଥକ (ସପୋର୍ଟର୍ସ)।

ଯୋଜନା ସମ୍ପର୍କରେ ବିସ୍ତାରିତ ଭାବେ ଉଲ୍ଲେଖ କରି ଉକ୍ତ ଅଧିକାରୀ କହିଛନ୍ତି ଯେ, ଜାଣିଶୁଣି ଟିକସ ଖିଲାପ କରୁ ନ ଥିବା ଏଭଳି ବ୍ୟକ୍ତିବିଶେଷ/ସଂସ୍ଥା ପ୍ରତି ଆୟକର ବିଭାଗ ନରମ ମନୋଭାବ ପୋଷଣ କରିବ। ବ୍ୟକ୍ତିଗତ ଇ-ମେଲ୍ ପଠାଇ ସେମାନଙ୍କୁ ଟିକସ ପ୍ରଦାନ ଲାଗି ପ୍ରବର୍ତ୍ତାଯିବ। ଏହାଛଡା ଆର୍ଥିକ ସଙ୍କଟ ସମୟରେ କିସ୍ତିରେ ସେମାନେ ଯେପରି ଟିକସ ପ୍ରଦାନ କରିପାରିବେ ସେ ନେଇ ଆଇନଗତ ସୁବିଧା ସମ୍ପର୍କରେ ମଧ ସେମାନଙ୍କୁ ସୂଚନା ପ୍ରଦାନ କରାଯିବ। ବିଭିନ୍ନ ଶ୍ରେଣୀର ଟିକସଦାତାଙ୍କ ସହିତ ଆୟକର ବିଭାଗ ଭିନ୍ନ ଭିନ୍ନ ପଦ୍ଧତି ଆପଣାଇବ। ଟିକସଦାତାଙ୍କ ଠାରୁ ରାଜସ୍ୱ ଆଦାୟ ଲାଗି ସେମାନଙ୍କ ସହ କିପରି ବ୍ୟବହାର କରିବାକୁ ପଡିବ ସେ ନେଇ ଟିମ୍ ପକ୍ଷରୁ ଫିଲ୍ଡ ଅଫିସରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଜିଏସ୍‌ଟି ପ୍ରିନ୍ସିପାଲ ଡାଇରେକ୍ଟର ଜେନେରାଲ ଖୁବ୍‌ଶୀଘ୍ର ଟିମ୍ ସହ ଆଲୋଚନା କରି ଯୋଜନା ସମ୍ପର୍କରେ ସ୍ଥିର କରିବେ। ଟିକସଦାତାଙ୍କ ବ୍ୟବହାର ପରିବର୍ତ୍ତନ ପାଇଁ ସାମାଜିକ ବ୍ୟବସ୍ଥା, ସ୍ୱଚ୍ଛତା ଓ ସମାନତା ଏବଂ ଟିକସ ପ୍ରଦାନ ପାଇଁ ଆଗ୍ରହ ସୃଷ୍ଟି ଉପରେ ଧ୍ୟାନ ଦିଆଯିବ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଉଲ୍ଲେଖଥାଉ କି, ଗତ ବର୍ଷ ଜୁଲାଇ ପହିଲାରୁ ଦେଶରେ ଜିଏସ୍‌ଟି ଲାଗୁ କରାଯାଇଛି। ବିଗତ ବର୍ଷକ ମଧ୍ୟରେ ନୂଆ ଆଇନ ଲାଗୁ ହେବା ପରେ ଏଥିରେ ସ୍ଥିରତା ଆସିଛି। ଏଣୁ ସରକାର ଏବେ ଟିକସ ନିୟମ ପାଳନ ଏବଂ ଫାଙ୍କି ରୋକିବା ଉପରେ ଜୋର୍ ଦେଉଛନ୍ତି।

### ଜିଏସ୍‌ଟି କାଉନସିଲ ବୈଠକ
### ୩୦ଥର ବସି ୯୧୮ଟି ନିଷ୍ପତ୍ତି ନିଆଯାଇଛି

**ନୂଆଦିଲ୍ଲୀ,୨୮-୧୦:** କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧକ୍ଷତାରେ ୩୦ ଥର ଜିଏସ୍‌ଟି କାଉନସିଲ ବୈଠକ ବସିଥିଲା ଏବଂ ଏଥିରେ ୯୧୮ଟି ନିଷ୍ପତ୍ତି ନିଆଯାଇଥିଲା। ରବିବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। କାଉନସିଲ୍‌ରେ କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ବ୍ୟତୀତ ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ଅର୍ଥ ମନ୍ତ୍ରୀ, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀମାନେ ସଦସ୍ୟ ରହିଛନ୍ତି। ଏହା ୨୦୧୬ ସେପ୍ଟେମ୍ବର ୧୫ରେ ଗଠନ କରାଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିବୃତିରୁ ଜଣାପଡିଛି ଯେ, ଇତିମଧରେ ୨୯୪ ବିଜ୍ଞପ୍ତି ଜରିଆରେ ୯୬ ପ୍ରତିଶତ ନିଷ୍ପତ୍ତିକୁ ଲାଗୁ କରାଯାଇସାରିଲାଣି। ଅବଶିଷ୍ଟ ନିଷ୍ପତ୍ତି ଲାଗୁ ହେବାକୁ ଯାଉଛି।

## ଗୋଦରେଜ ଇଣ୍ଟେରିଓର ନୂଆ ଫ୍ଲାଗଶିପ୍ ଶୋ'ରୁମ




**ଭୁବନେଶ୍ୱର,୨୮-୧୦**

ପ୍ରମୁଖ ଫର୍ନିଚର ଏବଂ ଇଣ୍ଟେରିୟର ସଲ୍ୟୁସନ ପ୍ରଦାନକାରୀ କମ୍ପାନୀ ଗୋଦରେଜ୍ ଇଣ୍ଟେରିଓ ପକ୍ଷରୁ ନୂଆ ଫ୍ରାଞ୍ଚାଇଜି ଶୋ'ରୁମ ସାନ୍‌ଭି ଫର୍ଣ୍ଣିଚର ଆଣ୍ଡ ଫର୍ଣ୍ଣିସିଂ ଭୁବନେଶ୍ୱର ପାତ୍ରପଡ଼ାଠାରେ ଖୋଲିଛି। କମ୍ପାନୀର ବିକ୍ରି ବିଭାଗ ବରିଷ୍ଠ ପ୍ରବନ୍ଧକ ପ୍ରବୋଧ କୁମାର ଦାସ, ଶୋ'ରୁମର ସ୍ୱତ୍ୱାଧିକାରୀ ଜ୍ୟୋତି ଶଙ୍କର ମହାନ୍ତି, ଡ. ଏଲୋରା ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଷ୍ଟୋରରେ ଗ୍ରାହକମାନେ ଗୋଦରେଜ୍‌ର ସୋଫା, ବେଡ୍, ହୋମ୍ ଫର୍ଣ୍ଣିସିଂ, ହୋମ୍ ଫର୍ନେସ, ମଡ୍ୟୁଲାର ଷ୍ଟୋରେଜ୍ ସଲ୍ୟୁଶନ, ଡାଇନିଂ ଡେକୋର, ମ୍ୟାଟ୍ରେସ କଲେକ୍ସନ ଭଳି କମ୍ପାନୀର ଅନ୍ୟାନ୍ୟ ପ୍ରଡକ୍ଟ ଲାଭ କରିବାକୁ ସକ୍ଷମ ହେବେ। ଏହା ୫୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଗ୍ରାହକମାନେ ଏଠାରେ ସହଜ ଫାଇନାନ୍ସ ଦ୍ୱାରା ପ୍ରଡକ୍ଟ କ୍ରୟ କରିବାକୁ ସକ୍ଷମ ହେବେ। ଏହି ନୂଆ ଷ୍ଟୋର ଗ୍ରାହକଙ୍କ ଆବଶ୍ୟକତା ପୂରଣ ଦିଗରେ ସହାୟକ ହେବ ବୋଲି ବରିଷ୍ଠ ପ୍ରବନ୍ଧକ ପ୍ରବୋଧ କୁମାର ଦାସ କହିଛନ୍ତି। ଏହି ଅବସରରେ କମ୍ପାନୀର ଆସିଷ୍ଟାଣ୍ଟ ସେଲସ୍ ମ୍ୟାନେଜର ବିବେକାନନ୍ଦ ନାୟକ ଉପସ୍ଥିତ ଥିଲେ।

# ବାଣ, ଦହନଶୀଳ ସାମଗ୍ରୀ ପରିବହନ ବିରୋଧରେ ରେଲୱେର ଅଭିଯାନ

**ଭୁବନେଶ୍ୱର,୨୮-୧୦**

- ଦହନଶୀଳ ସାମଗ୍ରୀ ପରିବହନ ନିଷେଧ
- ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ହୋଇପାରେ
- ୧୮୨ ଟୋଲ ଫ୍ରି ନମ୍ବରକୁ ସୂଚନା ଦେଇ ପାରିବେ ଯାତ୍ରୀ
- ପଦସ୍ଥ ଅଧିକାରୀ ତୁରନ୍ତ ସୂଚନା ଦେବାକୁ ପରାମର୍ଶ





ଦୀପାବଳିକୁ ନଜରରେ ରଖି ପାସେଞ୍ଜର, ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନରେ ବାଣ ତଥା ଦହନଶୀଳ ସାମଗ୍ରୀଗୁଡିକର ପରିବହନ ରୋକିବା ନେଇ ରେଲୱେ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ଏ ନେଇ ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଟ୍ରେନ ଯାତ୍ରା ସମୟରେ ଦହନଶୀଳ ସାମଗ୍ରୀ ପରିବହନକୁ ନିଷେଧ କରାଯାଇଥିବା ରେଲୱେ ସୂଚନା ଦେଇଛି। ପୂର୍ବତଟ ରେଳପଥ ଏହାର ସମସ୍ତ ମଣ୍ଡଳ ଯଥା- ଖୋର୍ଦ୍ଧାରୋଡ୍, ସମ୍ବଲପୁର ଏବଂ ୱାଲଟିୟାରରେ ଯାତ୍ରୀ ସୁରକ୍ଷାକୁ ନିଶ୍ଚିତ କରାଇବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରିଛି। ଦହନଶୀଳ ସାମଗ୍ରୀ ପରିବହନ ଉପରେ ନଜର ରଖିବାକୁ ରେଲୱେ ପକ୍ଷରୁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ଯାତ୍ରା ସମୟରେ ବାଣ, ଗ୍ୟାସ୍ ସିଲିଣ୍ଡର, ଏସିଡ୍, ପେଟ୍ରୋଲ୍, କିରୋସିନ ଭଳି ଦହନଶୀଳ ସାମଗ୍ରୀ ଏବଂ ବିସ୍ଫୋରକ ପରିବହନ ୧୯୮୯ ଆଇନ ଆଧାରରେ ଦଣ୍ଡନୀୟ ଅପରାଧ। ଏଥିଲାଗି ଅପରାଧୀଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ହୋଇପାରେ। ଏ ନେଇ ଯତ୍ନବାନ ହେବାକୁ ଯାତ୍ରୀଙ୍କୁ ରେଲୱେ ପକ୍ଷରୁ ସୂଚନା ରହିଛି। ଦହନଶୀଳ ସାମଗ୍ରୀ ନେଇ ଯଦି କୌଣସି ବ୍ୟକ୍ତି ବିଶେଷ ଯାତ୍ରା କରୁଥାନ୍ତି ଏ ନେଇ ଟିଟିଇ, କୋଚ୍ ଆଟେଣ୍ଡାଣ୍ଟ, ଟ୍ରେନର ଗାର୍ଡ, ଷ୍ଟେଶନ ମ୍ୟାନେଜର, ଆରପିଏଫ୍ ଏବଂ ଜିଆର୍‌ପିଙ୍କୁ ଜଣାଇବାକୁ ଯାତ୍ରୀଙ୍କୁ କୁହାଯାଇଛି। ଟ୍ରେନରେ ବାଣ ପରିବହନ ହେଉଥିଲେ ୧୮୨ ଟୋଲ ଫ୍ରି ନମ୍ବରକୁ ଯାତ୍ରୀମାନେ ସୂଚନା ଦେଇପାରିବେ ବୋଲି ରେଲୱେ ପ୍ରକାଶ କରିଛି।

## ସାମସଙ୍ଗ ପକ୍ଷରୁ ଗାଲାକ୍ସି ଟ୍ୟାବ୍ ଏସ୍ ୪



**ଭୁବନେଶ୍ୱର,୨୮-୧୦**

ସାମସଙ୍ଗ ପକ୍ଷରୁ ବଜାରକୁ ଆସିଛି ନୂଆ ଗାଲାକ୍ସି ଟ୍ୟାବ୍ ଏସ୍ ୪। ଏହା ଏକ ୨ ଇନ୍ ୱାନ୍ ଟ୍ୟାବଲେଟ୍ ହୋଇଥିବା ବେଳେ ଏଥିରେ ସାମସଙ୍ଗ ଡେକ୍ସ ଓ ଏସ୍ ପେନ୍ ରହିଛି। ସ୍ମାର୍ଟ ତଥା ଦ୍ରୁତ ଭାବେ କାର୍ଯ୍ୟ କରିବାରେ ଏହା ସହାୟତା ପ୍ରଦାନ କରିବ। ଏଥିରେ ଅତ୍ୟାଧୁନିକ ଡିଜାଇନ୍, ଡିସ୍ପଲେ, ୪ ସ୍ପିକର, ଉନ୍ନତ ମାନର ମନୋରଞ୍ଜନ ସୁବିଧା ଗ୍ରାହକ ପାଇପାରିବେ। ଏହି ପ୍ରିମିୟମ ଟାବ୍‌ଲେଟ୍ ଗ୍ରାହକଙ୍କ ଜୀବନ ଶୈଳୀକୁ ଏହା ସହଜ କରିବାରେ ବିଶେଷ ଭାବେ ସହାୟକ ହେବ ବୋଲି ସାମସଙ୍ଗ ଇଣ୍ଡିଆର ମୋବାଇଲ ବ୍ୟବସାୟ ମହାପ୍ରବନ୍ଧକ ଆଦିତ୍ୟ ବବର ସୂଚନା ଦେଇଛନ୍ତି।

## ବିମୁଦ୍ରୀକରଣର ପ୍ରଭାବ
# ସଂସଦୀୟ କମିଟିରେ ହାଜର ହେବେ ଉର୍ଜିତ

**ନୂଆଦିଲ୍ଲୀ,୨୮-୧୦**





ବିମୁଦ୍ରୀକରଣ ସମ୍ପର୍କରେ ତଥ୍ୟ ପ୍ରଦାନ ଲାଗି ଆର୍ଥିକ ବ୍ୟାପାର ସଂସଦୀୟ କମିଟି ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନଭେମ୍ବର ୧୨ରେ ସେ ହାଜର ହୋଇ କମିଟିକୁ ତାଙ୍କର ବକ୍ତବ୍ୟ ପ୍ରଦାନ କରିବେ। ଏହି ମାମଲାରେ ଉର୍ଜିତ ତୃତୀୟଥର ପାଇଁ ସଂସଦୀୟ କମିଟି ସମ୍ମୁଖରେ ହାଜର ହେବାକୁ ଯାଉଛନ୍ତି। ଗତ ଦୁଇ ବର୍ଷ ହେବ କଂଗ୍ରେସର ବରିଷ୍ଠ ସାଂସଦ ବିରାପ୍ପା ମୋଇଲିଙ୍କ ନେତୃତ୍ୱରେ ସଂସଦୀୟ କମିଟି ବିମୁଦ୍ରୀକରଣ ସମ୍ପର୍କରେ ଯାଞ୍ଚ କରୁଛନ୍ତି। ଏହି କମିଟିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ ସଦସ୍ୟ ରହିଛନ୍ତି। ଉଲ୍ଲେଖଥାଉ କି, ୨୦୧୬ ନଭେମ୍ବର ୮ତାରିଖ ରାତିରେ କେନ୍ଦ୍ର ସରକାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ରଦ୍ଦ କରିଦେଇଥିଲେ। ଏହା ରଦ୍ଦ ହେବା ପରେ ଦେଶବାସୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଏହାଛଡା ଉକ୍ତ ବୈଠକରେ ପଟେଲ ଅନିୟନ୍ତ୍ରିତ ଜମା ଯୋଜନା ବିଲ୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ରିଜର୍ଭ ବ୍ୟାଙ୍କର ମତାମତ ମଧ କମିଟି ସମ୍ମୁଖରେ ଉପସ୍ଥାପନ କରିବେ। ଏ ସମ୍ପର୍କରେ ଉଲ୍ଲେଖ କରି ମୋଇଲି କହିଛନ୍ତି ଯେ, ବିମୁଦ୍ରୀକରଣର ପ୍ରଭାବ ସମ୍ପର୍କରେ କମିଟି ଅଧିକ ତଥ୍ୟ ଆବଶ୍ୟକ କରୁଛନ୍ତି। ଏହି କାରଣରୁ ଉର୍ଜିତ ପଟେଲଙ୍କୁ ଡକାଯାଇଛି। ଉଲ୍ଲେଖଥାଉ କି, ବିମୁଦ୍ରୀକରଣ ଉପରେ କମିଟି ଗତ ଅଗଷ୍ଟରେ ଏକ ଚିଠା ରିପୋର୍ଟ ପ୍ରସ୍ତୁତ କରିଥାନ୍ତେ। କିନ୍ତୁ ନିଶିକାନ୍ତ ଦୁବେଙ୍କ ନେତୃତ୍ୱରେ ଭାଜପା ଏମ୍‌ପିମାନେ ଏହାକୁ ବିରୋଧ କରିଥିଲେ।

# କେନ୍ଦ୍ରର ବଜେଟ୍ ପ୍ରକ୍ରିୟା ଆରମ୍ଭ

**ନୂଆଦିଲ୍ଲୀ,୨୮-୧୦**

### ମନ୍ତ୍ରଣାଳୟଗୁଡ଼ିକରୁ ପ୍ରସ୍ତାବ ମଗାଗଲା

କେନ୍ଦ୍ର ସରକାର ସାଧାରଣ ବଜେଟ୍ ଲାଗି ଏବେଠାରୁ ବଜେଟ୍ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିଲାଗି ପ୍ରସ୍ତାବ ଦେବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ମନ୍ତ୍ରଣାଳୟ ଓ ସମ୍ପୃକ୍ତ ବିଭାଗ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୯ରେ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏହା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ପାଇଁ ଶେଷ ବଜେଟ୍ ହେବ। ଚଳିତ ମାସ ଆରମ୍ଭରୁ ଅର୍ଥ ମନ୍ତ୍ରଣାଳୟ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ବଜେଟ୍ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରକ୍ରିୟା ଆରମ୍ଭରେ ଇସ୍ପାତ, ଶକ୍ତି, ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ସହ ଅର୍ଥ ମନ୍ତ୍ରଣାଳୟର ବୈଠକ ବସିବାକୁ ଯାଉଛି। ଏହି ବୈଠକରେ ଚଳିତ ଆର୍ଥିକ ବର୍ଷ ଲାଗି ସଂଶୋଧିତ ବ୍ୟୟକୁ ମଞ୍ଜୁରୀ ପ୍ରଦାନ କରାଯିବ ଏବଂ ଆସନ୍ତା ବର୍ଷ ଲାଗି ବ୍ୟୟ ଲକ୍ଷ୍ୟ ଧାର୍ଯ୍ୟ କରାଯିବ। ଏହି ବୈଠକ ନଭେମ୍ବର ୧୬ ତାରିଖ ଯାଏ ଚାଲିବ। ବଜେଟ୍‌ରେ ସାମିଲ କରାଯିବା ସମ୍ଭବ ଏଭଳି ପ୍ରସ୍ତାବ ସମ୍ପର୍କରେ ଆଗୁଆ ସୂଚନା ଦେବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସମ୍ପୃକ୍ତ ମନ୍ତ୍ରଣାଳୟଗୁଡିକର ସଚିବମାନଙ୍କ ପାଖକୁ ପତ୍ର ଲେଖାଯାଇଛି। ଲୋକ ସଭା ନିର୍ବାଚନ ଦୃଷ୍ଟିରୁ କେନ୍ଦ୍ର ସରକାର କାମ ଚଳା ବଜେଟ୍ ଉପସ୍ଥାପନ କରିବେ। ଆସନ୍ତା ବର୍ଷ ଫେବୃୟାରୀ ପହିଲାରେ ବଜେଟ୍ ଉପସ୍ଥାପନ କରାଯିବ। ପୂର୍ବରୁ ଫେବୃୟାରୀ ଶେଷ ଦିନରେ ବଜେଟ୍ ଉପସ୍ଥାପନ କରାଯାଉଥିଲା। ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ପରିବର୍ତ୍ତନ କରାଯାଇଛି।

## ଆଇବିସି ଯୋଗୁ ସରକାର ଉତ୍ସାହିତ
# ଚଳିତବର୍ଷ ୧.୮ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଅର୍ଥ ଫେରିବ

**ନୂଆଦିଲ୍ଲୀ,୨୮-୧୦**

ଦେଶରେ ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଲାଗୁ ହେବା ପରେ ଅନାଦାୟ ଋଣ ଫେରସ୍ତ ମିଳିବା ସହଜ ହୋଇଛି। ବ୍ୟାଙ୍କ ଗୁଡିକ ବୁଡି ଯାଇଥିବା ଋଣ ଫେରିପାଇଲେଣି। ଚଳିତ ଆର୍ଥିକ ବର୍ଷରେ ବୁଡ଼ି ଯାଇଥିବା ମୋଟ୍ ଋଣରୁ ପ୍ରାୟ ୧.୮୦ ଲକ୍ଷ କୋଟି ଟଙ୍କା ଫେରସ୍ତ ମିଳିବ ବୋଲି କେନ୍ଦ୍ର ସରକାର ମନେକରୁଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଆଇବିସି ଅଧୀନରେ ବଡ଼ ଆକାଉଣ୍ଟଗୁଡିକର ଋଣ ସମାଧାନ ହୋଇଛି ଅଥବା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏସାର ଷ୍ଟିଲ୍ ଏବଂ ଭୁଷଣ ପାୱାର ଆଣ୍ଡ ଷ୍ଟିଲ୍ ଭଳି କେତେକ ମାମଲାର ସମାଧାନ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ଆଇବିସି ଓ ଅନ୍ୟ ପନ୍ଥା ମାଧମରେ ପ୍ରାୟ ୧.୮୦ ଲକ୍ଷ କୋଟି ଟଙ୍କା ବୁଡି ଯାଇଥିବା ଋଣ ଆଦାୟ ହେବ ବୋଲି ଆଶାକରାଯାଉଛି। ଉଲ୍ଲେଖଥାଉ କି, ଭାରତୀୟ ରିଜର୍ଭ ବ୍ୟାଙ୍କ ୧୨ଟି ବଡ଼ ଅନାଦାୟ ମାମଲାର ସମାଧାନ ଲାଗି ନ୍ୟାଶନାଲ କମ୍ପାନୀ ଲ'ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ଙ୍କ ନିକଟରେ ପଠାଇଛନ୍ତି। ଏହି ମାମଲାଗୁଡିକର ସମାଧାନ ହୋଇଗଲେ ବ୍ୟାଙ୍କଗୁଡିକ ପ୍ରାୟ ୧ଲକ୍ଷ କୋଟି ଟଙ୍କା ଆଦାୟ କରିପାରିବେ। ଆଇବିସିର ସଫଳରେ ଉତ୍ସାହିତ ହୋଇ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ ଯେ, ଏବେ ଖେଳ ବଦଳିଗଲାଣି ବୋଲି ଭାରତର ବଡ଼ ବଡ଼ ଋଣଗ୍ରହୀତା ବୁଝିସାରିଲେଣି।





# ହୋଣ୍ଡା ଗ୍ରାଜିଆ ବିକ୍ରି ୨ ଲକ୍ଷ ସ୍ତର ଟପିଲା

**ଭୁବନେଶ୍ୱର,୨୮-୧୦**



ହୋଣ୍ଡାର ଅତ୍ୟାଧୁନିକ ସହରୀ ସ୍କୁଟର ଗ୍ରାଜିଆର ବିକ୍ରି ୨ ଲକ୍ଷ ସ୍ତର ଅତିକ୍ରମ କରିଛି। ଉନ୍ମୋଚନ ହେବାର ୧୧ ମାସ ମଧ୍ୟରେ କମ୍ପାନୀ ଏହି ସଫଳତା ହାସଲ କରିବାକୁ ସକ୍ଷମ ହୋଇଛି। ଏହି ମଡେଲ ଯୁବସୁଲଭ ଅଭିନବତା ସହ ଆଧୁନିକ ଷ୍ଟାଇଲର ଏକ ଶକ୍ତିଶାଳୀ ପ୍ରଦର୍ଶନ କରୁଥିବା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି। ଏହି ମଡେଲରେ ଗ୍ରାହକମାନେ ଅଲ୍ ଡିଜିଟାଲ ଇନଷ୍ଟ୍ରୁମେଣ୍ଟେଶନ, ୩ ଷ୍ଟେପ୍ ଇକୋ ସ୍ପିଡ୍ ଇଣ୍ଡିକେଟର, ସ୍ୱଚ୍ଛ ଏଲ୍‌ଇଡି ଲ୍ୟାମ୍ପ, ସଦ୍ୟତମ ପ୍ରଯୁକ୍ତି ଲାଭ କରିବାକୁ ସକ୍ଷମ ହେବେ। ୨୦୧୭ ନଭେମ୍ବରରେ ଏହି ମଡେଲ ବଜାରକୁ ଆସିଥିଲା। ଉନ୍ମୋଚିତ ହେବାର ମାତ୍ର ୩ ମାସ ମଧ୍ୟରେ ଏହା ୫୦ ହଜାର ୟୁନିଟରୁ ଅଧିକ ବିକ୍ରି ହୋଇଥିଲା। ଚଳିତ ବର୍ଷ ଏପ୍ରିଲରେ ଏହାର ବିକ୍ରି ୧ ଲକ୍ଷ ଟପିଥିଲା। ପରବର୍ତ୍ତୀ ୫ ମାସ ପରେ ଆଉ ୧ ଲକ୍ଷ ଗ୍ରାହକ ଯୋଡି ହୋଇଥିବା କମ୍ପାନୀ ପ୍ରକାଶ କରିଛି।

ଭାରତ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ଜିତି ଆମେ ସମାଲୋଚକଙ୍କ ମୁହଁ ବନ୍ଦ କରି ପାରିଛୁ।
–ଆଶଲେ ନର୍ସ, ୱେଷ୍ଟଇଣ୍ଡିଜ କ୍ରିକେଟ ଅଲରାଉଣ୍ଡର






## ସଂକ୍ଷେପରେ

### ରାଜିନ୍ଦରଙ୍କୁ କାରଣ ଦର୍ଶାଅ ନୋଟିସ

**ନୂଆଦିଲ୍ଲୀ, ୨୮।୧୦ (ପି.ଟି.):** କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ହକି ଇଣ୍ଡିଆର ପୂର୍ବତନ ସଭାପତି ରାଜିନ୍ଦର ସିଂଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏକ ଶୁଣାଣି ବେଳେ ଆବଶ୍ୟକ ତଥ୍ୟ ଯୋଗାଇଦେବାରେ ସହଯୋଗ ନ କରିବା ଦ୍ୱାରା ରାଜିନ୍ଦର ସାମ୍ବିଧାନିକ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରିଛନ୍ତି। ଏଥିଲାଗି ତାଙ୍କୁ କାହିଁକି କଠୋର ଦଣ୍ଡବିଧାନ କରା ନ ଯିବ ତାହାର ଜବାବ ରଖିବା ଲାଗି କୁହାଯାଇଛି। ସୂଚନା ଅଧିକାର ଆଇନ (ଆରଟିଆଇ) ଅନୁସାରେ ଭାଜପା ଏମ୍‌ପି କୀର୍ତ୍ତି ଆଜାଦ ହକି ଇଣ୍ଡିଆ ଲିଗ୍ ସ୍ପନସରଶିପ୍ ପାଇଁ କମିଶନ ଏବଂ ଅନ୍ୟାନ୍ୟ କେତେକ ବାବଦରେ ଦିଆଯାଇଥିବା ରାଶିର ପରିମାଣ ଜାଣିବାକୁ ଚାହିଁଥିଲେ। ସୂଚନା କମିଶନର ଶ୍ରୀଧର ଆଚାର୍ଯ୍ୟୁଲୁ ଏସବୁର ତଥ୍ୟ ହକି ଇଣ୍ଡିଆଠାରୁ ମଗାଇଥିଲେ। ଆଜାଦ କିନ୍ତୁ କମିଶନଙ୍କ ନିକଟରେ ଆବେଦନ କରି କହିଥିଲେ ହକି ଇଣ୍ଡିଆଠାରୁ ମିଳିଥିବା ତଥ୍ୟରେ ସେ ସନ୍ତୁଷ୍ଟ ନୁହନ୍ତି। ଶୁଣାଣି ବେଳେ ହକି ଇଣ୍ଡିଆ ପକ୍ଷରୁ ଦର୍ଶାଯାଇଥିଲା ଯେ, ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତି ଆକ୍ରୋଶ ମନୋଭାବ ଯୋଗୁ ଭାଜପା ଏମ୍‌ପି ଜଣକ ହକି ଇଣ୍ଡିଆଠାରୁ ବିଭିନ୍ନ ବିଷୟ ଜାଣିବାକୁ ଚାହିଁଛନ୍ତି।

### ହାଫ୍ ମାରାଥନ୍‌ରେ ବିଶ୍ୱ ରେକର୍ଡ

**ପ୍ୟାରିସ, ୨୮।୧୦ (ଏଏଫ୍‌ପି):** କେନିଆର ଡିଷ୍ଟାନ୍ସ ରନର ଆବ୍ରାହମ କିପ୍‌ଟମ୍ ଭାଲେନ୍‌ସିଆ ରେସ୍ ଜିତିଛନ୍ତି। ସେ ୫୮ ମିନିଟ୍ ଓ ୧୮ ସେକେଣ୍ଡ ଟାଇମିଂ ସହ ହାଫ୍ ମାରାଥନରେ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଇଥିଓପିଆର ଜର୍ସନେ ଟାଡିସେଙ୍କ ନାମରେ ରହିଥିଲା। ୮ ବର୍ଷ ପୂର୍ବେ ୨୦୧୦ ମାର୍ଚ୍ଚରେ ୫୮ ମିନିଟ ୨୩ ସେକେଣ୍ଡ ଟାଇମିଂରେ ଲିସ୍‌ବନ ହାଫ୍ ମାରାଥନ ଜିତି ସେ ରେକର୍ଡର ଅଧିକାରୀ ହୋଇଥିଲେ। ଗତମାସରେ କୋପେନହେଗେନ ହାଫ୍ ମାରାଥନରେ ୨୯ ବର୍ଷୀୟ କିପ୍‌ଟମ୍ ଦ୍ୱିତୀୟ ହୋଇଥିଲେ। ୨୦୧୭ ଅକ୍ଟୋବରରେ ଆମଷ୍ଟରଡାମଠାରେ ସେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୨ଘଣ୍ଟା ୫ ମିନିଟ୍ ଓ ୨୬ ସେକେଣ୍ଡରେ ରେସ୍ ଶେଷ କରିଥିଲେ।

### ରାଜ୍ୟ ର୍‍ୟାଙ୍କିଂ ଟେବୁଲ ଟେନିସ୍
### ମୟୂରୀ, ଅସିଫ ଚାମ୍ପିୟନ

**ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି):** ଶହୀଦ ନଗର ଇନ୍‌ଡୋର ହଲ୍‌ରେ ୧୩ତମ ରାଜ୍ୟ ର୍‍ୟାଙ୍କିଂ ଟେବୁଲ ଟେନିସ ଚାମ୍ପିୟନଶିପ୍ ରବିବାର ଶେଷ ହୋଇଛି। ଖୋର୍ଦ୍ଧା ଜିଲା ଟେବୁଲ ଟେନିସ ଆସୋସିଏଶନ(କେଡିଟିଟିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ମହିଳା ବିଭାଗରେ ମୟୂରୀ ଚାଟାର୍ଜୀ ଓ ପୁରୁଷରେ ଅସିଫ୍ ହକ୍ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ମୟୂରୀ ୪-୨ରେ ସମର୍ଥା ପୃଷ୍ଟିଙ୍କୁ ଏବଂ ଅସିଫ୍ ୪-୨ରେ ବିକାଶ କୁମାର ସିଂଙ୍କୁ ପରାସ୍ତ କରିଛନ୍ତି। ବାଳକ ବିଭାଗରେ ସାହିଲ ଶୁଭମ୍ ଭୂୟାଁ, ୪୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନରେ ସୁଜିତ ରାୟ, ୫୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନରେ ଦେବାଶିଷ ଗୋପେ, ୬୦ ବର୍ଷରୁ ଊର୍ଦ୍ଧ୍ୱ ଭେଟେରାନରେ ରବୀନ୍ଦ୍ର କୁମାର ସାହୁ, ଭେଟେରାନ ଡବଲ୍ସରେ ପି.କେ. ସାମନ୍ତରାୟ-ସ୍ମୃତିରଞ୍ଜନ ଦାସ ଏବଂ କର୍ପୋରେଟ୍ କପ୍ ପୁରୁଷ ସିଙ୍ଗଲ୍ସରେ ଅନିର୍ବାଣ ରାୟ ଚାମ୍ପିୟନ ହୋଇଛନ୍ତି। ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର ସୁରେଶ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବତନ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନ ପ୍ରଦୀପ କୁମାର ସାମନ୍ତରାୟ, କେଡିଟିଟିଏ ସମ୍ପାଦକ ସ୍ମୃତିରଞ୍ଜନ ଦାସ, ଯୁଗ୍ମ ସମ୍ପାଦକ ଶଶାଙ୍କ ମହାପାତ୍ର, ଆୟୋଜକ କମିଟି ସମ୍ପାଦକ ବିଜନ କୁମାର ମହାପାତ୍ର, ରମାକାନ୍ତ ସାହୁ, ଅଶୋକ କୁମାର ପନ୍, ନିରଞ୍ଜନ ସେଠୀ, ନରେନ୍ଦ୍ର କୁମାର ପାଲ, ମୁଖ୍ୟ ରେଫରି ତପନ ଖାଁ, ରେଫରି ସୁଜିତ ରାୟ, କେ.ଏସ.ଏନ.ମୂର୍ତ୍ତି, କେ.ଚିନ୍ନା ରାଓ ଏବଂ କେ.ଭି.ପି. ରାମାରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୟ୍ ମର୍ଚ୍ଚାଣ୍ଟ ଟ୍ରଫି: ଓଡ଼ିଶା ୫୮/୦

**କଟକ ଅଫିସ,୨୮।୧୦:** ସନ୍‌ସାଇନ୍ ଗ୍ରାଉଣ୍ଡରେ ଚାଲିଥିବା ୧୬ ବର୍ଷରୁ କମ୍ ବିଜୟ୍ ମର୍ଚ୍ଚାଣ୍ଟ ଟ୍ରଫି ଓଡ଼ିଶା-ଝାଡ଼ଖଣ୍ଡ ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ବର୍ଷା ଓ ଖରାପ ପାଗ ଯୋଗୁ ବାଧାପ୍ରାପ୍ତ ହୋଇଛି । ଶନିବାର ପ୍ରଥମ ଇନିଂସ୍ ବ୍ୟାଟିଂ କରୁଥିବା ଝାଡ଼ଖଣ୍ଡ ୯ ଉଇକେଟ ହରାଇ ୨୯୭ରନ୍ କରିଥିବା ବେଳେ ରବିବାର ଆଉ ୧୮ରନ୍ ଯୋଡ଼ିବାକୁ ସକ୍ଷମ ହୋଇଥିଲା। ଶ୍ରେଷ୍ଠ ସିଂ ଅନ୍ତିମ ଉଇକେଟଟି ଦଖଲ କରିଥିଲେ । ଜବାବରେ ଓଡ଼ିଶା ୨୮ଟି ଓଭର ଖେଳି ବିନା ଉଇକେଟରେ ୫୮ରନ୍ କରିଛି । ସଙ୍କେତ ବେହେରା ୨୩ରନ୍, ବିଶ୍ୱଜିତ ପାତ୍ର ୨୦ରନ୍‌ରେ ଅପରାଜିତ ଅଛନ୍ତି ।

## ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସ
# ଚାଇନାକୁ ଟାଇଟଲ

**ଭାରତ ଚତୁର୍ଥ**

ଭୁବନେଶ୍ୱର, ୨୮।୧୦ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସ ଚାମ୍ପିୟନ୍‌ଶିପ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ହଂକଂକୁ ୨୫-୮ ପଏଣ୍ଟରେ ହରାଇ ଚାଇନା ଚାମ୍ପିୟନ ହୋଇଛି। ବ୍ରୋଞ୍ଜ ପଦକ ମୁକାବିଲାରେ ଭାରତ ୫-୨୫ ପଏଣ୍ଟରେ ଥାଇଲାଣ୍ଡଠାରୁ ହାରି ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ଦୁବାଇରେ ଅନୁଷ୍ଠିତ ପ୍ରତିଯୋଗିତାର ଗତ ସଂସ୍କରଣରେ ମଧ୍ୟ ଭାରତ ୪ର୍ଥ ସ୍ଥାନରେ ରହିଥିଲା। ପ୍ଲେଟ୍ ଫାଇନାଲରେ କାତାର ୧୫-୧୦ ପଏଣ୍ଟରେ ଫିଲିପାଇନ୍ସକୁ ପରାସ୍ତ କରିଛି। ସେହିପରି ପ୍ଲେ-ଅଫ୍‌ରେ ୟୁଏଇ ୨୨-୦ରେ ଶ୍ରୀଲଙ୍କାକୁ ହରାଇ ୭ମ ସ୍ଥାନ ଅଧିକାର କରିଛି। ପୂର୍ବରୁ ଅନୁଷ୍ଠିତ ସେମିଫାଇନାଲରେ ଭାରତ ୭-୫୦ ପଏଣ୍ଟରେ ହଂକଂଠାରୁ ହାରିଥିବାବେଳେ ଚାଇନା ୪୭-୦ରେ ଥାଇଲାଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ରାଜ୍ୟପାଳ ଗଣେଶୀ ଲାଲ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ଭାରତୀୟ ରଗ୍‌ବୀ ଖେଳାଳି ତଥା ଅଭିନେତା ରାହୁଲ ବୋଷ, କ୍ରୀଡ଼ା ସଚିବ ବିଶାଲ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ମଧୁସୂଦନ ପାଢ଼ୀ, ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ ସଭାପତି ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ସମ୍ପାଦକ ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



କଳିଙ୍ଗ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ସେଭେନ୍ସରେ ଚାମ୍ପିୟନ ଚାଇନା ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ ।

## ପ୍ରଥମ ଥର କରଓ୍ୱା ଚୌଥ ପାଳିଲେ ବୀରୁଷ୍କା

ନୂଆଦିଲ୍ଲୀ,୨୮।୧୦

ଭାରତୀୟ ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା (ବୀରୁଷ୍କା) ପ୍ରଥମ ଥର ଶନିବାର କରଓ୍ୱା ଚୌଥ ପାଳନ କରିଛନ୍ତି। ଗତବର୍ଷ ବିବାହ କରିଥିବା କୋହଲି ଓ ଅନୁଷ୍କା ଏକାସଙ୍ଗେ ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ଜହ୍ନ ଦେଖିବା ସହ ଉପବାସ ଭଙ୍ଗ କରିଛନ୍ତି। ଏହାର ଫଟୋ କୋହଲି ଇନ୍‌ଷ୍ଟାଗ୍ରାମରେ ଶେୟାର କରିବା ସହ କ୍ୟାପ୍‌ଶନରେ ଲେଖିଛନ୍ତି, ମୋ ଜୀବନ, ମୋ ଦୁନିଆ ଅନୁଷ୍କା। ସେହିଭଳି ଅନୁଷ୍କା, କୋହଲିଙ୍କ ସହ ଉଠାଇଥିବା ଫଟୋ ଶେୟାର କରିଛନ୍ତି। ଦେଶର ବିଭିନ୍ନ ସ୍ଥାନରେ କରଓ୍ୱା ଚୌଥ ପାଳନ କରାଯାଏ। ଏହି ଅବସରରେ ମହିଳାମାନେ ତାଙ୍କ ସ୍ୱାମୀଙ୍କ ମଙ୍ଗଳ ପାଇଁ ଉପବାସ କରନ୍ତି।

# ଭାରତୀୟ ଗେଟ୍‌ବଲ୍ ଦଳ ଚାମ୍ପିୟନ

ଭୁବନେଶ୍ୱର, ୨୮।୧୦ (କ୍ରୀଡ଼ା ପ୍ରତିନିଧି)

ତାଇୱାନ୍‌ର ମିଓଲିଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗେଟ୍‌ବଲ ଚାମ୍ପିୟନଶିପ୍‌ରେ ଭାରତ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତା ଅକ୍ଟୋବର ୨୬ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜାତୀୟ ଚାମ୍ପିୟନ ହୋଇଥିବାରୁ ଓଡ଼ିଶା ଗେଟ୍‌ବଲ ଟିମ୍‌କୁ ଭାରତୀୟ ଗେଟ୍‌ବଲ ୟୁନିୟନ ପକ୍ଷରୁ ତାଇୱାନ୍ ପଠାଯାଇଥିଲା। ଏହି ଦଳରେ ୫ ଖେଳାଳି ସତୀଶ ପୃଷ୍ଟି, ରଞ୍ଜନ କୁମାର ପାତ୍ର, ବିଶ୍ୱରଞ୍ଜନ ମିଶ୍ର, ଦ୍ୱିପାୟନ ପଟ୍ଟନାୟକ, ନିରଞ୍ଜନ ମଙ୍ଗରାଜ ଓ ମ୍ୟାନେଜର ସଞ୍ଜୀବ କୁମାର ପରିଡ଼ା ସାମିଲ ଥିଲେ। ଭାରତୀୟ ଦଳ ପୂର୍ବରୁ ୨୦୧୦ ବାଲି ଓ ୨୦୧୨ ଥାଇଲାଣ୍ଡରେ ଚାମ୍ପିୟନଶିପ୍ ଜିତିଥିଲା। ତେଣୁ ୬ ବର୍ଷ ବ୍ୟବଧାନରେ ଦଳ ପୁଣି ଟାଇଟଲ ହାସଲରେ ସକ୍ଷମ ହୋଇଛି। ଦଳର ସଦସ୍ୟମାନେ ୩୦ ତାରିଖରେ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି। ଭାରତୀୟ ଗେଟ୍‌ବଲ ୟୁନିୟନ ପକ୍ଷରୁ ଚଳିତ ବର୍ଷର ଇଣ୍ଡିଆନ ଓପନ୍ ଗେଟ୍‌ବଲ ଟୁର୍ନାମେଣ୍ଟ ଡିସେମ୍ବର ୨୨ ଓ ୨୩ ତାରିଖରେ ଭୁବନେଶ୍ୱରରେ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଚାଇନା, ଅଷ୍ଟ୍ରେଲିଆ, ୟୁରୋପ, ତାଇୱାନ୍, ମାକାଉ, ଜାପାନ, ଥାଇଲାଣ୍ଡ ଓ ଇଣ୍ଡୋନେସିଆ ଅଂଶଗ୍ରହଣ ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି।



ତାଇୱାନ୍‌ର ମିଓଲିଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗେଟ୍‌ବଲ୍‌ରେ ଚାମ୍ପିୟନ ଭାରତୀୟ ଦଳ ।

## ଅଲ ଓଡ଼ିଶା ଓପନ ସ୍ନୁକର
# ଆକାଶ ଚାମ୍ପିୟନ

କଟକ ଅଫିସ,୨୮।୧୦

ମାତାମଠସ୍ଥିତ ଗୋଲ୍ଡେନ କିଙ୍ଗ ସ୍ନୁକର କ୍ଲବ ପକ୍ଷରୁ ଚାଲିଥିବା ୪ର୍ଥ ଅଲ ଓଡ଼ିଶା ଓପନ ସ୍ନୁକର ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୧୧ଫ୍ରେମ ବିଶିଷ୍ଟ ଫାଇନାଲ ମୁକାବିଲାରେ ଆକାଶ ମହାପାତ୍ର ୬-୧ ଫ୍ରେମରେ ସୁବ୍ରତ ଦାସଙ୍କୁ ପରାସ୍ତ କରି ଚଳିତ ସଂସ୍କରଣର ଚାମ୍ପିୟନ ଟାଇଟଲ ହାସଲ କରିଛନ୍ତି । ପ୍ରଥମ ଫ୍ରେମ ଖେଳକୁ ଆକାଶ ୫୮-୪୬, ଦ୍ୱିତୀୟ ଫ୍ରେମକୁ ୬୬-୫, ତୃତୀୟ ଫ୍ରେମକୁ ୬୨-୧, ଚତୁର୍ଥ ଫ୍ରେମକୁ ୭୨-୧୩ରେ ଜିତିଥିଲେ। ୫ମ ଫ୍ରେମରେ ସୁବ୍ରତ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଏହି ଫ୍ରେମକୁ ୬୪-୫୪ରେ ବିଜୟୀ ହୋଇ ସ୍ଥିତିକୁ ୪-୧ରେ ପହଞ୍ଚାଇଥିଲେ। ମାତ୍ର ପରବର୍ତ୍ତୀ ୨ଟି ଫ୍ରେମ ପୁନର୍ବାର ଆକାଶ ଜିତି ମ୍ୟାଚ୍‌କୁ ନିଜ ଅକ୍ତିଆରକୁ ଆଣିଥିଲେ । ୬ଷ୍ଠ ଫ୍ରେମ ୬୫-୩୬ ଓ ୭ମ ଫ୍ରେମ ୭୦-୪୧ରେ ଆକାଶ ବିଜୟୀ ହୋଇଛନ୍ତି। ସରୋଜ ଦାସ ଫାଇନାଲ ମ୍ୟାଚ୍ ରେଫ୍‌ରି ରହିଥିବା ବେଳେ ଅନୁଜ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବର ମ୍ୟାନେଜର ଜ୍ଞାନରଞ୍ଜନ ବେହେରା ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ଅଲ ଓଡ଼ିଶା ଓପନ ସ୍ନୁକର ଚାମ୍ପିୟନ ଆକାଶ ମହାପାତ୍ର (ବାମ)ଓ ରନର୍ସଅପ୍ ସୁବ୍ରତ ଦାସ (ଡାହାଣ)।

## ଓଡ଼ିଶା ବାଳିକା ଦଳ ରନର୍ସଅପ

କଟକ ଅଫିସ,୨୮।୧୦

ଆସାମର ଗୁଆହାଟୀରେ ଚାଲିଥିବା ୨୨ତମ ଜାତୀୟ ଜୁନିୟର ସିପକ୍‌ଟାକ୍ର ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ରନର୍ସଅପ ହୋଇଛି । ଫାଇନାଲରେ ଦଳ ୧-୨ ସେଟ୍‌ରେ ନାଗାଲାଣ୍ଡଠାରୁ ପରାସ୍ତ ହୋଇଥିଲା । ସେମିରେ ଦଳ ଉତ୍ତରପ୍ରଦେଶକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା ।

# ସନ୍ତୁଳନ ରକ୍ଷା ଲକ୍ଷ୍ୟରେ ଭାରତ

ମୁମ୍ବାଇ, ୨୮।୧୦(ପି.ଟି.)

ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆରେ ବିଜୟ ହାସଲ ପରେ ଘରୋଇ ଭାରତ ଦ୍ୱିତୀୟ ଓ ତୃତୀୟ ଦିନିକିଆରେ ଆଶାନୁରୂପ ପ୍ରଦର୍ଶନ କରିପାରିନାହିଁ। ଦ୍ୱିତୀୟ ମ୍ୟାଚକୁ ଟାଇ ରଖି ପରାଜୟରୁ ଅଳ୍ପକେ ବର୍ତ୍ତିଯାଇଥିଲେ ମଧ୍ୟ ଭାରତ ତୃତୀୟ ମ୍ୟାଚ୍‌ରେ ମାମୁଲି ପ୍ରଦର୍ଶନ କରି ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ସୋମବାର ସ୍ଥାନୀୟ କ୍ରିକେଟ କ୍ଲବ ଅଫ ଇଣ୍ଡିଆ (ସିସିଆଇ)ବ୍ରାବୋର୍ଣ୍ଣ ଷ୍ଟାଡିୟମରେ ଚତୁର୍ଥ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ୫ ମ୍ୟାଚ୍ ବିଶିଷ୍ଟ ଏହି ଦିନିକିଆ ସିରିଜ ୧-୧ ସମାନସ୍ତରରେ ରହିଥିବା ବେଳେ ସିରିଜ ବିଜୟ ହାସଲ କରିବାକୁ ହେଲେ ଉଭୟ ଦଳକୁ ଏହି ମ୍ୟାଚ ଜିତିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଫଳରେ ଦୁଇ ଦଳ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି ହୋଇଛି। କ୍ରମାଗତ ଦୁଇଟି ମ୍ୟାଚ୍‌ରେ ବିଫଳ ହେବା ପରେ ଭାରତ ନିଜର ଦୁର୍ବଳତା ସମ୍ପର୍କରେ ଓ ଦଳରେ ସନ୍ତୁଳନ ନ ଥିବା ହୃଦୟଙ୍ଗମ କରିଛି। ଏବେ ଦଳରେ ସନ୍ତୁଳନ ରକ୍ଷା ଉପରେ ଭାରତ ଧ୍ୟାନ ଦେବ। ତେବେ ଦଳରେ କେତୋଟି ପରିବର୍ତ୍ତନ କରିବାକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପଛଘୁଞ୍ଚା ଦେବନାହିଁ। ପୁଣେରେ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ୫ଜଣ ସ୍ପେଶାଲିଷ୍ଟ ବୋଲରଙ୍କୁ ନେଇ ଭାରତ ପଡିଆକୁ ଓହ୍ଲାଇଥିଲା। ତେବେ ଏହା କାମ ଦେଲା ନାହିଁ। ଯାହା ଫଳରେ ଭ୍ରମଣକାରୀ ଦଳ ୪୩ ରନରେ ବିଜୟୀ ହୋଇଥିଲା। ୱେଷ୍ଟଇଣ୍ଡିଜ ମଧ୍ୟ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲା। ଆଘାତ ସମସ୍ୟାରୁ ମୁକ୍ତ ହୋଇଥିବା ଅଲରାଉଣ୍ଡର କେଦାର ଯାଦବ ଦଳକୁ ଫେରିବା ନିଶ୍ଚିତ ମନେହେଉଛି। ଦଳରେ ସନ୍ତୁଳନ ନ ଥିଲେ ହାରିବା ନିଶ୍ଚିତ। ତେଣୁ ଚତୁର୍ଥ ମ୍ୟାଚ୍‌ରେ ଆମେ ସନ୍ତୁଳନ ରକ୍ଷା ଉପରେ କାର୍ଯ୍ୟକରି ପଡିଆକୁ ଓହ୍ଲାଇବୁ ବୋଲି ଭାରତୀୟ ଅଧିନାୟକ ବିରାଟ କୋହଲି କହିଛନ୍ତି। ଭାରତର ମିଡଲ ଅର୍ଡର ସମସ୍ୟାରେ ଏପର୍ଯ୍ୟନ୍ତ ସୁଧାର ଆସିନାହିଁ। ପୁଣି ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଭଲ ଉଇକେଟ କିପିଙ୍ଗ କରୁଥିଲେ ମଧ୍ୟ ବ୍ୟାଟିଂରେ କ୍ରମାଗତ ବିଫଳ ପ୍ରଦର୍ଶନ କରୁଛନ୍ତି। ଇଂଲଣ୍ଡରେ ବିଶ୍ୱକପ୍ ଆୟୋଜନ ହେବାପୂର୍ବରୁ ଭାରତ ହାତରେ ଆଉ ମାତ୍ର ୧୫ଟି ଦିନିକିଆ ବାକି ରହିଛି। ଏପରିସ୍ଥଳେ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଏହା ଚିନ୍ତାର ବିଷୟ ହୋଇଛି। ଟି୨୦ ଦଳରୁ ବାଦ ପଡିବା ପରେ ଧୋନୀ ଦିନିକିଆରେ ଅଧିକ ରନ୍ ସଂଗ୍ରହ କରିବାକୁ ଚାହିଁବେ। ବିଶ୍ୱକପ୍ ପୂର୍ବରୁ ତାଙ୍କ ପାଖରେ ଆଉ ମାତ୍ର ସୀମିତ ସୁଯୋଗ ରହିଛି।

**ଆଜି ଚତୁର୍ଥ ଦିନିକିଆ**
- ସ୍ଥାନ: ସିସିଆଇ, ମୁମ୍ବାଇ
- ସମୟ: ଅପରାହ୍ନ ୧.୩୦
- ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱର୍କ

# ରାଜ୍ୟ ବଧିର ଚେସ୍: ପ୍ରତିମା, ସୁଶାନ୍ତ ଚାମ୍ପିୟନ

**ଖୋର୍ଦ୍ଧା ଦଳଗତ ଚାମ୍ପିୟନ, କଟକ ରନର୍ସଅପ୍**

ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି)

ପଳାସପଲ୍ଲୀସ୍ଥିତ ଓ.ଏ.ଡି. ପରିସରରେ ୨୧ତମ ରାଜ୍ୟ ସିନିୟର ମହିଳା, ପୁରୁଷ, ଜୁନିୟର ବାଳିକା, ବାଳକ ବଧିର ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ରାଜ୍ୟ ବଧିର କ୍ରୀଡ଼ା ପରିଷଦ ଭୁବନେଶ୍ୱର ଆନୁକୂଲ୍ୟରେ ଜାତୀୟ ଚେସ୍ ପାଇଁ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୦ ଜିଲାରୁ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୫ ରାଉଣ୍ଡ ବିଶିଷ୍ଟ ଖେଳରେ ପୂରା ୫ ପଏଣ୍ଟ ଲେଖାଏ ପାଇ ମହିଳାରେ କଟକର ପ୍ରତିମା ଦଳାଇ ଏବଂ ପୁରୁଷରେ ଖୋର୍ଦ୍ଧାର ସୁଶାନ୍ତ କୁମାର ସାହୁ ଚାମ୍ପିୟନ ହୋଇଛନ୍ତି। ସେହିପରି ବାଳକ ବିଭାଗରେ ଖୋର୍ଦ୍ଧାର ବିପିନ ବିହାରୀ ସାହୁ ୪ ଓ ବାଳିକାରେ ମୟୂରଭଞ୍ଜର ସୁଭଦ୍ରା କିସ୍‌କୋ ୩ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦଳଗତ ଭାବେ ଖୋର୍ଦ୍ଧା ଚାମ୍ପିୟନ ଓ କଟକ ରନର୍ସଅପ୍ ହୋଇଛି। ଏହି ପ୍ରତିଯୋଗିତାରୁ ପ୍ରଦର୍ଶନଭିତ୍ତିରେ ନିମ୍ନଲିଖିତ ୧୫ ଖେଳାଳି ରାଜସ୍ଥାନର ଜୟପୁରଠାରେ ହେବାକୁଥିବା ୨୧ତମ ଜାତୀୟ ବଧିର ଚେସ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଥିବା ଆୟୋଜକ ଓଡ଼ିଶା ବଧିର କ୍ରୀଡ଼ା ପରିଷଦର ସମ୍ପାଦକ ନିରଞ୍ଜନ ଯୋଶୀ ପ୍ରକାଶ କରିଛନ୍ତି। ସିନିୟର ପୁରୁଷ ବିଭାଗରେ ସୁଶାନ୍ତ କୁମାର ସାହୁ, ବାବୁଲା କୁମାର ଜତୀ(ସମ୍ବଲପୁର), ସଞ୍ଜୟ ମହାପାତ୍ର(କଟକ), ପଲ୍ଲୁରି ୟଙ୍କତା ରାଓ(ସମ୍ବଲପୁର), ହେମନ୍ତ କୁମାର ଆଚାର୍ଯ୍ୟ(ଗଞ୍ଜାମ), କାହ୍ନୁ ଚରଣ ମହାପାତ୍ର(ଖୋର୍ଦ୍ଧା) ଓ ନିପୁନ ଆଦିତ୍ୟ ମହାନ୍ତି(ଖୋର୍ଦ୍ଧା)। ମହିଳା ବିଭାଗରେ ପ୍ରତିମା ଦଳାଇ, ମମତା ପ୍ରହରାଜ(ଉଭୟେ କଟକ), ଦେବଯାନୀ ସାହୁ(ଖୋର୍ଦ୍ଧା), ବାଳକରେ ବିପିନ ବିହାରୀ ସାହୁ, ରିଙ୍କୁ ସାହୁ, ଦୀପକ ପ୍ରଧାନ(ସମସ୍ତେ ଖୋର୍ଦ୍ଧା) ଏବଂ ବାଳିକାରେ ସୁଭଦ୍ରା କିସ୍‌କୋ ଓ ପ୍ରୀତିଲତା ବେହେରା(ଉଭୟେ ମୟୂରଭଞ୍ଜ) ମନୋନୀତ ହୋଇଛନ୍ତି।

ଭୁବନେଶ୍ୱରସ୍ଥିତ ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ସଭାପତି ଅନ୍ତର୍ଜାତୀୟ ଭିନ୍ନକ୍ଷମ ବ୍ୟାଡ୍‌ମିଣ୍ଟନ ଖେଳାଳି ଅସିତ୍ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ ସୁରକ୍ଷା ସଶକ୍ତୀକରଣ ଓ ଭିନ୍ନକ୍ଷମ ବିଭାଗର ନିର୍ଦ୍ଦେଶକ ସୁଶାନ୍ତ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ଟ୍ରଫି, ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସେ ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ବଧିର କ୍ରୀଡ଼ା ପରିଷଦକୁ ସମସ୍ତ ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ନିଶିଥ କୁମାର ମହାନ୍ତି(ଓଏସ୍‌ସିଡି ଭାଇସ୍ ଚେୟାରମ୍ୟାନ) ଓ ଅନ୍ତର୍ଜାତୀୟ ଅଭିଜ୍ଞସମ୍ପନ୍ନ ଚେସ୍ ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକ(ଫିଡେ ଇନ୍‌ଷ୍ଟ୍ରକ୍ଟର) ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପି.କେ. ମହାପାତ୍ର ସ୍ୱାଗତ ଏବଂ ସମ୍ପାଦକ ନିରଞ୍ଜନ ଯୋଶୀ ଧନ୍ୟବାଦ ଦେଇଥିଲେ। ପ୍ରତିଷ୍ଠାତା ସଭ୍ୟ ବିଜୟ କୁମାର ପରିଡ଼ା ଉପସ୍ଥିତ ଥିଲେ।



ରାଜ୍ୟ ବଧିର କ୍ରୀଡ଼ାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

## ଫ୍ରେଞ୍ଚ ଓପନରେ ଭାରତର ଅଭିଯାନ ଶେଷ

ପ୍ୟାରିସ,୨୮।୧୦(ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକଧାରୀ ସାତ୍ତ୍ୱିକରାଜ ରାନ୍‌କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ପରାଜୟ ସହ ଚଳିତ ଫ୍ରେଞ୍ଚ ଓପନରେ ଭାରତର ଅଭିଯାନ ଶେଷ ହୋଇଛି। ଶନିବାର ରାତି ଖେଳାଯାଇଥିବା ସେମିଫାଇନାଲରେ ଭାରତୀୟ ଯୋଡ଼ିକୁ ବିଶ୍ୱର ଶୀର୍ଷ ର୍‍ୟାଙ୍କ ଯୋଡ଼ି ମାର୍କୁସ ଫେର୍ନାଲଡି ଗିଡେନ ଓ ଭେନ ସଞ୍ଜୟ ସୁକାମୁଲଜୋ ହରାଇ ଦେଇଛନ୍ତି। ବିଶ୍ୱ ମାନ୍ୟତାର ୨୫ତମ ଯୋଡ଼ି ସାତ୍ତ୍ୱିକ ଓ ଚିରାଗଙ୍କ ଯୋଡ଼ି ୧୨-୨୧, ୨୪-୨୬ ଗେମ୍‌ରେ ଇଣ୍ଡୋନେସିଆ ଖେଳାଳିଙ୍କଠାରୁ ହାରି ଯାଇଛନ୍ତି। ସମାନ ଯୋଡ଼ି ବିପକ୍ଷରେ ଏହା ଭାରତୀୟ ଯୋଡ଼ିର କ୍ରମାଗତ ୪ର୍ଥ ପରାଜୟ। ଏହି ଦୁଇ ଖେଳାଳିଙ୍କ ପରାଜୟ ସହ ଚଳିତ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି। ଏଥିପୂର୍ବରୁ ସିଙ୍ଗଲ୍ସ ବର୍ଗରେ ଅଂଶଗ୍ରହଣ କରିଥିବା ସାଇନା ନେହ୍ୱାଲ, ପି. ଭି. ସିନ୍ଧୁ ଓ କିଦାମ୍ବି ଶ୍ରୀକାନ୍ତ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ଅଭିଯାନ ଶେଷ କରିଥିଲେ।



“ କୋହଲ ଦଣ୍ଡ ବ୍ୟବସ୍ଥା ଯୋଗୁ କେପ୍‌ଟାଉନ୍ ବଲ୍ ଟ୍ୟାମ୍ପରିଂ ଘଟଣା ଦେଖିବାକୁ ମିଳିଥିଲା।
– ଷ୍ଟିଭ ୱ', ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ

“ ତୃତୀୟ ଦିନିକିଆ ମ୍ୟାଚ ଫଳାଫଳରେ ୱେଷ୍ଟଇଣ୍ଡିଜ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନମାନେ ଫରକ ଆଣିଥିଲେ।
–ଯଶପ୍ରୀତ୍ ବୁମ୍‌ରା, ଭାରତୀୟ ପେସ୍ ବୋଲର




# ନଜରରେ ରହିବେ ଥମ୍ପସନ୍

**ଭୁବନେଶ୍ୱର, ୨୮।୧୦(ସ୍ପୋର୍ଟ୍ସ ବ୍ୟୁରୋ)** ଦୁଇଟି ଦୁଇଟି ମେଗା ଇଭେଣ୍ଟ ଆୟୋଜନ ପାଇଁ ଓଡ଼ିଶା ଏବେ ପ୍ରସ୍ତୁତ। ରାଜଧାନୀ ଭୁବନେଶ୍ୱରରେ ଗୋଟିଏ ମାସ ମଧ୍ୟରେ ହକି ବିଶ୍ୱକପ୍ ସହିତ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆୟୋଜନ ହେବ। ହକି ଓ କ୍ରୀଡ଼ା ସହିତ କ୍ରୀଡ଼ା ସମ୍ପର୍କିତ ସାହିତ୍ୟ ଏବଂ ସାମ୍ବାଦିକତାର ମଜା ନେବା ପାଇଁ କ୍ରୀଡ଼ାପ୍ରେମୀଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ଉପନୀତ ହୋଇଛି। ନଭେମ୍ବର ୨ ଓ ୩ ତାରିଖରେ ଏହି ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଆୟୋଜନ ହେବ ସ୍ଥାନୀୟ ହୋଟେଲ ମେ ଫେୟାର ଲାଗୁନ୍‌ରେ। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ହାଇପ୍ରୋଫାଇଲ ଇଭେଣ୍ଟ ଆୟୋଜନ ହେବ। ଏହା କେବଳ ଭାରତ ନୁହଁ ଏସିଆର ସର୍ବପ୍ରଥମ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ମାନ୍ୟତା ପାଇଛି। ତେଣୁ ଏହି ଇଭେଣ୍ଟରେ ଗୁରୁତ୍ୱ କେବଳ କ୍ରୀଡ଼ାପ୍ରେମୀଙ୍କ ପାଇଁ ନୁହେଁ ସାମ୍ବାଦିକତା ଓ ସାହିତ୍ୟ ଅନୁରାଗୀଙ୍କ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି।

ଏହି ମେଗା ଇଭେଣ୍ଟରେ ବିଶ୍ୱସ୍ତରୀୟ ସେଲିବ୍ରିଟିମାନେ ଯୋଗଦେଇ ନିଜର ମତ ତଥା ବକ୍ତବ୍ୟ ରଖିବେ। ଏମାନଙ୍କ ମଧ୍ୟରେ ରହିଛନ୍ତି ସର୍ବାକାଳୀନ ଦ୍ରୁତତମ ବୋଲର ଭାବେ ମାନ୍ୟତା ପାଇଥିବା ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଜେଫେରୀ ରବର୍ଟ ଥମ୍ପସନ। କ୍ରିକେଟ ଜଗତରେ ସେ ଜେଫ୍ ଥମ୍ପସନ ବା 'ଥୋମୋ' ରୂପେ ବେଶ୍ ଜଣାଶୁଣା ଥିଲେ। କିମ୍ବଦନ୍ତୀ ଦ୍ରୁତ ବୋଲର ଡେନିସ ଲିଲିଙ୍କର ସେ ଓପିନଂ ପାର୍ଟନର ଥିଲେ। ଟେଷ୍ଟ କ୍ରିକେଟ ଇତିହାସରେ ଏହି ଯୋଡିଙ୍କୁ ସବୁଠାରୁ ବିପଜ୍ଜନକ ବିବେଚନା କରାଯାଉଥିଲା। ଟେଷ୍ଟ କ୍ରିକେଟ ବୋଲିଂ ଇତିହାସରେ ଥମ୍ପସନଙ୍କ ପ୍ରତିଭାକୁ ସମସ୍ତେ ସ୍ୱୀକାର କରିଥିଲେ।

ଅଷ୍ଟ୍ରେଲିଆର ନ୍ୟୁ ସାଉଥ ୱେଲ୍ସ ପ୍ରଦେଶର ଗ୍ରୀନାକ୍ରେରେ ଥମ୍ପସନ ୧୯୫୦ ଅଗଷ୍ଟ ୧୬ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଡାହାଣହାତୀ ଫାଷ୍ଟ ବୋଲର ଥମ୍ପସନ ୧୯୭୨ ଡିସେମ୍ବର ୨୯ ତାରିଖରେ ପାକିସ୍ତାନ ବିପକ୍ଷରେ ପଦାର୍ପଣ କରିଥିଲେ। ଥମ୍ପସନ ୫୧ଟି ଟେଷ୍ଟ ଓ ୫୦ ଦିନିକିଆ ମ୍ୟାଚ ଖେଳିଥିଲେ। ସେ ଟେଷ୍ଟରେ ୨୦୦ ଓ ଦିନିକିଆରେ ୫୦ଟି ଉଇକେଟ ହାସଲ କରିଥିଲେ। ସଫଳତା ଅପେକ୍ଷା ଦ୍ରୁତଗତିରେ ବୋଲିଂ କରିବାକୁ ନେଇ ସେ ବେଶ୍ ଚର୍ଚ୍ଚିତ ହୋଇଥିଲେ। ନିଜ ପିତାଙ୍କଠାରୁ ସେ ଦ୍ରୁତ ବୋଲିଂ କରିବାର କଳା ଶିକ୍ଷା କରିଥିଲେ। ୧୯୭୫ ଡିସେମ୍ବରରେ ସେ ଡବ୍ଲ୍ୟୁଏସିଏରେ ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ବୋଲିଂ କରିବା ବେଳେ ତାଙ୍କର ରିଲିଜ୍ ସ୍ପିଡ୍ ଥିଲା ଘଣ୍ଟା ପ୍ରତି ୧୬୦.୪୫ କିଲୋମିଟର। ଏହାଦ୍ୱାରା ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦ୍ରୁତ ଗତିରେ ବୋଲିଂ କରୁଥିବାରୁ ସେତେବେଳର ନାମକରା ବ୍ୟାଟ୍ସମ୍ୟାନମାନେ ମଧ୍ୟ ତାଙ୍କ ବଲକୁ ଖେଳିବାରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ୧୯୭୯ରେ ଅଷ୍ଟ୍ରେଲିଆନ ଟେଲିଭିଜନ ଷ୍ଟେଶନ ଚ୍ୟାନେଲ ୯ ଦ୍ୱାରା ଆୟୋଜିତ ହୋଇଥିବା ଏକ ଦ୍ରୁତ ବୋଲିଂ ପ୍ରତିଯୋଗିତାରେ ଥମ୍ପସନ ବିଜୟୀ ହୋଇଥିଲେ। ସେତେବେଳେର ଦ୍ରୁତତମ ବୋଲର ଆଣ୍ଡି ରବର୍ଟଙ୍କଠାରୁ ମଧ୍ୟ ସେ ଦ୍ରୁତ ବେଗରେ ବୋଲିଂ କରୁଥିଲେ। ରବର୍ଟଙ୍କ ଦ୍ରୁତତମ ବୋଲିଂ ରେକର୍ଡ ଥିଲା ଘଣ୍ଟାପ୍ରତି ୧୫୦.୬୭ କିଲୋମିଟର । ତେବେ ତାଙ୍କର ସର୍ବାଧିକ ଗତି ଘଣ୍ଟାପ୍ରତି ୧୪୭.୯ ଥିଲା ବୋଲି ୧୯୭୫ରେ ଏକ ଅଧ୍ୟୟନରୁ ଜଣାପଡିଥିଲା। କେବଳ ଦ୍ରୁତଗତି ନୁହେଁ ଶାଣିତ ବୋଲିଂ ପାଇଁ ମଧ୍ୟ ସେ ସେତେବେଳେ ପ୍ରଶଂସିତ ହୋଇଥିଲେ। ଏତେ ଦ୍ରୁତବେଗରେ ବୋଲିଂ କରିବା ଆମେ କାହାକୁ ଦେଖି ନ ଥିଲୁ ବୋଲି ସେତେବେଳର ଜଣାଶୁଣା ବ୍ୟାଟ୍ସମ୍ୟାନମାନେ ମତ ରଖିଥିଲେ। କେବଳ ବୋଲିଂ ନୁହେଁ ତାଙ୍କ ବ୍ୟକ୍ତିତ୍ୱ ମଧ୍ୟ ବେଶ୍ ଆକର୍ଷଣୀୟ ଥିଲା। ୨୦୧୬ ଜାନୁୟାରୀ ୧୭ ତାରିଖରେ ତାଙ୍କୁ ଅଷ୍ଟ୍ରେଲିଆନ୍ ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା। ଅସାଧାରଣ ପ୍ରତିଭା ଓ ବ୍ୟକ୍ତିତ୍ୱ ପାଇଁ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଲିଟେରାରି ଫେଷ୍ଟିଭାଲରେ ତାଙ୍କ ବକ୍ତବ୍ୟ ଅନ୍ୟମାନଙ୍କୁ ପ୍ରେରଣାଦାୟୀ ହେବ ବୋଲି କୁହାଯାଇପାରେ।

ଏହି ଉତ୍ସବରେ ଆଉଜଣେ ଯୁବ କ୍ରୀଡ଼ାବିତ୍ ଯୋଗ ଦେଇ ନିଜର ବକ୍ତବ୍ୟ ଉପସ୍ଥାପନା କରିବେ। ସେ ହେଉଛନ୍ତି ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା। ମାତ୍ର ୨୦ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ନୀରଜ ଜଣେ ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍‌ର ମାନ୍ୟତା ପାଇଛନ୍ତି ଓ ଜଣେ ହାଇପ୍ରୋଫାଇଲ ସେଲିବ୍ରିଟିର ମାନ୍ୟତା ପାଇଛନ୍ତି। ହରିୟାଣାର ପାନିପତ୍‌ରେ ଜନ୍ମଗ୍ରହଣ କରିଥିବା ନୀରଜ ଜୁନିୟରସ୍ତର ପ୍ରତିଯୋଗିତାରେ ଦମ୍‌ଦାର ପ୍ରଦର୍ଶନ କରି ଅସାଧାରଣ ସଫଳତା ହାସଲ କରିଛନ୍ତି। କୋଚ୍ ୟୁଏ ହୋନଙ୍କଠାରୁ ପ୍ରଶିକ୍ଷଣ ପାଇବା ପରେ ସେ ପଛକୁ ଫେରିଚାହିଁନାହାନ୍ତି। ଭାରତୀୟ ସେନାବାହିନୀରେ ଜଣେ ଜୁନିୟର କମିଶନ୍‌ଡ ଅଫିସର ଭାବେ କାର୍ଯ୍ୟକରୁଥିବା ନୀରଜ ୨୦୧୬ରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ସେ ୨୦୧୬ରେ ଗୁଆହାଟୀ/ଶିଲଂରେ ଅନୁଷ୍ଠିତ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୧୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ୨୦୧୮ରେ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ମଧ୍ୟ ସେ ଆଶାନୁରୂପ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଇଭେଣ୍ଟରେ ସେ ୮୮.୦୬ ମିଟର ଜାଭେଲିନ ଫିଙ୍ଗି ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।


ଜେଫ୍ ଥମ୍ପସନ

EKAMRA SPORTS LITERARY FESTIVAL 2018

ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ନୀରଜଙ୍କ ଉପସ୍ଥିତି ଖାସ୍ କରି ଯୁବପିଢ଼ି ପାଇଁ ବେଶ୍ ମହତ୍ତ୍ୱ ରଖିବ। ତାଙ୍କ ବକ୍ତବ୍ୟ ଶିକ୍ଷଣୀୟ ହେବ।


ନୀରଜ ଚୋପ୍ରା


# ପାକିସ୍ତାନକୁ ଦ୍ୱିତୀୟ ଟାଇଟଲ





ହକି ବିଶ୍ୱକପ୍‌ର ଚତୁର୍ଥ ସଂସ୍କରଣ ଆୟୋଜନ ହୋଇଥିଲା ୧୯୭୮ ମସିହାରେ। ଆର୍ଜେଣ୍ଟିନାର ବୁଏନ୍ସ ଆରିଜ୍‌ରେ ଅନୁଷ୍ଠିତ ଏହି ବିଶ୍ୱକପ୍‌ରେ ପାକିସ୍ତାନ ଚାମ୍ପିୟନ ହୋଇଥିଲା। ଏଥସହ ପାକିସ୍ତାନ ଦ୍ୱିତୀୟ ଥର ପାଇଁ ବିଶ୍ୱକପ୍ ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଥିଲା। ଟାଇଟଲ ପାଇଁ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ପାକିସ୍ତାନ ୩-୧ ଗୋଲରେ ନେଦରଲାଣ୍ଡକୁ ପରାସ୍ତ କରିଥିଲା। ଏହି ବିଶ୍ୱକପ୍‌ରେ ୧୪ଟି ଦଳ ଅଂଶଗ୍ରହଣ କରିଥିଲେ। ଆୟୋଜକ ଆର୍ଜେଣ୍ଟିନା ଅଷ୍ଟମସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ତେବେ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୪-୩ ଗୋଲରେ ପଶ୍ଚିମ ଜର୍ମାନୀକୁ ପରାସ୍ତ କରିଥିଲା। ବୁଏନ୍ସ ଆରିଜ୍‌ର କାମ୍ପୋ ଡି ପୋଲୋରେ ବିଶ୍ୱକପ୍‌ର ମ୍ୟାଚଗୁଡିକ ଖେଳାଯାଇଥିଲା। ସେମିଫାଇନାଲରେ ପାକିସ୍ତାନ ୧-୦ ଗୋଲରେ ପଶ୍ଚିମ ଜର୍ମାନୀକୁ ପରାସ୍ତ କରିଥିଲା। ସେହିପରି ଅନ୍ୟ ଏକ ସେମିଫାଇନାଲରେ ନେଦରଲାଣ୍ଡ ୩-୨ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଥିଲା।



ଏହି ବିଶ୍ୱକପ୍‌ରେ ଭାରତର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନ ଥିଲା। ପଞ୍ଚମ ଓ ଷଷ୍ଠସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୨-୦ ଗୋଲରେ ସ୍ପେନ୍‌ଠାରୁ ପରାସ୍ତ ହୋଇଥିଲା। ଫଳରେ ଭାରତକୁ ଷଷ୍ଠ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ପୁଲ ଏ'ରେ ଭାରତ ସମେତ ଅଷ୍ଟ୍ରେଲିଆ, ପଶ୍ଚିମ ଜର୍ମାନୀ, ଇଂଲଣ୍ଡ, ପୋଲାଣ୍ଡ, କାନାଡ଼ା ଓ ବେଲଜିୟମ ସ୍ଥାନ ପାଇଥିଲ। ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ କାନାଡ଼ାଠାରୁ ୩-୧ ଗୋଲରେ ପରାସ୍ତ ହୋଇଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୨-୦ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଥିଲା। ତୃତୀୟ ମ୍ୟାଚ୍‌ରେ ଭାରତ ୭-୦ ଗୋଲରେ ପଶ୍ଚିମ ଜର୍ମାନୀଠାରୁ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ଇଂଲଣ୍ଡ ବିପକ୍ଷ ଚତୁର୍ଥ ମ୍ୟାଚ୍‌ରେ ଭାରତ ୧-୧ ଗୋଲରେ ମ୍ୟାଚ୍ ଅମୀମାଂସିତ ରଖିଥିଲା। ଶେଷରେ ଅନ୍ତିମ ପୁଲ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୧-୦ ଗୋଲରେ ବେଲଜିୟମକୁ ହରାଇଥିଲା। ପୁଲ ଏ'ରେ ଅଷ୍ଟ୍ରେଲିଆ ସଫଳତମ ଦଳ ସାବ୍ୟସ୍ତ ହୋଇଥିଲା। ଅଷ୍ଟ୍ରେଲିଆ ୬ଟି ମ୍ୟାଚ୍ ଖେଳି ୫ଟି ବିଜୟ ଓ ଗୋଟିଏ ପରାଜୟ ସହ ୧୦ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ଭାରତ ୬ଟି ମ୍ୟାଚ୍ ଖେଳି ୩ଟି ବିଜୟ ଗୋଟିଏ ଡ୍ର ଓ ଦୁଇଟି ପରାଜୟ ସହ ୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲା। ପଶ୍ଚିମ ଜର୍ମାନୀ ୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଅପରପକ୍ଷରେ ପୁଲ୍ ବି'ରେ ଆୟୋଜକ ଆର୍ଜେଣ୍ଟିନା ସମେତ ପାକିସ୍ତାନ, ନେଦରଲାଣ୍ଡ, ସ୍ପେନ, ମାଲେସିଆ, ଆୟର୍ଲାଣ୍ଡ, ଇଟାଲୀ ସାମିଲ ରହିଥିଲେ। ପାକିସ୍ତାନ ୬ଟି ମ୍ୟାଚ୍ ଖେଳି ୬ଟି ବିଜୟ ସହ ମୋଟ ୧୨ ପଏଣ୍ଟ ପାଇ ପୁଲ୍ ଶୀର୍ଷରେ ରହିଥିଲା। ସେହିପରି ନେଦରଲାଣ୍ଡ ୬ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୧ ପରାଜୟ ସହ ୧୦ ପଏଣ୍ଟ ପାଇଁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଅନ୍ୟପଟେ ସ୍ପେନ୍ ୬ଟି ମ୍ୟାଚ୍ ଖେଳି ୩ ବିଜୟ ଗୋଟିଏ ଡ୍ର ଓ ଦୁଇଟି ପରାଜୟ ସହ ୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲା। ନେଦରଲାଣ୍ଡର ପଲ୍ ଲିଟିଜେନ୍ସ ସଫଳତମ ଖେଳାଳି ସାବ୍ୟସ୍ତ ହୋଇଥିଲେ। ସେ ଏହି ବିଶ୍ୱକପ୍‌ରେ ସର୍ବାଧିକ ୧୫ଟି ଗୋଲ ସ୍କୋର କରିଥିଲେ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

MARUTI SUZUKI ARENA

A DESTINATION CALLED YOU.
A FEELING CALLED MARUTI SUZUKI ARENA.




E-BOOK YOUR SHOWROOM VISIT AT **WWW.MARUTISUZUKI.COM** OR VISIT YOUR NEAREST **MARUTI SUZUKI ARENA** SHOWROOM TODAY.

**AUTHORISED DEALERS: ORISSA: BHUBANESWAR: Jyote Motors (Nayapalli)** 7381355999, **JEYPORE: Legend Cars** 7894442901. **COMING SOON: Orbit Motors (Civil Township, Rourkela)** 9437041155.


କଳସ ଶୋଭାଯାତ୍ରାରେ ସାମିଲ ମହିଳାମାନେ।


ଆଦିବାସୀଙ୍କ ଢେମ୍‌ସା ନୃତ୍ୟରେ ମସଗୁଲ୍ କୋରାପୁଟ ଏମ୍‌ପି ଓ ଅନ୍ୟ ବିଧାୟକମାନେ।


କୋରାପୁଟ ନିଶାଣିମୁଣ୍ଡାରୁ 'ପରବ' ଶୋଭାଯାତ୍ରା ଆଦିବାସୀ ନୃତ୍ୟ ତାଳେତାଳେ କୋଟିଆ ବାହାରିଛି।

# 'ପରବ'ର ପ୍ରଥମ ପୁଲକ ଦେଲା ସୁନା ପାହାଡ଼



## ୨୩ତମ 'ପରବ-୨୦୧୮' ଆରମ୍ଭ

**ଚଳିତ ବର୍ଷ ସୀମା ବିବାଦରେ ଛନ୍ଦି ହୋଇପଡ଼ିଥିବା କୋଟିଆରୁ କୋରାପୁଟ ଜିଲାର ୨୩ତମ ରାଜ୍ୟସ୍ତରୀୟ ଲୋକ ମହୋତ୍ସବ 'ପରବ ୨୦୧୮'ର ଶୁଭାରମ୍ଭ ହୋଇଛି। ଆଦିବାସୀ ପରମ୍ପରା ଓ ଲୋକକଳାର ବାହକ ସାଜିଥିବା 'ପରବ'ର ପ୍ରଥମ ପୁଲକ ଭେଟିଦେଇଛି କୋଟିଆର ସୁନା ପାହାଡ଼। ଏଇଠୁ ହିଁ ରବିବାର 'ପରବ'ର ମଙ୍ଗଳବାଦ୍ୟ ବଜେଇଛି ପ୍ରଶାସନ। ପ୍ରଜ୍ୱଳିତ ହୋଇଛି ମଶାଲ। ପରବର ଆଦ୍ୟପର୍ବରେ ସାମିଲ ହୋଇଛନ୍ତି ଜିଲାବାସୀ।**

**କୋରାପୁଟ/ପଟ୍ଟାଙ୍ଗି,୨୮।୧୦(ସ୍ୱ.ପ୍ର.)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ସୁନା ପାହାଡ଼ରୁ ଲୋକ ମହୋତ୍ସବ ପରବର ଆଦ୍ୟପର୍ବ ପଡ଼ିଛି। ସୀମା ବିବାଦରେ ଏକଦା ଛନ୍ଦି ହୋଇପଡ଼ିଥିବା କୋଟିଆକୁ ମହୋତ୍ସବର ଶୁଭାରମ୍ଭ ସ୍ଥାନ ଭାବେ ନେଇ ଜିଲା ପ୍ରଶାସନ ପ୍ରଶଂସାର ପାତ୍ର ହୋଇଛି। ରବିବାର କୋଟିଆର ତିନୋଟି ସ୍ଥାନ ଯଥା- ସୁନା ପାହାଡ଼, ଜଗନ୍ନାଥ ମନ୍ଦିର ଓ ଚର୍ଚ୍ଚରୁ ମଶାଲ ଶୋଭାଯାତ୍ରା କରାଯାଇଛି। ପରବ ଉଦ୍‌ଘାଟନୀ ପୂର୍ବରୁ ଅତିଥିମାନଙ୍କୁ ପଞ୍ଚାୟତର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରୁ ପାରମ୍ପରିକ ନାଚ ଓ ବାଦ୍ୟ ମାଧ୍ୟମରେ ପାଛୋଟି ଆଣି ଆୟୋଜିତ ସଭାମଞ୍ଚ ନିକଟରେ ପହଞ୍ଚାଇବା ପରେ ମଶାଲକୁ ଅଗ୍ନି ସଂଯୋଗ କରି ପରବ ପତାକା ଉତ୍ତୋଳନ କରାଯାଇଥିଲା। ଏଥିସହିତ ପରବ ୨୦୧୮ର ଷ୍ଟିକର, ପୋଷ୍ଟର ଓ ଆଦିବାସୀ ସଙ୍ଗୀତକୁ ରିବନ କାଟି ଲୋକାର୍ପିତ କରିଥିଲେ ଅତିଥି।

### କୋରାପୁଟର ନିଶାଣିମୁଣ୍ଡାରୁ କୋଟିଆ

ପରବ ରବିବାର ସକାଳ ୭ଟା ୩୦ରେ କୋରାପୁଟଠାରେ ବାଜା ଓ ଆଦିବାସୀ ନୃତ୍ୟରେ ଏକ ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ ଡିଏନ୍‌କେସ୍ଥିତ ନିଶାରିମୁଣ୍ଡା ପୀଠରେ ପହଞ୍ଚିଥିଲା। ଜିଲାପାଳ, ବିଧାୟକ ଓ ଏମ୍‌ପି ସେଠାରେ ପହଞ୍ଚି ମାଙ୍କଠାରେ ପୂଜାର୍ଚ୍ଚନା କଲା ପରେ ସେଠାରୁ ସିଧା କୋଟିଆ ସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ । ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ମଶାଳ ପ୍ରଜ୍ୱଳନ କରାଯିବ ପରେ ସେଠାରୁ ବାଜା ବାଜଣା ଓ ନୃତ୍ୟ ମଧ୍ୟରେ ହଜାର ହଜାର ଆଦିବାସୀ ଓ ଜିଲାର ୧୪ଟି ବ୍ଲକ ଓ ୪ଟି ପୌରାଞ୍ଚଳରୁ ଆସିଥିବା ୧୦ରୁ ଊର୍ଦ୍ଧ୍ୱ ନୃତ୍ୟଦଳ ଶୋଭାଯାତ୍ରାରେ ସଭାସ୍ଥଳକୁ ଯାଇଥିଲେ। ସେଠାରେ ମୁଖ୍ୟ ମଶାଲ ପ୍ରଜ୍ୱଳନ କରିବା ପରେ ପରବର ଆନୁଷ୍ଠାନିକ ଶୁଭାରମ୍ଭ ଘୋଷଣା କରାଯାଇଥିଲା। ପରେ ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରୁ ଆସିଥିବା ଦଳ ସେମାନଙ୍କ ମଶାଲରେ ମୁଖ୍ୟ ମଶାଳରୁ ଅଗ୍ନି ସଂଯୋଗ କରି ନିଜ ନିଜ ଅଞ୍ଚଳକୁ ଫେରିଥିଲେ। ଏହି ଅବସରରେ କୋଟିଆରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ବିଏସଏଫ ଓ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ବିବାଦୀୟ କୋଟିଆରେ ଏଭଳି କାର୍ଯ୍ୟକ୍ରମ ପ୍ରଶାସନ ହାତକୁ ନେବା ପରେ ବିଶେଷ କରି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ବିଭିନ୍ନ ମହଲରୁ ସାଧୁବାଦ ମିଳିଛି ।

### ଡଙ୍ଗରରୁ ଆରମ୍ଭ ହୋଇଥିଲା ପରବ

୧୯୯୪ ମସିହାରେ ପ୍ରଥମେ ଡଙ୍ଗର ନାମରେ ପରବ ଆରମ୍ଭ ହୋଇଥିଲା। ଯାହାକୁ ନେଇ ଉକ୍ତ ପରବ ବର୍ତ୍ତମାନ ରାଜ୍ୟସ୍ତରରେ ସ୍ଥାନ ପାଇଥିବାବେଳେ ଏହା ଭାଇଚାରାର ଏକ ମୂଳ ମାଧ୍ୟମ ବୋଲି ନିଜ ଅଭିଭାଷଣରେ କହିଛନ୍ତି ସମୟରେ ଅନ୍ୟତମ ଅତିଥି ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି। ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ଲାଗି ରହିଥିବା ବିବାଦୀୟ କୋଟିଆ ପରି ପଞ୍ଚାୟତରେ ପରବର ଶୁଭାରମ୍ଭ ପାଇଁ ଚୟନ କରିଥିବାରୁ ଜିଲାପାଳଙ୍କୁ ସେ କୃତଜ୍ଞତା ଦେଇଛନ୍ତି।

### ପରବରେ ପଡ଼ିଲା କୋଟିଆ ବିକାଶର ଶୁଭ

ଉପସ୍ଥିତ ସମସ୍ତ ଅତିଥି ଓ ଦୁଇ ମନ୍ତ୍ରୀ ଏବଂ ବିଧାୟକମାନେ କୋଟିଆ ପଞ୍ଚାୟତରୁ ପରବ ଶୁଭାରମ୍ଭ କରି ଫେରିବା ସମୟରେ ଦେଓମାଳି ଗସ୍ତ କରିଥିଲେ। ସେହିପରି ପଞ୍ଚାୟତ ଅଧୀନସ୍ଥ ଥୁରିଆ ଆଶ୍ରମ ବିଦ୍ୟାଳୟରେ ୬୦ ଲକ୍ଷ ଅନୁଦାନରେ ଖର୍ଚ୍ଚ ହୋଇ ନିର୍ମିତ ହୋଇଥିବା ଅତିରିକ୍ତ ଶ୍ରେଣୀଗୃହ ଏବଂ ଟାଉପଦର ଗ୍ରାମ ନିକଟରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ୪ କୋଟି ୭୦ ଲକ୍ଷ ଅର୍ଥ ଖର୍ଚ୍ଚ ହୋଇ ନିର୍ମାଣ ହୋଇଥିବା ବିଜ୍ଞାନ ମହାବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବାସଗୃହ, ଏକାଡେମି ଓ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ର ନିବାସକୁ ଦୁଇ ମନ୍ତ୍ରୀ ଓ ସମସ୍ତ ବିଧାୟକ ଉଦ୍‌ଘାଟନ କରିଥିଲେ । ଏହି ସମୟରେ ପଟ୍ଟାଙ୍ଗି ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟାତି ପାଙ୍ଗି, ପୂର୍ବତନ ବିଧାୟିକା ଚନ୍ଦ୍ରମା ସାନ୍ତା, ପୂର୍ବତନ ବିଧାୟକ ରଘୁରାମ ପଡାଲ, ଜିଲା ପରିଷଦ ସଭ୍ୟ ଡୁମୁରି ଖିଲ, ସଙ୍ଗିତା ଗାଣ୍ଡେରି, ଗୋଷ୍ଠୀ ଉନ୍ନୟନ ଅଧିକାରୀ କରୁଣାକର ପ୍ରଧାନ, ସହକାରୀ ଯନ୍ତ୍ରୀ ରାଧେଶ୍ୟାମ ମେହେର, ତହସିଲଦାର ଅରୁଣ କୁମାର ଖଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପଞ୍ଚାୟତ ଅଧିକାରୀ ସୁଦେଶ କୁମାର ପଟ୍ଟନାୟକ ଓ ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦେବେନ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ସୁକୁମାର ବିଶ୍ୱାଳ, ବିଏସଏସଓ ସୌଦାମିନୀ ପ୍ରଧାନ, ଗଣମାଧ୍ୟମ ପ୍ରତିନିଧି ଶରତ କୁମାର ଧଳ, ସରପଞ୍ଚ ଭଗବାନ ଖରା, ବ୍ଲକ ସୋସିଆଲ ଅଡିଟର ରଘୁରାମ ବାଙ୍କା ସହଯୋଗ କରିଥିଲେ।

### ନେତା-ଅଧିକାରୀଙ୍କ ଅନୁପସ୍ଥିତି ଚର୍ଚ୍ଚା

କାର୍ଯ୍ୟକ୍ରମରେ କୋରାପୁଟ ଜିଲାର ଜଣେ ମାତ୍ର ନେତା ଭାବେ କୋଟପାଡ ବିଧାୟକ ଚନ୍ଦ୍ରଶେଖର ମାଝି, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ଓ ଏସ୍‌ପି କନୱର ବିଶାଲ ସିଂଙ୍କ ନାମ ଅତିଥି ତାଲିକାରେ ରହିଥିଲେ ମଧ୍ୟ ସେମାନେ ଉପସ୍ଥିତ ନଥିଲେ। ସେମାନଙ୍କର ଅନୁପସ୍ଥିତି ନେଇ ସଭାସ୍ଥଳରେ ସମ୍ୟକ ଆଲୋଚନା ଶୁଣିବାକୁ ମିଳିଥିଲା।


ଦୁଇ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଓ ଚନ୍ଦ୍ରସାରଥୀ ବେହେରା ଏବଂ ଅନ୍ୟ ବିଧାୟକମାନେ 'ପରବ'ର ପୋଷ୍ଟର ଉନ୍ମୋଚନ କରୁଛନ୍ତି।


କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ଓ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି।


କୋଟିଆଠାରେ 'ପରବ' କାର୍ଯ୍ୟକ୍ରମରେ ଜନ ସମାବେଶ।


କୋରାପୁଟ ସଦର ନିଶାଣୀମୁଣ୍ଡା ପୀଠରେ ପୂଜାର୍ଚ୍ଚନା ଅବସରରେ ଅତିଥିମାନେ।


କୋଟିଆରେ 'ପରବ' ଶୋଭାଯାତ୍ରାକୁ ଉଦ୍‌ଘାଟନୀ ସଭାସ୍ଥଳକୁ ପାଛୋଟି ନିଆଯାଉଛି।

**ସଂକ୍ଷେପରେ**

## ସୁରକ୍ଷିତ ଯାତ୍ରା ପାଇଁ ସଚେତନତା



ବ୍ରହ୍ମପୁର ଅଫିସ,୨୮।୧୦: ବ୍ରହ୍ମପୁର ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ତରଫରୁ ରବିବାର ଷ୍ଟେଶନ୍‌ରେ ଯାତ୍ରୀଙ୍କୁ ସୁରକ୍ଷିତ ଯାତ୍ରା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଯାତ୍ରା ସମୟରେ ଅଚିହ୍ନା ଲୋକଙ୍କଠାରୁ ଖାଦ୍ୟ ଗ୍ରହଣ ନ କରିବା, ଆବଶ୍ୟକ ସ୍ଥଳେ ରେଳ ସୁରକ୍ଷା ବଳକୁ ଯୋଗାଯୋଗ କରିବା, ସନ୍ଦିଗ୍ଧ ଅବସ୍ଥାରେ ବ୍ୟାଗ୍ ଦେଖିଲେ ପୋଲିସକୁ ସୂଚନା ଦେବା, ମହିଳାମାନେ ପ୍ରତୀକ୍ଷାଳୟରେ ବିଶ୍ରାମ ନେବା ଆଦି ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଆର୍‌ପିଏଫ୍‌ର ଆଇଆଇସି କେ.କେ. ସାହୁ, ସବ୍-ଇନ୍‌ସପେକ୍ଟର ସି.କେ. ତିୱାରୀ ଏବଂ ଅରୁଣ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏଥିରେ ଭାଗ ନେଇଥିଲେ ।

■ ଓଡ଼ିଶା ଘରୋଇ ଇଞ୍ଜିନିୟରିଂ ସ୍କୁଲ ସଂଘ କର୍ମଶାଳା

# ବୈଷୟିକ ଶିକ୍ଷା ନୀତିର ଆବଶ୍ୟକତା ରହିଛି

ବ୍ରହ୍ମପୁର ଅଫିସ,୨୮।୧୦

ଓଡ଼ିଶାରେ ବୈଷୟିକ ଶିକ୍ଷାକୁ ସରକାର ବର୍ତ୍ତମାନ ସୁଦ୍ଧା ଗୁରୁତ୍ୱ ଦେଇନାହାନ୍ତି। ଫଳରେ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଖରାପ ହେବାରେ ଲାଗିଛି। ୧୯୯୫-୯୬ ବେଳକୁ ରାଜ୍ୟରେ କେବଳ ୧୦ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ ରହିଥିଲା। ୨୦୧୭-୧୮ରେ ଏହା ବଢ଼ି ୧୧୭ରେ ପହଞ୍ଚିଛି। ଶିକ୍ଷାନୁଷ୍ଠାନ ସଂଖ୍ୟା ସିନା ବଢ଼ୁଛି, ହେଲେ ଶିକ୍ଷାରମାନ ବୃଦ୍ଧି ହୋଇ ପାରୁନାହିଁ। ଆଜି ଯାଏ ଆମ ରାଜ୍ୟର ପିଲାମାନେ ଗୁଣାତ୍ମକ ବୈଷୟିକ ଶିକ୍ଷା ପାଇପାରୁ ନାହାନ୍ତି। ଏଣୁ ସେମାନେ ଚାକିରି କ୍ଷେତ୍ରରେ ସଫଳ ହେଉନାହାନ୍ତି। ପରିଣାମ ସ୍ୱରୂପ ଗତ ୫ରୁ ୬ବର୍ଷ ହେଲା ବୈଷୟିକ ଶିକ୍ଷା ପ୍ରତି ପିଲାମାନଙ୍କ ଆଗ୍ରହ କମିବାରେ ଲାଗିଛି। ବହୁ ସଂଖ୍ୟାରେ ସିଟ୍ ଖାଲି ପଡ଼ୁଛି। ଏଭଳି ଏକ ଅଚଳାବସ୍ଥା ଦୂର କରିବା ପାଇଁ ରାଜ୍ୟ ସରକାର ଆଗକୁ ଆସିବା ଆବଶ୍ୟକ। ଓଡ଼ିଶାରେ ବୈଷୟିକ ଶିକ୍ଷା ନୀତିର ଆବଶ୍ୟକତା ରହିଛି ବୋଲି କହିଛନ୍ତି ମନ୍ତ୍ରୀ ତଥା ଓଡ଼ିଶା ଘରୋଇ ଇଞ୍ଜିନିୟରିଂ ସ୍କୁଲ ସଂଘ(ଓପିଇଏସ୍‌ଏ)ର ସଭାପତି ପ୍ରଫୁଲ୍ଲ ସାମଲ ।




କର୍ମଶାଳାରେ ମୁଖ୍ୟଅତିଥି ତଥା ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବକ୍ତବ୍ୟ ପ୍ରଦାନ କରୁଛନ୍ତି । ନିକଟରେ ଅତିଥି ଏବଂ ସଂଘର କର୍ମକର୍ତ୍ତା ।

ସ୍ଥାନୀୟ ଏକ ହୋଟେଲ୍‌ରେ ରବିବାର ଓପିଇଏସ୍‌ଏର ଏକ କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାର ବିଷୟ 'ଅନୁଷ୍ଠାନ ନିର୍ମାଣ:ସମସ୍ୟା ଓ ନିରାକରଣ' ଉପରେ ନିଜର ମତ ରଖି ମୁଖ୍ୟଅତିଥି ତଥା ମନ୍ତ୍ରୀ ସାମଲ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ । ବୈଷୟିକ ଶିକ୍ଷା ନୀତି ଲାଗୁ ହେଲେ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି, ଶିକ୍ଷକଙ୍କ ଯୋଗ୍ୟତା ଓ ଦରମା, କର୍ମନିଯୁକ୍ତି ସୃଷ୍ଟି ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ନିର୍ଦ୍ଦିଷ୍ଟ ମାପକାଠି ପ୍ରସ୍ତୁତ ହୋଇପାରିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ସଦାନନ୍ଦ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ଭରିବା ସହ ସେମାନଙ୍କ ଆଗ୍ରହ ଅନୁଯାୟୀ ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ । ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଗତୀକରଣ ପରେ ବୈଷୟିକ ଶିକ୍ଷାର ଚାହିଦା ବଢ଼ୁଥିବା ଯୋଗୁ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଭିତ୍ତିଭୂମି ବଢ଼ାଇବା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥା(ଆଇଆଇଏସ୍‌ଇଆର୍) ନିର୍ଦ୍ଦେଶକ ପ୍ରଫେସର କେ.ଭି.ଆର୍ ଚାରି ସମୟ ଏବଂ ଜ୍ଞାନ କୌଶଳ ବଦଳୁଥିବା ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକ ତଦନୁଯାୟୀ ଭିତ୍ତିଭୂମି ବିକଶିତ କରନ୍ତୁ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ବୈଷୟିକ ଶିକ୍ଷା ସମୟର ଆବଶ୍ୟକତା ବୋଲି ପ୍ରକାଶ କରିଥିଲେ। ଓସକମ୍‌ର ଅଧ୍ୟକ୍ଷ ଇଂ. ଜେ.ଏ. ଜନାର୍ଦ୍ଦନ ଶିକ୍ଷାନୁଷ୍ଠାନଗୁଡ଼ିକ ଭିତରେ ଉତ୍ତମ ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ଓପିଇଏସ୍‌ଏର ଉପଦେଷ୍ଟା ଭଗବାନ ଗନ୍ତାୟତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଇଂ. ସରୋଜ କୁମାର ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ଉପସଭାପତି ଇଂ. ବିଭୂତି ଭୂଷଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

## ଘରେ କେହି ନ ଥିବା ବେଳେ ଚୋରି

ବ୍ରହ୍ମପୁର ଅଫିସ,୨୮।୧୦

ବ୍ରହ୍ମପୁର ଟାଉନଥାନା ଅଧୀନ ଧର୍ମନଗର ଅଞ୍ଚଳରୁ ଜନୈକ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି । ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ନଂ. ୨୨୯/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ନୀହାର ରଞ୍ଜନ ପ୍ରଧାନ କହିଛନ୍ତି।

ପ୍ରକାଶ ଯେ, ରାଜେନ୍ଦ୍ର ପାତ୍ରୀ ସପରିବାର ଶନିବାର ପୂର୍ବାହ୍ନରୁ ପୁରୀ ଯାଇଥିଲେ। ରବିବାର ଅପରାହ୍ନରେ ଘରକୁ ଆସି କବାଟ ଖୋଲିବା ପରେ ଘରେ ଥିବା ଆଲମିରା ମେଲା ପଡିଥିବା ବେଳେ ଆସବାବ ପତ୍ର ସବୁ ଏଣେ ତେଣେ ପଡିଥିଲା । କେହି ଦୁର୍ବୃତ୍ତ ଝରକା କବାଟ ଭାଙ୍ଗି ଘରକୁ ପଶି ଆଲମିରା ତାଡି ଦେଢ ଲକ୍ଷ ଟଙ୍କା, ୧୫ ତୋଳା ସୁନା ଅଳଙ୍କାର ଏବଂ ରୁପା ଅଳଙ୍କାର ଚୋରି କରି ନେଇଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ।

## ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ୍,୨୮।୧୦: ସ୍ଥାନୀୟ ଶହୀଦ୍ ଲକ୍ଷ୍ମଣ ନାୟକ ମେମୋରିଆଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ରହ୍ମପୁର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଦୁର୍ନୀତି ଦୂରୀକରଣ - ନବ ଭାରତ ନିର୍ମାଣ ପ୍ରସଙ୍ଗ ଉପରେ କାର୍ଟୁନ୍, ଚିତ୍ରାଙ୍କନ, ଇଂଲିଶ ଏବଂ ଓଡିଆ ଭାଷାରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିବା ବେଳେ ଗୋପାଳପୁର କଲେଜ ଅଧାପକ ଚିତ୍ତରଞ୍ଜନ ପଟ୍ଟନାୟକ, ଛତ୍ରପୁର ମହିଳା ମହାବିଦ୍ୟାଳୟ ଅଧକ୍ଷା ସୁମିତା ମିଶ୍ର, ଡୁରା କଲେଜ ଅଧକ୍ଷ ପିନାକୀ ମହାନ୍ତି, ଅଧ୍ୟାପକ ବି.ବି.ନାୟକ, ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ବାଲିପଦରର ଅଧ୍ୟାପକ ଡ.ବିବେକାନନ୍ଦ କର ଓ ଅଧାପିକା ମିନତି ଆଚାର୍ଯ୍ୟ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭିଜିଲାନ୍ସ ଡିଏସ୍‌ପି ବି.ଡି.ନାୟକ, ରାଜୀବ ମିଶ୍ର, କୁମୁଦିନୀ ସାହୁ, ବୁଲୁ ବେହେରା, ନାରାୟଣ ସେଠୀ ଓ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଦୁର୍ନୀତି ନିବାରଣ ପକ୍ଷ ପାଳନ ଦିନରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି ।

# ଆଜିଠୁ କ୍ରୀଡ଼ା ବିଭାଗ କର୍ମଚାରୀଙ୍କ ଆନ୍ଦୋଳନ



ଷ୍ଟାଡିୟମ୍ ଏବଂ କ୍ରୀଡ଼ା ଛାତ୍ରାବାସର କର୍ମଚାରୀମାନେ ।

ବ୍ରହ୍ମପୁର ଅଫିସ,୨୮।୧୦

କ୍ରୀଡ଼ା ଓ ଯୁବ ସେବା ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ବିଭିନ୍ନ ଦାବିନେଇ ସୋମବାରରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବା ପାଇଁ ଘୋଷଣା କରିଛନ୍ତି । ଫଳରେ ବ୍ରହ୍ମପୁର ଷ୍ଟାଡିୟମ୍ ଏବଂ କ୍ରୀଡ଼ା ଛାତ୍ରାବାସରେ ଅଚଳାବସ୍ଥା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। କର୍ମଚାରୀଙ୍କ ଅଭିଯୋଗ ହେଲା, ବିଭାଗରେ ବହୁ ପଦବୀ ଖାଲି ପଡ଼ିଛି। ଫଳରେ ଉଦ୍ଦିଷ୍ଟ କର୍ମଚାରୀମାନେ ଅଧିକ କାମ କରୁଛନ୍ତି। କିନ୍ତୁ ପଦବୀ ପୂରଣ ହେଉନାହିଁ। ୧୯୯୩ ଏପ୍ରିଲ୍ ପୂର୍ବରୁ ନିଯୁକ୍ତ ରାଜ୍ୟ ସରକାରଙ୍କ କର୍ମଚାରୀମାନଙ୍କୁ ଟେମ୍ପରାରୀ ଷ୍ଟାଟସନ୍ ଦେଇ ପେ' ଗ୍ରେଡ୍ ଦିଆଯାଉଛି । ସ୍ଥାୟୀ ପାଇଁ ବହୁଥର ଦାବି ହୋଇଥିଲେ ମଧ ସରକାର ପୂରଣ କରିନାହାନ୍ତି। ଅନେକ ୨୫ରୁ ୩୦ବର୍ଷ ହେଲା କାର୍ଯ୍ୟ କରୁଥିଲେ ମଧ୍ୟ ସ୍ଥାୟୀ ନିଯୁକ୍ତି ଦିଆଯାଉନାହିଁ। ଅପରପକ୍ଷେ କର୍ମଚାରୀମାନେ ଦିନକୁ ୧୬ଘଣ୍ଟା ପର୍ଯ୍ୟନ୍ତ କାମ କରୁଛନ୍ତି। ଏଣୁ ସ୍ଥାୟୀ ନିଯୁକ୍ତି ସହ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରରୁ ଜଣକୁ ଥଇଥାନ ସହ ୫ଲକ୍ଷ ଟଙ୍କାର ସହାୟତା, ସରକାରୀ ଓ ୱାର୍କଚାର୍ଜ କର୍ମଚାରୀଙ୍କୁ ମିଳୁଥିବା ଛୁଟି ସହିତ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ, କର୍ମଚାରୀଙ୍କୁ ଇପିଏଫ୍ ଏବଂ ଇଏସ୍‌ଆଇ ପ୍ରଦାନ ଏବଂ ପ୍ରତ୍ୟେକ ଷ୍ଟାଡିୟମ୍ ଓ କ୍ରୀଡ଼ା ଛାତ୍ରବାସରେ କର୍ମଚାରୀଙ୍କ ରହିବା ବ୍ୟବସ୍ଥା ପାଇଁ ଦାବି କରାଯାଇଛି । ପୂର୍ବରୁ ଏନେଇ ବହୁଥର ରାଜ୍ୟ କ୍ରୀଡ଼ା ଓ ଯୁବସେବା କର୍ମଚାରୀ ସଂଘ ତରଫରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ରଖାଯାଇଛି । ହେଲେ ସରକାର ଦାବି ପୂରଣ କରିନାହାନ୍ତି। ଏହାର ପ୍ରତିବାଦରେ ୨୯ତାରିଖରୁ ରାଜ୍ୟବ୍ୟାପୀ କ୍ରୀଡ଼ା ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବ୍ରହ୍ମପୁରରେ ଏହି ଆନ୍ଦୋଳନରେ ଟି.ମୋହନ ରାଓ, ସୁଦର୍ଶନ ବେହେରା, ମହେନ୍ଦ୍ର ମୃଦଙ୍ଗିଆ, ନରସିଂହ ପାତ୍ରୀ, ମୁନା କୁମାର ଥାପ୍ପା, ବନମାଳୀ ବାହାଦୁର, ପ୍ରଦୀପ୍ତ କୁମାର ପଟ୍ଟନାୟକ, ସନ୍ତୋଷ କୁମାର ନାୟକ ଓ ପଦ୍ମଚରଣ ମିଶ୍ର ପ୍ରମୁଖ ସାମିଲ୍ ହୋଇଛନ୍ତି ।

## ଗଞ୍ଜାମ ଅବସର କର୍ମଚାରୀ ସଂଘ ବୈଠକ

ବ୍ରହ୍ମପୁର ଅଫିସ,୨୮।୧୦

ଗଞ୍ଜାମ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦେଇଥିବାରୁ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ମାସିକ ୧ ହଜାର ଟଙ୍କା ଚିକିତ୍ସା ଭତ୍ତା ଦେବା ପାଇଁ ସଂଘ ଦାବି କରିଛି। କାର୍ଯ୍ୟକାରୀ ସଭାପତି ଇଂ. କିଶୋର ଚନ୍ଦ୍ର ଜେନା ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ବିବରଣୀ ପାଠ କରିଥିଲେ। ବିଭିନ୍ନ ଆଲୋଚନାରେ ପ୍ରଭାସ କୁମାର ଚୌଧୁରୀ, ସତ୍ୟବାଦୀ ପାତ୍ର, ଶ୍ରୀରାମ ପଟ୍ଟନାୟକ, ଜୟନ୍ତୀ ଲାଲ ଚୌହାନ, ନରସିଂହ ପଟ୍ଟନାୟକ, ଡି. ଆପ୍ପାରାଓ, ଚନ୍ଦ୍ର ବେହେରା, ଅନନ୍ତରାମ ପଣ୍ଡା, ପ୍ରକାଶ ଚନ୍ଦ୍ର ସାହୁ, ବିନୋଦ ଚନ୍ଦ୍ର ପାଣିଗ୍ରାହୀ, ବିପ୍ର ଚରଣ ପାତ୍ର, ପର୍ଶୁରାମ ଦଳାଇ, ସୁରେନ୍ଦ୍ର ପାତ୍ର ଓ ନବୀନ ପଟ୍ଟନାୟକ ଭାଗ ନେଇଥିଲେ ।

## ଆଇସିଏଆଇର ବାର୍ଷିକ ସମ୍ମିଳନୀ

ବ୍ରହ୍ମପୁର ଅଫିସ,୨୮।୧୦

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟସ ଅଫ୍ ଇଣ୍ଡିଆ(ଆଇସିଏଆଇ)ର ଦକ୍ଷିଣ ଓଡ଼ିଶା ଚାପ୍ଟର ତରଫରୁ ୧୨ତମ ବାର୍ଷିକ ସମ୍ମିଳନୀ ରବିବାର ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ଚାପ୍ଟର ଅଧ୍ୟକ୍ଷ ନରସିଂହ ଚନ୍ଦ୍ର କର ଉଦ୍‌ଘାଟନ କରିଥିଲେ। ପୂର୍ବତନ ସର୍ବଭାରତୀୟ ସଭାପତି ପ୍ରଭାକର ମହାନ୍ତି ପେସା ପ୍ରତି ସୃଷ୍ଟି ହୋଇଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । କେନ୍ଦ୍ରୀୟ ସଦସ୍ୟ ନିରଞ୍ଜନ ମିଶ୍ର ନିଜ ବକ୍ତବ୍ୟରେ ଇନ୍‌ଷ୍ଟିଚ୍ୟୁଟ୍‌ର ଚିନ୍ତାଧାରା, କାର୍ଯ୍ୟଶୈଳୀ, ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ । ଉପସଭାପତି ସି.ଭେଙ୍କେଟରମଣ, ପୂର୍ବତନ ପୂର୍ବାଞ୍ଚଳ ଅଧ୍ୟକ୍ଷ ଶିବ ପ୍ରସାଦ ପାତ୍ରୀ ଯୋଗ ଦେଇଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଶେଷରେ ସମ୍ପାଦକ ବିନୋଦ ବିହାରୀ ନାୟକ ଧନ୍ୟବାଦ ଦେଇଥିଲେ ।




ବାର୍ଷିକ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ ।

## ସିନିୟର ସିଟିଜେନ ଫୋରମ ବୈଠକ

ବ୍ରହ୍ମପୁର ଅଫିସ,୨୮।୧୦

ଗଞ୍ଜାମ ଜିଲା ବିଜୁ ପଟ୍ଟନାୟକ ସିନିୟର ସିଟିଜେନ ଫୋରମ ବୈଠକ ବ୍ରହ୍ମପୁର ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୫ ଜଣ ବରିଷ୍ଠ ନାଗରିକଙ୍କ ଜନ୍ମଦିନ ପାଳନ ହୋଇଥିଲା ଓ ସେମାନଙ୍କ ଦୀର୍ଘ ଜୀବନ କାମନା କରାଯାଇଥିଲା । ଫୋରମ ସଭାପତି ରାସ ବିହାରୀ ଦାସ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ, ପ୍ରଭାକର ସାହୁ, ସଙ୍ଗୀତା ପଣ୍ଡା, ସୂର୍ଯ୍ୟକାନ୍ତ ପାତ୍ର, ରବୀନ୍ଦ୍ର କୁମାର ମହାରଣା, ପ୍ରଶାନ୍ତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାରଣା, ସୌମିକ ସାହୁ, ବଂଶୀଧର ପାଳ, ପଦ୍ମଲୋଚନ ମହାପାତ୍ର, ହୃଷୀକେଶ ନାହାକ, ବାସୁଦେବ ମହାରଣା, ଥୋମାସ ଡେଭିଡ ଓ କାଶିନାଥ ଚୌଧୁରୀ ପ୍ରମୁଖ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ ।

# ଜିଲାସ୍ତରୀୟ ଭିକାରୀ ବଳ ସଙ୍ଗୀତ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୨୮।୧୦

ଭିକାରୀବଳ ସ୍ମୃତି ସଂସଦ ପକ୍ଷରୁ ଜିଲାସ୍ତରୀୟ ଭିକାରୀ ବଳ ସଙ୍ଗୀତ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ଉପଦେଷ୍ଟା ପ୍ରଭାତ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ । ସର୍ବକନିଷ୍ଠ, କନିଷ୍ଠ, ବରିଷ୍ଠ ବିଭାଗରେ ଶତାଧିକ ପ୍ରତିଯୋଗୀ ଯୋଗଦେଇ ଭଜନ ସମ୍ରାଟ ଭିକାରୀ ବଳଙ୍କ ଦ୍ୱାରା ରଚିତ ତଥା କଣ୍ଠଦାନ କରିଥିବା ସଙ୍ଗୀତ ପରିବେଷଣ କରିଥିଲେ । ତନୁଶ୍ରୀ ମିଶ୍ର, କାଳୀପ୍ରସାଦ ପଣ୍ଡା, ଯତୀନ ଦାଶ ଓ ଭକ୍ତିପ୍ରସାଦ ପଟ୍ଟନାୟକ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ସର୍ବକନିଷ୍ଠ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ କେ. ଅଞ୍ଜଳୀ ପାତ୍ର ପ୍ରଥମ ହୋଇଥିବା ବେଳେ ସ୍ୱୟଂଶ୍ରୀୟା ପଟ୍ଟନାୟକ ଦ୍ୱିତୀୟ, ପ୍ରତ୍ୟୁଷା ମୁଦ୍ରା ତୃତୀୟ ହୋଇଥିଲେ । କନିଷ୍ଠ ବର୍ଗରେ ଶୀତଳ କବି ପ୍ରଥମ, ଦିବ୍ୟାଶା ପଣ୍ଡା ଦ୍ୱିତୀୟ, ଆରବ କୌଶିକ ଦାଶ ତୃତୀୟ ହୋଇଥିବା ବେଳେ ଅଙ୍କିତା ରାଣୀ ପାତ୍ର, ଅର୍ପିତା ପଣ୍ଡାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପାଇଁ ଚୟନ କରାଯାଇଥିଲା । ସଂଘ ଉପସଭାପତି ସନ୍ତୋଷ କୁମାର ବେହେରାଙ୍କ ସମେତ କମିଟି ସଦସ୍ୟ ପି. ସୁବାସ ପାତ୍ର, ନିରଞ୍ଜନ ମାଲଣା, ମନୋଜ ପାଣିଗ୍ରାହୀ, ରଶ୍ମିରଞ୍ଜନ ସାହୁ, ଚିନ୍ତାମଣି ବେହେରା, ଅଭେନ୍ଦୁ ପଟ୍ଟନାୟକ, ନାରାୟଣ ନାହାକ, କେ. ରବୀନ୍ଦ୍ର ଦାଶ, ଭବାନୀ ମିଶ୍ର, ସରୋଜ ମିଶ୍ର, ବିଶ୍ୱମ୍ଭର ବେହେରା ଓ ପ୍ରଭାତ ନରସିଂହ ପ୍ରମୁଖ ସହଯୋଗ କରିଥିଲେ । ସଂଘ ସମ୍ପାଦକ ମିହିର କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ । ନଭେମ୍ବର ୨ରେ ଭଜନ ସମ୍ରାଟ ଭିକାରୀ ବଳଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଏମ୍‌କେସିଜି ମେଡିକାଲ ଛକ ମର୍ଦ୍ଦରାଜ ଭେଣ୍ଡିଂଜୋନ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ନେଇ ସଂଘ ପକ୍ଷରୁ କୁହାଯାଇଛି ।



ପ୍ରତିଯୋଗିତାରେ ଜଣେ ପ୍ରତିଯୋଗୀ ସଙ୍ଗୀତ ପରିବେଷଣ କରୁଛନ୍ତି।

■ ଅବସରପ୍ରାପ୍ତ ସେନା କର୍ମଚାରୀ ସମାବେଶ

# ଯୋଗଦେଲେ ୩୦୦ରୁ ଊର୍ଦ୍ଧ୍ୱ ସେନା କର୍ମଚାରୀ

■ ୩୬ ସେନା କର୍ମଚାରୀ ସମ୍ମାନିତ

■ ଆସନ୍ତା ବର୍ଷରୁ ଏକ୍ସ-ସର୍ଭିସମ୍ୟାନଙ୍କୁ ସିଭିଲ ସର୍ଭିସ କୋଚିଂ

ବ୍ରହ୍ମପୁର ଅଫିସ,୨୮।୧୦

ଗୋପାଳପୁର ବାୟୁସେନା ରକ୍ଷା କେନ୍ଦ୍ରରେ ଗୋପାଳପୁର ମିଲିଟାରୀ ଷ୍ଟେଶନ ପକ୍ଷରୁ ଅବସରପ୍ରାପ୍ତ ସେନା କର୍ମଚାରୀ ସମାବେଶ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲ୍ୟୁଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ । ଜିଲା ତଥା ରାଜ୍ୟ ସୈନିକ ବୋର୍ଡ ସମ୍ପାଦକ କର୍ଣ୍ଣେଲ ଆର.କେ. ମିଶ୍ର, ଗୋପଳପୁର ମିଲିଟାରୀ ଷ୍ଟେଶନ କମାଣ୍ଡାଣ୍ଟ ରାଜୀବ ଶ୍ରୀବାସ୍ତବ, ଅବସରପ୍ରାପ୍ତ କର୍ଣ୍ଣେଲ ଏଲ.କେ. ଆଚାରୀ ପ୍ରମୁଖ ମଞ୍ଚାସୀନ ଥିଲେ । ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ରହିଥିବା ବିଭିନ୍ନ ଯୋଜନା ଉପରେ ସୈନିକ ବୋର୍ଡ ସମ୍ପାଦକ କର୍ଣ୍ଣେଲ ମିଶ୍ର ଆଲୋକପାତ କରିଥିଲେ। ଭୂମିହୀନ ଅବସରପ୍ରାପ୍ତ ସେନାକର୍ମଚାରୀଙ୍କୁ ଗୃହନିର୍ମାଣ ନିମିତ୍ତ ଜମି କିଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ପ୍ରାଣ ହରାଇଥିବା ସୈନିକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାସକୁ ୬୦୦୦ ଟଙ୍କା ପେନସନ ପ୍ରଦାନ କରାଯିବାର ବ୍ୟବସ୍ଥା ଥିବା ବେଳେ ଗ୍ରୁପ-ବି, ଗ୍ରୁପ-ସି, ଗ୍ରୁପ-ଡି ଶ୍ରେଣୀର ଚାକିରି କ୍ଷେତ୍ରରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପାଇଁ ୩ ପ୍ରତିଶତ ସିଟ ସଂରକ୍ଷିତ ରହିଛି । ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସନ୍ତାନଙ୍କ ପ୍ରଫେଶନାଲ କୋର୍ସ ପାଇଁ ୩ ପ୍ରତିଶତ ସିଟ, ପିଜି କୋର୍ସରେ ୧୦ ପ୍ରତିଶତ ସିଟ ସଂରକ୍ଷିତ ରହିଥିବା ସେ ସୂଚନା ଦେଇଥିଲେ । ସେହିପରି କେନ୍ଦ୍ର ସୈନିକ ବୋର୍ଡ ପକ୍ଷରୁ ନନ୍ ପେନ୍‌ସନ ଧାରୀଙ୍କ ପାଇଁ ମାସକୁ ୪୦୦୦ ଟଙ୍କା ପେନସନ, ମାସକୁ ଏକହଜାର ଟଙ୍କା ପର୍ଯ୍ୟନ୍ତ ଏଜୁକେଶନ ଗ୍ରାଣ୍ଟ, କନ୍ୟାସନ୍ତାନଙ୍କ ବିବାହ ପାଇଁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବାର ମଧ ବ୍ୟବସ୍ଥା ରହିଛି । ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମେଧାବୃତ୍ତିରେ ପ୍ରଫେଶନାଲ କୋର୍ସ କରୁଥିବା ଅବସରପ୍ରାପ୍ତ ସେନାଧିକାରୀଙ୍କ କନ୍ୟା ସନ୍ତାନଙ୍କ ପାଇଁ ୨୦ ହଜାର ଟଙ୍କା, ପୁରୁଷ ସନ୍ତାନଙ୍କୁ ୧୨୦୦୦ ଟଙ୍କା ପର୍ଯ୍ୟନ୍ତ ମେଧାବୃତ୍ତି ପ୍ରଦାନ କରାଯାଉଥିବା ମିଶ୍ର ସୂଚାଇଥିଲେ । ଅବସରପ୍ରାପ୍ତ ସେନାଧିକାରୀଙ୍କ ପାଇଁ ସିଭିଲ ସର୍ଭିସରେ ନିଯୁକ୍ତି ପାଇଁ ବହୁ ସୁବିଧା ସୁଯୋଗ ରହିଛି। ଏହାକୁ ଦୃଷ୍ଟିରେ ରଖି ଅବସରପ୍ରାପ୍ତ ସେନାଧିକାରୀଙ୍କୁ ସିଭିଲ ସର୍ଭିସରେ ନିଯୁକ୍ତି ପ୍ରଦାନ ପାଇଁ ଗୋପାଳପୁର ଆର୍ମି ଏଡି କଲେଜରେ ଆସନ୍ତା ବର୍ଷ ସୁଦ୍ଧା କୋଚିଂ ଆରମ୍ଭ କରାଯିବାର ଯୋଜନା ରହିଥିବା ଗୋପଳପୁର ମିଲିଟାରୀ ଷ୍ଟେଶନ କମାଣ୍ଡାଣ୍ଟ ଶ୍ରୀବାସ୍ତବ ନିଜ ବକ୍ତବ୍ୟରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ୩୬ ଅବସରପ୍ରାପ୍ତ ସେନାଧିକାରୀ, ବୀରନାରୀ, ଶହୀଦଙ୍କ ପରିବାରବର୍ଗଙ୍କୁ ସମ୍ମାନିତ କରାଯାଇଥିଲା। ଟ୍ରେନ ଦୁର୍ଘଟଣାରେ ଗୋଡ ହରାଇଥିବା ପୂର୍ବତନ ସେନାକର୍ମଚାରୀ ଦିଲ୍ଲୀପ କୁମାର ବିଶ୍ୱାଳଙ୍କୁ ୩ ଚକିଆ ଟିଭିଏସ ଜୁପିଟର ପ୍ରଦାନ କରାଯାଇଥିଲା । ଦକ୍ଷିଣ ଓଡିଶାର ୧୧ ଜିଲାରୁ ୩୦୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ସେନାଧିକାରୀ, ବୀରନାରୀ ଓ ଶହୀଦଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ । ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପେନସନ ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସହାୟତା କେନ୍ଦ୍ର ଖୋଲା ଯାଇଥିଲା ।



ଅବସରପ୍ରାପ୍ତ ସେନାକର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ଖୋଲାଯାଇଥିବା ସହାୟତା କେନ୍ଦ୍ର ।

## ସ୍ୱା ସ୍ଥ୍ୟ ସୂ ଚ ନା



❖ଆପଣ ଡାଇବେଟିସ ଦ୍ୱାରା ଆକ୍ରାନ୍ତ କି ? ଯଦି ହଁ, ତେବେ ପ୍ରଥମେ ନିଜ ଜୀବନଶୈଳୀକୁ ସନ୍ତୁଳିତ କରନ୍ତୁ। ଖାଦ୍ୟପେୟ ପ୍ରତି ନଜର ଦେବା ସହ ନିୟମିତ ସମୟ ଅନ୍ତରାଳରେ ବିଭିନ୍ନ ଶାରୀରିକ ପରୀକ୍ଷା କରାଇ ନିଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ପ୍ରତି ମାସରେ ରକ୍ତରେ ସୁଗାର ପରିମାଣ, ରକ୍ତଚାପ ମାପି ନିଅନ୍ତୁ।

❖ଏଣୁତେଣୁ ଚିନ୍ତା କଲେ ତାହା ଦ୍ୱାରା ଟେନ୍‌ସନ ବଢ଼ିଥାଏ। ଏହାଦ୍ୱାରା ଆପଣ ରକ୍ତଚାପ (ବ୍ଲଡ୍‌ପ୍ରେସର) ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ନିଜକୁ ଯେତେ ସମ୍ଭବ ଟେନ୍‌ସନମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ।

❖କେତେକେ ରାତିରେ ଡେରିରେ ଶୋଇ ସକାଳ ୮-୯ଟା ପାଖାପାଖି ଉଠିଥାଆନ୍ତି। ଏଭଳି ଅଭ୍ୟାସ ଯେତେଶୀଘ୍ର ପରିହାର କରିବେ ତାହା ସେତେ ଭଲ।

❖ନିଜକୁ ସୁସ୍ଥ ରଖିବା ହେଉଛି ନିଜର ଦାୟିତ୍ୱ। ତେଣୁ ଏଭଳି କିଛି କରନ୍ତୁ ନାହିଁ, ଯାହାଦ୍ୱାରା ଆପଣ ରୋଗାକ୍ରାନ୍ତ ହେବେ ଏବଂ ବାକି ଜୀବନ ଆପଣଙ୍କର ଔଷଧ ଖାଇବାରେ ବିତିବ।

❖ବୟସ ବଢ଼ିଲେ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ହୋଇଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

## ଆଗ୍ରହ ଶକ୍ତି ବଢ଼ାଏ ବ୍ୟାୟାମ

ନିୟମିତ ବ୍ୟାୟାମ କଲେ ତାହା ଶରୀର ପାଇଁ କେତେ ଉପକାରୀ ତାହା ଅନୁଭବୀ ହିଁ ଜାଣେ। ତେଣୁ ଆଜିକାଲି ଜଣେ ବ୍ୟକ୍ତି ଅତିକମ୍‌ରେ କିଛି ସମୟ ବ୍ୟାୟାମ କରିବା ଆବଶ୍ୟକ। ତେଣୁ ନିଜ ଦୈନନ୍ଦିନ ଜୀବନରେ ଏହାକୁ ସାମିଲ କରିବା କେତେଦୂର ଠିକ୍ ତାହା ନିଜେ ଥରେ ଚିନ୍ତା କରନ୍ତୁ। ଏହାର ଉପକାରୀ ତାଲିକାରେ ଆଉ ଏକ କଥାକୁ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଯୋଡିଛନ୍ତି। ସେମାନଙ୍କ ଦ୍ୱାରା ସଦ୍ୟ ସମାପିତ ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ, ପ୍ରତିଦିନ ବ୍ୟାୟାମ କଲେ ତାହା ସଂପୃକ୍ତ ବ୍ୟକ୍ତିଙ୍କର ଆଗ୍ରହ ଶକ୍ତିକୁ ବଢ଼ାଇବାରେ ସହାୟକ ହୋଇଥାଏ। ନିୟମିତ ବ୍ୟାୟାମ କରୁଥିବା ଏବଂ ଆଦୌ ବ୍ୟାୟାମ କରୁ ନ ଥିବା କିଛି ବ୍ୟକ୍ତିଙ୍କର ଆଗ୍ରହକୁ ତନ୍ନ ତନ୍ନ କରି ନିରୀକ୍ଷଣ କରିବା ପରେ ସେମାନେ ଏଭଳି ଏକ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ହେଲେ ବ୍ୟାୟାମ କରିବା ପୂର୍ବରୁ ନିଜର ଶାରୀରିକ ସୁସ୍ଥତା ପ୍ରତି ସବୁବେଳେ ନଜର ରଖନ୍ତୁ ବୋଲି ଉକ୍ତ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# ବାର୍ଦ୍ଧକ୍ୟରେ ମାନସିକ ବିକୃତି



ଡା. ଦ୍ୱିଜେଶ କୁମାର ପଣ୍ଡା

ମଣିଷ ବୁଢା ହେଲେ ଅନେକ ଜିନିଷ ଜାଣିପାରନ୍ତି ନାହିଁ। ସ୍ମରଣଶକ୍ତି କମିଯାଏ। ୭୫ ବର୍ଷ ପରେ ଏହା କମିବାକୁ ଆରମ୍ଭ ହୁଏ। ୮୫ ବର୍ଷ ବେଳକୁ ୬୦ ପ୍ରତିଶତ ବ୍ୟକ୍ତିଙ୍କର ଏହି ଲକ୍ଷଣ ପ୍ରକାଶ ପାଏ। ଏହା ଗୋଟିଏ ମୁଖ୍ୟ ସ୍ନାୟବିକ ଅବନତି। ପଢିବା ପାଠ ମନେରହେ ନାହିଁ। କଥାରେ ତାଳମେଳ ନ ଥାଏ। କେଉଁ ଜିନିଷ କେଉଁଠାରେ ଅଛି ମନେ ପଡେ ନାହିଁ। କୌଣସି ସ୍ଥାନର ସ୍ଥିତି ଜାଣିହୁଏ ନାହିଁ। ମସ୍ତିସ୍କର ସ୍ନାୟୁ ଗୁଡିକର ଯୋଗାଯୋଗ ସମ୍ଭବ ହୁଏନାହିଁ। ପ୍ରଳାପ ଓ ବିଷାଦଠାରୁ ଏହା ଭିନ୍ନ। ରୁଗ୍‌ଣ ହେଲେ ଓ ପାରିବାରିକ ଅଶାନ୍ତି ରହିଲେ ବିକୃତି ବୃଦ୍ଧି ହୁଏ। ପରିସଂଖ୍ୟାନ ଅନୁଯାୟୀ ୨୦୧୫ ବର୍ଷରେ ୪୬ ନିୟୁତ ବ୍ୟକ୍ତି ମସ୍ତିଷ୍କ ବିକୃତି ରୋଗରେ ଆକ୍ରାନ୍ତ ହୋଇଥିଲେ। ୨ ନିୟୁତଙ୍କର ମୃତ୍ୟୁ ହୋଇଥିଲା।

ମାନସିକ ବିକୃତି ଜାଣିବା ପାଇଁ ୮ଟି ପ୍ରଶ୍ନ ପଚାରି ଏହା ନିରୂପଣ କରାଯାଏ।

(୧) ଠିକ ବିଚାର କରିବା ପାଇଁ ଅସୁବିଧା ହୁଏ
(୨)କୌଣସି କାମ କରିବାକୁ ଇଚ୍ଛା ହୁଏ ନାହିଁ
(୩)ପ୍ରଶ୍ନ ଓ ଉତ୍ତରକୁ ଥରକୁ ଥର କହିବ
(୪)କୌଣସି ଯନ୍ତ୍ର ବ୍ୟବହାର କରିବାକୁ ସକ୍ଷମ ନ ହେବା
(୫)ଦିନ, ମାସ ଓ ବର୍ଷକୁ ଭୁଲିଯିବା
(୬)ପଇସାପତ୍ର ହିସାବ ରଖି ନ ପାରିବା
(୭)ନିର୍ଦ୍ଧାରିତ କାର୍ଯ୍ୟ କରିବାକୁ ଭୁଲିଯିବା
(୮) ଠିକ ବିଷୟ ଚିନ୍ତା କରିବା ଓ ମନେପକାଇବା ପାଇଁ ଅସମର୍ଥ।

ଉପର ପ୍ରଶ୍ନ ମଧ୍ୟରୁ ୩ଟି ପ୍ରଶ୍ନର ଠିକ ଉତ୍ତର ନ ମିଳିଲେ ୯୦ ପ୍ରତିଶତ ମନର ବିକୃତି ହୋଇ ଥିବାର ପ୍ରମାଣ ମିଳେ। ଭିଟାମିନ ବି-୧୨ର ଅଭାବ, ଥାଇରଏଡ ଗ୍ରନ୍ଥିର ଟି.ଏସ.ଏଚ. ହରମୋନ ଅଭାବ ସହିତ ସମ୍ପୂର୍ଣ୍ଣ ରକ୍ତ ପରୀକ୍ଷା(ସି.ବି.ସି.) କଲେ ଏହି ରୋଗ ଜାଣି ହୁଏ। ଏହା ବ୍ୟତୀତ ଅନ୍ୟ ପରୀକ୍ଷାଗୁଡିକ ଆବଶ୍ୟକ ନୁହେଁ। ଏମ.ଆର.ଆଇ. ପରୀକ୍ଷା କଲେ ମସ୍ତିସ୍କ ଭିତରେ କେତେକ ସ୍ଥାନରେ କ୍ଷୟ ଜାଣିହୁଏ।

ପି.ଇ.ଟି. ପରୀକ୍ଷା ଏହି ରୋଗ ନିରୂପଣରେ ସାହାର୍ଯ୍ୟ କରିପାରେ।

ସନ୍ଦେହ ଘେରରେ ଥିବା ମାନସିକ ବିକୃତି ଜାଣିବା ପାଇଁ ରୋଗୀର ଠିକ୍ ଇତିହାସ ସଂଗ୍ରହ କରିବା ଉଚିତ। ପରିବାର ଲୋକେ ଏଥିରେ ସାହାଯ୍ୟ କରିପାରିବେ। ସମ୍ପୂର୍ଣ୍ଣ ଶାରୀରିକ ଓ ସ୍ନାୟବିକ ପରୀକ୍ଷା ଆବଶ୍ୟକ। ମାନସିକ ସ୍ଥିତି ଅନୁଧ୍ୟାନ କଲେ ଏହା ଜାଣି ହୁଏ। ବିଷାଦ ଓ ବିକୃତିର କେତେକ ସାମଞ୍ଜସ୍ୟ ରହିଛି।




“ସନ୍ଦେହ ଘେରରେ ଥିବା ମାନସିକ ବିକୃତି ଜାଣିବା ପାଇଁ ରୋଗୀର ଠିକ୍ ଇତିହାସ ସଂଗ୍ରହ କରିବା ଉଚିତ। ପରିବାର ଲୋକେ ଏଥିରେ ସାହାଯ୍ୟ କରିପାରିବେ। ସମ୍ପୂର୍ଣ୍ଣ ଶାରୀରିକ ଓ ସ୍ନାୟବିକ ପରୀକ୍ଷା ଆବଶ୍ୟକ। ମାନସିକ ସ୍ଥିତି ଅନୁଧ୍ୟାନ କଲେ ଏହା ଜାଣି ହୁଏ। ବିଷାଦ ଓ ବିକୃତିର କେତେକ ସାମଞ୍ଜସ୍ୟ ରହିଛି। ବିଷାଦ ଔଷଧ ସେବନ ଦ୍ୱାରା ଆରୋଗ୍ୟ ହୋଇପାରେ, କିନ୍ତୁ ବିକୃତିର ସଫଳ ଚିକିତ୍ସା ନାହିଁ। ସି.ଟି. ଓ ଏମ.ଆର.ଆଇ. ଦ୍ୱାରା ପ୍ରାରମ୍ଭିକ ସଙ୍କେତ ମିଳେ...”

ବିଷାଦ ଔଷଧ ସେବନ ଦ୍ୱାରା ଆରୋଗ୍ୟ ହୋଇପାରେ, କିନ୍ତୁ ବିକୃତିର ସଫଳ ଚିକିତ୍ସା ନାହିଁ। ସି.ଟି. ଓ ଏମ.ଆର.ଆଇ. ଦ୍ୱାରା ପ୍ରାରମ୍ଭିକ ସଙ୍କେତ ମିଳେ।

ଆଲଜିମର ରୋଗ ପରିଣତ ବୟସରେ ମସ୍ତିସ୍କ ଅବକ୍ଷୟ ପାଇଁ ହୁଏ। ଏହାର ଠିକ କାରଣ ନ ଥାଏ। ମାନସିକ ବିକୃତି ମୁଖ୍ୟ ସଙ୍କେତ। ଔଷଧ ସେବନ ଦ୍ୱାରା କେତେକ ଲକ୍ଷଣ ଉପଶମ ହୁଏ। କିନ୍ତୁ ରୋଗୀ ରୋଗମୁକ୍ତ ହୁଏ ନାହିଁ। ପ୍ରଥମ ଅବସ୍ଥାରେ ନିକଟରେ ଘଟିଥିବା ଘଟଣା ମନେରହେ ନାହିଁ। ଏହା ଅଦୃଶ୍ୟ କିନ୍ତୁ କ୍ଷତିକାରକ ଭାବରେ ଆରମ୍ଭ ହୁଏ। ରୋଗ ଧୀରେ ଧୀରେ ବଢ଼ି ଚାଲେ। ଅନ୍ତଃଦୃଷ୍ଟି କ୍ଷୟ ହୁଏ। ପାନିଆରେ ମୁଣ୍ଡ କୁଣ୍ଡାଇବାକୁ କହିଲେ ରୋଗୀ କରିପାରେ ନାହିଁ। ଆଘ୍ରାଣ ଶକ୍ତି କମିଯାଏ। ନିଦ ଭଲ ହୁଏ ନାହିଁ। ରାତିରେ ଅନେକ ଥର ଉଠିବାକୁ ପଡେ। ବିନା ନିଦରେ ଶେଯରେ ଶୋଇ ରହନ୍ତି। ରୋଗ ପୁରୁଣା ହୋଇଗଲେ ୧୦ରୁ ୨୦ ପ୍ରତିଶତ ରୋଗୀଙ୍କର ବାତ ମାରେ। ଠିକ ଭାବରେ ପଢିବା ଓ ଗାଡି ଚଳେଇବା ସମ୍ଭବ ହୁଏ ନାହିଁ। କଥା କହି ପାରନ୍ତି ନାହିଁ। ଏହି ରୋଗରୁ ନିସ୍ତାର ନାହିଁ। ୮୦ ବର୍ଷ ପରେ ରୋଗ ପ୍ରାଦୁର୍ଭାବ କମିଯାଏ। ଏହି ରୋଗୀମାନେ ୩ ରୁ୧୧ ବର୍ଷ ବଞ୍ଚି ରହନ୍ତି। ସେମାନଙ୍କର ଶରୀରର ଜଳୀୟ ଅଂଶ କମିଯାଏ, ପୁଷ୍ଟିହୀନତା ଓ ଜୀବାଣୁ ସଂକ୍ରମଣରୁ ମୃତ୍ୟୁ ହୁଏ।

ପାର୍କିନସୋନିଜିମ ଆଉ ଗୋଟିଏ ମସ୍ତିସ୍କ ଅବକ୍ଷୟ ରୋଗ। ଏହାର ୪ଟି ମୁଖ୍ୟ ଲକ୍ଷଣ ରହିଛି। ହାତ ଗୋଡ ପ୍ରଚଳନ କମିଯାଏ। ବସିଥିବା ବେଳେ ହାତ ଥରେ। ଚାଲିବା ବେଳେ ଭାରସାମ୍ୟ ରହେ ନାହିଁ ଓ ଶରୀର ବଙ୍କା ହୁଏ ନାହିଁ। ଏହି ରୋଗ ନିରୂପଣ ପାଇଁ କୌଣସି ରକ୍ତ ପରୀକ୍ଷା ନାହିଁ। ସି.ଟି. ଓ ଏମ.ଆର.ଆଇ. ଦ୍ୱାରା ନିଦାନ ନିର୍ଣ୍ଣୟ ହୋଇପାରେ ନାହିଁ। ରୋଗ ଜାଣିବା ପାଇଁ ଲକ୍ଷଣଗୁଡିକ ହେଉଛି ଏକମାତ୍ର ସମ୍ବଳ। ଚାଲିବା ଧୀର ଓ ଅସ୍ୱାଭାବିକ ହୋଇଯାଏ। ଚକ ଥିବା ଚଉକିରେ ବସିବାକୁ ପଡେ। କଥା ଅସ୍ପଷ୍ଟ ହୁଏ। ଖାଇବା ସମ୍ଭବ ହୁଏ ନାହିଁ। ତରଳ ଖାଦ୍ୟ ଉପରେ ନିର୍ଭର କରିବାକୁ ପଡେ। ଶେଷରେ ନାକରେ ନଳୀ ପୂରାଇ ଖାଇବାକୁ ଦିଆଯାଏ। ନିଃଶ୍ୱାସ ନେବାରେ କଷ୍ଟ ହୁଏ। ଛିଡା ହେଲେ ରକ୍ତଚାପ କମିଯାଏ। ପରିସ୍ରା ରୋକି ହୋଇପାରେ ନାହିଁ କିମ୍ବା ସମ୍ପୂର୍ଣ୍ଣ ହୁଏ ନାହିଁ। ଧ୍ୱଜ ଭଙ୍ଗ ହୁଏ।

ପାର୍କିନସୋନିଜିମ ରୋଗର ନିର୍ଣ୍ଣୟ ପାଇଁ କୌଣସି ନିର୍ଦ୍ଦିଷ୍ଟ ପରୀକ୍ଷା ନାହିଁ। ବ୍ୟୟ ବହୁଳ ଏମ.ଆର.ଆଇ. ଓ ସି.ଟି. ସ୍କାନ ପରୀକ୍ଷା ଅନାବଶ୍ୟକ। ଲିଭୋଡୋପା ଔଷଧ ନିୟମିତ ଖାଇଲେ ଉପଶମ ମିଳେ, କିନ୍ତୁ ଆରୋଗ୍ୟ ହେବାର ସମ୍ଭାବନା ନଥାଏ। ଡୋପାମିନ ହରମୋନ ଅଭାବରୁ ଏହି ରୋଗ ହୁଏ। ୬୫ ବର୍ଷ ପରେ ପ୍ରତି ଶହେ ବ୍ୟକ୍ତି ମଧ୍ୟରୁ ଜଣଙ୍କୁ ଏହା ହୋଇଥାଏ। ବିଷାକ୍ତ ଅଦରକାରୀ ଔଷଧ ସେବନ, ମସ୍ତିଷ୍କ ପ୍ରଦାହ ଓ ଟ୍ୟୁମର, ବଂଶଗତ କାରଣ, ପରିବେଶ ପ୍ରଦୂଷଣଜନିତ ବିଷାକ୍ତ ବାୟୁ, ପୋକମରା ଔଷଧ ଶରୀରରେ ପ୍ରବେଶ କଲେ ମସ୍ତିଷ୍କରେ ଥିବା ସ୍ନାୟୁଗୁଡିକର ଧୀରେ ଧୀରେ ଅବକ୍ଷୟ ହୁଏ। ଏହା ବଞ୍ଚିବାର ବୟସ ସୀମା କମାଏ ନାହିଁ, କିନ୍ତୁ ଜୀବନକୁ ଦୁର୍ବିଷହ କରି ପକାଏ। ରୋଗୀ ପ୍ରଥମ ଅବସ୍ଥାରେ ଦୁର୍ବଳତା ଅନୁଭବ କରେ। ଚାଲିବାରେ କଷ୍ଟ ହୁଏ। ମାଂସପେଶୀରେ କଠିନତା ଦେଖାଯାଏ। ମୁଣ୍ଡ ଓ ହାତ ଥରେ। ଜାଣିବା ଶକ୍ତି କମିଯାଏ। କିଛି ମନେରହେ ନାହିଁ। ମସ୍ତିଷ୍କର ବାହ୍ୟ ତନ୍ତୁ ଓ ହିପୋକାମ୍ପସର ଅତ୍ୟଧିକ ସଙ୍କୋଚନ ହୁଏ। ଅନମନୀୟତା ଓ ମୁଣ୍ଡ ଥରେ। ହାତକମ୍ ଝୁଲେ। ଗୋଡ଼ ଘୋଷାରି ଧୀରେ ଧୀରେ ଚାଲିବାକୁ ପଡ଼େ। ମୁଖା ପରି ମୁହଁ ଦେଖାଯାଏ। ଶରୀର ଆଗକୁ ଢ଼ଳିଯାଏ। ଗୋଡ଼ ଓ ହାତ ଥରେ ଏବଂ ବଙ୍କା ହୁଏ ନାହିଁ।




ଜୀବନର ସାୟାହ୍ନରେ ଆର୍ଥିକ ଅନାଟନ, ପାରିବାରିକ ଅଶାନ୍ତି, ଶାରୀରିକ ଅବକ୍ଷୟ ସହିତ ମାନସିକ ବିକୃତି ବଞ୍ଚିବାର ଆଶାକୁ ଧୂଳିସାତ କରିଦିଏ। ଏହି ବୟସରେ ନିଜର କାମ କରିବାକୁ ଅସମର୍ଥ ହେଲେ ଅନ୍ୟ ଉପରେ ନିର୍ଭର କରିବାକୁ ପଡେ। ଜାଣିବା ଶକ୍ତି ନଷ୍ଟ ହେଲେ ମଣିଷ ନିଜ ପରିବାରରେ ଓ ସମାଜରେ ଉପେକ୍ଷିତ ହୁଏ। ମୃତ୍ୟୁ କେତେ ଦୂର ଜାଣିହୁଏ ନାହିଁ। ସେବା ପାଇବା ଭାଗ୍ୟର କଥା। ଅରକ୍ଷ ଜନକୁ ଭଗବାନ ଶାହା।

*-୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*
*ମୋ : ୯୪୩୮୪୭୦୭୭୭*


# ଦ୍ୱୈତଗ୍ରହ : ପୃଥିବୀ



ନୀରଦ ଚନ୍ଦ୍ର ରାଉତ

ପୃଥିବୀର ଶୈଶବ ଅବସ୍ଥା। ଏକାକୀ ପୃଥିବୀ, ଉପଗ୍ରହ ଚନ୍ଦ୍ରର ସୃଷ୍ଟି ହୋଇନାହିଁ। 'ଥାଏ' ନାମକ ଭ୍ରୂଣାବସ୍ଥାରେ ଥିବା ଏକ ଗ୍ରହ ପୃଥିବୀ ସହିତ ମୁହାଁମୁହିଁ ଧକ୍କା ହୁଏ। ସଂଘାତର ଫଳ ସ୍ୱରୂପ 'ଥାଏ' ପୃଥିବୀ ଦେହରେ ସଂପୂର୍ଣ୍ଣ ବିଲୀନ ହୋଇଯାଏ ଏବଂ ପୃଥିବୀରୁ ଛିଟିକି ପଡି ସୃଷ୍ଟିହୁଏ ଉପଗ୍ରହ ଚନ୍ଦ୍ର। ଦୁଇ ଦୁଇଟି ଗ୍ରହର ମିଳନରୁ ସୃଷ୍ଟ ପୃଥିବୀ...

ସୌର ମଣ୍ଡଳ ସୃଷ୍ଟି ହେବାର ପ୍ରାୟ ୧୦୦ ମିଲିୟନ ବର୍ଷ ପର୍ଯ୍ୟନ୍ତ ପୃଥିବୀ ଆଜିର ପୃଥିବୀ ଠାରୁ ଭିନ୍ନ ଏବଂ ଉପଗ୍ରହ ରହିତ ଥିଲା। ଚନ୍ଦ୍ରର ସୃଷ୍ଟିର କାରଣ ପୃଥିବୀ ଜନ୍ମର ଏକଶତ ମିଲିୟନ ବର୍ଷ ପରେ ସଂଘଟିତ ଏକ ମହାଜାଗତିକ



ଦୁର୍ଘଟଣା। ଆଜିକୁ ପ୍ରାୟ ୪.୫ ବିଲିୟନ ବର୍ଷ (1 ବିଲିୟନ ବର୍ଷ = $10^9$ ବର୍ଷ) ତଳର ଘଟଣା। ଥାଏ (Theia) ନାମକ ଏକ ଭ୍ରୂଣାବସ୍ଥାରେ ଥିବା ଗ୍ରହ ସଦ୍ୟପ୍ରସୂତ ପୃଥିବୀ (ଯାହାର ବୟସ ପାଖାପାଖି ୧୦୦ ମିଲିୟନ ବର୍ଷ)କୁ ସଜୋରେ ଟକ୍କର ମାରେ। ସଂଘାତ ପରିଣାମ ସ୍ୱରୂପ 'ଥାଏ' ନିଜର ଅସ୍ତିତ୍ୱକୁ ପୃଥିବୀ ଭିତରେ ସମାହିତ କରିଦିଏ ଏବଂ ଏହି ସଂଘାତରୁ ଛିଟିକି ପଡି ଜାତ ହୁଏ ଚନ୍ଦ୍ର।

ଏବେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ, ଏହି ଅବତାରିତ ଘଟଣାଟି ବାସ୍ତବିକ ନା ଅନ୍ତରୀକ୍ଷବିତ୍‌ମାନଙ୍କ କପୋଳକଳ୍ପିତ। ପ୍ରମାଣ ପାଇଁ ଆପୋଲୋ ୧୨, ୧୫ ଓ ୧୭ ର ଚନ୍ଦ୍ର ଅଭିଯାନରୁ ସଂଗୃହୀତ ୭ଟି ପ୍ରସ୍ତରଖଣ୍ଡ ଏବଂ ହାୱାଇ ଓ ଆରିଜୋନା ଅଞ୍ଚଳରୁ ସଂଗୃହୀତ ଆଗ୍ନେୟଶିଳାକୁ ଗବେଷକମାନେ ପରୀକ୍ଷା କରି ଦେଖିଛନ୍ତି। ଏହି ପ୍ରସ୍ତର ଖଣ୍ଡ ଗୁଡ଼ିକରେ ଅମ୍ଳଜାନ ପରମାଣୁ ସମଷ୍ଟିର ୯୯.୯ ପ୍ରତିଶତ ୦-୧୬ ଏବଂ ଅଳ୍ପ ଅଂଶରେ ୦-୧୭/୦-୧୮ ଆଇସୋଟପ୍ ଥିବାର ଦେଖାଯାଏ। ଏହି ଅନୁପାତ ଉଭୟ ପୃଥିବୀ ଓ ଚନ୍ଦ୍ରରେ ସମାନ। ପୃଥିବୀ, ମଙ୍ଗଳ ତଥା ସୌରଜଗତର ଅନ୍ୟ ଗ୍ରହଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ଅନୁପାତର ୦-୧୬/୦-୧୭ ଅମ୍ଳଜାନର ଫିଙ୍ଗରପ୍ରିଣ୍ଟ ଥାଏ। ବୈଜ୍ଞାନିକ ଏଡ୍‌ୱାର୍ଡ ୟଙ୍ଗ କହନ୍ତି ପୃଥିବୀ ଓ ଚନ୍ଦ୍ରର ପ୍ରସ୍ତର ଖଣ୍ଡରେ ଅମ୍ଳଜାନର ଫିଙ୍ଗରପ୍ରିଣ୍ଟ ସମାନ ଓ ଅଭିନ୍ନ। ଏହା ପ୍ରମାଣ କରେ ଯେ 'ଥାଏ' ଓ ପୃଥିବୀର ସଂଘାତ ମୁହାଁମୁହିଁ ଘଟିଥିଲା। ଫଳରେ 'ଥାଏ' ନିଜକୁ ପୃଥିବୀ ଦେହରେ ସଂପୂର୍ଣ୍ଣ ଭାବେ ଲୀନ କରି ଦେଇଥିଲା। ଏହି ନବନିର୍ମିତ ଦ୍ୱୈତଗ୍ରହରୁ ଛିଟିକି ପଡ଼ିଲା ଉପଗ୍ରହ ଚନ୍ଦ୍ର। ସେଥିପାଇଁ ଚନ୍ଦ୍ର କିମ୍ବା ପୃଥିବୀରେ 'ଥାଏ'ର ରାସାୟନିକ ଛାପ ଦେଖିବାକୁ ମିଳେ ନାହିଁ। 'ଥାଏ'ର ଆକାର ସମ୍ଭବତଃ ପୃଥିବୀ ସହିତ ସମାନ କିମ୍ବା ଛୋଟଥିଲା। ଏହି ମହାଜାଗତିକ ଦୁର୍ଘଟଣା ଘଟି ନ ଥିଲେ 'ଥାଏ' ଏକ ସ୍ୱତନ୍ତ୍ର ଗ୍ରହ ଭାବେ ନିଜକୁ ପ୍ରତିଷ୍ଠିତ କରିଥାନ୍ତା ଏବଂ ପୃଥିବୀ ହୁଏତ ଆଜିର ପୃଥିବୀ ହୋଇ ନ ଥାନ୍ତା।

*-ସି.ଏସ୍.ଆଇ.ଆର- ଆଇ.ଏମ୍.ଏମ୍.ଟି*
*(ପ୍ରାକ୍ତନ ଆଞ୍ଚଳିକ ଗବେଷଣାଗାର)*
*ମୋ : ୯୪୩୭୨୯୦୪୭୦*

## ଅତ୍ୟଧିକ ଡେଙ୍ଗା ବ୍ୟକ୍ତିଙ୍କୁ କ୍ୟାନ୍‌ସର ଆଶଙ୍କା ଅଧିକ



ଆବଶ୍ୟକତାଠାରୁ ଅଧିକ ଉଚ୍ଚତା ଆପଣଙ୍କ ପାଇଁ ସତର୍କ ଘଣ୍ଟି ସାଜିପାରେ। ଏଭଳି ବ୍ୟକ୍ତି କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି କାଲିଫର୍ନିଆ ୟୁନିଭର୍ସିଟିର କ୍ୟାନ୍‌ସର ବିଜ୍ଞାନୀମାନେ। ବିଶେଷଭାବରେ ପାନ୍‌କ୍ରାସ, ଷ୍ଟୋମାକ୍ ଏବଂ ମାଉଥ୍ କ୍ୟାନ୍‌ସରର ଉଚ୍ଚତା ବଢ଼ିବା ସହ ସମ୍ପର୍କ ରହିଛି। ଏହି ଗବେଷଣା ସମୟରେ ବିଶେଷଜ୍ଞମାନେ ଆବଶ୍ୟକତାଠାରୁ ଅଧିକ ଉଚ୍ଚତାବିଶିଷ୍ଟ ବ୍ୟକ୍ତିମାନଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କେତେକଙ୍କ ଶରୀରରେ କ୍ୟାନ୍‌ସର ଲକ୍ଷଣ ଦେଖିବାକୁ ମିଳିଥିଲା। କେତେକ ବ୍ୟକ୍ତିଙ୍କର ଉଚ୍ଚତା ହଠାତ ବଢ଼ିଥିବାର ଜଣାପଡିଥିଲା। ହଠାତ୍ ଉଚ୍ଚତା ବଢ଼ିଲେ ଶରୀର ଉପରେ ତାହାର ପ୍ରଭାବ ଉପରେ ପଡିଥାଏ। କେତେକ କ୍ଷେତ୍ରରେ ଏହାର ସୁଯୋଗ ନେଇ କ୍ୟାନ୍‌ସର କୋଷ ନିଜର କାୟା ବିସ୍ତାର କରିଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।



## ଆରୋଗ୍ୟ ରଖେ ସନ୍ତୁଳିତ ଜୀବନଶୈଳୀ

ସମୟ ସହ ତାଳ ମିଳାଇ ଆଜିକାଲିର ଜୀବନଶୈଳୀ ସତେଯେମିତି ଦ୍ରୁତଗତିରେ ଦୌଡୁଛି। ଏହାଦ୍ୱାରା ଅନେକେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜୀବନଶୈଳୀ ଯଦି ସନ୍ତୁଳିତ ରହେ, ତେବେ ତାହା ଆମ ପାଇଁ ଅନେକ କ୍ଷେତ୍ରର ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଅପରପକ୍ଷରେ ଏଭଳି ଏକ ଯୋଜନାବଦ୍ଧ ଜୀବନଶୈଳୀ ଆମକୁ ଅନେକାଂଶରେ ଆରୋଗ୍ୟ ରଖିଥାଏ ବୋଲି ପ୍ରକାଶ କରିଛନ୍ତି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଏକ ସନ୍ତୁଳିତ ଜୀବନଶୈଳୀ କିପରି ଜଣେ ବ୍ୟକ୍ତିକୁ କେତେକାଂଶରେ ନୀରୋଗ ରଖିଥାଏ, ତାହା ସେମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି। ସକାଳୁ ବିଛଣା ଛାଡିବାଠାରୁ ଆରମ୍ଭ କରି ଦିନତମାମ ନିଜ କାମରେ ବ୍ୟସ୍ତ ରହିବା ଏବଂ ରାତିରେ ଠିକ୍ ସମୟରେ ଶୋଇବା ଆଦିକୁ ଏହି ଗବେଷଣା ପରିସରଭୁକ୍ତ କରାଯାଇଥିଲା। ଏହାଦ୍ୱାରା ଜଣେ ବ୍ୟକ୍ତି ଅନେକାଂଶରେ ସୁସ୍ଥ ଜୀବନଯାପନ କରିଥାଏ ବୋଲି ମତବ୍ୟକ୍ତ କରିଛନ୍ତି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ।

## ସଂକ୍ଷେପରେ

### ମାଥିଲିରେ ଜନ ସମ୍ପର୍କ ପଦଯାତ୍ରା

ମାଥିଲି,୨୮।୧୦(ଡି.ଏନ.ଏ)- ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଖଇରାପାଲିଠାରେ ରବିବାର ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶାଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ଶତାଧିକ କର୍ମକର୍ତ୍ତା ଏବଂ ଗ୍ରାମବାସୀ ସାମିଲ ହୋଇଥିଲେ । ରାଜ୍ୟ ସରକାର ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା ପ୍ରସ୍ତୁତ କରିଛନ୍ତି।




ଗାଁରୁ ସହର ଯାଏ ସରକାରଙ୍କ ବିକାଶ ପହଞ୍ଚି ପାରିଛି । ଏହିସବୁ ଯୋଜନାରୁ ଗରିବ ଲୋକେ ଫାଇଦା ନେବାକୁ ବିଧାୟକ ଶିଶା ପରାମର୍ଶ ଦେଇଥିଲେ। ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ସେ ପଚାରି ବୁଝିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସ୍ଲୋଗାନ ଦେଇ ପଦଯାତ୍ରା ବାହାରିଥିଲା। ବିଧାୟକ ଶିଶା ଖଇରାପାଲିରେ କ୍ଲବ ଗୃହ ପାଇଁ ଶୁଭ ଦେବା ସହ ବ୍ଲକର କତାମେଟାଠାରେ ମନ୍ଦିର ପାଇଁ ୧୦ ଲକ୍ଷ ଟଙ୍କା ଏବଂ ନାୟକଗୁଡାଠାରୁ ମେକା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବାକୁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସମ୍ପାଦକ ସରୋଜ କୁମାର ସାହୁ, ଅବଜରଭର ରାଜେନ୍ଦ୍ର ପଣ୍ଡା, ବିଧାୟକ ପ୍ରତିନିଧି ଭୀମସେନ ନାୟକ, ନାୟକଗୁଡା ସରପଞ୍ଚ ଲକ୍ଷ୍ମୀଧର ବାକା, ରାମକୃଷ୍ଣ ଅନୁଗୁଲିଆ, ରଶ୍ମିରଞ୍ଜନ ପଟ୍ଟନାୟକ, ରାମେଶ୍ୱର ଚୌଧୁରୀ, ବାବୁଲି ମହାପାତ୍ରଙ୍କ ସମେତ ଜିଲା ଏବଂ ବ୍ଲକସ୍ତରୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

### ଆଦିବାସୀ ସମାଜ ମହାସଂଘ ପକ୍ଷରୁ ବିକ୍ଷୋଭ, ଶୋଭାଯାତ୍ରା



ମାଲକାନଗିରି,୨୮।୧୦ (ଡି.ଏନ.ଏ.)- ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଯୁବତୀଯୁବକଙ୍କୁ ଜିଲାଭିତ୍ତିକ ନିଯୁକ୍ତି ଦେବା ଦାବିରେ ମାଲକାନଗିରି ଜିଲା ଆଦିବାସୀ ସମାଜ ମହାସଂଘ ପକ୍ଷରୁ ରବିବାର ଜିଲା ସଦର ମହକୁମାଠାରେ ବିକ୍ଷୋଭ ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ପୂର୍ବତନ ଅଧକ୍ଷା ପଦ୍ମିନୀ ମୁଦୁଲି, ଘେନୁ ମୁଦୁଲି, ଆଦିବାସୀ ନେତା ଲକ୍ଷ୍ମଣ ନାୟକ, ଘେନା ମାଡକାମି, ଦେବାନନ୍ଦ ମାଢିଙ୍କ ନେତୃତ୍ୱରେ ୫ଶହରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳା ଓ ପୁରୁଷ ମାଲକାନଗିରି ବ୍ଲକ ପଡିଆରେ ଏକ ବୈଠକ କରି ପରେ ଜିଲା ସଦର ମହକୁମାଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ବ୍ଲକ ପଡିଆରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା ।

### ଚିତ୍ରକୋଣ୍ଡାରେ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର

ଚିତ୍ରକୋଣ୍ଡା,୨୮।୧୦- ଚିତ୍ରକୋଣ୍ଡାରେ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡାଙ୍କ ଅଧକ୍ଷତାରେ ହୋଇଥିବା ଏହି ଶିବିରରେ ବିଡିଓ ଲରିମାନ ଖରସେଲ, ଜିଲା ସାମାଜିକ ସମୀକ୍ଷକ ଅଧିକାରୀ ସୁବ୍ରତ କୁମାର ସାମଲ,ଏବି ବେଣୁ କିଷାନ, ବ୍ଲକ ସାମାଜିକ ସମୀକ୍ଷକ, ଏମସିଇ ଶୁଭଶ୍ରୀ ସାହୁ, ଏପିଓ ସନ୍ତୋଷ ଦାସ ଓ ପ୍ରତି ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ ଓ ପିଇଓମାନେ ଉପସ୍ଥିତ ଥିଲେ। ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୧୮ଟି ପଞ୍ଚାୟତରେ ଚାଲିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) କାର୍ଯ୍ୟର ସମୀକ୍ଷା ହୋଇଥିଲା। ଅଧିକାଂଶ ପଞ୍ଚାୟତରେ ବହୁ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବା ବେଳେ କେତେକ ପଞ୍ଚାୟତରେ କମ ପରିମାଣର ଅର୍ଥ ଖର୍ଚ୍ଚ ହୋଇଥିବା ଜଣାପଡିଥିଲା। ୪ଟି ପଞ୍ଚାୟତ ରାଲେଗାଡା, ଯନ୍ତ୍ରି, ପଣସପୁଟ ଓ ଯୋଡମ୍ବରେ କିଛି ଅର୍ଥ ଖର୍ଚ୍ଚ ହୋଇ ନ ଥିବା ସମୀକ୍ଷା ବେଳେ ଜଣାପଡିଥିଲା। ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମୋ ପୋଖରୀ, ଗାଈ ଗୁହାଳ, ଛେଳି ଗୁହାଳ, କୁକୁଡା ଘର, ଜମି ମରାମତି, ଜିଆ ଖତ ଓ ମୋ ପୋଖରୀ ଭଳି ବହୁ ଯୋଜନା କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏ ସମ୍ପର୍କରେ ଠିକ୍ ରୂପେ ଜନସାଧାରଣଙ୍କୁ ଅବଗତ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା। ଶିବିରକୁ ଧୀରେନ କୁମାର ଖଣ୍ଡାଗିରି ଓ ଗ୍ରାମ ରୋଜଗାର ସେବକ ହେମନ୍ତ କୁମାର ଭୂୟାଁ ପରିଚାଳନା କରିଥିଲେ ।

# ମାଓବାଦୀ ନାଁରେ ୫ ଲକ୍ଷ ମାଗି କିରାଣି ସମେତ ୨ ଗିରଫ

ମାଲକାନଗିରି/ଗୋବିନ୍ଦପାଲି, ୨୮।୧୦(ଡି.ଏନ.ଏ.)

ମାଲକାନଗିରି ଜିଲାର ଜଣେ ରାଜସ୍ୱ ସୁପରଭାଇଜରଙ୍କୁ ମାଓବାଦୀ ନାମରେ ଦୀର୍ଘ ଦିନ ଧରି ଚାନ୍ଦା ମାଗି ହତ୍ୟା ଧମକ ଦେଉଥିବା ଅଭିଯୋଗରେ ମାଲକାନଗିରି ପୋଲିସ ଜଣେ କନିଷ୍ଠ କିରାଣିଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି । ଏ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଜଗମୋହନ ମୀନା ସୂଚନା ଦେଇ କହିଛନ୍ତି ଯେ, ମୋଟୁ ତହସିଲରେ ରାଜସ୍ୱ ବିଭାଗ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା କେ. ଚିନ୍ନା ରାଓଙ୍କୁ ଗତ ୧୫ ଦିନ ହେବ ଏକ ମୋବାଇଲ୍ ଫୋନରୁ ମାଓବାଦୀ ସଙ୍ଗଠନକୁ ଚାନ୍ଦା ଦେବା ଲାଗି ବାରମ୍ବାର ଫୋନ ଆସୁଥିଲା। ମାଲକାନଗିରି ମାଓବାଦୀ ଡିଭିଜନ କମାଣ୍ଡର ରାମୁଡୁ କହୁଛି ବୋଲି କହି ଫୋନକର୍ତ୍ତା ଧମକଚମକ ଦେଇ ୫ ଲକ୍ଷ ଟଙ୍କା ଚାନ୍ଦା ମାଗୁଥିଲେ। ଏନେଇ ରାଓ ମାଲକାନଗିରି ଥାନାରେ ଏତଲା ଦେବା ପରେ ଫୋନ କଲ୍‌ର ଡିଟେଲ୍ ମଗାଯାଇଥିଲା। ରିପୋର୍ଟ ଆସିବା ପରେ ଏହି କଲଟି ପାଣ୍ଡ୍ରିପାଣିସ୍ଥିତ ସେରପାଲିରୁ ଆସୁଥିବା ଜଣାପଡ଼ିଥିଲା । ପରେ ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀ ଏକ ସ୍ୱତନ୍ତ୍ର ଟିମ୍ କରି ଘଟଣାର ତଦନ୍ତ କରିଥିଲେ । ପରବର୍ତ୍ତୀ ସମୟରେ ଏଥିରେ ଖଇରପୁଟ ତହସିଲର କନିଷ୍ଠ କିରାଣି କେଶବ ଖିଲ ଓ ପୂଜାରମୁଣ୍ଡା ଗ୍ରାମର ରାମଚନ୍ଦ୍ର ମାଝିଙ୍କ ଭୂମିକା ଥିବା ଜାଣିବାକୁ ମିଳିଥିଲା । ଗତ ଶନିବାର ରାଓଙ୍କୁ କୋରୁକୋଣ୍ଡା ନିକଟସ୍ଥ ପୋଲ ନିକଟକୁ ୫ ଲକ୍ଷ ଟଙ୍କା ଧରି ଆସିବାକୁ ଫୋନ୍ ଆସିବା ପରେ ଆଇଆଇସି ତ୍ରିପାଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ କୋରୁକୋଣ୍ଡା ପୋଲ ନିକଟକୁ ଯାଇଥିଲେ। ତେବେ କୌଣସି କାରଣରୁ ସନ୍ଦେହ କରି ଆଉ ସେଦିନ ରାଓଙ୍କଠାରୁ ଟଙ୍କା ନେବାକୁ ସେ ଆସି ନ ଥିଲେ । ଶନିବାର ପୁନର୍ବାର ରାଓଙ୍କୁ ଟଙ୍କା ନ ଦେଲେ ହତ୍ୟା କରିବା ନେଇ ଧମକ ଦେଇ ପୁନର୍ବାର ସେହି କୋରୁକୋଣ୍ଡା ପୋଲ ନିକଟକୁ ଟଙ୍କା ଧରି ଆସିବାକୁ ଫୋନକର୍ତ୍ତା କହିଥିଲେ। ସେମାନଙ୍କ ନିର୍ଦ୍ଦେଶ ଅନୁସାରେ ରାଓ ଏକ ଲାଲ ଗାମୁଛାରେ ଟଙ୍କା ରଖି ଚାଲିଯିବା ପରେ ଅଭିଯୁକ୍ତ ଟଙ୍କା ନେବାକୁ ଆସିଥିଲେ। ତେବେ ସେଠାରେ ପୂର୍ବରୁ ଲୁଚି ରହିଥିବା ଡିଏସ୍‌ପି ପ୍ରଦୀପ କୁମାର ଦାଶ, ଆଇଆଇସି ତ୍ରିପାଠୀ, ଏସ୍‌ଆଇ ସୁଶାନ୍ତ କୁମାର ଦାଶ, ସୁକାନ୍ତ କିଶୋର ପ୍ରଧାନ, ମାନସ ରଞ୍ଜନ ସ୍ୱାଇଁ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କୁ କାବୁ କରି ନେଇଥିଲେ । ଉଭୟଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଏସ୍‌ପି ମୀନା କହିଛନ୍ତି। ସମ୍ମିଳନୀରେ ଏସ୍‌ଡିପିଓ ବିବେକ ସାରବଣ ଏମ ଓ ଆଇଆଇସି ତ୍ରିପାଠୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି ।

■ଜିଲାସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ

# ୧୭ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ମନୋନୀତ

ମାଲକାନଗିରି,୨୮।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମା ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଜିଲାର ୭ଟି ବ୍ଲକରେ ବ୍ଲକସ୍ତରୀୟ ମହୋତ୍ସବ ଶୁକ୍ରବାର ଶେଷ ହୋଇଥିଲା। ଶନିବାର ୭ଟି ବ୍ଲକରୁ ମନୋନୀତ ହୋଇ ଆସିଥିବା ୧୩୦ ଛାତ୍ରୀଛାତ୍ର ସେମାନଙ୍କ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିପାଇଁ ୩୫ ଶିକ୍ଷୟିତ୍ରୀ ଶିକ୍ଷକ ବିଚାରକ ମଣ୍ଡଳୀ ରୂପେ ଥିଲେ। ୧୫ ଜଣ ଗାଇଡ୍ ଶିକ୍ଷକ ଏହାକୁ ପରିଚାଳନା କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ, ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ମାନସ କୁମାର ଜେନା, କୋରୁକୋଣ୍ଡାର ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ମହାରଣା, ପଡିଆର ସହକାରୀ ଶିକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର ପ୍ରଧାନ, ଡିପିଇପିର ମାନସ ଦାସ, ବିଜୟ ଲକ୍ଷ୍ମୀ ଚୌଧୁରୀ, ଶକୁନ୍ତଳା ମାଝି ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କୁ ଶିଶୁ ମହୋତ୍ସବ ଏବଂ ଏହାର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ । ୧୩୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରତିଯୋଗିତାରେ ୧୭ ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବରେ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ମାନସ କୁମାର ଜେନା ଏବଂ ଅନ୍ୟ ଅଧିକାରୀମାନେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ । ସହ ଶିକ୍ଷା ଅଧିକାରୀ ରବୀନ୍ଦ୍ର ମହାରଣା ଓ ଶିକ୍ଷକ ପ୍ରମୋଦ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ ହୋଇଥିଲା ।




ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ।

## ସିୱାଇଏସ୍‌ଡି ପକ୍ଷରୁ ବାଳିକା ସଶକ୍ତୀକରଣ କାର୍ଯ୍ୟକ୍ରମ

ମାଲକାନଗିରି/ମାଥିଲି/ଚିତ୍ରକୋଣ୍ଡା, ୨୮।୧୦(ଡିଏନ୍‌ଏ)

ମାଲକାନଗିରି ଜିଲା ମାଥିଲି ପଞ୍ଚାୟତ ସମିତି ସଭାଗୃହଠାରେ ସିୱାଇଏସ୍‌ଡି ପକ୍ଷରୁ ଅନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ବାଳିକା ସଶକ୍ତୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଜିଲାର ୯ଟି ପଞ୍ଚାୟତ ଯଥା କଦମଗୁଡା, ଚାଉଳମେଣ୍ଡି, ଆମ୍ବାଗୁଡା, ନାଏକଗୁଡା, ଦଳପତିଗୁଡା, କୁଡୁମୁଲୁଗୁମା, ଖଇରିପୁଟ, ସୋମନାଥପୁର ଓ ପରକନମାଲାରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଶତାଧିକ କିଶୋରୀ ବାଳିକା, ୯ଟି ପଞ୍ଚାୟତର ଗୋଷ୍ଠୀ ପ୍ରବର୍ତ୍ତକ ଉମାକାନ୍ତ ବରାଳ, ମମତା ରାଉତ, ଶୁଭସ୍ମିତା ବେହେରା, ସରୋଜ କୁମାର ଅଗସ୍ତି, ଉମା ବଳିଆରସିଂ, ଦୁର୍ଗା ପ୍ରସାଦ ଗୁରୁ, ସୁସ୍ମିତା ପ୍ରଧାନ, ଏ. ରାଇ କୁମାର, ହରିବନ୍ଧୁ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ନୀତି ଆୟୋଗର ଷ୍ଟାଣ୍ଡିଂ କମିଟି ସଦସ୍ୟ ଜଗଦାନନ୍ଦ ପଣ୍ଡା, ସମ୍ମାନିତ ଅତିଥି ରୂପେ ମାଥିଲି ବିଡିଓ ଆଶିଷ କୁମାର ଭୋଇ, ସିୱାଇଏସଡି ପ୍ରକଳ୍ପ ପରିଚାଳକ ପ୍ରଫୁଲ୍ଲ ମହାରଣା, ମହିଳା ଶିଶୁ ବିକାଶ ସଦସ୍ୟ ରାମ ଗୋବିନ୍ଦ ପଣ୍ଡା, ମାଥିଲି ମହିଳା ଓ ଶିଶୁ ଡେସ୍କ ଅଧିକାରୀ ଭାରତୀ ପ୍ରଧାନ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ପରିଦର୍ଶିକା ନିର୍ମଳା ସାଇଁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବାଳିକାମାନଙ୍କୁ ବାଲ୍ୟବିବାହ, ପରିଷ୍କାର ପରିଚ୍ଛନ୍ନତା, ରୋଗ ସଂକ୍ରମଣରୁ ରକ୍ଷା, କିଶୋରୀ ବାଳିକାମାନଙ୍କ ପାଇଁ ଥିବା ସରକାରୀ ସୁବିଧା ସୁଯୋଗ ଉପରେ ବୁଝାଇ ଏଥିରୁ ସୁଫଳ ନେବାକୁ ପରାମର୍ଶ ଦେଇଥିଲେ । ପରେ ବାଳିକାମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସିୱାଇଏସ୍‌ଡି କର୍ମୀ ବିକାଶ କୁମାର ଦଣ୍ଡସେନା, ଏସ୍‌କେ ଦଉଲା, ସଂଘମିତ୍ରା ସିଂହ, ଏ. ଆନନ୍ଦ ରାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ସଂଯୋଜକ ପର୍ଶୁରାମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

■ପୋଲିସ ସୂଚନାକାରୀ ସନ୍ଦେହରେ ହତ୍ୟା ଘଟଣା

# ୫ ମାଓବାଦୀ ଗିରଫ: ୨ ଟାଙ୍ଗିଆ ଜବତ

ମାଲକାନଗିରି, ୨୮।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଧାକଡ଼ରାଶି ନିକଟରେ ଜଣଙ୍କୁ ପୋଲିସ ସୂଚନାକାରୀ ସନ୍ଦେହରେ ହତ୍ୟା କରିଥିବା ୫ ଜଣ ମାଓବାଦୀଙ୍କୁ ରବିବାର ମାଲକାନଗିରି ପୋଲିସ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ୨ଟି ଟାଙ୍ଗିଆ ଜବତ କରାଯାଇଛି। ଗତ ୨୩ ତାରିଖ ରାତିରେ ବରଗୁଡ଼ା ଗ୍ରାମର ଅନନ୍ତରାମ ଭୂମିଆଙ୍କ ଘରକୁ ଆସି କିଛି ବ୍ୟକ୍ତି ତାଙ୍କୁ ନିକଟସ୍ଥ ଧାକଡ଼ରାଶି ଗ୍ରାମକୁ ଦେଶିଆ ନାଟକ ଦେଖିଯିବାକୁ ଡାକି ନେଇଥିଲେ। ପରେ ସେମାନଙ୍କ ସହ ଅନନ୍ତ ନାଟକ ଦେଖିବାକୁ ଯାଇଥିଲେ। ନାଟକ ଦେଖୁଥିବା ବେଳେ କେତେକ ମାଓବାଦୀ ତାଙ୍କୁ ସେଠାରୁ କିଛି ଦୂରକୁ ଡାକିନେଇ ମୁଣ୍ଡକୁ ଟାଙ୍ଗିଆରେ ପ୍ରହାର କରି ହତ୍ୟା କରି ଚାଲିଯାଇଥିଲେ। ପରେ ମାଥିଲି ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅପରେଶନ କରାଯାଇ ତୁଲସୀ ପାହାଡ଼ ନିକଟରୁ ୫ ଜଣଙ୍କୁ ଧରାଯାଇଛି। ୧୦୯/୧୮ରେ ମାମଲା ରୁଜୁ ହୋଇଛି। ତଦନ୍ତ ପ୍ରକ୍ରିୟା ଜାରି ରହିଥିବାରୁ ପୋଲିସ ସେମାନଙ୍କ ପରିଚୟ ଦେଇନାହିଁ ବୋଲି ଏକ ଖବରଦାତା ସମ୍ମିଳନୀରେ ଏସପି ଜଗମୋହନ ମୀନା କହିଛନ୍ତି।



ଗିରଫ ହୋଇଥିବା ୫ ମାଓବାଦୀ ।

■ବିଜେଡିର ଜନସମ୍ପର୍କ ପଦଯାତ୍ରା

# ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରୁଛନ୍ତି କେନ୍ଦ୍ର ସରକାର

କାଳିମେଲା,୨୮।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ରାଜ୍ୟସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଓ ସେମାନଙ୍କ ସମସ୍ୟା ଅଭିଯୋଗ ଶୁଣିବା ନେଇ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେଉଛି। ରବିବାର ଜିଲା ସଭାପତି ତଥା ବିଧାୟକ ମାନସ ମାଡକାମିଙ୍କ ନେତୃତ୍ୱରେ କାଳିମେଳା ବ୍ଲକର ୪ଟି ପଞ୍ଚାୟତ ବଦଲି, ଚିତ୍ରାଙ୍ଗପାଲି,ଗୁମୁକା ଓ ମାନ୍ଦାପାଲି ପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପୋଟେରୁ ନରନାରାୟଣ ମନ୍ଦିର ପର୍ଯ୍ୟନ୍ତ ଜନସମ୍ପର୍କ ପଦଯାତ୍ରା କରି ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭା ହୋଇଥିଲା। ସଭାରେ ବିଧାୟକ ମାନସ ମାଡକାମି ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଆମ ଗାଁ ଆମ ବିକାଶ, ଆମ ସହର ଆମ ଉନ୍ନତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡିଥିବା ସମସ୍ତ ଯୋଗ୍ୟ ପରିବାରକୁ ରାଶନ କାର୍ଡ ଯୋଗାଇଦେବା ପାଇଁ ରାଜ୍ୟର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ଆଲୋକପକାତ କରିଥିଲେ। ବିଶେଷ କରି କେନ୍ଦ୍ର ସରକାର ପୋଲାଭରମ ପ୍ରକଳ୍ପ ପ୍ରସଙ୍ଗରେ ଓଡିଶାର ସ୍ୱାର୍ଥକୁ ଅଣଦେଖା କରିବା,ଧାନର ସହାୟକ ମୂଲ୍ୟ ବୃଦ୍ଧି ନ କରିବା, ଡିଜେଲ ପେଟ୍ରୋଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି କରିବା ବିଷୟରେ ଲୋକମାନଙ୍କୁ ବିଧାୟକ ଅବଗତ କରାଇଥିଲେ । ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ଅଧକ୍ଷ ଆଡମା ରାବା, ଜିଲା ସଂଯୋଜକ ତଥା ପୂର୍ବତନ ମେୟର ରାଜେନ୍ଦ୍ର ଆଚାର୍ଯ୍ୟ, ଜିଲା କାର୍ଯ୍ୟକାରୀ ସଭାପତି ଗଣେଶ ମଣ୍ଡଳ, କାଳିମେଳା ବ୍ଲକ ସଭାପତି ଇ. ଭେଙ୍କଟ ରାଓ,ବିଧାୟକ ପ୍ରତିନିଧି ବିପ୍ଳବ ବିଶ୍ୱାସ,ବ୍ଲକ ସାଧାରଣ ସମ୍ପାଦକ ଶରତ ବିଶ୍ୱାଳ, କାଳିମେଳା ପର୍ଯ୍ୟବେକ୍ଷକ ମନୋଜ ମାଳି, ପଡିଆ ପର୍ଯ୍ୟପେକ୍ଷକ ଚନ୍ଦ୍ର ମୋହନ ସାହୁ, ଜିଲା ନିର୍ବାଚନୀ ମଣ୍ଡଳୀ ସଂଯୋଜକ ଧନୁର୍ଜୟ ମାଡକାମି, ପୋଟେରୁ ବରିଷ୍ଠ କର୍ମୀ ବାବାଜି ମଳିକ, ମିଡିଆ ସଂଯୋଜକ ସଦାନନ୍ଦ ଖରା,ସ୍ଥାନୀୟ ସମସ୍ତ ସରପଞ୍ଚ,ସମିତି ସଭ୍ୟ, ୱାର୍ଡ ସଭ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




ବିଧାୟକଙ୍କ ନେତୃତ୍ୱରେ ବାହାରିଥିବା ଜନସମ୍ପର୍କ ପଦଯାତ୍ରା ।

## ସେଲ୍‌ଫି କର୍ଣ୍ଣର



@ କୁମାରୀ



@ ଯୋଗେଶ୍ୱର



@ ଗଜାନନ



@ ଆଲୋକ



@ ବିଶାଲ୍

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)